ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୨୫/୨୦୨୨ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 25/2022 Page 20 ₹ 7.00 ★★★★

୪୯ଶ ଭାଗ ୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 49 ISSUE 32 ମୂଲ୍ୟ ₹୭/-

# ଚିନ୍ତା ବଢ଼ାଇଛି ପ୍ଲାଷ୍ଟିକ୍ ବର୍ଜ୍ୟ

## ପୌରାଞ୍ଚଳରୁ ବର୍ଷକୁ ବାହାରୁଛି ୪୫,୩୩୯.୪୦ ଟନ୍ ପ୍ଲାଷ୍ଟିକ୍

- ସହରରେ ପଲିଥିନ୍ ହାଉଯାଉ
- ସିଏଜିଙ୍କ ଉଦ୍‌ବେଗ

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

ରାଜ୍ୟରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଚିନ୍ତା ବଢ଼ାଇଲାଣି। ଯୁଆଡ଼େ ଦେଖିବ କୁଢ଼ କୁଢ଼ ପଲିଥିନ ଓ ଭଙ୍ଗା, ଫଟା ବ୍ୟବହୃତ ପ୍ଲାଷ୍ଟିକ୍। ବାହାଘର ଓ ବିଭିନ୍ନ ପର୍ବପର୍ବାଣିରେ ପ୍ଲାଷ୍ଟିକ୍, ଥର୍ମୋକୁଲର ଅତିମାତ୍ରାରେ ବ୍ୟବହାର କେବଳ ସହର ନୁହେଁ, ଗ୍ରାମାଞ୍ଚଳକୁ ମଧ୍ୟ ଆବର୍ଜନାମୟ କରିପକାଇଛି। କେବଳ ପଲିଥିନ ନୁହେଁ, ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଓ ଗୁଟ୍‌ଖା ଭର୍ତ୍ତି ହୋଇ ଆସୁଥିବା ଜରି ମଧ୍ୟ ବୋଝ ହେବାରେ ଲାଗିଛି। ରାଜ୍ୟ ସରକାର ୨୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ ଉପରେ କଟକଣା ଲଗାଇଛନ୍ତି। ମାତ୍ର ଏହାକୁ କେହି ମାନୁନାହାନ୍ତି। ଆଇନ କାର୍ଯ୍ୟକାରୀ ପାଇଁ ପ୍ରଶାସନ ଡାଳେ ଡାଳେ ଗଲେ ବ୍ୟବସାୟୀ ପତ୍ରେ ପତ୍ରେ ଯାଉଛନ୍ତି। ସହରରେ ଚଢ଼ଉ ହେଲେ ଗାଁ ଗହଳିକୁ ପଲିଥିନ ପଠାଇ ଦେଉଛନ୍ତି। ଚଢ଼ଉ କମିଲେ ପୁଣି ସହରରେ ବହୁ ବ୍ୟବହାର ହେଉଛି।

ରାଜ୍ୟର ବିଭିନ୍ନ ସହରାଞ୍ଚଳରୁ ବାହାରୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ ଓ ଏହାର ବିଘଟନକୁ ନେଇ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ମଧ୍ୟ ତାଙ୍କ ରିପୋର୍ଟରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ଥିବା ୧୧୪ ପୌରସଂସ୍ଥାରୁ ଦୈନିକ ୨୨୦୮.୬୦ ଟନ୍ (ଟିପିଡି) ବର୍ଜ୍ୟବସ୍ତୁ ବାହାରୁଛି। ସେଥିରୁ ବାର୍ଷିକ ୪୫,୩୩୯.୪୦ ଟନ୍ ପ୍ଲାଷ୍ଟିକ୍ ବାହାରୁଛି। କେବଳ ସ୍ମାର୍ଟସିଟିରୁ ୨୦୧୮–୧୯ରେ ବାର୍ଷିକ ୧୫,୨୯୨ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ବାହାରୁଥିବାବେଳେ ୨୦୧୯–୨୦ରେ ତାହା ୧୭,୫୨୦ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି। ତେବେ କୌଣସି ପୌର ସଂସ୍ଥା ବର୍ଜ୍ୟବସ୍ତୁ ପରିଚାଳନା ଓ ପର୍ଯ୍ୟବେକ୍ଷଣକୁ ସେତେଟା ଗୁରୁତ୍ୱ ଦେଉ ନ ଥିବା କଥା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଉଦ୍‌ବେଗର ବିଷୟ ହେଉଛି ଯେ ଏହି ପ୍ଲାଷ୍ଟିକ୍ ବର୍ଜ୍ୟକୁ ନଷ୍ଟ କରିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ତାହାକୁ ମାଟିରେ ପକାଇ ଦିଆଯାଉଛି।

ଥରେ ବ୍ୟବହୃତ ପ୍ଲାଷ୍ଟିକ୍ ହଟାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିୟମ କରିଛନ୍ତି। ଏଥିପାଇଁ ବଡ଼ ବଡ଼ କାର୍ଯ୍ୟକ୍ରମ ଆୟୋଜନ ☞ପୃଷ୍ଠା–୪



# ଭୂତଳ ଜଳ ୧.୨ ବିଲିୟନ ବର୍ଷ ପୁରୁଣା

**ଟରଣ୍ଟୋ, ୨୪।୧୨**

ମାଟି ତଳେ ରହୁଥିବା ଜୀବମାନଙ୍କ ପାଇଁ ଭୂତଳ ଜଳ ଏକ ଜରୁରୀ ଉପାଦାନ। ୱାଟର ସାଇକେଲ୍ ବା ଜଳଚକ୍ର ଦ୍ୱାରା ଏହି ଭୂତଳ ଜଳ (ଗ୍ରାଉଣ୍ଡ ୱାଟର)ର କିଛି ଭାଗ ଜଳାଶୟ ଏବଂ ଆଉ କିଛି ଭାଗ ବାୟୁ ମଣ୍ଡଳରେ ମିଶିଥାଏ । ମାଟି ତଳର ଏହି ଜଳ ଅତିବେଶିରେ କେତେଦିନ ପର୍ଯ୍ୟନ୍ତ ଜଳଚକ୍ରରେ ସାମିଲ ନ ହୋଇ ମାଟି ତଳେ ସଂରକ୍ଷିତ ଭାବେ ରହିପାରିବ ସେ ନେଇ ବିଶେଷଜ୍ଞଙ୍କ ପାଖରେ ଉତ୍ତର ନ ଥିବାବେଳେ ଦକ୍ଷିଣ ଆଫ୍ରିକାର ଏକ ଗୋଲ୍ଡ–ୟୁରାନିୟମ୍ ଖଣିରୁ ୧.୨ ବିଲିୟନ୍ ବର୍ଷ ପୁରୁଣା ଭୂତଳ ଜଳ ଠାବ କରାଯାଇଛି।

ନେଚର କମ୍ୟୁନିକେଶନ୍ ଜର୍ନାଲ୍‌ରେ ପ୍ରକାଶିତ ରିପୋର୍ଟ ମୁତାବକ ସାଉଥ୍ ଆଫ୍ରିକାର ମୋବ ଖୋଟସୋଙ୍ଗରେ ଥିବା ଗୋଲ୍ଡ–ୟୁରାନିୟମ୍ ଖଣିରୁ ଗବେଷକମାନେ ୧.୨ ବିଲିୟନ୍ ବର୍ଷର ପୁରୁଣା ଗ୍ରାଉଣ୍ଡ ୱାଟର ଆବିଷ୍କାର କରିଛନ୍ତି। ମାଟି ତଳେ ୨.୯ କି.ମି. ଗଭୀରରେ ଏହି ଜଳ ଥିବା ଦେଖାଯାଇଥିଲା। ଟରଣ୍ଟୋ ୟୁନିଭର୍ସିଟିର ଆର୍ଥ ସାଇନ୍ସ ବିଭାଗ ପ୍ରଫେସରଙ୍କ ଦ୍ୱାରା ଏହି ଅଧ୍ୟୟନ କରାଯାଇଛି। କାନାଡାରୁ ୧୦ ବର୍ଷ ପୂର୍ବେ ୧ ବିଲିୟନ୍ ବର୍ଷ ପୁରୁଣା ଭୂତଳ ଜଳ ଠାବ କରାଯାଇଥିବା ଗବେଷକ ବାରବାରା ଶେରଉଡ୍ ଲୋଲ୍ଲାର କହିଛନ୍ତି।

ୟୁରାନିୟମ୍, ଥୋରିୟମ୍, ପୋଟାସିୟମ୍ ଭଳି ରେଡିଓଆକ୍ଟିଭ୍ ଉପାଦାନଗୁଡ଼ିକ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**
ଭାରତର ଗୁପ୍ତଚର ଓ କଶ୍ମୀର















# ନିଆଁ ଲଗାଇଲେ ନୂପୁର

ମେ' ୨୬ରେ ଭାଜପାର ତତ୍କାଳୀନ ରାଷ୍ଟ୍ରୀୟ ମୁଖପାତ୍ର ନୂପୁର ଶର୍ମା ଏକ ଟିଭି ଚ୍ୟାନେଲରେ ଜ୍ଞାନବାପି ମସ୍‌ଜିଦ ବିବାଦ ସମ୍ପର୍କିତ ବିତର୍କ କାର୍ଯ୍ୟକ୍ରମରେ ଭାଗନେଇ ପ୍ରଫେଟ୍ ମହମ୍ମଦଙ୍କ ଉପରେ ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ। ଦିଲ୍ଲୀ ଭାଜପା ମୁଖପାତ୍ର ନବୀନ କୁମାର ଜିନ୍ଦଲ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିଲେ। ଦୁହିଁଙ୍କ ମନ୍ତବ୍ୟ ବିରୋଧରେ ଦେଶବ୍ୟାପୀ ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ଦିଲ୍ଲୀ, ରାଞ୍ଚି ସମେତ ଉତ୍ତର ପ୍ରଦେଶର ଶାହରନପୁର, ମୋରଦାବାଦ, ପ୍ରୟାଗରାଜ, ଫିରୋଜାବାଦ, ଦେଓବନ୍ଦର ମସ୍‌ଜିଦଗୁଡ଼ିକରେ ନମାଜ ପାଠ କରିବାକୁ ଆସିଥିବା ମୁସଲମାନମାନେ ଭାଜପା ବିରୋଧୀ ସ୍ଲୋଗାନ ଦେଇଥିଲେ। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିମାଡ଼ ଓ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ନୂପୁର ଓ ନବୀନଙ୍କୁ ଗିରଫ କରିବା ପାଇଁ ସାରା ଦେଶର ମୁସଲମାନମାନେ ଦାବି କରୁଥିବାବେଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ଘଣ୍ଟ ଘୋଡ଼ାଇ ନାମକୁମାତ୍ର ମାମଲା ରୁଜୁ କରିଥିଲା। ଏହାର ପ୍ରତିବାଦରେ ନୂପୁରଙ୍କୁ ଫାଶୀ ଦେବାକୁ ଦାବି ହୋଇଥିଲା। ଭାରତରେ ଇସ୍‌ଲାମୋଫୋବିଆ(ଇସ୍‌ଲାମ ପ୍ରତି ଭୟ), ଘୃଣା ମନ୍ତବ୍ୟ ଓ ସଂଖ୍ୟାଲଘୁଙ୍କ ଉପରେ ବଢ଼ୁଥିବା ବର୍ବରତାକୁ ଦେଶବ୍ୟାପୀ ବିରୋଧ କରାଯାଇଥିଲା। ଫଳରେ ଭାଜପା ଦୁହିଁଙ୍କୁ ନିଲମ୍ବନ କରିବାକୁ ବାଧ୍ୟ ହୋଇଥିଲା। ଏହି କାର୍ଯ୍ୟାନୁଷ୍ଠାନକୁ ଲୋକଦେଖାଣିଆ କହି ମୁସଲମାନ ସମ୍ପ୍ରଦାୟ ଅସନ୍ତୋଷ ବ୍ୟକ୍ତ କରିଥିଲା। ଇସ୍‌ଲାମିକ୍ ରାଷ୍ଟ୍ରଗୁଡ଼ିକ ନିଲମ୍ବନ ପର୍ଯ୍ୟାପ୍ତ ନୁହେଁ ବୋଲି ଦର୍ଶାଇ ଭାରତ ସରକାରଙ୍କଠାରୁ କ୍ଷମା ଦାବି କରିଥିଲେ। ଏଥିସହ ଭାରତୀୟ ସାମଗ୍ରୀଗୁଡ଼ିକୁ ବର୍ଜନ ପାଇଁ ଆହ୍ୱାନ ଦେଇଥିଲେ। ନୂପୁର ଓ ନବୀନଙ୍କ ପ୍ରଫେଟ୍ ମହମ୍ମଦ ବିରୋଧୀ ମନ୍ତବ୍ୟକୁ ନେଇ ୟୁଏଇ, ସାଉଦି ଆରବ, କାତାର, କୁଏଟ୍, ଓମାନ, ବାହାରିନ, ଇରାକ୍, ଇରାନ, ପାକିସ୍ତାନ, ଆଫଗାନିସ୍ତାନ ଆପତ୍ତି ଉଠାଇ ଭାରତ ଉପରେ ଚାପ ସୃଷ୍ଟି କରିଥିଲେ। ଭାଜପା ଯୋଗୁ ବିଶ୍ୱରେ ଭାରତର ଛବି କଳଙ୍କିତ ହୋଇଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଥିଲେ। ସାମାଜିକ ଗଣମାଧ୍ୟମରେ ନୂପୁରଙ୍କ ସମର୍ଥନରେ ପୋଷ୍ଟ କରିଥିବା ମହାରାଷ୍ଟ୍ର ଅମରାବତୀର ଫାର୍ମାସିଷ୍ଟ ଉମେଶ କୋହଲେଙ୍କୁ ଜୁନ୍ ୨୧ରେ ହତ୍ୟା କରାଯାଇଥିଲା। ଏହାର ସପ୍ତାହେ ପରେ ରାଜସ୍ଥାନର ଧାନମଣ୍ଡି ଅଞ୍ଚଳରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଦୁଇଜଣ ବ୍ୟକ୍ତି ଟେଲର କହ୍ନେୟା ଲାଲ ତେଲିଙ୍କ ଦୋକାନକୁ ଯାଇ ତାଙ୍କ ବେକ କାଟିଦେଇଥିଲେ। କହ୍ନେୟାଙ୍କ ୮ ବର୍ଷୀୟ ପୁଅ ନୂପୁରଙ୍କ ସମର୍ଥନରେ ପୋଷ୍ଟ କରିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା।

> ବିଦାୟୀ ବର୍ଷରେ ଦେଶରେ ସର୍ବାଧିକ ବିବାଦ ସୃଷ୍ଟି ହୋଇଥିଲା ନୂପୁର ଶର୍ମାଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ। ପ୍ରୋଫେଟ୍ ମହମ୍ମଦଙ୍କ ଉପରେ ନୂପୁରଙ୍କ ଟିପ୍ପଣୀ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରି ଲୋକଙ୍କ ପ୍ରାଣହାନିର କାରଣ ହୋଇଥିଲା। ସେନାରେ ଠିକା ନିଯୁକ୍ତି ଏବଂ ଆର୍‌ଆର୍‌ବି ପରୀକ୍ଷା ନୀତି ପ୍ରତିବାଦରେ ଆଶାୟୀ ଛାତ୍ର ଟ୍ରେନ୍‌ରେ ନିଆଁ ଲଗାଇବାକୁ ପଛାଇ ନ ଥିଲେ। ସେହିପରି ବିହାର ଓ ଗୁଜରାଟ ମଦମୃତ୍ୟୁ ସାଙ୍ଗକୁ ମୋର୍‌ବି ଝୁଲାପୋଲ ଭୁଶୁଡ଼ିବା ଘଟଣାରେ ଶତାଧିକ ଲୋକଙ୍କ ଜୀବନ ଯିବା ପରେ ଜାତୀୟ ରାଜନୀତି ସରଗରମ ହୋଇଥିଲା। ସେଣ୍ଟ୍ରାଲ ଭିଷ୍ଟାର ଅଶୋକ ସ୍ତମ୍ଭରେ କ୍ରୋଧିତ ସିଂହ ଥିଲା ୨୦୨୨ର ଅନ୍ୟତମ ଚର୍ଚ୍ଚିତ ବିଷୟ, ଯାହାକୁ ନେଇ କେନ୍ଦ୍ରକୁ ଟାର୍ଗେଟ କରିଥିଲେ ବିରୋଧୀ।

## ଡ୍ରାଏ ଷ୍ଟେଟ୍‌ରେ ମଦମୃତ୍ୟୁ



ନୀତୀଶ କୁମାରଙ୍କ ବିହାର ଏବଂ ଭାଜପା ଶାସିତ ଗୁଜରାଟରେ ବିଷାକ୍ତ ମଦମୃତ୍ୟୁ ବିଦାୟୀ ବର୍ଷରେ ଥିଲା ଅନ୍ୟତମ ବିବାଦୀୟ ପ୍ରସଙ୍ଗ। ୨୦୧୫ରେ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରଚାର ପାଇଁ ଯାଇଥିବାବେଳେ ମହିଳାମାନେ ରାଜ୍ୟରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରିଥିଲେ। ଜେଡିୟୁ-ଆର୍‌ଜେଡି ମହାମେଣ୍ଟ କ୍ଷମତାକୁ ଆସିଲେ ମଦ ବିକ୍ରି ଉପରେ ରୋକ ଲଗାଯିବ ବୋଲି ନୀତୀଶ ପ୍ରତିଶ୍ରୁତି ଦେଇଥିଲେ। ୨୦୧୬ ଏପ୍ରିଲରୁ ରାଜ୍ୟରେ ମଦ ବିକ୍ରିକୁ ନିଷିଦ୍ଧ କରାଯାଇଥିଲା। ଏହାକୁ କାର୍ଯ୍ୟକାରୀ କରିବାରେ ପୋଲିସ ପ୍ରଶାସନର ବିଫଳତା ଯୋଗୁ ୨୦୨୨ ଡିସେମ୍ବର ଶେଷ ଆଡ଼କୁ ସରନ, ସିୱାନ ଓ ବେଗୁସରାଇ ଜିଲାରେ ଶତାଧିକ ଲୋକ ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିଲେ। ଏହା ପୂର୍ବରୁ ଜୁଲାଇ ୨୫ରେ ଡ୍ରାଏ ଷ୍ଟେଟ୍ ଗୁଜରାଟର ଅହମଦାବାଦ, ବୋଟାଡ୍ ଓ ସୁରେନ୍ଦ୍ରନଗର ଜିଲାରେ ମଧ୍ୟ ବିଷାକ୍ତ ମଦ ୪୨ ଜଣଙ୍କ ଜୀବନ ନେଇଥିଲା।

## ଅଗ୍ନିପଥ: ସେନାରେ ଠିକା ନିଯୁକ୍ତିକୁ ବିରୋଧ



ଭାରତୀୟ ସେନାର ୩ ବାହିନୀରେ ଠିକା ନିଯୁକ୍ତି ଲାଗି ଜୁନ୍ ୧୪ରେ କେନ୍ଦ୍ର ସରକାର 'ଅଗ୍ନିପଥ' ନାମରେ ଆଣିଥିବା ଯୋଜନାକୁ ଦେଶର ବିଭିନ୍ନ ଭାଗରେ ବିରୋଧ କରାଯାଇଥିଲା। ନିଯୁକ୍ତି ଆଶାୟୀ ଯୁବଗୋଷ୍ଠୀଙ୍କୁ ସରକାର ବୋକା ବନାଇବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ୪ ବର୍ଷ ସେନାରେ ନିଯୁକ୍ତି ପରେ ସେମାନେ କ'ଣ କରିବେ ବୋଲି ଆଶାୟୀମାନେ ପ୍ରଶ୍ନ କରିଥିଲେ। ବିହାର, ଉତ୍ତର ପ୍ରଦେଶ ସମେତ ଦେଶର ବିଭିନ୍ନ ଭାଗରେ ଏହାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ବିକ୍ଷୋଭକାରୀ ବହୁ ସ୍ଥାନରେ ଟ୍ରେନ୍ ପୋଡ଼ି, ଭଙ୍ଗାରୁଜା କରୁଥିବା ଦେଖିବାକୁ ମିଳିଥିଲା। ବିରୋଧୀ ଦଳଗୁଡ଼ିକ ଏହାକୁ କୁହାଳିଆ ନେତାଙ୍କ ଭୁଆଁବୁଲା ଯୋଜନା ଆଖ୍ୟା ଦେଇଥିଲେ।

## ଅଶୋକ ସ୍ତମ୍ଭରେ କ୍ରୋଧିତ ସିଂହ



ଜୁଲାଇ ୧୨ରେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂ ସେଣ୍ଟ୍ରାଲ ଭିଷ୍ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଶୋକ ସ୍ତମ୍ଭ ଅନାବରଣ କରିଥିଲେ। ଉକ୍ତ ସ୍ତମ୍ଭରେ ଥିବା ସିଂହ କ୍ରୋଧିତ ଦେଖାଯାଉଥିବାରୁ ଭାଜପା ସରକାର ଜାତୀୟ ପ୍ରତୀକକୁ ବିକୃତ କରିଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଥିଲେ। ସିଂହର ଚିତ୍ର ଓ ଚରିତ୍ରରେ ଏଭଳି ମୌଳିକ ପରିବର୍ତ୍ତନକୁ କଂଗ୍ରେସ ସମଗ୍ର ଦେଶ ପ୍ରତି ଅପମାନ ବୋଲି କହିଥିଲା।

## ମହାମାରୀ ବେଳେ ବିଶ୍ୱଶର୍ମାଙ୍କ ଦୁର୍ନୀତି



କୋଭିଡ୍-୧୯ ମହାମାରୀ ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ। ସେହି ସମୟରେ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୱିପ୍‌ମେଣ୍ଟ (ପିପିଇ) କିଟ୍ସ ଯୋଗାଣ ପାଇଁ ମୋଟ ୪ଟି କମ୍ପାନୀକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଡର ଦିଆଯାଇଥିଲା। ସେଥିରୁ ୩ କମ୍ପାନୀ ସହ ବିଶ୍ୱଶର୍ମାଙ୍କ ସ୍ତ୍ରୀ ରିଙ୍କି ଭୂୟାଁ ଶର୍ମାଙ୍କ ସମ୍ପର୍କ ଥିବା ଅଭିଯୋଗ ହୋଇଥିଲା। ବିଶ୍ୱଶର୍ମାଙ୍କ ପ୍ରଭାବ ଓ ହସ୍ତକ୍ଷେପ ଯୋଗୁ ଆସାମର ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍)କୁ ଏହି ୩ କମ୍ପାନୀ ବଜାର ମୂଲ୍ୟଠାରୁ ଚଢ଼ା ଦରରେ ଡାକ୍ତରୀ ଉପକରଣ ଯୋଗାଇଦେଇଥିଲେ ବୋଲି ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟ ଆଧାରରେ ଏକ ନ୍ୟୁଜ୍ ୱେବ୍‌ସାଇଟ୍‌ରେ ରିପୋର୍ଟ ପ୍ରକାଶ ପାଇଥିଲା। ଜୁନ୍ ୩ରେ ଏହି ଦୁର୍ନୀତି ପଦାକୁ ଆସିବା ପରେ ଆସାମ ରାଜନୀତିରେ ଝଡ଼ ସୃଷ୍ଟି ହୋଇଥିଲା।

## ପିଏଫ୍‌ଆଇ ନିଷିଦ୍ଧ

କଠୋରପନ୍ଥୀ ସଙ୍ଗଠନ ପପୁଲାର୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)କୁ କେନ୍ଦ୍ର ସରକାର ସେପ୍ଟେମ୍ବର ୨୮ରେ ୫ ବର୍ଷ ପାଇଁ ନିଷିଦ୍ଧ ଘୋଷଣା କରିଥିଲେ। ଦେଶବ୍ୟାପୀ ଚଢ଼ାଉ କରି ୨୭୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଭଳି ବୈଶ୍ୱିକ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ସହ ସମ୍ପୃକ୍ତି ଅଭିଯୋଗରେ ଗିରଫ କରାଯିବାର ଦିନକ ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ପିଏଫ୍‌ଆଇ ସମେତ ଏହାର ସହଯୋଗୀ ସଙ୍ଗଠନ ରିହାବ୍ ଇଣ୍ଡିଆ ଫାଉଣ୍ଡେଶନ ଏବଂ କ୍ୟାମ୍ପସ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆକୁ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ବ୍ୟାନ୍ କରାଯିବା ପରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶେଷରେ ୧୬ ବର୍ଷ ପୁରୁଣା ଏହି ସଙ୍ଗଠନକୁ ପିଏଫ୍‌ଆଇ ନିଜ ଆଡୁ ଭଙ୍ଗ କରିଥିଲା।




## ମୋର୍‌ବି ଝୁଲାପୋଲ ଭୁଶୁଡ଼ି ୧୩୫ ମୃତ



ଅକ୍ଟୋବର ୩୦ରେ ଗୁଜରାଟର ମୋର୍‌ବିସ୍ଥିତ ମାଚ୍ଛୁ ନଦୀରେ ଶତାଧିକ ବର୍ଷ ପୁରୁଣା ସସ୍ପେନ୍‌ସନ ବ୍ରିଜ୍ ଭୁଶୁଡ଼ିପଡ଼ିଥିଲା। ଏଥିଯୋଗୁ ୧୩୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଲୋକ ଆହତ ହୋଇଥିଲେ। ବ୍ରିଟିଶ ଅମଳର ଝୁଲନ୍ତା ବ୍ରିଜ୍ ଦୁର୍ବଳ ହୋଇଯିବାରୁ ଏହାର ମରାମତି କରାଯାଇଥିଲା। ପୁନଃ ନିର୍ମାଣ ପରେ ଅକ୍ଟୋବର ୨୬ରେ ଏହାକୁ ପୁନର୍ବାର ଖୋଲାଯାଇଥିଲା। ବ୍ରିଜ୍ ଭୁଶୁଡ଼ିବା ପରେ ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ରାଜ୍ୟର ଭାଜପା ସରକାରଙ୍କୁ ଟାର୍ଗେଟ କରିଥିଲେ।

## ଟେକ୍ ଫଗ୍: ଭାଜପାର ଘୃଣା ବିସ୍ତାର ଅସ୍ତ୍ର

ଜାନୁୟାରୀ ୭ରେ ଭାଜପା ଆଇଟି ସେଲ୍ ବିରୋଧରେ ଆସିଥିଲା ସାଂଘାତିକ ଅଭିଯୋଗ। ଆଇଟି ସେଲ୍ ଦଳର କୃତ୍ରିମ ଲୋକପ୍ରିୟତା ବୃଦ୍ଧି ଓ ବିରୋଧୀଙ୍କ ମୁହଁ ବନ୍ଦ କରିବା ପାଇଁ 'ଟେକ୍ ଫଗ୍' ନାମରେ ଏକ ସ୍ୱତନ୍ତ୍ର ଆପ୍ଲିକେଶନ ବିକଶିତ କରି ଏହା ଜରିଆରେ ଫେସ୍‌ବୁକ୍ ଓ ଟୁଇଟର ସମେତ ଅନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକରେ ଉଦ୍ୟମ କରିଥିଲା। ଭାଜପାକୁ ସମାଲୋଚନା କରୁଥିବା ୟୁଜର୍ସ ବିଶେଷକରି ମହିଳା ଖବରଦାତାଙ୍କୁ ଧମକ ଦେଇ ହଇରାଣ କରିବା ପାଇଁ ଟେକ୍ ଫଗ୍ ଏକ ଅସ୍ତ୍ର ପାଲଟିଥିଲା।




## ଟ୍ରେନ୍ ପୋଡ଼ିଲେ ଉତ୍ତ୍ୟକ୍ତ ଛାତ୍ର

ଜାନୁୟାରୀ ୨୬ରେ ସାରା ଦେଶ ସାଧାରଣତନ୍ତ୍ର ଦିବସ ପାଳନ କରୁଥିବାବେଳେ ରେଲୱେ ରିକ୍ରୁଟମେଣ୍ଟ ବୋର୍ଡ (ଆର୍‌ଆର୍‌ବି)ର ଦୁଇ-ପରୀକ୍ଷା ନୀତିକୁ ନେଇ ବିହାରରେ ତୁମୁଳକାଣ୍ଡ ଭିଆଇଥିଲେ ଉତ୍ତ୍ୟକ୍ତ ଛାତ୍ର। ବିକ୍ଷୋଭ ବେଳେ ଗୟାରେ ସେମାନେ ଏକ ଟ୍ରେନ୍‌ରେ ନିଆଁ ଲଗାଇଦେଇଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ଜଳାପୋଡ଼ା ଓ ଭଙ୍ଗାରୁଜା କରି ଅଚଳାବସ୍ଥା ସୃଷ୍ଟି କରିଥିଲେ। ପୋଲିସ ଯାହାକୁ ପାରିଲା ତାହାକୁ ଲାଠିମାଡ଼ କରି ଗିରଫ କଲା। ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ୟୁନିୟନ୍ (ଏଆଇଏସ୍‌ଏ) ଏବଂ ଅନ୍ୟ ଛାତ୍ର ସଙ୍ଗଠନଗୁଡ଼ିକ ଏହାକୁ କେନ୍ଦ୍ରର ଚକ୍ରାନ୍ତ କହି ବିହାର ବନ୍ଦ ପାଇଁ ଡାକରା ଦେଇଥିଲେ।




MARUTI SUZUKI ARENA
Exchange OFFER
ଅପଗ୍ରେଡ୍ କରନ୍ତୁ
ଆରାମର ସହିତ। ଯାତ୍ରା କରନ୍ତୁ ଥାଟର ସହିତ।
ଆକର୍ଷଣୀୟ ଅଫର୍‌ର ଲାଭ ଉଠାନ୍ତୁ ଏବଂ ଆପଣଙ୍କ ପୁରୁଣା କାର ବଦଳରେ ଗୋଟିଏ ନୂତନ ମାରୁତି ସୁଜୁକୀ ଏରିନା କାର ଘରକୁ ନେଇ ଆସନ୍ତୁ ।
7 DAYS TO GO
BIG SAVINGS
ALTO ₹72 000* S-PRESSO ₹80 100* WAGONR ₹67 000*
CELERIO ₹65 100* ALTO K10 ₹82 000*
FINANCE OFFERS
100%^ ON-ROAD FUNDING AVAILABLE
EMI STARTING FROM ₹799^ -PER LAKH-
UPGRADE from 2 WHEELER to 4 WHEELER*
LIMITED STOCK ONLY
BEAT THE PRICE HIKE
ALTO S-PRESSO WAGONR CELERIO ALTO K10
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in
TUSHI MOTORS
CUTTACK: 9078076450.
PANIKOILI: 9078076450.
ATHAGARH: 9078076450.
ODYSSEY MOTORS
ANGUL: 7752076136, 9776901481.
PALLAHARA: 7873565435, 9437831123.
JYOTE MOTORS
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.
NARAYANI MOTORS
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.
PURI HIGHWAY PIPILI: 9583022013.
SKY AUTOMOBILES
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 7381045357. NARSINGHPUR: 7381045357.
KAMAKHYANAGAR: 7381045357. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.
*Offer includes consumer offer, exchange bonus, institutional offer or rural offer, 2 ka 4 wheeler offer and Gold voucher (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st December, 2022.

**ଆଜିର ମନ୍ତବ୍ୟ**
"ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣକୁ ରୋକିବା ଦିଗରେ ପ୍ରତ୍ୟେକ ଦେଶ ମିଳିତ ଭାବେ ଉଦ୍ୟମ କରିବା ଜରୁରୀ।
- ଜଗଦୀପ ଧନ୍‌କର, ଉପରାଷ୍ଟ୍ରପତି



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେତେ ଭାଇ ସେତେ ଘର
ଯେତେ କନିଆ ସେତେ ବର ।**

ବଂଶ ବୃଦ୍ଧି ହେଲେ ପରିବାର ବୃଦ୍ଧି ହୁଏ। ଯାହାର ଯେତେ ସନ୍ତାନ ତା' ପାଇଁ ସେତେ ଘର ଲୋଡ଼ା। ପିଲାଦିନର ଭାଇ ଭାଇ ସମ୍ପର୍କ ହୁଏତ ବଡ଼ବେଳକୁ ରହି ନ ପାରେ। ସମ୍ପତ୍ତିବାଡ଼ିକୁ ନେଇ ମତପାର୍ଥକ୍ୟ ଦେଖାଦେଇପାରେ, ଫଳସ୍ୱରୂପ ଭିନ୍ନ ଘରର ଆବଶ୍ୟକତା ଦେଖାଦେଇଥାଏ। ସେହିପରି ଝିଅଟିଏକୁ ବାପା ମା' କାଖେଇ କୋଳେଇ ବଡ଼ କରନ୍ତି। ଶେଷରେ ସେ ବୋହୂ ହୋଇଯାଏ ଆଉ ଗୋଟିଏ ଘରକୁ। ପ୍ରତ୍ୟେକ ନାରୀ ପାଇଁ ଜଣେ ପୁରୁଷ ଖଞ୍ଜାହୋଇ ରହିବା ସଂସାର ନିୟମ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯହିଁ ନ ଥିବ ରକତ ମିଶା
ତହିଁ ନ ଥିବ ସାଇପଡ଼ିଶା ।**

ମଣିଷ ଏକ ସାମାଜିକ ପ୍ରାଣୀ। ସମାଜ ଭିତରେ ଚଳିବାକୁ ହେଲେ ତାକୁ ନିଜ ଜ୍ଞାତି କୁଟୁମ୍ବ ତଥା ସାଇପଡ଼ିଶାଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ନିଜ ସୁଖ ଦୁଃଖରେ ଏହି ଆତ୍ମୀୟମାନେ ହିଁ ପାଖରେ ଛିଡ଼ା ହୁଅନ୍ତି ଓ ସାହା ଭରସା ହୋଇଥାନ୍ତି। ତେବେ ଯେଉଁ ଗ୍ରାମରେ ବା ଅଞ୍ଚଳରେ ଆପଣାର କୁଟୁମ୍ବ ନ ଥାନ୍ତି ସେଠାକାର ପଡ଼ୋଶୀମାନେ କେବେ ନିଜର ହୋଇପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବର୍ଷକରେ ୧୩୩ଜଣଙ୍କୁ ଗିରଫ କରିଛି ଏସ୍‌ଟିଏଫ୍

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

ରାଜ୍ୟରେ ନିଶା କାରବାର, ବନ୍ୟପ୍ରାଣୀ ଚୋରା ଚାଲାଣ, ଜାଲ୍ ନୋଟ୍ ର୍‌ୟାକେଟ ରୋକିବାକୁ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ସ୍ୱତନ୍ତ୍ର ଅଭିଯାନ ଚଳାଇଛି। ଚଳିତ ବର୍ଷ ଏସ୍‌ଟିଏଫ୍ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୩୩ ଅପରାଧୀଙ୍କୁ ଗିରଫ କରିଛି। ୭୫ଟି ଆପରାଧିକ ମାମଲାରେ ଗିରଫ ଏହି ଅପରାଧୀଙ୍କ ଘର ଓଡିଶା ସମେତ ରାଜସ୍ଥାନ, ବିହାର, ମହାରାଷ୍ଟ୍ର ଆଦି ରାଜ୍ୟରେ ବୋଲି କ୍ରାଇମବ୍ରାଞ୍ଚ ଏସଟିଏଫ୍‌ର ବାର୍ଷିକ ରିପୋର୍ଟରୁ ଜଣାପଡିଛି। ୨୨ କେଜି ବ୍ରାଉନସୁଗାର (ଆନୁମାନିକ ମୂଲ୍ୟ ୨୨ କୋଟିରୁ ଅଧିକ), ୨୫୨୪ କେଜି ଗଞ୍ଜେଇର (ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଅଧିକ), ୨୦୨ ଗ୍ରାମ କୋକେନ, ୫୧୭ ଗ୍ରାମ ଅଫିମ ଓ ନଗଦ ୬୫ ଲକ୍ଷ ଟଙ୍କା ଜବତ ହୋଇଥିବାବେଳେ ନିଶା ବେପାରୀଙ୍କ ୧୨ କୋଟି ୮୫ ଲକ୍ଷ ଟଙ୍କାର ସମ୍ପତି ବାଜ୍ୟାପ୍ତି କରାଯାଇଛି। ଅନ୍ୟପଟେ ୨୨ କେଜି ବ୍ରାଉନସୁଗାର, ୩୮ କୁଇଣ୍ଟାଲ ଗଞ୍ଜେଇ ନଷ୍ଟ କରିଛି ଏସ୍‌ଟିଏଫ୍। ସେହିଭଳି ୧୪ କଲରାପତରିଆ ବାଘ ଛାଲ , ଗୋଟିଏ ମହାବଳ ବାଘ ଛାଲ, ୯ଟି ଜୀବନ୍ତ ବଜ୍ରକାପ୍ତା, ୨୨ କେଜି ବଜ୍ରକାପ୍ତା କାତି, ୧୪ଟି ହାତୀ ଦାନ୍ତ, ୨ଟି ବାଘ ଦାନ୍ତ, ୨୯ଟି ବାଘ ନଖ, ୧୮୯ ଗାଇ, ୧୯୨୦ ବୋତଲ କପ୍‌ସିରଫ ଜବତ ହୋଇଛି। ଏହାସହ ୧୪ଟି ଚୋରା ବନ୍ଧୁକ, ୬୦ଟି ଗୁଳି ଓ ୮ ଟି ମାଗାଜିନ ସହ ୪୭ ଲକ୍ଷ ୪୩ ହଜାର ଟଙ୍କାର ନକଲି ନୋଟ୍, ୩୩୮ ଟନ୍ କଠିନ ପୋଡା କୋଇଲା, ୭୩୦ ଟନ୍ କ୍ରୋମାଇଟ, ୭୨ ଟନ୍ କୋଇଲା , ୩୧ ଟନ୍ ଅଷ୍ଟ୍ରେଲିଆନ କୋଇଲା ଜବତ କରିବାରେ ସକ୍ଷମ ହୋଇଛି ଏସ୍‌ଟିଏଫ୍।

ଅପରପକ୍ଷରେ ଓଡିଶା ପୋଲିସ ୧୧୬୨ କୁଇଣ୍ଟାଲ ଗଞ୍ଜେଇ, ୪୭ କେଜି ବ୍ରାଉନସୁଗାର ଓ ୪୦ ହଜାର କପ୍ ସିରଫ ବୋତଲ ଜବତ କରିଛି। ସେହିପରି ୩୩ କୋଟିର ସମ୍ପତ୍ତି ବାଜ୍ୟାପ୍ତି କରିଛି। ଏହାସହ ୬୫୮ କୁଇଣ୍ଟାଲ ଗଞ୍ଜେଇ ଓ ୨୭ କେଜି ବ୍ରାଉନସୁଗାର ନଷ୍ଟ କରାଯାଇଛି। ସେହିଭଳି ୨୩ ହଜାର ୭୨୪ ଏକର ଜମିରେ ବେଆଇନ ଗଞ୍ଜେଇ ଚାଷକୁ ପୋଡି ନଷ୍ଟ କରାଯାଇଥିବା ଏସ୍‌ଟିଏଫ ପକ୍ଷରୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

**ନିଶା କାରବାର, ବନ୍ୟପ୍ରାଣୀ ଚାଲାଣ, ଜାଲ୍ ନୋଟ୍ ର୍‌ୟାକେଟ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ। ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ସକାଶେ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ଅସାବଧାନତା କାରଣରୁ ଅର୍ଥହାନିର ସମ୍ଭାବନା ରହିଛି। ଦିନଟିରେ କିଛି ସମୟ ଟେନ୍‌ସନ ଲାଗି ରହିଲେ ମଧ ପରକ୍ଷଣରେ ମାନସିକ ଅସ୍ଥିରତା ଦୂରେଇଯିବ।

**ବୃଷ**
ବିଭିନ୍ନ ପ୍ରକାରର ଝାମେଲା ଭିତର ଦେଇ ଯିବାକୁ ପଡୁଥିବାରୁ ସମ୍ପୂର୍ଣ୍ଣଭାବେ ଶାନ୍ତି ଓ ସନ୍ତୋଷ ଆସିବ ନାହିଁ। ହାତକୁ ନେଇଥିବା କାମଟିକୁ ଆରମ୍ଭ କରି ବ୍ୟସ୍ତ ରହିପାରନ୍ତି। କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବାରେ କିଛି ଅସୁବିଧା ରହିବ ନାହିଁ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ**
ମାନସିକ ଅସ୍ଥିରତା କାରଣରୁ କାମରେ ମନ ଲାଗିବ ନାହିଁ। ସଦାବେଳେ ଝଗଡ଼ା କରିବାକୁ ଚାହିଁ ବସିଥିବା ଲୋକଟିର ସାମ୍ନା କରିବାକୁ ପଡ଼ିପାରେ। କୃତି ଓ କୃତିତ୍ୱ ହେତୁକ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ନିଜର ସୁଖ ସୁବିଧାକୁ ପ୍ରାଧାନ୍ୟ ଦେଇ ସମାଲୋଚିତ ହୋଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗି ରହିଲେ ମଧ କୌଣସି ଅସୁବିଧା ହେବନାହିଁ। ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ସିଂହ**
ଦୀର୍ଘଦିନର ସମସ୍ୟା ଆଜି ସମାଧାନ ହୋଇଯିବ। ଆଲୋଚନା କାଳରେ ଭଲ କଥା କହିଲେ ମଧ ବନ୍ଧୁ ଭୁଲ୍ ବୁଝିପାରନ୍ତି। ଆପଣଙ୍କ ସାହାଯ୍ୟ ଲାଭକରି ସହଯାତ୍ରୀଟି ବହୁତ ଖୁସି ହୋଇଯିବେ। ପରିବହନରେ ଉନ୍ନତି ପରିଲକ୍ଷିତ ହେବ ଓ ସମସ୍ୟା ସମାଧାନରୁ ଖୁସି ରହିବେ। ଦୂର ସମ୍ପର୍କୀୟ ବନ୍ଧୁଙ୍କ ଆଗମନ ସମ୍ଭାବନା।

**କନ୍ୟା**
କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତ ବୋଧ କରିବେ। ବନ୍ଧୁ ନିଜର ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଠିକ୍ ସମୟରେ ଆସି କାମରେ ଯୋଗ ଦେଇପାରିବେ। ଆର୍ଥିକ ଦିଗଟି ପୂର୍ବପରି ରହିବାର ବିଶେଷ ଆନନ୍ଦ ଅନୁଭବ କରିବେ। ନିଜକୁ ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ଚଳିବାକୁ ବାଧ ହେବେ।

**ତୁଳା**
ଆଜି କୌଣସି କଥାରେ ଅଭାବ ରହିବ ନାହିଁ କିମ୍ବା କୌଣସି କାମ ଅଟକିବ ନାହିଁ। ଆଲୋଚନା ପରିସରରେ ଆପଣ ଏମିତି ଯୁକ୍ତି କରିବେ ଯେ, ସମସ୍ତଙ୍କ ମୁହଁ ବନ୍ଦ ହୋଇଯିବ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

**ବିଛା**
କୌଣସି ଭଦ୍ର ମହିଳାଙ୍କ ସାହାଯ୍ୟ ଓ ସହଯୋଗରୁ ମାନସିକ ଅସ୍ଥିରତା ଦୂରେଇଯିବ। ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି। ଯୋଗାଯୋଗ, ରାଜନୀତି ଓ ପ୍ରଶାସନ ପାଇଁ ଦିନଟି ଭଲ।

**ଧନୁ**
କର୍ମକ୍ଷେତ୍ରରେ ଆକସ୍ମିକ ସମସ୍ୟା ହେତୁ କାର୍ଯ୍ୟ ସ୍ଥଗିତ ରହିପାରେ। ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ଅଫିସିଆଲି ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଦଳବଦଳ ହୋଇଯିବାର ସମ୍ଭାବନା ଅଛି।

**ମକର**
ସକାଳୁ ପାରିବାରିକ ସମସ୍ୟାରେ ମନଟା ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ଅଫିସ୍‌ରେ ବିବାଦ ବୃଦ୍ଧି କାରଣରୁ ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ଆଇନ ଅଦାଲତରେ ସୁଫଳ ପାଇବେ ଓ ନିର୍ମାଣାଧୀନ କାମ ଦ୍ରୁତଗତିରେ ଆଗେଇ ଚାଲିବ। ଯେକୌଣସି ପରିସ୍ଥିତିରେ ଆପଣ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ।

**କୁମ୍ଭ**
ପରିସ୍ଥିତିକୁ ଲାଘବ କରିବା ଉଦ୍ଦେଶ୍ୟରେ ଅନ୍ୟମାନଙ୍କ ସକାଶେ କଷ୍ଟ ଅନୁଭବ କରିପାରନ୍ତି। ସଭାସମିତିରେ ବନ୍ଧୁମେଳରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇପାରେ। କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିପାରନ୍ତି।

**ମୀନ**
ବନ୍ଧୁମାନେ ଫାଇଦା ହାସଲ ପାଇଁ ବିଭିନ୍ନ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ହାତକୁ ନେଇଥିବା କାମଟିକୁ ଶେଷ କରିବା ସକାଶେ ବହୁତ ପ୍ରତିରୋଧର ସାମ୍ନା କରିବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ଉପରିସ୍ଥଙ୍କ ଅନୁକମ୍ପା ଆପଣଙ୍କ କାର୍ଯ୍ୟ ସାଧନରେ ଏବଂ ଭବିଷ୍ୟତରେ ସାହାଯ୍ୟ କରିବ।

ଆଜି ଡିସେମ୍ବର ୨୫ ତାରିଖ, ସୁଶାସନ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ, ବଡ଼ଦିନ, ଖ୍ରୀଷ୍ଟମାସ ପର୍ବ, ମହାପୁରୁଷ ଯିଶୁଖ୍ରୀଷ୍ଟଙ୍କ ଜୟନ୍ତୀ, ପଣ୍ଡିତ ମଦନମୋହନ ମାଳବ୍ୟଙ୍କ ଜୟନ୍ତୀ, ଅଦ୍ୟ ତ୍ର୍ୟହସ୍ପୃକ ଯୋଗ, ଶରଣଂ, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ତୃତୀୟାର ଏକୋଦ୍ଦିଷ୍ଟ ପାର୍ବଣଶ୍ରାଦ୍ଧ, ଦିବା ଘ.୦୭।୦୫ ଗତେ ଘ.୦୯।୧୫ ମଧ୍ୟେ, ଘ.୦୧।୦୭ ଗତେ ଘ.୦୩।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୯ ଗତେ ଘ.୦୫।୧୦ ମଧ୍ୟେ ରାହୁକାଳ।

# କମିଲା ଶୀତ: ୨୬ରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

ଓଡ଼ିଶା ଉପକୂଳରେ ଏକ ଗୁରୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିଯୋଗୁ ରାଜ୍ୟକୁ ଜଳୀୟ ବାଷ୍ପ ପ୍ରବେଶ କରୁଛି। ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଏବଂ ୨୬ ତାରିଖରେ ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର ଆଦି ଜିଲାରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଏଥିଯୋଗୁ ରାତ୍ରିର ତାପମାତ୍ରା ୫ରୁ ୬ ଡିଗ୍ରୀ ସେଲ୍‌ସିୟସ ବଢ଼ିବା ସମ୍ଭାବନା ରହିଛି। ଗୁରୁଚାପ ପ୍ରଭାବରେ ରାଜ୍ୟରେ ଶୀତ ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଶନିବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୮, ଦାରିଙ୍ଗବାଡ଼ି ୯.୫, ଅନୁଗୋଳ ୧୦.୬, ନବରଙ୍ଗପୁର ୧୧, ଭବାନୀପାଟଣା ୧୦.୨, ଝାରସୁଗୁଡ଼ା ୧୧.୪, କେନ୍ଦୁଝର ୧୧.୩, ସୁନ୍ଦରଗଡ଼ ୧୧.୫ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୧.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଟକ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଯାଜପୁରପୁରୀ, ଖୋର୍ଦ୍ଧା, ଭଦ୍ରକ, ଜଗତସିଂହପୁର, ପୁରୀ, କେନ୍ଦ୍ରାପଡା, ଗଞ୍ଜାମ, କନ୍ଧମାଳ ଜିଲାର କେତେକ ସ୍ଥାନରେ କୁହୁଡି ହେବାର ସମ୍ଭାବନା ରହିଛି ।

**୧୧ଡିଗ୍ରୀ ତଳେ ୧୦ ସହର**

# 'ରାଉରକେଲାର ସମସ୍ୟା ପୂରଣ ନ ହେବା ଯାଏ ଲଢେଇ ଜାରି ରହିବ'

**ଭୁବନେଶ୍ୱର,୨୪।୧୨(ବ୍ୟୁରୋ)**

ହୋର୍ଡିଂ ଉପରେ ଚଢି ଆତ୍ମହତ୍ୟା ଉଦ୍ୟମ ପରେ ଚିକିତ୍ସିତ ହେଉଥିବା ସାମାଜିକ କର୍ମୀ ରାଉରକେଲାର ମୁକ୍ତିକାନ୍ତ ବିଶ୍ୱାଳ ଶନିବାର କ୍ୟାପିଟାଲ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ମାନସିକ ସ୍ଥିତି ଠିକ ନ ଥିବାରୁ ତାଙ୍କୁ ହସ୍ପିଟାଲରୁ ସିଧା ଟ୍ରେନ ଯୋଗେ ନିଜ ଘର ରାଉରକେଲାକୁ ନିଆଯାଉଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମୁକ୍ତିକାନ୍ତଙ୍କ ସହ ତାଙ୍କ ଭାଇ ଓ ୨ ଜଣ ପୋଲିସ କର୍ମଚାରୀ ରହିଛନ୍ତି। ତାଙ୍କୁ ଘରେ ଛାଡ଼ିବା ପରେ ପୋଲିସ କର୍ମଚାରୀମାନେ ଭୁବନେଶ୍ୱର ଫେରିଆସିବେ। ତେବେ ଡିସଚାର୍ଜ ପରେ ମୁକ୍ତିକାନ୍ତ କହିଛନ୍ତି, ରାଉରକେଲାବାସୀଙ୍କ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଏହି ଲଢେଇ ଜାରି ରହିବ। ଦରକାର ପଡିଲେ ଭୁବନେଶ୍ୱର ଆଉଥରେ ଆସିବାକୁ ପଡିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୩ରେ ରାଉରକେଲା ଗସ୍ତରେ ଯାଇଥିବାବେଳେ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ପାଳନ କରି ନ ଥିବାରୁ ସେ ସଂପର୍କରେ ମନେ ପକାଇ ଦେବାକୁ ମୁକ୍ତିକାନ୍ତ ପଦଯାତ୍ରାରେ ଭୁବନେଶ୍ୱର ଆସିଥିଲେ। ସେ ରାଉରକେଲାରୁ ସମ୍ପୂର୍ଣ୍ଣ ହୋଇ ନ ଥିବା ପ୍ରକଳ୍ପର ମଡ଼େଲକୁ କାନ୍ଧରେ ବୋହି ଚାଲି ଚାଲି ଏଠାରେ ପହଞ୍ଚିବା ପରେ ନବୀନ ନିବାସ ଅଭିମୁଖେ ବାହାରିଥିଲେ। ହେଲେ ଶିଶୁ ଭବନ ଛକରେ ତାଙ୍କୁ ପୋଲିସ ଅଟକାଇବାରୁ ସେ ସେଠାରେ ଧାରଣାରେ ବସିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ୭ ଦିନ ଅପେକ୍ଷା କରିବା ପରେ ଅନୁମତି ନ ମିଳିବାରୁ ଶେଷରେ ନିରାଶ ହୋଇ ମୁକ୍ତିକାନ୍ତ ବୁଧବାର ଦିନ ପ୍ରାୟ ୧୧ଟାରେ ଶିଶୁ ଭବନ ଛକ ନିକଟରେ ଥିବା ଏକ ୫୦ଫୁଟ ଉଚ୍ଚର ହୋର୍ଡିଂ ଉପରକୁ ଚଢିଯାଇଥିଲେ। ଦେହରେ ଡିଜେଲ ଢାଳି ଆତ୍ମାହୁତି ଉଦ୍ୟମ ଦେବା ସହ ତଳକୁ ଡେଇଁ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ। ତେବେ ଦୀର୍ଘ ସାଢେ ୪ ଘଣ୍ଟାର କସରତ ପରେ ଅଗ୍ନିଶମ ବାହିନୀ ଓ ପୋଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ହସ୍ପିଟାଲର ଆଇସୋଲେଶନ ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଥିଲା।

**ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ମୁକ୍ତିକାନ୍ତ, ଘରକୁ ଗଲେ**



# ଧର୍ମ ପରିବର୍ତ୍ତନକୁ ନେଇ ଉତ୍ତେଜନା

**ବାହାନଗା,୨୪।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ା ପଞ୍ଚାୟତର କୁଆଁତାରା ଆଦିବାସୀ ସାହିରେ ଧର୍ମ ପରିବର୍ତ୍ତନକୁ ନେଇ ଶନିବାର ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମର ଯୁବକମାନେ ପହଞ୍ଚି ଧର୍ମ ପରିବର୍ତ୍ତନ କରୁଥିବା ୪ ବ୍ୟକ୍ତିଙ୍କୁ କାବୁ କରି ପୋଲିସ୍‌କୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଆଦିବାସୀ ସାହିର ୩ ପରିବାର କିଛି ମାସ ପୂର୍ବେ ହିନ୍ଦୁ ଧର୍ମ ପରିବର୍ତ୍ତନ କରି ଭିନ୍ନ ଧର୍ମ ଗ୍ରହଣ କରିଥିଲେ। ଶନିବାର ଅପରାହ୍ନରେ ବାହାରୁ ଆସିଥିବା କେତେଜଣ ଧର୍ମ ଗୁରୁ ଓ ବ୍ୟକ୍ତି ସେହି ସାହିର ଆଦିବାସୀମାନଙ୍କୁ ନିକଟସ୍ଥ ଏକ ପୋଖରୀ ପାଣି ଭିତରକୁ ନେଇ ଧର୍ମ ପରିବର୍ତ୍ତନ କରିବା ପାଇଁ ଶପଥ କରାଉଥିଲେ। ଏହି ସମୟରେ ପୋଖରୀ ମାଲିକଙ୍କ ପୁଅ ଫଟୋ ଉଠାଇବାରୁ ଧର୍ମ ପରିବର୍ତ୍ତନ କରୁଥିବା ଆଦିବାସୀମାନେ ବିରୋଧ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ଫଟୋ ଉଠାଉଥିବା ଯୁବକ ଜଣକ ତାଙ୍କ ସାଙ୍ଗମାନଙ୍କୁ ଜଣାଇବାରୁ ସେମାନେ ପହଞ୍ଚି ୪ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ଜଣେ ସେଠାରୁ ଖସି ପଳାଇଥିଲେ। ପରେ ପୋଲିସ୍ ପହଞ୍ଚି ଅଟକ ଥିବା ୪ ଜଣଙ୍କୁ ଖନ୍ତାପଡ଼ା ଥାନାକୁ ଆଣି ପଚରାଉଚରା କରୁଛି।

# ୩ ମୃତ ବିଦେଶୀ ପକ୍ଷୀ ଜବତ, ନାବାଳକ ଧରାପଡ଼ିଲେ

**ଟାଙ୍ଗୀ(ଖୋର୍ଦ୍ଧା),୨୪।୧୨(ଡି.ଏନ୍.ଏ.)**

ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ନିମୁନା ଗ୍ରାମରେ ଶନିବାର ବିଭାଗୀୟ କର୍ମଚାରୀ ଚଢ଼ାଉ କରି ୩ଟି ମୃତ ବିଦେଶୀ ପକ୍ଷୀ ଜବତ କରିଛନ୍ତି। ପକ୍ଷୀ ଶିକାରରେ ସମ୍ପୃକ୍ତି ଥିବା ନେଇ +୨ ରେ ପଢୁଥିବା ଜଣେ ନାବାଳକ ଧରାପଡ଼ିଛନ୍ତି। ସୂଚନା ମୁତାବକ, ନାବାଳକ ଜଣଙ୍କ ଚିଲିକାରେ ଫାଶ ବସାଇ ପକ୍ଷୀ ଶିକାର କରିବା ସହ ବିକ୍ରି କରି ଅର୍ଥ ରୋଜଗାର କରିଥାନ୍ତି। ତେବେ ଶନିବାର ସମ୍ପୃକ୍ତ ନାବାଳକ ପକ୍ଷୀଗୁଡ଼ିକୁ ବିକ୍ରି କରିବା ପାଇଁ ଯାଉଥିବା ବେଳେ ବନ କର୍ମଚାରୀଙ୍କ ହାତରେ ଧରାପଡ଼ିଥିଲେ।

# ଲୋଭ ଦେଖାଇ ଠକିନେଲେ ଚାଷୀଙ୍କ ୯ ଲକ୍ଷ

**ସମ୍ବଲପୁର,୨୪।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ହୀରାକୁଦ ଥାନା ଶିଳିପଥର ଗ୍ରାମର ଏମ୍ ଲକ୍ଷ୍ମଣ ନାମକ ଜଣେ ଯୁବଚାଷୀ ଠକେଇର ଶିକାର ହୋଇଛନ୍ତି। ଟଙ୍କା ଲଗାଇଲେ ଅଧିକ ମିଳିବ ବୋଲି ଏକ କମ୍ପାନୀ ଲୋଭ ଦେଖାଇ ପର୍ଯ୍ୟାୟକ୍ରମେ ତାଙ୍କଠାରୁ ୯ଲକ୍ଷ ଟଙ୍କା ଠକି ନେଇଛି। ଅଭିଯୋଗ ପରେ ହୀରାକୁଦ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହାସହ ଇଗଲ ଓଭରସିସ୍ ଓ ନେକ୍‌ସନ୍ ମଲ୍ଟି ଟ୍ରେଡ୍ ନାମକ କମ୍ପାନୀ ବିରୋଧରେ ମାମଲା ରୁଜୁ କରିଛି। ୟସ୍ ବ୍ୟାଙ୍କରେ ଥିବା କମ୍ପାନୀର ଆକାଉଣ୍ଟ ଫ୍ରିଜ୍ କରି ଦିଆଯାଇଛି ବୋଲି ହୀରାକୁଦ ଥାନା ଅଧିକାରିଣୀ ଯାଜ୍ଞସେନୀ ନାୟକ କହିଛନ୍ତି। ମିଳିଥିବା ରିପୋର୍ଟ ଅନୁସାରେ ଡିସେମ୍ବର ୧୪ରେ ଅଭିଯୋଗକାରୀ ଏମ୍ ଲକ୍ଷ୍ମଣ ଆଲମୋଟପ ନାମକ ଏକ ଆପ୍ଲିକେଶନ ଡାଉନ୍‌ଲୋଡ କରିଥିଲେ। ଉକ୍ତ ଆପରେ ୧୦ ହଜାର ଟଙ୍କା ଦେଲେ କିଛିସମୟ ପରେ ୬ଶହ ଟଙ୍କା ଅଧିକ ମିଳୁଥିଲା। ଏଭଳି ଭାବେ ଲକ୍ଷ୍ମଣ ଟଙ୍କା ଲଗାଇ ଅଧିକ ଟଙ୍କା ପାଇଥିଲେ। ପରେ ସେ ଲୋଭରେ ଲକ୍ଷାଧିକ ଟଙ୍କା ଲଗାଇଥିଲେ। ପର୍ଯ୍ୟାୟକ୍ରମେ ଗତ ୧୪ରୁ ୧୬ ତାରିଖ ଭିତରେ ମୋଟ ୯ ଲକ୍ଷ ଟଙ୍କା କମ୍ପାନୀରେ ଲଗାଇଦେଇଥିଲେ। ହେଲେ ଆଉ ଟଙ୍କା ଫେରିପାଇଲେ ନାହିଁ। ବହୁ ଚେଷ୍ଟା କରି ବିଫଳ ହେବାରୁ ଶେଷରେ ସେ ପୋଲିସ ପାଖରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ୩୧୯/୨୨ରେ ଏକ ମାମଲା ରୁଜୁ ହୋଇଛି।

**୮ଦିନ ପରେ ଥାନାରେ ଅଭିଯୋଗ**

**ପ୍ରଥମ ପୃଷ୍ଠାରୁ...**

## ଚିନ୍ତା ବଢ଼ାଇଛି ....

ହୋଇ ଲୋକଙ୍କୁ ସଚେତନ କରାଯାଉଛି। ହେଲେ ଏହାର ପ୍ରଭାବ ଲକ୍ଷ୍ୟ କରାଯାଉନାହିଁ। ପୌର ସଂସ୍ଥାଗୁଡ଼ିକ କଟକଣାକୁ ଠିକ୍ ଭାବେ ପାଳନ କରୁ ନ ଥିବାରୁ ଏବେ ସମସ୍ତଙ୍କ ହାତରେ ପଲିଥିନ ଦେଖିବାକୁ ମିଳୁଛି। ସେହିଭଳି ପ୍ଲାଷ୍ଟିକ୍ ପାଣି ବୋତଲ, ବିଭିନ୍ନ କ୍ଷୀର ପ୍ୟାକେଟ ଜରି ସହରାଞ୍ଚଳରେ ଏଣେତେଣେ ପଡୁଛି। କିଛିଦିନ ତଳେ ବିଏମ୍‌ସି କର୍ତ୍ତୃପକ୍ଷ କ୍ଷୀର ଜରିକୁ ଘରକୁ ଘର ବୁଲି ସଂଗ୍ରହ ପାଇଁ ଘୋଷଣା କରିଥିଲେ। ହେଲେ ସେହି ଘୋଷଣା ବି ଘୋଷଣାରେ ହିଁ ରହିଗଲା।

ସହରାଞ୍ଚଳରୁ ବାହାରୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁ ନାଳନର୍ଦ୍ଦମା ଜାମ୍ ହେବା ସହିତ ମୃତ୍ତିକା ପ୍ରଦୂଷିତ ହେବାରେ ଲାଗିଛି। ଏହାକୁ ଖାଇ ଗୋରୁ ବି ମୃତ୍ୟୁମୁଖରେ ପଡୁଛନ୍ତି। ଯେପର୍ଯ୍ୟନ୍ତ ନିମ୍ନମାନର ପ୍ଲାଷ୍ଟିକ ଉତ୍ପାଦନ ବନ୍ଦ ନ ହୋଇଛି ସେପର୍ଯ୍ୟନ୍ତ ପ୍ଲାଷ୍ଟିକ୍‌କୁ ରୋକିବା ସହଜ ହେବ ନାହିଁ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି।

ରାଜ୍ୟ ସରକାର ୨୦୧୮ ଅକ୍ଟୋବର ୨ରେ ୫ ମହାନଗର ନିଗମ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ସହିତ ପୁରୀ ସହରରେ ପଲିଥିନ ବ୍ୟବହାରକୁ ନିଷେଧ ଘୋଷଣା କରିଥିଲେ। ଏହାର ଠିକ୍ ବର୍ଷେ ପରେ ୨୦୧୯ ଅକ୍ଟୋବର ୨ରୁ ରାଜ୍ୟର ସମସ୍ତ ୧୧୪ ସହରାଞ୍ଚଳରେ ୫୦ ମାଇକ୍ରନ୍‌ରୁ କମ୍ ମୋଟେଇ ପଲିଥିନ ସହିତ ୨୦୦ ମିଲିଲିଟରରୁ କମ୍ ପାଣି ବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ୍ ଚାମଚ, କପ୍, ପ୍ଲେଟ୍, ଗ୍ଲାସ୍, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରିପାରିବେ ନାହିଁ। ସେଥିପାଇଁ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟ୍‌ଡୋର୍ କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ମହାନଗର ନିଗମ କମିଶନର ଓ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପଲିଥିନ ବନ୍ଦକୁ ସଫଳ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେହି ଅଧିକାରୀମାନେ ପରିବେଶ(ସୁରକ୍ଷା) ଆଇନ ୧୯୮୬ ଅନୁଯାୟୀ ନିଜ ଅଞ୍ଚଳ ଭିତରେ ଉଲ୍ଲଂଘନକାରୀଙ୍କୁ ଦଣ୍ଡବିଧାନ କରିପାରିବେ। କଟକଣା ଲାଗୁ ହେବାର କିଛି ମାସ ମଧ୍ୟରେ ଧରପଗଡ଼ ଜୋରଦାର ହୋଇଥିଲା। ବ୍ୟବସାୟୀମାନେ ଜରିମାନା ଭୟରେ ପଲିଥିନ ବ୍ୟବହାର ବନ୍ଦ କରି ଦେଇଥିଲେ। ଜନସାଧାରଣ ପଲିଥିନ ବଦଳରେ ବ୍ୟାଗ୍ ନେବାକୁ ପସନ୍ଦ କରୁଥିଲେ। କରୋନା ମହାମାରୀ ସଂକ୍ରମଣକୁ ଦେଖି ରାଜ୍ୟରେ ଲକ୍‌ଡାଉନ ଓ ଶଟଡାଉନ ଜାରି ହେଲା। ଏହା ପରେ ପଲିଥିନ ବ୍ୟବହାର ବହୁପରିମାଣରେ ବଢ଼ିଯାଇଛି। ଭୁବନେଶ୍ୱରର ବ୍ୟବସାୟୀ ରଘୁନାଥ ସାହୁ କହିଛନ୍ତି, ଗ୍ରାହକମାନେ ସାମଗ୍ରୀ ନେବାକୁ ପଲିଥିନ ମାଗୁଛନ୍ତି। ପଲିଥିନ ନ ଦେଲେ ଅନ୍ୟ ଦୋକାନକୁ ଚାଲି ଯାଉଛନ୍ତି। ପଲିଥିନ ଉତ୍ପାଦନ ହେଉଥିବାରୁ ବଜାରରେ ମିଳୁଛି। ଆମେ ବାଧ ହୋଇ ଆଣୁଛୁ। ପଲିଥିନ ଉତ୍ପାଦନ ବନ୍ଦ ହେବା ଦରକାର ବୋଲି ସେ କହିଛନ୍ତି। ଗ୍ରାହକ ଚୈତନ୍ୟ ପ୍ରଧାନ କହିଛନ୍ତି, ହଠାତ୍ ବାହାରୁ ଜିନିଷ ନେବାକୁ ପଡୁଥିବାରୁ ପଲିଥିନ ବ୍ୟବହାର ବଢ଼ିଛି। ଆଗରୁ ଧରପଗଡ଼ ହେଉଥିବାରୁ ବ୍ୟବସାୟୀ ପଲିଥିନ ଦେବାକୁ ମନା କରୁଥିଲେ। ଆମେ ବ୍ୟାଗ୍ ନେଉଥିଲୁ। ଏବେ ସବୁଆଡ଼େ ପଲିଥିନରେ ଲୋକମାନେ ଜିନିଷପତ୍ର ନେଉଛନ୍ତି। ଏପରି କି ଖାଦ୍ୟ ପଦାର୍ଥ ମଧ ପଲିଥିନରେ ଯାଉଛି। ପରିବେଶ ପାଇଁ ବିପଦ ଥିବାରୁ ଏହାର ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦରକାର। କଡ଼ା କାର୍ଯ୍ୟାନୁଷ୍ଠାନ ନ ହେଲେ ପଲିଥିନ ବ୍ୟବହାର ବନ୍ଦ ହେବ ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକ କେ. ମୁରୁଗେସେନ କହିଛନ୍ତି, ଲୋକମାନେ ପଲିଥିନର ପ୍ରତିକୂଳ ପ୍ରଭାବ ବିଷୟରେ ସଚେତନ ହେବା ଦରକାର। ଏହାକୁ କଡ଼ାକଡ଼ି ଲାଗୁ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ କୁହାଯାଇଛି।

## ଭୂତଳ ଜଳ ୧.୨ ...

ଯେତେବେଳେ ତରଳ ପଦାର୍ଥ ବା ପଥରରେ ରହିଥାନ୍ତି ସେ ସମୟରେ ସେମାନଙ୍କଠାରୁ ବାହାରୁଥିବା ଆଲ୍‌ଫା, ବିଟା ଏବଂ ଗାମା ରଶ୍ମି ପରସ୍ପରକୁ ରେପେଲ (ଠେଲାପେଲା) କରନ୍ତି, ଯାହାକୁ ରେଡିଓଜେନିକ୍ ରିଆକ୍ସନ କୁହାଯାଏ। ତେବେ ମୋଆବ ଖୋଟସୋଙ୍ଗ ଖଣିରୁ ବିଶେଷଜ୍ଞମାନେ ପ୍ରଚୁର ପରିମାଣର ରେଡିଓଜେନିକ୍ ଉପାଦାନ ହିଲିୟମ୍, ନିଅନ, ଆର୍ଗନ୍ ଓ ଜେନନ ମିଳିଥିଲା। ଏହି କଣିକା ସବୁ ଭୂତଳଜଳ ଜଳ କଣିକାକୁ ଭାଙ୍ଗି ବହୁଳମାତ୍ରାରେ ହାଇଡ୍ରୋଜେନ୍ ବାହାର କରିଥିବା ଗବେଷକମାନେ ଲକ୍ଷ୍ୟ କରିଥିଲେ। ଏହାପରେ ମାଟି ତଳେ ଜଳର ଆଶଙ୍କା କରି ଗବେଷକମାନେ ଏ ନେଇ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଦେଲେ। ଏହାପରେ ସେମାନଙ୍କୁ ଖଣି ତଳୁ ଜଳର ସନ୍ଧାନ ମିଳିଥିଲା।

## ସଂକ୍ଷେପରେ

### ଗହୀରମଥାରୁ ଟ୍ରଲର ଜବତ, ୬ ମତ୍ସ୍ୟଜୀବୀ ଗିରଫ

ରାଜନଗର,୨୪।୧୨(ଡି.ଏନ.ଏ.): ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ଏକ ଟ୍ରଲରକୁ ବନ ବିଭାଗର ପାଟ୍ରୋଲିଂ ଟିମ୍ ଜବତ କରିବା ସହ ୬ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ନବୀନ ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଏକକୁଳାଠାରୁ ୧୧ କିମି ଦୂରରେ ମା'ଶାରଳା ନାମକ ଟ୍ରଲରକୁ ଜବତ କରିଛି । ଟ୍ରଲରରୁ ୧୦ କେଜି ମାଛ,ଗୋଟିଏ ଜିପିଏସ୍, ଭିଏଚ୍‌ଏଫ୍ ଓ କାନି ଜାଲ ଜବତ କରାଯାଇଛି । ଗିରଫ ମତ୍ସ୍ୟଜୀବୀମାନେ ହେଲେ ବିଷ୍ଣୁ ପଦ ଗିରି, ପଙ୍କଜ ଦାସ, ଭୀମ ମଣ୍ଡଳ,ସନାତନ ମଳିକ, ଅଶୋକ ଜର୍ଦ୍ଦାର, ଅମିୟ ବିଶ୍ୱାସ । ବନ୍ୟ ପ୍ରାଣୀ ଆଇନ ୧୯୭୨ ଅନୁଯାୟୀ ଗିରଫ ମତ୍ସ୍ୟଜୀବୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ।

### ଶିକ୍ଷାବିତ୍ କ୍ଷୀରୋଦ ପଣ୍ଡାଙ୍କ ପରଲୋକ



ଆଳି,୨୪।୧୨(ଡି.ଏନ.ଏ.): କେନ୍ଦ୍ରପଡ଼ା ଜିଲା ଆଳି ଅଞ୍ଚଳର ଜଣାଶୁଣା ଶିକ୍ଷକ ତଥା ଶିକ୍ଷକ ନେତା କ୍ଷୀରୋଦ ପଣ୍ଡାଙ୍କ ଶନିବାର ଅପରାହ୍ନରେ ତାଙ୍କ ତୁଳସୀଶାସନସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ବହୁ ଦିନ ହେବ ପୀଡ଼ିତ ଥିଲେ । ତାଙ୍କର ପରଲୋକ ଖବର ଜଣାପଡିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ପଣ୍ଡା ଅନେକ ଦିନ ଧରି ଆଳି ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଓ ସଭାପତି ଥିଲେ । ସେ ଜଣେ ଶିକ୍ଷକ, ସଫଳ ସିଆରସିସି ଓ ଦକ୍ଷ ପ୍ରଧାନଶିକ୍ଷକ ଭାବେ ବିଭିନ୍ନ ବିଦ୍ୟାଳୟରେ କାମ କରି ପ୍ରଶଂସା ସାଉଁଟି ଥିଲେ । ଜଣେ ପରୋପକାରୀ ଓ ସ୍ନେହୀ ମଣିଷ ଭାବେ ସେ ପରିଚିତ ଥିଲେ । ସତ୍ୟସାଇ ଅନୁଷ୍ଠାନର ସେ ଜଣେ ସକ୍ରିୟ ସଭ୍ୟ ଥିଲେ । ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

# ପୁଅଙ୍କୁ ମିଳିବେନି ଝିଅ

## ୧୦୦୦ ପୁଅରେ ଝିଅ ଜନ୍ମ ୮୯୮

ଯାଜପୁର ଅଫିସ,୨୪।୧୨

ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ-୫ (ଏନ୍‌ଏଫ୍‌ଏଚ୍‌ଏସ୍) ରିପୋର୍ଟ ୨୦୧୯-୨୦୨୧ ଅନୁସାରେ ଝିଅ ଜନ୍ମ ଅନୁପାତ ଉଦ୍‌ବେଗଜନକ ରହିଛି। ଏହି ରିପୋର୍ଟରେ ୧୦୦୦ ପୁଅରେ ଭାରତରେ ୯୨୯, ଓଡ଼ିଶାରେ ୮୯୪ ଏବଂ ଯାଜପୁର ଜିଲାରେ ୮୯୮ ଝିଅ ଜନ୍ମ ହୋଇଛନ୍ତି। ଅର୍ଥାତ୍ ପୁଅ ଓ ଝିଅ ଜନ୍ମ ବ୍ୟବଧାନ ୧୦୨ ରହିଛି। ବାସ୍ତବରେ ବର୍ତ୍ତମାନ ବାହାଘର ପାଇଁ ଝିଅ ଖୋଜା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ଝିଅପୁଅ ଜନ୍ମହାରରେ ଏଭଳି ବ୍ୟବଧାନ ଜାରି ରହିଲେ ଆଗାମୀ ୧୦ ବର୍ଷ ମଧ୍ୟରେ ପୁଅଙ୍କୁ ଆଉ ଝିଅ ମିଳିବନି ବୋଲି ମତପ୍ରକାଶ ପାଇଛି।

ଏନ୍‌ଏଫ୍‌ଏଚ୍‌ଏସ୍-୫ ରିପୋର୍ଟ ଅନୁସାରେ ୨୦୧୫-୧୬ରେ ଯାଜପୁର ଜିଲାରେ ୧୦୦୦ ପୁଅ ତୁଳନାରେ ଝିଅ ଜନ୍ମହାର ୭୨୫ ରହିଥିଲା । ଏହି ସମୟରେ ଭାରତରେ ୯୨୯ ଏବଂ ଓଡ଼ିଶାରେ ୯୩୨ ରହିଥିଲା । ଅନ୍ୟପକ୍ଷରେ ୨୦୦୧ ଜନଗଣନା ରିପୋର୍ଟରେ ଜିଲାରେ ୯୩୭ ଝିଅ ଜନ୍ମ ହୋଇଥିବାବେଳେ ଭାରତରେ ୯୨୭ ଓ ଓଡ଼ିଶାରେ ୯୫୩ ଜନ୍ମ ନେଇଥିଲେ। ୨୦୧୧ ବର୍ଷରେ ଜିଲାରେ ୯୨୬, ଭାରତରେ ୯୧୯ ଏବଂ ଓଡ଼ିଶାରେ ୯୪୧ ଝିଅ ଜନ୍ମ ହୋଇଥିଲେ। ଅର୍ଥାତ୍ ଏହି ୧୦ ବର୍ଷରେ ଯାଜପୁର ଜିଲାରେ ଝିଅ ଜନ୍ମହାର ୨୮କୁ ହ୍ରାସ ପାଇଛି। ଛତୁ ଫୁଟିଲା ଭଳି ଅଲ୍‌ଟ୍ରାସାଉଣ୍ଡ କେନ୍ଦ୍ର ଖୋଲିବା ଏବଂ ଲିଙ୍ଗ ନିରୂପଣ ଘଟଣା ବୃଦ୍ଧି ଏହାର ପ୍ରମୁଖ କାରଣ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଅନ୍ୟପକ୍ଷେ ଜିଲା ସଦର ଡାକ୍ତରଖାନାରେ ଅଲ୍‌ଟ୍ରାସାଉଣ୍ଡ ମେଶିନ ଥାଇ ସୁଦ୍ଧା ତାହାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ନ କରି ବେସରକାରୀ କେନ୍ଦ୍ରଗୁଡ଼ିକୁ ପରୋକ୍ଷରେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଜିଲା ପ୍ରଶାସନ ପକ୍ଷରୁ ପିଏନ୍‌ଡିଟି(ବେଆଇନ ଲିଙ୍ଗ ନିରୂପଣ ଆଇନ) ପରାମର୍ଶଦାତା କମିଟିରେ ଏହାର ନିରାକରଣ ପାଇଁ ନିୟମିତ ଭାବେ ପ୍ରସ୍ତୁତି ବୈଠକ ହେଉଛି। ଏପରିକି ବେଆଇନ ଲିଙ୍ଗ ନିରୂପଣ ଏବଂ ଭ୍ରୂଣହତ୍ୟା ସଂକ୍ରାନ୍ତରେ ଖବର ଦେଲେ ସେମାନଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି। ହେଲେ ଏଭଳି ଚତୁରତାର ସହ ଲିଙ୍ଗ ନିରୂପଣ ହେଉଛି ଯେ, ଝିଅ ଜନ୍ମ ଅନୁପାତ ହ୍ରାସ ପାଇବା ସହ ଆଗକୁ ପରିସ୍ଥିତି ଭୟାବହ ହେବ ବୋଲି ମତପ୍ରକାଶ ପାଇଛି।

ଅଲ୍‌ଟ୍ରାସାଉଣ୍ଡ ମେଶିନ ଗର୍ଭବତୀ ମହିଳାଙ୍କ ଗର୍ଭାଶୟର ପରିସ୍ଥିତି ଓ ଗର୍ଭାଶୟରେ ଥିବା ଶିଶୁର ଅବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ। ରାଜ୍ୟ ସରକାର ମାଗଣାରେ ଗର୍ଭବତୀ ମହିଳାଙ୍କ ଅଲ୍‌ଟ୍ରାସାଉଣ୍ଡ କରି ପରୀକ୍ଷା ରିପୋର୍ଟ ଦେବାକୁ କଡା ନିର୍ଦ୍ଦେଶ ଜାରି କରିଛନ୍ତି। କିନ୍ତୁ ବିଭାଗୀୟ ଅବହେଳା କାରଣରୁ ଜିଲା ସଦର ଡାକ୍ତରଖାନାରେ ଅଲ୍‌ଟ୍ରାସାଉଣ୍ଡ ମେଶିନ ଥାଇ ସୁଦ୍ଧା ଜିଲାବାସୀ ବେସରକାରୀ ମେଶିନରେ ପରୀକ୍ଷା କରାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏପରିକି ବେସରକାରୀ ଅଲ୍‌ଟ୍ରାସାଉଣ୍ଡ ବ୍ୟବସାୟୀମାନେ ଏହାର ଫାଇଦା ନେବାକୁ ଯାଇ ଲିଙ୍ଗ ନିରୂପଣ କରିବାକୁ ପଛାଉ ନାହାନ୍ତି ବୋଲି କୁହାଯାଉଛି।

ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ଝିଅ ଜନ୍ମ ହ୍ରାସ ମଣିଷକୃତ। ନିଜ ଗୋଡ଼ରେ ନିଜେ କୁରାଢି ମାରି ଆଗକୁ ବିପଦକୁ ଡାକୁଛେ। ଏହା ସାମାଜିକ ଜୀବନକୁ ପ୍ରଭାବିତ କରିବ। ବିଭିନ୍ନ ପ୍ରଚେଷ୍ଟା ସତ୍ତ୍ୱେ ଲିଙ୍ଗ ନିରୂପଣ ଏବଂ ଭ୍ରୂଣହତ୍ୟାକୁ ରୋକାଯାଇପାରୁନାହିଁ। ଏଥିପାଇଁ ସମସ୍ତେ ସଚେତନ ହୋଇ ଏଭଳି ବେଆଇନ କାର୍ଯ୍ୟକୁ ବିରୋଧ କରିବାର ଆବଶ୍ୟକତା ରହିଛି।

ନବଉତ୍କଳ ମହିଳା ସମିତିର ସାଧାରଣ ସମ୍ପାଦିକା ଜୟନ୍ତୀ ଜେନା କୁହନ୍ତି, ଏବେ ପୁଅଙ୍କୁ ଝିଅ ମିଳୁନାହିଁ। ତେବେ ଝିଅ ଜନ୍ମ ଯେଉଁପ୍ରକାରେ ହ୍ରାସ ପାଉଛି ଆଗକୁ ପରିସ୍ଥିତି ଭୟଙ୍କର ହେବ। ସଂସାର କେମିତି ଚଳିବ। ବିଶେଷକରି ଶିକ୍ଷିତ ପରିବାର ଲୋକେ ଲିଙ୍ଗ ନିରୂପଣ କରି ଭ୍ରୂଣହତ୍ୟା କରୁଛନ୍ତି। ତେଣୁ ଗୋଟିଏ ସନ୍ତାନ ଜନ୍ମ ଆଇନ କରାଯାଉ।

# ଯାଜପୁର ମା'ମଙ୍ଗଳା ଟିମ୍ ଚାମ୍ପିୟନ

## ନାରାୟଣ କପ୍ ଫୁଟବଲ ଟୁର୍ନାମେଣ୍ଟ




ଅତିଥିମାନେ ଚାମ୍ପିୟନ୍ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

ଆଳି,୨୪।୧୨(ଡି.ଏନ.ଏ.)

ଆଳି ଆଥ୍‌ଲେଟିକ ଆସୋସିଏଶନ ଓ ଜାଭିୟର ସ୍କୁଲର ମିଳିତ ଆନୁକୂଲ୍ୟରେ ଗତ ଶୁକ୍ରବାରଠାରୁ ଆଳି ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ତୃତୀୟ ନାରାୟଣ କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ଓ ଯାଜପୁର ମା'ମଙ୍ଗଳା ଆଥ୍‌ଲେଟିକ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଟାଇବ୍ରେକର ନିୟମ ଅନୁଯାୟୀ ରାଜକନିକା ଆଥ୍‌ଲେଟିକକୁ ୬-୫ ଗୋଲରେ ହରାଇ ମା'ମଙ୍ଗଳା ଆଥ୍‌ଲେଟିକ ଆସୋସିଏଶନ ଚମ୍ପିୟାନ ହୋଇଛି । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା,ମୁଖ୍ୟବକ୍ତା ଭାବେ ରାଜକନିକା ଏସ୍‌ଏନ୍ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବୈକୁଣ୍ଠ ପରିଡା,ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଜିଲା ଭାଜପା ସଭାପତି କିଶୋର ପଣ୍ଡା, ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଟିମ୍‌କୁ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କା ଓ ରନର୍ସଅପ୍ ଟିମକୁ ଟ୍ରଫି ସହିତ ୭ ହଜାର ଟଙ୍କା ପ୍ରଦାନ କରିଥିଲେ । ଏହି ଉତ୍ସବରେ ସମ୍ପାଦକୀୟ ବିବରଣୀ ବୈଦନାଥ ମହାନ୍ତି ପାଠ କରିଥିଲେ ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପାର୍ବତୀ



@ ଶଙ୍କର



@ ସତ୍ୟଜିତ୍



@ ସୋନମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



# ନୟାଗଡ଼ ମହୋତ୍ସବ ଉଦ୍‌ଘାଟିତ



ଅତିଥିମାନେ ଜିଲା ମହୋତ୍ସବର ମୁଖପତ୍ର 'ଆରଣ୍ୟ'କୁ ଉନ୍ମୋଚନ କରୁଛନ୍ତି।

**ନୟାଗଡ଼ ଅଫିସ,୨୪।୧୨**

ଶନିବାର ଶିତୁଆ ସନ୍ଧ୍ୟାରେ ନୟାଗଡ ଷ୍ଟାଡିୟମରେ ଆରମ୍ଭ ହୋଇଛି ନୟାଗଡ଼ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା । ଜିଲା ସଂସ୍କୃତି ପରିଷଦ ଓ ଓର୍‌ମାସ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବକୁ ଖାଦ୍ୟ ସୁରକ୍ଷା ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଦ୍‌ଘାଟନ କରିଥିଲେ । ସେ ନିଜ ଭାଷଣରେ ନୟାଗଡ଼ର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ପୁରୀ ଏମ୍‌ପି ପିନାକୀ ମିଶ୍ର, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା ଅତିଥି ରୂପେ ଯୋଗ ଦେଇଥିଲେ । ନୟାଗଡ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଏସ୍‌ପି ଅଲେଖ ଚନ୍ଦ୍ର ପହି, ଜିଲା ପରିଷଦ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ପଡ଼ିଆରୀ, ଚିନ୍ମୟୀ ଦାଶ, ବିରଜା ଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ମହୋତ୍ସବର ମୁଖପତ୍ର ଆରଣ୍ୟକ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ଉଦ୍‌ଘାଟନୀ ସନ୍ଧ୍ୟାକୁ ପଠାଣୀ ସାମନ୍ତଙ୍କ ସନ୍ଧ୍ୟା ବୋଲି ଉତ୍ସର୍ଗ କରାଯାଇଛି । ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଓ ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମହୋତ୍ସବ ଉଦ୍ଘାଟନ ପୂର୍ବରୁ ସର୍କିଟ ହାଉସ ଠାରୁ ଷ୍ଟାଡିୟମ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଆସିଥିଲା । ହରିବୋଲ, ହୁଳହୁଳି, ପାଇକଆଖଡାରେ ଅତିଥିମାନଙ୍କୁ ପାଛୋଟି ନିଆଯାଇଥିଲା ।

ନୟାଗଡ଼ ବନ୍ଦନାରୁ ଆରମ୍ଭ ହୋଇଥିଲା ଜିଲା ମହୋତ୍ସବ । ଏଥିରେ ନୟାଗଡ ଜିଲାର କଳା, ସଂସ୍କୃତି, ଭାଷା, ସାହିତ୍ୟ, ଲୋକକଳା, ସୌନ୍ଦର୍ଯ୍ୟ, ପୂର୍ବସୂରୀ, ବିଭିନ୍ନ ମନ୍ଦିର ଉପରେ ପର୍ଯ୍ୟବେଶିତ ଥିଲା । ନୟାଗଡର ଇତିହାସ ମହାନ ବୋଲି ଦର୍ଶା ଯାଇଥିଲା । ନୟାଗଡ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ବେଶ ମନକୁ ଛୁଇଁଥିଲା । ସେହିପରି ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଅନୁରୂପ ବାର୍ତ୍ତା ସ୍ୱଚ୍ଛ ନୟାଗଡରେ ଦେଖିବାକୁ ମିଳିଥିଲା । ନୟାଗଡ ସଫେଇ ସମୟର ଗୀତକୁ ନେଇ ଛାତ୍ରୀମାନେ ମନଛୁଆଁ ନୃତ୍ୟ ପ୍ରଦର୍ଶନ କରିଥିଲେ । ଭୁବନେଶ୍ୱରର ପୁଷ୍ପିତା ମିଶ୍ର ଓ ସାଥିଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା । ପୁଣି ବୁରୁଡାର ଯୋଡିଶଙ୍ଖ, କଳାହାଣ୍ଡି ନୃତ୍ୟାଙ୍ଗନା ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଥିଲା । ମୟୁରଭଞ୍ଜର ଛଉ ନୃତ୍ୟ ଓ ଖୋର୍ଦ୍ଧାର ପାଇଖ ଆଖଡ଼ାକୁ ଦେଖି ଦର୍ଶକ ଭାବ ବିହ୍ୱଳ ହୋଇ ପଡିଥିଲେ । ମଞ୍ଚରେ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ଓ ପୁଷ୍ପିତା ମିଶ୍ରଙ୍କ ଗ୍ରୁପକୁ ଜିଲା ଖବରଦାତା ନବ କିଶୋର ମିଶ୍ର, ଲୋକନାଥ ମିଶ୍ର, ବୈଦ୍ୟନାଥ ମହାପାତ୍ର ଓ ପ୍ରଦୀପ ରଥ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟ ଗ୍ରୁପ ମାନଙ୍କୁ ଖବରଦାତା ପ୍ରଶାନ୍ତ ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ନୟାଗଡ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା ସମ୍ବର୍ଦ୍ଧିତ କରିଥିଲେ।

## ଭାଜପା କର୍ମୀଙ୍କ ଆକ୍ରମଣରେ ୫ ବିଜେଡି କର୍ମୀ ଆହତ

**ନୟାଗଡ଼ ଅଫିସ,୨୪।୧୨**

ନୟାଗଡ଼ ଜିଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ରଙ୍ଗଦେଉଳି ପଞ୍ଚାୟତ ଖଳିପାଟଣା ଗାଁରେ ଶନିବାର ସନ୍ଧ୍ୟାରେ ରାଜନୈତିକ ସଂଘର୍ଷ ଘଟିଛି। ଭାଜପା କର୍ମୀଙ୍କ ଆକ୍ରମଣରେ ବିଜେଡିର ରବୀନ୍ଦ୍ର ସାହୁ(୫୨), ସୁଶାନ୍ତ ପରିଡା(୩୦), ପ୍ରଶାନ୍ତ ପରିଡା(୨୯), ଶଙ୍କର୍ଷଣ ସାହୁ(୬୫) ପ୍ରଦ୍ୟୁମ୍ନ ସାହୁ(୩୦) ପ୍ରମୁଖ ୫ଜଣ କର୍ମୀ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ଗୋଡିପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ବିଜେଡି ସମର୍ଥକଙ୍କ



ଅଭିଯୋଗ ଅନୁସାରେ ଶନିବାର ସନ୍ଧ୍ୟାରେ ଆହତ ବ୍ୟକ୍ତିମାନେ ଗାଁ କୋଠଘରେ ଆଲୋଚନା କରୁଥିଲେ । ନିକଟରେ ଭାଜପାର ସମର୍ଥକ ସରପଞ୍ଚଙ୍କ ପ୍ରତିନିଧି ପହଞ୍ଚିଲେ । କିଛି ସମୟ ପରେ ଠେଙ୍ଗା, ବାଡି, ଭୁଜାଲି ଓ ଦାଆରେ ଆକ୍ରମଣ ହୋଇଥିଲା । ଭାଜପା କର୍ମୀ ଗୋଡେଇ ଗୋଡେଇ ପିଟୁଥିଲେ । ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି।

## ୨୭ରୁ ଖଣ୍ଡପଡ଼ା ମହୋତ୍ସବ, ପଲ୍ଲିଶ୍ରୀ ମେଳା

**ଖଣ୍ଡପଡ଼ା,୨୪।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା କଳା ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରେ ଆସନ୍ତା ୨୭ରୁ ୪ ଦିନ ଧରି ୬ଷ୍ଠ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ । କରୋନା କଟକଣା ଯୋଗୁ ଖଣ୍ଡପଡା ମହୋତ୍ସବ ଗତ୨ବର୍ଷ ଧରି ବନ୍ଦ ରହିଥିଲା । ଫଳରେ ଚଳିତ ବର୍ଷ ମହୋତ୍ସକୁ ସରସ ସୁନ୍ଦର କରିବା ପାଇଁ କଳାବିକାଶ ପରିଷଦ ସମସ୍ତ ସଦସ୍ୟମାନେ ଲାଗିପଡିଛନ୍ତି । ଏଥିପାଇଁ ମଧୁବନ ମିନି ଷ୍ଟାଡିୟମରେ ପ୍ରସ୍ତୁତି ଚାଲିଛି।

ପ୍ରଶାସନର ସହଯୋଗରେ ଖଣ୍ଡପଡା ମହୋତ୍ସବ ସରସ ସୁନ୍ଦର ହୋଇ ପାରିବ ବୋଲି ଆୟୋଜକମାନେ ଆଶାବ୍ୟକ୍ତ କରିଛନ୍ତି । ଦର୍ଶକମାନଙ୍କୁ ଆକୃଷ୍ଟ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ଖଣ୍ଡପଡା କଳା ବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ର କହିଛନ୍ତି।

## ଦମ୍ପତିଙ୍କ ଆତ୍ମହତ୍ୟା ପରେ ୨ ଶିଶୁ ଅନାଥ

**ନୟାଗଡ ଅଫିସ,୨୪।୧୨**

ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡିପଡା ଫାଣ୍ଡି ଅଧୀନ ଗୋଡିପଡ଼ା କେନାଲ ବନ୍ଧ ସାହିର ଲିପୁନ ସାହୁ ଓ ସ୍ତ୍ରୀ ମାମି ଆତ୍ମହତ୍ୟା କରିବା ପରେ ତାଙ୍କ ୩ ବର୍ଷର ଶିଶୁକନ୍ୟା ଓ ୭ ବର୍ଷର ପୁଅ ଅନାଥ ହୋଇ ଯାଇଛନ୍ତି । ଯଦିଓ ସେମାନଙ୍କ ଜେଜେ ମା' ନାତି ନାତୁଣୀଙ୍କ ଦାୟିତ୍ୱ ନେଇଛନ୍ତି ତେବେ ବାର୍ଦ୍ଧକ୍ୟ ଯୋଗୁ ତାଙ୍କୁ ଲାଳନପାଳନ କରିବା କଷ୍ଟ ହେଉଛି। କୌଣସି କଥାକୁ ନେଇ ଲିପୁନଙ୍କ ସହ ମାମିଙ୍କ କଳହ ହୋଇଥିଲା । ଏହି ଘଟଣାରେ ଲିପୁନ ଅତିଷ୍ଠ ହୋଇ ଗତ ୧୮ ତାରିଖରେ ବେକରେ ଦଉଡି ବାନ୍ଧି ହରିଡାବନ୍ଧ ଡ୍ୟାମର ଏକ ଗଛରେ ଝୁଲି ପଡିଥିଲେ । ସ୍ୱାମୀଙ୍କ ଆତ୍ମହତ୍ୟା ଶୁଣି ମାମି ତା'ପରଦିନ ଘରେ କବାଟ ଦେଇ ଦେହରେ କିରୋସିନି ଢ଼ାଳି ନିଆଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ୨୦ ତାରିଖ ବିଳମ୍ବିତ ରାତିରେ କଟକ ବଡ଼ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା ।

ଏହି ଘଟଣା ପରେ ମାମିଙ୍କ ପରିବାର ପକ୍ଷରୁ ଶରଣକୁଳ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମିଙ୍କ ଅବସ୍ଥା ଗୁରୁତର ହେବା ପରେ ପୋଲିସ କଟକ ବଡ଼ ମେଡିକାଲକୁ ଯାଇ ତାଙ୍କର ମୃତ୍ୟୁକାଳୀନ ଜମାନବନ୍ଦୀ ଗ୍ରହଣ କରିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପାର୍ବତୀ



@ ଶଙ୍କର



@ ସତ୍ୟଜିତ୍



@ ସୋନମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଏ ପୃଥିବୀର ଉର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି– ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। –ଶ୍ରୀଅରବିନ୍ଦ



# ଭାରତର ଗୁପ୍ତଚର ଓ କଶ୍ମୀର



ଆକାର ପଟେଲ

ସାଧାରଣତଃ ଭାରତର ଗୁପ୍ତଚର ଓ ଗୁପ୍ତ ନେଟ୍‌ୱର୍କର ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ସେମାନଙ୍କ ଜୀବନ ଏବଂ ଅନୁଭୂତି (ଜୀବନବୃତ୍ତ) ଲେଖନ୍ତି ନାହିଁ। କିନ୍ତୁ ୧୯୮୮–୯୦ରେ ଅନୁପ୍ରବେଶ ଆରମ୍ଭ ହେବାବେଳେ କଶ୍ମୀରରେ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ମୁଖ୍ୟ ଥିବା ଏ.ଏସ୍. ଦୁଲତ ଏକ ଉପାଦେୟ ପୁସ୍ତକ ଲେଖିଛନ୍ତି। ଦୁଲତ ମଧ୍ୟ ୧୯୯୯ରେ ଆଇସି–୮୧୪ ଅପହରଣ କରାଯିବା ସମୟରେ ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ(ର')ର ମୁଖ୍ୟ ଥିଲେ। ତାଙ୍କ ଲିଖିତ ପୁସ୍ତକ ବିଶେଷକରି ବିଗତ ତିନି ଦଶନ୍ଧିର ବିକଶିତ ଗୋଇନ୍ଦା ସଂସ୍ଥାର ପରିବର୍ତ୍ତିତ ବିଚାରଧାରା ମଧ୍ୟରେ ଆମକୁ ପଥପ୍ରଦର୍ଶନ କରିଛି। ଏହି ପୁସ୍ତକ ବିଭିନ୍ନ ଅଧ୍ୟାୟରେ ବିଭକ୍ତ। ଗୋଟିଏ ଅଧ୍ୟାୟରେ ଜୀବନବୃତ୍ତ, ଆଉ ଗୋଟିଏରେ ଚରିତ୍ରର ସଂକ୍ଷିପ୍ତ ରୂପରେଖ ଏବଂ ଅନ୍ୟଟିରେ ରହିଛି ନିଯୁକ୍ତି ସମ୍ପର୍କିତ ବିଷୟବସ୍ତୁ। ଗୁପ୍ତଚର କୌଶଳ, ଭାରତୀୟ ଗୋଇନ୍ଦା ସମୁଦାୟର ଦୂରଦୃଷ୍ଟି ଏବଂ ତାଙ୍କ କାର୍ଯ୍ୟର ନିଜସ୍ୱ ଦୃଷ୍ଟିକୋଣକୁ ନେଇ ୫୦ ପୃଷ୍ଠାର ଏକ ସମୃଦ୍ଧ ଲେଖା ହେଉଛି ପୁସ୍ତକର ଆକର୍ଷଣ। 'ୱାଇଲ୍ଡରନେସ ଅଫ୍ ମିରର୍' 'ଶୀର୍ଷକରେ ଏହା ଲେଖାଯାଇଛି। ଦୁଲତ କହିଛନ୍ତି ଯେ, ଡେସ୍କ ୱର୍କ ବାସ୍ତବରେ ଗୁରୁତ୍ୱପୂର୍ଣ୍ଣ ହେଲେ ବି ସେ ଫିଲ୍ଡରେ କାର୍ଯ୍ୟ କରିବାକୁ ପସନ୍ଦ କରନ୍ତି ଓ ଏଭଳି କାମ କରୁଥିବା ବ୍ୟକ୍ତିଙ୍କୁ ଭଲ ପାଆନ୍ତି। କିନ୍ତୁ ଏହା ସ୍ପଷ୍ଟ ଯେ, ସେ ଅଧିକ ଜ୍ଞାନୀଙ୍କୁ ଗୁରୁତ୍ୱ ଦିଅନ୍ତି। ତାଙ୍କ ପସନ୍ଦର ଏଭଳି ଜଣେ ଜ୍ଞାନୀ ହେଉଛନ୍ତି ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା ଏମ୍.କେ. ନାରାୟଣନ ଯିଏ କି ଇଣ୍ଟେଲିଜେନ୍ସ ବ୍ୟୁରୋ(ଆଇବି)ରେ ତାଙ୍କର ବରିଷ୍ଠ ଥିଲେ। ତାଙ୍କୁ ପୁସ୍ତକରେ ତିନୋଟି ସ୍ଥାନରେ 'ଦି ଗ୍ରେଟ୍ ନାରାୟଣନ' ଭାବେ ଦର୍ଶାଇଛନ୍ତି। ଉକ୍ତ ପୁସ୍ତକରେ ଏବକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମ୍ପର୍କରେ ସଂକ୍ଷେପରେ ଉଲ୍ଲେଖ କରିଛନ୍ତି। ଦୁଲାତ ଡୋଭାଲଙ୍କ କାର୍ଯ୍ୟ ଓ ବ୍ୟସ୍ତବହୁଳ କ୍ୟାରିୟର ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ସେ ମଧ୍ୟ ବ୍ୟକ୍ତିଗତ ଭାବେ ବଣ୍ଡସ୍‌ଙ୍କ ପରିବର୍ତ୍ତେ ସ୍ମିଲେସ୍ ଭଳି ବିଦ୍ୱାନଙ୍କ ପ୍ରତି ଅଧିକ ଆକୃଷ୍ଟ ହୋଇଥିବା ଜଣାପଡୁଛି। ଆଇବିରେ ତାଙ୍କ ପ୍ରାରମ୍ଭିକ ବର୍ଷଗୁଡ଼ିକ ସମ୍ପର୍କରେ ସେ କହିଛନ୍ତି ଯେ, ସେହି ସମୟ ଏଭଳି ଥିଲା ଯେତେବେଳେ ଆଇବି ଶାସ୍ତ୍ରୀୟ ପ୍ରଶିକ୍ଷଣକୁ ନେଇ ଗର୍ବ କରୁଥିଲା ଯାହା ପୋଲିସଙ୍କୁ ଗୋଇନ୍ଦା ଅଧିକାରୀରେ ପରିବର୍ତ୍ତନ କରିପାରୁଥିଲା, ଏପରି କି ଭଲ ଲେଖକ ସୃଷ୍ଟି କରିପାରୁଥିଲା। ସମ୍ଭବତଃ ଏବେ ଏହା ଆଉ ହେଉନାହିଁ। ଏହା ସହ ସମୟକ୍ରମେ ଅନ୍ୟ ବିଷୟଗୁଡ଼ିକ ମଧ୍ୟ ପରିବର୍ତ୍ତନ ହୋଇଛି। ଚାକିରିର ପ୍ରାରମ୍ଭିକ କାଳରେ କାଉଣ୍ଟର ଇଣ୍ଟେଲିଜେନ୍ସ (ବିଦେଶୀ ଗୁପ୍ତଚର ଖୋଜି ସେମାନଙ୍କୁ ଭାରତରେ କାର୍ଯ୍ୟରେ ଲଗାଇବା) ଗୁପ୍ତଚର କାର୍ଯ୍ୟର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା। ହେଲେ ଏବେ କାଉଣ୍ଟର ଇଣ୍ଟେଲିଜେନ୍ସର ସେଭଳି ଗୁରୁତ୍ୱ ନାହିଁ, କାରଣ କାଉଣ୍ଟରଟେରୋରିଜମ (ସନ୍ତ୍ରାସବାଦ ରୋକିବା ଲାଗି କାର୍ଯ୍ୟକଳାପ) ମୁଖ୍ୟ ସ୍ଥାନ ନେଇଛି। ତେବେ ଏହାର କିଛି ଭାଗ ଥିଲା ତ୍ରୁଟିଯୁକ୍ତ। କଶ୍ମୀରରେ ଅନୁପ୍ରବେଶ ଆରମ୍ଭ ହେଉଥିବାବେଳେ ଭାରତ ସରକାରଙ୍କ ପାଖରେ କିଛି ବି ତଥ୍ୟ ନ ଥିଲା। ସନ୍ତ୍ରାସବାଦୀଙ୍କ ନେଟ୍‌ୱର୍କ ମଧ୍ୟରେ ଆମମାନଙ୍କ ଆଭ୍ୟନ୍ତରୀଣ ଯୋଗାଯୋଗ ଠିକ୍ ନ ଥିଲା। ଯେଉଁଥିପାଇଁ କଶ୍ମୀରରେ ଆରମ୍ଭରୁ ହିଁ ସନ୍ତ୍ରାସବାଦ ବଢିଚାଲିଲା ଏବଂ ଏହାକୁ କିଭଳି ରୋକିବୁ ଆମେ ଉପାୟଶୂନ୍ୟ ହୋଇଗଲୁ।

ଜାନୁୟାରୀ ୧୯୯୦ରେ ୩ ସପ୍ତାହ ମଧ୍ୟରେ ଆଇବି ୪ ଜଣ ଅଧିକାରୀଙ୍କୁ ହରାଇଲା। ଦୁଲତଙ୍କୁ ତାଙ୍କ ଅଧିକାରୀମାନେ ଘେରିଗଲେ ଓ ସେମାନଙ୍କୁ ଘରକୁ ପଠାଇଦେବା ଲାଗି ଦାବି କରିଥିଲେ। ଏଭଳି ଏକ ସ୍ଥିତିରେ ଜଣେ ଗୋଇନ୍ଦା ଅଧିକାରୀଙ୍କ ଭୂମିକା କ'ଣ ହୋଇପାରେ ? ଦୁଲତ ସ୍ପଷ୍ଟ କରିଛନ୍ତି ଯେ, ସେମାନଙ୍କୁ ବୁଝିବାକୁ ହେବ ଓ ସେମାନଙ୍କ ସହ ଜଡ଼ିତ ହେବାକୁ ପଡ଼ିବ, ଏହା ହିଁ ଗୁରୁତ୍ୱପୂର୍ଣ୍ଣ। ଆମେ ଶତ୍ରୁମାନଙ୍କ ମଧ୍ୟରେ ରହି ସେମାନଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବା ଶିଖିଛୁ। କିନ୍ତୁ ୩୦ ବର୍ଷ ହେଲା ଭାରତ ସରକାର ଏହାର ବିପରୀତ ପଥ ଅନୁସରଣ କରିଛନ୍ତି। ଦୁଲତ କହନ୍ତି, ଉତ୍ତରପୂର୍ବ ଓ କଶ୍ମୀର ଭଳି ଜଟିଳ ଅଞ୍ଚଳଗୁଡ଼ିକରେ ଏହି ସ୍ଥିତି ଆମକୁ ସାହାଯ୍ୟ କରିନାହିଁ। ବିନା ସନ୍ଦେହରେ ମୁସଲମାନଙ୍କୁ ଆଣି ଗୋଇନ୍ଦା ସଂସ୍ଥାଗୁଡ଼ିକ କାମରେ ଲଗାଇବା ଉପରେ ଦୁଲାତ ବହୁ ବର୍ଷ ହେଲା କହି ଆସୁଥିଲେ ବି ଗୋଇନ୍ଦା ସଂସ୍ଥାଗୁଡ଼ିକ ତାହାକୁ ଅସ୍ୱୀକାର କରୁଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ହୁରିୟାତ ସହ ଆଲୋଚନା ଏବଂ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ସହ ବୈଠକକୁ ଏବେ ଭାରତ ସରକାର ଅଣଦେଖା କରୁଛନ୍ତି, ଯାହା ଅତ୍ୟନ୍ତ ଚିନ୍ତାଜନକ। ଭାରତୀୟ ଗୋଇନ୍ଦାରେ ମୋର ଅଧିକାଂଶ ସହକର୍ମୀ ଏହି ବିଚାରକୁ ହାଲୁକା ଭାବେ ନେଇଆସିଛନ୍ତି। ଏହାର କାରଣ ପାକିସ୍ତାନ ବୋଲି ସେ କହିଛନ୍ତି। ଏହା ଭାରତ ସରକାରଙ୍କ ବ୍ୟବସ୍ଥାରେ ସୁବିଚାରର ରାସ୍ତା ବନ୍ଦ କରିଦେଇଛି।

ମାନସିକ ଉନ୍ମାଦ ଓ ଅବିଶ୍ୱାସର କେନ୍ଦ୍ରରେ ରହିଛି ପାକିସ୍ତାନ। ମୁକ୍ତ ଆଲୋଚନା କଲେ ତାହା କଶ୍ମୀରରେ ଗୁପ୍ତଚର କାର୍ଯ୍ୟକୁ ଅଧିକ ସଞ୍ଚାଳନ କରିବ। ଗୋଇନ୍ଦା କ୍ଷେତ୍ରରେ ୧୯୯୦ ପରେ ଜାତୀୟ ସୁରକ୍ଷା ଏବଂ ଅନୁପ୍ରବେଶ ରୋକିବାରେ ସେନା ମାନସିକତାରେ ପାକିସ୍ତାନ ଆମର ଏକମାତ୍ର ଶତ୍ରୁ ବୋଲି ରହିଛି। ଏହି ସିଦ୍ଧାନ୍ତ ତ୍ରୁଟିପୂର୍ଣ୍ଣ ବୋଲି ଜାଣି ସୁଦ୍ଧା ସରକାର କିମ୍ବା ଏହାର ସୁରକ୍ଷା ବ୍ୟବସ୍ଥା କିମ୍ବା ଏହାର ବ୍ୟକ୍ତିମାନେ ଶତ୍ରୁ ସହ ଆଲୋଚନା କରିବାକୁ ଚାହୁଁନାହାନ୍ତି। ଉଦାହାରସ୍ୱରୂପ, ଆଇଏସ୍‌ଆଇ ମୁଖ୍ୟଙ୍କୁ ସମିଲ କରିବାରେ ଆମର ଅବିଶ୍ୱାସ ଅଛି। କାରଣ ସେ ପାକିସ୍ତାନୀ, କୁଟିଳ ଏବଂ ସେ ସମସ୍ୟା ସୃଷ୍ଟି କରିବେ। ଉଲ୍ଲେଖନୀୟ ଯେ, ଏଭଳି ପୁରୁଣାକାଳିଆ ବିଚାର ଦେଶର ସବୁ କ୍ଷେତ୍ରରେ ରହିଛି। ନୂଆ ବ୍ୟକ୍ତିଙ୍କୁ ସାମିଲ କରିବାକୁ ଆମର ଦକ୍ଷତା କିମ୍ବା ଇଚ୍ଛା ନ ଥିବାରୁ ଆମ କାର୍ଯ୍ୟ କେମିତି ସମ୍ଭବ ହେବ ? ଅଧିକ ଉଚିତ ମନେ ହେଉଥିବା ଇଣ୍ଟେଲିଜେନ୍ସର ଏଭଳି ଏକ ବିଚାରକୁ ଛାଡ଼ିଦେବା ଅର୍ଥ ଏବେ କଶ୍ମୀରର ଦେଖା ଦେଇଥିବା ସ୍ଥିତିରେ ଲାଭଜନକ ହେବ ନାହିଁ। ର'ର ପୂର୍ବତନ ମୁଖ୍ୟ ତଥା ଆଇବିର ବରିଷ୍ଠ ଅଧିକାରୀ ଦୁଲତ ଯାହା ଲେଖିଛନ୍ତି ତାହା ଆଶ୍ଚର୍ଯ୍ୟଜନକ। ଗୁପ୍ତଚର ଓ ଲେଖକ ଜନ୍ ଲି କ୍ୟାରିଙ୍କ ଉକ୍ତିକୁ ଉଦ୍ଧାର କରି ସେ କହିଛନ୍ତି ଯେ, ଯଦି ତୁମେ କୌଣସି ଦେଶର ଗଭୀର ଭାବନାକୁ ଖୋଜୁଛ, ତେବେ ଏହାର ଗୁପ୍ତସେବାକୁ ଏକ ଅନୁଚିତ କ୍ଷେତ୍ର ଭାବେ ଦେଖିବା ଉଚିତ ନୁହେଁ।

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | 8 | | |
| 6 | | | | 3 | 2 | | 7 | |
| | 2 | | | | | | | 4 |
| | | | | 9 | | | 8 | |
| | 4 | | | | 5 | 3 | | 6 |
| 3 | | | | 6 | | 7 | 2 | |
| | | | 1 | | | 5 | | |
| 2 | | | | | 9 | | 6 | 8 |
| 4 | | 5 | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 2 | 3 | 9 | 4 | 7 | 6 | 1 |
| 9 | 6 | 1 | 5 | 8 | 7 | 3 | 4 | 2 |
| 3 | 7 | 4 | 1 | 2 | 6 | 9 | 5 | 8 |
| 7 | 4 | 3 | 8 | 5 | 9 | 2 | 1 | 6 |
| 6 | 9 | 8 | 4 | 1 | 2 | 5 | 7 | 3 |
| 2 | 1 | 5 | 6 | 7 | 3 | 4 | 8 | 9 |
| 5 | 3 | 7 | 9 | 6 | 8 | 1 | 2 | 4 |
| 1 | 8 | 9 | 2 | 4 | 5 | 6 | 3 | 7 |
| 4 | 2 | 6 | 7 | 3 | 1 | 8 | 9 | 5 |

ଗତ କାଲିର ଉତ୍ତର

# ମାୟାଘେରରେ କଳା



ବ୍ରଜମୋହନ ମିଶ୍ର

ସଭାଟିଏ– ରାଜନୈତିକ ଅବା ଆଲୋଚନାଚକ୍ର ହେଉ ଅବା ବୈଜ୍ଞାନିକ ହେଉ କିମ୍ବା ଧାର୍ମିକ ହେଉ ସରିଗଲେ ମଞ୍ଚ ଉପରୁ ଅତିଥିମାନେ ବିଦାୟ ନେବା ଅବସରରେ ସଭାର ଉଦ୍ୟୋକ୍ତା ଘୋଷଣା କରନ୍ତି ଯେ ଏବେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେଇ ସୂତ୍ରେ ସଙ୍ଗୀତ ଓ ନୃତ୍ୟର ଆୟୋଜନ କରାଯାଇଥାଏ। ସେଇଟି ନ ଥିଲେ ସଭାଟି ସତେଅବା ଉଜୁଡ଼ିଗଲା ବୋଲି ଜାଣ ! ପୂର୍ବରୁ ଚାଲିଥିବା ଗରମାଗରମ ସଭା, ତା'ର ଚେହେରା, ଚାହାଣି, ଚମକ ଯେମିତି ହରେଇଦେଲା ! ସଭାସ୍ଥଳଟା ତା'ପରେ ଭାରି ଅଣପୁରୁଷା, ଅଣପୁରୁଷା ଲାଗେ; ଉପସ୍ଥିତ ଜନତା ଏପରି ଅପରାଧ ପାଇଁ ସଭାର ଉଦ୍ୟୋକ୍ତାମାନଙ୍କୁ ବହେ ବୋଲିବାଣୀ କ୍ଷେପିଦିଅନ୍ତି, ବେଳେବେଳେ ବି ସେମାନଙ୍କୁ ବିଧା ଗୋଇଠାରେ ଅସମ୍ଭାଳ କରିପକାନ୍ତି। ବିଚରା ଉଦ୍ୟୋକ୍ତା ଆପଣାକୁ ଅତ୍ୟନ୍ତ ଅର୍ଭକ ମନେକରି ତଳମୁହାଁ ହୋଇ ରହନ୍ତି। ପକ୍ଷାନ୍ତରେ ସଭା ପରେ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ ଥିଲେ ସଭା ଉଠପଡ଼ ହୁଏ। ଖାଲି ମନୋରଞ୍ଜନ ହୁଏନାହିଁ ଜନତା ସେମାନଙ୍କ ଭିନ୍ନ ଏକ ତୁରୀୟ ଅବସ୍ଥାକୁ ଚାଲିଯାଆନ୍ତି। ଭାବ ସମାଧି ଜାଗାରେ ସେମାନଙ୍କ ଭିତରେ ଭୋଗ ସମାଧିଜନିତ ଏକ ଅସାଧାରଣ ଅବସ୍ଥା ସୃଷ୍ଟିହୁଏ। ଜନତା ଦୁଲ୍‌ମାଦଲ ହୁଏ, ଅନେକ ଶ୍ରାବ୍ୟ ଅଶ୍ରାବ୍ୟ ଶବ୍ଦ କରି ସେଇ ପରିବେଶଟିକୁ କିମ୍ଭୁତ କମାକାର କରିଦିଏ।

ଏଇ ସମକାଳୀନ ସହଜ ସଭ୍ୟ ସୁନ୍ଦର କଳାତ୍ମକ ଦୃଶ୍ୟଟି କଥା ବିଚାରକୁ ନେଲେ, ସତରେ ନୃତ୍ୟ ଏବଂ ସଙ୍ଗୀତ କ'ଣ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ କି ବୋଲି ମନରେ ପ୍ରଶ୍ନଟିଏ ତରଙ୍ଗାୟିତ ହୋଇଯାଏ। ସଙ୍ଗୀତ ହେଉ କି ନୃତ୍ୟ, ଚିତ୍ରକଳା ହେଉ କି ଅଭିନୟ– ଏ ସବୁ କ'ଣ ମଣିଷର ମନ ପାଇଁ ସୃଷ୍ଟି ହୋଇଥିଲେ ? ଗୀତଟିଏ ଗାଇ ଦେଇ ଗାୟକ, ନାଚଟିଏ ନାଚି ଦେଇ ନର୍ତ୍ତକ, ଶ୍ରୋତା ବା ଦର୍ଶକକୁ କ'ଣ ଦେଇଥାନ୍ତି ? ସୂର୍ଯ୍ୟାସ୍ତର ଛବି, ଝରଣାର ଜଳଧାରା, ସାଗରର ଅସରା ନୃତ୍ୟ, ସମନ୍ୱିତ ଅପାସୋରା ସଙ୍ଗୀତ ଇତ୍ୟାଦି ପ୍ରାକୃତିକ ଦୃଶ୍ୟରାଜି କ'ଣ କେବଳ ମଣିଷର ମନଟା ମୋହିବାକୁ ଅଭିପ୍ରେତ ନା ସତରେ ସେ ସବୁ ଏହା କରିଥାନ୍ତି ? ପୁଣି ଏ ମନୋରଞ୍ଜନର ମାନେ କ'ଣ ? ମନଟି କାହିଁକି ରଞ୍ଜିତ ଅବା ରଙ୍ଗିନ୍ ହେବାକୁ ଚାହେଁ ? ବାସ୍ତବରେ ମନରେ ଧର୍ମ ହିଁ ତାହା। ମନ ତ ସବୁବେଳେ ନିଜକୁ ରଞ୍ଜିତ କରି ରଖିବାକୁ ସକ୍‌ସକ୍ ହେଉଥାଏ। ସେଇଥି ପାଇଁ ତ ତାହା ଭାରି ଚଞ୍ଚଳ। ଯେତେ ରଞ୍ଜକ ଚିଜ ପାଇଲେ ବି, ନିରନ୍ତର ରଞ୍ଜିତ ହେଉଥିଲେ ବି ଏ ମନ ତଥାପି ଅଶାନ୍ତ। ଜୀବନ ନାଟକରେ ମନ ହେଉଛି ଏକ ଅତୃପ୍ତ ଅଶରୀରୀ ଯେ ଯାବତୀୟ ଭୌତିକ କାଣ୍ଡ ଘଟାଇବାରେ ଅକୃପଣ। ଏ ସଂସାରର ତଥା ସମଷ୍ଟି ଜୀବନର ସବୁ ବିପର୍ଯ୍ୟୟ ମୂଳରେ ମନର ବେପରୁଆ, ରଞ୍ଜନଲାଳସୀ ଭୋଗୀ, ସଙ୍କୁଚିତ ସ୍ଥିତି ରହିଛି। ଯଦି କଳାର ଚରମ ଲକ୍ଷ୍ୟ ହୁଏ ଆତ୍ମସଂସ୍କୃତି, ତାହାହେଲେ ଆମେ ନୃତ୍ୟ ତଥା ସଙ୍ଗୀତ କଳାକୁ କିପରି ଏକ ଏକ ମାମୁଲି, ପାର୍ଥିବତାରେ ନିଉଛୁଣା କରିଦେବା ? ଜନତାର ମନୋରଞ୍ଜନ କରିବାର ଅର୍ଥ ଜନତା ଭିତରେ ଅନବରତ ଭୋଗାକାଂକ୍ଷୀ ମନଟିକୁ ଅଧିକ ଭୋଜ୍ୟ ଯୋଗାଇଦେବା। ସେପରି ହେଲେ ଜନତା ଭାରି ଉଚ୍ଛାଟିତ ହେବ, ନୃତ୍ୟର ଅନ୍ତର ଅପେକ୍ଷା ବାହାରଟାକୁ ବେଶି ହିଁ ଇଛିବ, ସଙ୍ଗୀତର ଭାବ ଅପେକ୍ଷା ଗାୟକର ଭଙ୍ଗୀରେ ସେ ଉତ୍ତେଜିତ ହେବ। ପ୍ରସାରଣ ନ ଚାହିଁ ସଙ୍କୋଚନରେ ବେଶ୍ ଆତ୍ମତୁଷ୍ଟି ଲାଭ କରିବ। ଫଳରେ କଳାର ଦର୍ଶନ ସହ ତା'ର ଆତ୍ମଦର୍ଶନ–ଯୋଗାରୂଢ଼ ହୋଇପାରିବ ନାହିଁ। ଜନତା କେବଳ ଶରୀରଧାରୀ ସତ୍ତା ବୋଲି ପରିଗଣିତ ହେବ।



ଯେଉଁ ସ୍ତରକୁ ଆଜିର ସଭ୍ୟତା କଳାମାନଙ୍କୁ ଖସାଇ ଆଣିଛି, ସେଥିରୁ ନୃତ୍ୟ ଓ ସଙ୍ଗୀତର ନିସ୍ତାର ନାହିଁ। ସବୁଆଡ଼େ କେବଳ ମନର ତୁଷ୍ଟୀକରଣ। ଜନତାର ମନ କିଣି ଭୋଟ ପାଇବା ନିଶାରେ ନେତା ଯେପରି ରାଜନୈତିକ ନିର୍ବାଚନୀ ସଭାରେ ଅବା ଅତ୍ୟଧିକ ଅର୍ଥ ସଂଗ୍ରହ ପାଇଁ ସିନେମା ନିର୍ମାତା ଯେପରି କଦର୍ଯ୍ୟ ଭାବରେ ନର୍ତ୍ତକୀ ତଥା ଗାୟକମାନଙ୍କୁ ବ୍ୟବହାର କରୁଛନ୍ତି ତା' ମୂଳରେ ଏହି ମନୋରଞ୍ଜନ ତତ୍ତ୍ୱଟି ବେଶ୍ ସକ୍ରିୟ। ଜନତାର ମନକୁ ସୁହାଇଲା ଭଳି ଦୃଶ୍ୟମାନ ପ୍ରସ୍ତୁତ କରାଯାଉଛି। ହେଲେ ଜନତାର ବି ଆତ୍ମା ଅଛି, ତା'ର ବି ଲକ୍ଷ୍ୟ ଅଛି। କିନ୍ତୁ ତା'ର ଆତ୍ମୋପଯୋଗୀ ସାଧନ ତା' ନିକଟରେ ପହଞ୍ଚାଇ ଦିଆଯାଉନାହିଁ। ତାର 'ଆବଶ୍ୟକତା' ପରିବର୍ତ୍ତେ ତାର 'ଇଚ୍ଛା' ପୂରଣ ପାଇଁ ଯଥେଷ୍ଟ ଉପାଦାନ ଖୁବ୍ ଚତୁରତାର ସହ ନିର୍ମାଣ କରାଯାଉଛି। 'ଆବଶ୍ୟକତା' ଏବଂ 'ଇଚ୍ଛା' ଏକା କଥା ନୁହେଁ। ପ୍ରଥମଟି ମଣିଷର ଅନୁକୂଳ ହୋଇଥିବା ବେଳେ ଦ୍ୱିତୀୟଟି ଆଦୌ ତାହା ନୁହେଁ। 'ଆବଶ୍ୟକତା' ଆଦୌ ବାହ୍ୟ ନୁହଁ କିନ୍ତୁ 'ଇଚ୍ଛା'ଟି ବାହ୍ୟ (ଅର୍ଥାତ୍ ତାହା ଅତିରିକ୍ତକୁ ଲୋଡ଼ିଥାଏ)। ମଣିଷ ମନ କିଣିବା ପାଇଁ ତାର 'ଇଚ୍ଛା'(କାମନା)କୁ ଉତ୍ତେଜିତ କରିବାକୁ ସଙ୍କୁଚିତ ମଣିଷର ହୀନ ପ୍ରୟାସଟିର ଫଳ ହିଁ କଳାମାନଙ୍କର ଆତ୍ମଶକ୍ତି ଉପରେ ପ୍ରଚଣ୍ଡ ଅବିବେକୀ ଆକ୍ରମଣ ରୂପରେ ପ୍ରକାଶିତ ହୋଇଥାଏ। ଏତାଦୃଶ ବୀଭତ୍ସତା ଉଭୟ କଳା ତଥା ମଣିଷକୁ କକ୍ଷଚ୍ୟୁତ କରି ଲକ୍ଷ୍ୟଭ୍ରଷ୍ଟ କରାଇଥାନ୍ତି। ନୃତ୍ୟରତା ନର୍ତ୍ତକୀ ବିଶୁଦ୍ଧ କଳା ପରିବେଷଣ କରୁଥିଲେ ବି ଏହି ସୌଦାଗରୀ ମନୋବୃତ୍ତିର ଶିକାର ହେବା ଫଳରେ ସେମାନେ ନୃତ୍ୟର ଦର୍ଶନ ସମ୍ବନ୍ଧରେ ସେପରି ଗୁରୁତ୍ୱ ପ୍ରଦାନ କରି ନ ଥାନ୍ତି। ଚିତ୍ରକର ଏବଂ ସଙ୍ଗୀତଗାନକାରୀଙ୍କ ଅବସ୍ଥା ବି ଅନୁରୂପ ଭାବରେ ବିକୃତ। ସେମାନେ କଳା ପରିବେଷଣ କରନ୍ତି ନିଜ 'ଇଚ୍ଛା' ମାଧ୍ୟମରେ ଜନତାର 'ଇଚ୍ଛା' ପରିପୂରଣ କରିବା ପାଇଁ। ଜନତା ନୃତ୍ୟ ଦେଖି ଯେପରି ସାମୟିକ ଉଷ୍ମତା ଲାଭ କରିବେ ତାହା ହିଁ ଥାଏ ତାଙ୍କର ଉଦ୍ଦେଶ୍ୟ। ଏହା ମୂଳରେ ଥାଏ ସେମାନଙ୍କର ଭୋଗବାଦିତା, ଯାହା ସେମାନଙ୍କୁ ଅନ୍ତଃ ସ୍ତରରେ ଖଣ୍ଡିତ ତେଣୁ ବିକୃତ ତେଣୁ ଅତ୍ୟନ୍ତ ପିପାସୀ କରି ରଖିଥାଏ। ନୃତ୍ୟ ଏକ ସାତ୍ତ୍ୱିକ କର୍ମଯୋଗ, ଭାବଯୋଗ ତଥା ସମାଧିଯୋଗ। ଏହା ଶରୀରରେ ଯେତେ ହୁଏ, ତା'ଠାରୁ ଅଧିକ ହୁଏ ଭାବରେ, ଯାହା ନର୍ତ୍ତକ ବା ନର୍ତ୍ତକୀକୁ ସମାଧିସ୍ଥ କରିପାରେ। ଅସାଧାରଣ ଶକ୍ତିସମ୍ପନ୍ନ ଏହି କଳା ମଣିଷକୁ ମୋକ୍ଷ ପ୍ରଦାନ କରିପାରେ (ଯେକୌଣସି କଳା ମଧ୍ୟ ଏହି ଶକ୍ତିସମ୍ପନ୍ନ, କିନ୍ତୁ ନୃତ୍ୟ ଓ ସଙ୍ଗୀତରେ ଏହା ପ୍ରଭୂତ)। ଏହି କ୍ରାନ୍ତିକାରୀ ପ୍ରଭାବ ଯୋଗୁ ନୃତ୍ୟ ସଦୃଶ ଦୃଶ୍ୟକଳା ବ୍ୟକ୍ତି ତଥା ସମାଜର ଚେତନାରେ ଅଭୂତପୂର୍ବ ସୂର୍ଯ୍ୟୋଦୟ ଆଣିପାରନ୍ତା। ଫଳରେ ମାନବ ସଭ୍ୟତା ଅଧିକ ସଂସ୍କୃତିସମ୍ପନ୍ନ ହୋଇପାରନ୍ତା। ମଣିଷ ଏକ ଅଭିନବ ପ୍ରାଣଶକ୍ତି ନେଇ କେଉଁ ଏକ ଦିବ୍ୟ ମିଳନର ପ୍ରୟାସୀ ହୋଇପାରନ୍ତା। ଜୀବନର ଯାବତୀୟ ଆଭ୍ୟନ୍ତରୀଣ ଅତ୍ୟାଚାରକୁ ସାମାନ୍ୟତମ ସ୍ୱାଗତ ନ ଜଣାଇ ବରଂ ସେସବୁର ଯଥାଯଥ ନିର୍ବାପନ ପାଇଁ ସେ ସତତ ଚେଷ୍ଟିତ ହୁଅନ୍ତା। ତା'ର ଏହି ମହନୀୟ ସାଧନା ତାକୁ ଯଥାର୍ଥରେ ଶକ୍ତିସମ୍ପନ୍ନ, ଜ୍ଞାନମଣ୍ଡିତ ତଥା ବିତ୍ତଶାଳୀ କରିପାରନ୍ତା।

ଆମ ସମୟରେ ବଜାର ଅର୍ଥନୀତିର ପ୍ରାଦୁର୍ଭାବ ଏପରି ହୋଇଛି ଯେ ତାହା ଭାଷାରେ ପ୍ରକାଶ କରିହେବ ନାହିଁ। ଦ୍ରବ୍ୟମାନ, କର୍ମମାନ, କେତେ ପଣ୍ୟ ହେବାକୁ ସମର୍ଥ– ଏହି ନ୍ୟାୟରେ ବ୍ୟକ୍ତି, ସମଷ୍ଟି, ଉତ୍ପାଦନ, ଉତ୍ପାଦକ, କଳା, କଳାକାର, ସମାଜ ଓ ସଭ୍ୟତା ସବୁର ମାନ ନିର୍ଦ୍ଧାରଣ କରାଯାଉଛି, ଯାହା ଅତ୍ୟନ୍ତ ଭୟାନକ। ଯଦି ନୃତ୍ୟକୁ ବଜାର ଅର୍ଥନୀତି ଅନୁକୂଳ ପଣ୍ୟରେ ପରିଣତ କରିଦିଆଯାଏ (ଯାହା ଏବେ ହୋଇଛି), ତାହା ହେଲେ ତାହା ତା'ର ସ୍ୱଧର୍ମ ହରାଏ। ଏବେ ନୃତ୍ୟକୁ ସେହି ଲକ୍ଷ୍ୟରେ ମନୋରଞ୍ଜନଧର୍ମୀ କରିବାରେ ଏତେ ବ୍ୟାକୁଳତା, ଏତେ ପ୍ରଚଣ୍ଡ ଅଭୀପ୍ସା। ଶୋଚନାର କଥା କଳାକାରମାନେ ମଧ୍ୟ ଏଇ ଦୁର୍ବିନୀତ ଶକ୍ତିର ବଶ୍ୟତା ସ୍ୱୀକାର କରିବାକୁ ଆଦୌ କୃପଣ ନୁହନ୍ତି। ଅଧିକନ୍ତୁ ସତେଯେପରି ସେମାନେ ତା'ର ବାହକ ହେବାକୁ ଗୋଡ଼ଟେକି ବସିଛନ୍ତି ! ଫଳରେ ସେମାନେ ନୃତ୍ୟଶିଳ୍ପୀ ହୋଇଥିଲେ ଅବା ସଙ୍ଗୀତଜ୍ଞ ହୋଇ ଖୁବ୍ ମନୋରଞ୍ଜକ କଳା ପରିବେଷଣ କରି ଜନତାକୁ ତୁଷ୍ଟ କରି ଆପଣାକୁ ତୁଷ୍ଟ କରୁଥିଲେ ହେଁ ପ୍ରକୃତରେ ସେମାନେ ଆପଣାକୁ, ଜନତାକୁ ଓ କଳାକୁ କାମନାର କାଦମ୍ବରୀ ପିଆଉଥାନ୍ତି।

ଭଦ୍ରକ, ମୋ: ୮୦୧୮୦୮୭୮୩୧

# ମନନଶୀଳ ଔପନ୍ୟାସିକା

## ବ୍ୟକ୍ତିତ୍ୱ



ଅନୁରାଧା ରଏ

ମାଇଶ୍‌କିନ୍‌ଙ୍କୁ ସେତେବେଳେ ୯ ବର୍ଷ ବୟସ ଯେତେବେଳେ ତାଙ୍କ ମା' ତାଙ୍କୁ ଛାଡ଼ି ପଳାଇଥିଲେ। ପିତା ଭାରତର ଏକ କାଳ୍ପନିକ ସହର 'ମୁନ୍ତାଜିର'ରେ ଜଣେ ଗୁପ୍ତଚର ଭାବେ କାର୍ଯ୍ୟ କରନ୍ତି ଓ ସେ ମଧ୍ୟ ପୁଅଠୁ ଅଲଗା ରହିଛନ୍ତି। ମାଇଶ୍‌କିନ ଏକୁଟିଆ ଜୀବନ ବିତାଉଥିବା ବେଳେ ସର୍ବଦା ମା'ଙ୍କଠାରୁ ଚିଠି ଆଶା କରିବା ସହ ତାଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। ଏମିତି ଦେଖୁଦେଖୁ ତାଙ୍କୁ ୬୦ ବର୍ଷ ବୟସ ହୋଇଯାଇଛି। ୯ ବର୍ଷ ବାଳକର ବୃଦ୍ଧ ଭର୍ସନରେ ମଧ୍ୟ ସର୍ବଦା ସ୍ଥିର ଓ ଶାନ୍ତ ରୂପ ପ୍ରକଟିତ ହୋଇଛି। ନିଃସଙ୍ଗ ଜୀବନରେ ଗଛ ତାଙ୍କ ସାଥୀ ଭାବେ ଦଣ୍ଡାୟମାନ ହୋଇଛି। ଦିନେ ତାଙ୍କ ପାଖକୁ ଏକ ମୋଟା ଲଫାପା ଆସିଛି। ସେଥିରେ କ'ଣ ଲେଖାଥିବ ସେ ଭାବିବାକୁ ଯାଇ ତାହାକୁ ଖୋଲିପାରୁ ନାହାନ୍ତି କି ଫୋପାଡ଼ିପାରୁ ନାହାନ୍ତି। ଏହା ପରିବର୍ତ୍ତେ ସେ ସେଥିରେ ଦେଖିବାକୁ ପାଉଛନ୍ତି ତାଙ୍କ ମା'ଙ୍କ ପିଲାବେଳ ଓ ନିଜର ଛୁଆବେଳର ଜୀବନ। ମା' ଗାୟତ୍ରୀ ଜୀବନରେ ନେଇଥିବା ପଦକ୍ଷେପ ତାଙ୍କୁ ଆନ୍ଦୋଳିତ କରିଛି। ଗାୟତ୍ରୀ ଥିଲେ ଜଣେ କଳାକାର ତଥା ନୃତ୍ୟାଙ୍ଗନା। ସ୍ୱାମୀ ତାଙ୍କ କାର୍ଯ୍ୟକୁ କଳଙ୍କମୟ କହି ଗାଳି ଦେଉଥିଲେ। ୧୯୩୦ ଯାଏ ଅତି କଷ୍ଟରେ ସେ ସ୍ୱାମୀଙ୍କ ସହ ରହିପାରିଥିଲେ। ମାତା ଓ ପିତାଙ୍କ ଅଶାନ୍ତ ଜୀବନ ମାଇଶ୍‌କିନଙ୍କ ଉପରେ ଗଭୀର ଭାବେ ପଡ଼ିଥିଲା। ହେଲେ ସେ ତାହାର କାରଣ ଅନ୍ୟତ୍ର ଖୋଜିଚାଲିଛନ୍ତି। ମହିଳାଙ୍କ ଇଚ୍ଛା ଓ ସେମାନଙ୍କଠାରୁ ବିଶ୍ୱ କରୁଥିବା ପ୍ରତ୍ୟାଶା ମଧ୍ୟରେ ଯେଉଁ ଉତ୍ତେଜନା ସୃଷ୍ଟି ହେଉଛି ତାହାକୁ ସାହିତ୍ୟ ମାଧ୍ୟମରେ ମାଇଶ୍‌କିନ ସନ୍ଦର୍ଶନ କରୁଛନ୍ତି। ଅନ୍ୟପକ୍ଷରେ ମାଇଶ୍‌କିନଙ୍କ ପିତାଙ୍କ ବ୍ରିଟିଶ ସାମ୍ରାଜ୍ୟ ବିରୋଧୀ କାର୍ଯ୍ୟକଳାପରେ ଔପନ୍ୟାସିକା ପ୍ରଭାବିତ ହେଉ ନ ଥିବା ବେଳେ ଜଣେ ପୁରୁଷ ନିଜ ଘରେ ଅତ୍ୟାଚାରୀ ଭାବେ ବ୍ୟବହାର ପ୍ରଦର୍ଶନ କରି ସେ କିଭଳି ସ୍ୱାଧୀନତା ଆଶାୟୀ ପାଲଟିଛନ୍ତି ତାହାକୁ ଦର୍ଶାଇଛନ୍ତି। ସାଧାରଣରେ ଉତ୍ତମ କାର୍ଯ୍ୟ ଲାଗି ପୁରୁଷଙ୍କୁ ସମ୍ମାନ ମିଳୁଥିବା ବେଳେ ସେ ଘରେ କରୁଥିବା ଜଘନ୍ୟ କାଣ୍ଡକୁ ବିଶ୍ୱ କ୍ଷମା ଦେଇଦେଉଛି। ଜଣେ ଗୁପ୍ତଚର ଭାବେ ଦେଶ ପାଇଁ ଜୀବନ ଲଗାଉଥିବାରୁ ଜାତୀୟ ରାଜନୀତି କିଭଳି ଲିଙ୍ଗଗତ ରାଜନୀତି ଊର୍ଦ୍ଧ୍ୱକୁ ଚାଲିଯାଉଛି, ତାହାକୁ 'ଅଲ୍ ଦି ଲାଇଭ୍‌ସ ଉଇ ନେଭର ଲିଭ୍‌ଡ' ଉପନ୍ୟାସରେ ବର୍ଣ୍ଣନା କରାଯାଇଛି। ଏଥିରେ ଉକ୍ତ ମହିଳା କିଭଳି ତାଙ୍କ ପିଲାଦିନ ରବୀନ୍ଦ୍ରନାଥ ଟାଗୋରଙ୍କ ଆଇଡିଆ ଦ୍ୱାରା ପ୍ରଭାବିତ ହୋଇ ଏକ ମୁକ୍ତ ଭାବନା ସୃଷ୍ଟି କରିବା ଲାଗି ସବୁକିଛି ତ୍ୟାଗ କରୁଛନ୍ତି, ତାହାକୁ ଔପନ୍ୟାସିକା ବର୍ଣ୍ଣନା କରି ସାହିତ୍ୟରେ ଚହଳ ପକାଇଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟର କଥାବସ୍ତୁ ସହ କାଳ୍ପନିକ ଚରିତ୍ରକୁ ଔପନ୍ୟାସିକା ଅନୁରାଧା ରାଏ ମିଶ୍ରଣ କରି 'ଅଲ୍ ଦି ଲାଇଭ୍‌ସ ଉଇ ନେଭର ଲିଭ୍‌ଡ'କୁ ପୁସ୍ତକ ଆକାରରେ ପାଠକଙ୍କୁ ଭେଟି ଦେଇଛନ୍ତି। ସମ୍ଭବତଃ ଇଂଲିଶ ସାହିତ୍ୟରେ ଭାରତୀୟ ଲେଖିକା ଭାବେ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛନ୍ତି। ଏହି ଉପନ୍ୟାସ ବିଚାରକମଣ୍ଡଳୀକୁ ଅଭିଭୂତ କରିଥିବାରୁ ସେ ୨୦୨୨ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି।

ଅନୁରାଧା ୧୯୬୭ରେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ। ପିତା ଥିଲେ ଭୂତତ୍ତ୍ୱବିତ୍। ସେଥିପାଇଁ ସିକ୍କିମ୍, ଓଡ଼ିଶା ଓ ବିହାର ସମେତ ଦେଶର ବିଭିନ୍ନ ରାଜ୍ୟରେ ତାଙ୍କ ପରିବାର ରହିବାର ସୁଯୋଗ ପାଇଥିଲା। ଅନୁରାଧା କୋଲକାତାରୁ ପଢ଼ା ଶେଷ କରିବା ପରେ କ୍ୟାମ୍ବ୍ରିଜ୍‌ରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ତେବେ ଯେତେବେଳେ ତାଙ୍କୁ ପାଞ୍ଚବର୍ଷ ବୟସ ହୋଇଥିଲା ମା' ତାଙ୍କୁ ନୋଟ୍‌ବୁକ୍ ଦେଇଥିଲେ ଗପ ଲେଖିବା ପାଇଁ। ସେ ସେଥିରେ ଭୁଲ୍ ବନାନଯୁକ୍ତ ମନକୁ ଆସିଲା ଭଳି କଥାଗୁଡ଼ା ଗାରଉଥିଲେ ବୋଲି କହନ୍ତି। ତେବେ ଏକ ଦୈନିକ ଇଂଲିଶ ଖବରକାଗଜରେ ତାଙ୍କ ପ୍ରଥମ ଗପ ପ୍ରକାଶ ପାଇବା ସହ ପାରିଶ୍ରମିକ ମିଳିଲା ବେଳକୁ ବୟସ ପହଞ୍ଚିଥିଲା ୧୪ରେ। ତା' ପରେ ସେ ଲେଖାରେ ଗଭୀର ମନୋନିବେଶ କଲେ। ଲେଖକୀୟ ଅଭିଜ୍ଞତାକୁ ନେଇ ସେ କହନ୍ତି– ଯେତେବେଳେ ତାଙ୍କ ମନକୁ ନୂଆ ଆଇଡିଆ ଆସେ ତାହାକୁ ତତ୍‌କ୍ଷଣାତ୍ ସେ ଖାତାରେ ଟିପି ଦିଅନ୍ତି। ପରେ ତାହା ବଦଳିଚାଲେ। ସମୟ ଏମିତି ଆସେ ଲେଖା ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହେଲା ବେଳକୁ ପ୍ରଥମ ଡ୍ରାଫ୍ଟ ସହ ତାହାର ସାଦୃଶ୍ୟ କମ୍ ରହିଥାଏ। ଭାରତୀୟ ଔପନ୍ୟାସିକା, ସାମ୍ବାଦିକା ତଥା ସମ୍ପାଦକ ଭାବେ ବିଜ୍ଞମଣ୍ଡଳୀରେ ପରିଚୟ ହାସଲ କରିଥିବା ଅନୁରାଧାଙ୍କ ପ୍ରଥମ ଉପନ୍ୟାସ 'ଆନ୍ ଆଟ୍‌ଲାସ ଅଫ୍ ଇମ୍ପସିବ୍‌ଲ ଲଙ୍ଗିଙ୍ଗ୍' ୨୦୦୮ରେ ପ୍ରକାଶ ପାଇଥିଲା। ଏଥିସହିତ ୨୦୧୧ରେ 'ଦି ଫୋଲ୍‌ଡେଡ୍ ଆର୍ଥ', ୨୦୧୫ରେ 'ସ୍ଲିପିଙ୍ଗ୍ ଅନ୍ ଜୁପିଟର', ୨୦୧୮ରେ 'ଅଲ୍ ଦି ଲାଇଭ୍‌ସ ଉଇ ନେଭର ଲିଭ୍‌ଡ' ଏବଂ ୨୦୨୧ରେ 'ଦି ଆର୍ଥସ୍ପାଇନର' ଅନୁରାଧାଙ୍କ ପାଞ୍ଚଟି ଉପନ୍ୟାସ ପାଠକଙ୍କୁ ନୂଆ କଥାବସ୍ତୁ ଭେଟି ଦେବାରେ ସଫଳ ହୋଇଛି। ସେଥିପାଇଁ ଭାରତର ବିଭିନ୍ନ ଖବରକାଗଜ, ପ୍ରକାଶନୀ ସଂସ୍ଥାଠାରୁ ଆରମ୍ଭ କରି ଡିଏସ୍‌ସି ପ୍ରାଇଜ୍ ଫର୍ ସାଉଥ୍ ଏସିଆନ୍ ଲିଟରେଚର ଯାଏ ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି। କିନ୍ତୁ ଗୋଟେ ବହି ଲେଖି ସାରିବା ପରେ ଆଉ ଗୋଟେ ଆଇଡିଆ ପାଇଗଲେ ସେ ଅଧିକ ଆନନ୍ଦିତ ହୋଇଥାଆନ୍ତି ବୋଲି କହିଥାଆନ୍ତି। ଏବେ ସେ ଉତ୍ତରାଖଣ୍ଡର ରାଣୀଖେତାରେ ସ୍ୱାମୀ ରୁକୁନ୍ ଆଡ୍‌ଭାନୀଙ୍କ ସହ ରହୁଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଜଣେ ମହିଳା ଶ୍ମଶାନର ବିକାଶ ପାଇଁ କାମ କରିବା କିଛି କମ୍ କଥା ନୁହେଁ। ଏଭଳି କାର୍ଯ୍ୟ କରୁଛନ୍ତି ଚେନ୍ନାଇର ଏସ୍ଥର ଶାନ୍ତି। ଚେନ୍ନାଇର ସବୁଠୁ ବଡ଼ ଶ୍ମଶାନ ଓଟେରିରେ ସେ ୨୦୧୪ରୁ କାମ କରୁଛନ୍ତି। ଶାନ୍ତିଙ୍କୁ ୪୪ ବର୍ଷ। ସେ ପ୍ରଥମେ ଏକ ଏନ୍‌ଜିଓରେ କାମ କରୁଥିଲେ ଓ ତାଙ୍କୁ ଶ୍ମଶାନ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିଲା ୨୦୦୯ରେ। ସେ ଏହାକୁ ସାଦରେ ଗ୍ରହଣ କରିଥିଲେ। ପରେ ସେ ଏନ୍‌ଜିଓ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ଶ୍ମଶାନର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବା ସମୟରେ ଓଟେରି ଶ୍ମଶାନର ଦୁରବସ୍ଥା ଦେଖି ତାହାକୁ ସୁଧାରିବା ଲାଗି ଆଗେଇ ଆସିଥିଲେ। ନିଶା ଓ ଚୋରା କାରବାରର ଏକ ସ୍ଥାନ ପାଲଟିଥିବା ଏହି ଶ୍ମଶାନକୁ ସେ ଯେତେବେଳେ ପରିବର୍ତ୍ତନ କରିବାକୁ ଆଗେଇ ଆସିଲେ, ବହୁ ଧମକ ଚମକ ଦିଆଯାଇଥିଲା ତାଙ୍କୁ। ଜୀବନରୁ ମାରିଦେବାକୁ ଧମକ ବି ଦିଆଯାଇଥିଲା। ଏସବୁକୁ ଖାତିର ନ କରି ଶାନ୍ତି ଏବେ ଓଟେରିକୁ ଏକ ସୁନ୍ଦର ଶ୍ମଶାନ ଭାବେ ଗଢ଼ିଛନ୍ତି। ଏହି କାର୍ଯ୍ୟ ପାଇଁ ସେ ମାସକୁ ୧୫,୦୦୦ ଟଙ୍କା ଦରମା ପାଇ ପରିବାର ପ୍ରତିପୋଷଣ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଡିସେମ୍ବର ୧୯୯୭

- ମେକ୍ସିକୋର ଦକ୍ଷିଣାଞ୍ଚଳ ଚିଆପାସର ଆଟିୟାଲ ସହରରେ ଶାସକ ରିଭୋଲ୍ୟୁସନାରୀ ପାର୍ଟିର ସମର୍ଥକଙ୍କ ଆକ୍ରମଣରେ ୪୬ ମୃତ।
- ଆଗାମୀ ଲୋକସଭା ନିର୍ବାଚନ ସହ ବିଧାନସଭା ନିର୍ବାଚନ କରାଇବାର ଲକ୍ଷ୍ୟ ନେଇ ହିମାଚଳ ପ୍ରଦେଶର ବିଧାନସଭା ଭଙ୍ଗ।
- ନିର୍ବାଚନ ନ ଲଢ଼ିବା ପର୍ଯ୍ୟନ୍ତ କୌଣସି ରାଜନୈତିକ ଦଳର ବିଭାଜିତ ଗୋଷ୍ଠୀକୁ ସ୍ୱୀକୃତି ମିଳିବ ନାହିଁ ବୋଲି ନିର୍ବାଚନ କମିଶନ ପକ୍ଷରୁ ନିର୍ଦ୍ଦେଶନାମା ଜାରି।

# ପାଠକ ଶ୍ରେଷ୍ଠ ବିଚାରକ

## ବେଧଡ଼କ ପରିବହନ

ମହାଶୟ,

କିଛିମାସ ତଳେ ବାଲେଶ୍ୱର ଜିଲା ସୋର ନିକଟସ୍ଥ ବିଦୁଠାରେ ଶାନ୍ତିଲତା ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୬ଜଣ ମୃତ୍ୟୁବରଣ କରିଥିଲେ। ଏହାପରେ ସରକାର ନିୟମ କଲେ କୌଣସି ବସ୍ ଜନଗହଳି ସ୍ଥାନରେ ବେଆଇନ ଭାବେ ରଖି ଯାତ୍ରୀଙ୍କୁ ଓହ୍ଲାଇ ପାରିବେ ନାହିଁ ଏବଂ ପୋଲ ନିକଟରେ ମଧ୍ୟ। କିନ୍ତୁ ଦେଖାଯାଉଛି, ଶେରଗଡ଼ରେ ଥିବା ପୋଲ ଉପରେ ବସ୍‌ବାଲା ଯାତ୍ରୀଙ୍କୁ ଓହ୍ଲାଇଦେଉଛନ୍ତି। ଏଣୁ ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

– କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

## ଜଗତ୍‌ପୁର–ଚାନ୍ଦବାଲି ରାସ୍ତା ପୁନଃ ସମ୍ପ୍ରସାରଣ ହେଉ

ଜଗତ୍‌ପୁରଠାରୁ ଚାନ୍ଦବାଲି ପର୍ଯ୍ୟନ୍ତ ରାସ୍ତାର ପୁନଃ ସମ୍ପ୍ରସାରଣ କରାଯାଇ ଶୀଘ୍ର ଶେଷ କରାଯାଉ। କାରଣ ବର୍ତ୍ତମାନ ଏହି ରାସ୍ତାରେ ଦୁର୍ଘଟଣା ଘଟି ବହୁ ପ୍ରାଣହାନି ସହ ଆହତ ହେଉଛନ୍ତି। ଚାରିଚକିଆ–ଭାରୀଯାନଗୁଡ଼ିକ ଅତିକ୍ରମ କରିବା ସମସ୍ୟା ହେଉଛି। ଏପରି କି ଏକବର୍ଷ ମଧ୍ୟରେ ୧୨ଜଣଙ୍କ ମୃତ୍ୟୁ ହେଲାଣି। ରାସ୍ତା ସମ୍ପ୍ରସାରଣ ହେଲେ ଦୁର୍ଘଟଣା ଅନେକାଂଶରେ ରୋକାଯାଇପାରିବ।

– ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସନ୍ଧ୍ୟା ରହିଛି ମୋହରି ଆଶାରେ
ରଞ୍ଜିବି ତା'ର ଭାଲ
ପ୍ରଭାତ ଡାକଇ ବିରହ–ଭାଷାରେ
ମୋହରି ପାଇଁ ବିକଳ।
(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବ୍ୟାଡ୍‌ମିଣ୍ଟନ, କବାଡ଼ି ପ୍ରତିଯୋଗିତା

ଯାଜପୁର ଟାଉନ,୨୪।୧୨(ଡି.ଏନ.ଏ.): ନେହେରୁ ଯୁବ କେନ୍ଦ୍ର ଯାଜପୁର ତରଫରୁ ୨ ଦିନ ଧରି ବ୍ୟାଡ୍‌ମିଣ୍ଟନ ଓ କବାଡ଼ି ପ୍ରତିଯୋଗିତା ଚିତାଲୋ ମହାବିଦ୍ୟାଳୟ ଏବଂ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ ଯୁବକ, ଯୁବତୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ମହାଲକ୍ଷ୍ମୀ ସ୍ପୋର୍ଟିଂ ୟୁଥ୍ କ୍ଲବ୍ ଦ୍ୱାରା ଚିତାଲୋ ମହାବିଦ୍ୟାଳୟ ଓ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ କ୍ରୀଡ଼ା ସମ୍ପାଦିତ ହୋଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥିଭାବେ ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଅଧକ୍ଷ ଡା. ବିଷ୍ଣୁଚରଣ ଦାସ ଓ ଚିତାଲୋ ମହାବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗ ଅଧାପକ ନରେନ୍ଦ୍ର ବାରିକ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ କ୍ରୀଡ଼ାରେ ଯାଜପୁର ଜିଲାର ବିଭିନ୍ନ ସ୍ପୋର୍ଟିଂ କ୍ଲବର ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ କାଜଲ କୁମାର ସାହୁ, ବିଭୂତିଭୂଷଣ ମହାନ୍ତି ଚାମ୍ପିୟନ ହୋଇଥିଲେ। ରନର୍ସ ଅପ ଆଖ୍ୟା ଅର୍ଜନ କରିଥିଲେ ମନୋଜ ରଣା ଓ ହେମନ୍ତ କୁମାର ବେହେରା। ଦ୍ୱିତୀୟ ଦିନ କବାଡ଼ି ପ୍ରତିଯୋଗତାରେ ନରସିଂହ ଚୌଧୁରୀ ମହାବିଦ୍ୟାଳୟର ପୁରୁଷ ଟିମ୍ ରନର୍ସ ଅପ୍ ଓ ଚିତାଲୋ ଚମ୍ପିୟନ ହୋଇଥିଲା। ମହିଳାରେ ଚିତାଲୋ ଚାମ୍ପିୟନ ହୋଇଥିବାବେଳେ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ରନର୍ସ ଅପ୍ ହୋଇଥିଲା। ବ୍ୟାଡ୍‌ମିଣ୍ଟନ ବିଜୟ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ନରେନ୍ଦ୍ର ବାରିକ ଟ୍ରଫି ଓ ପ୍ରମାଣ ପତ୍ର ଚିତାଲୋ ମହାବିଦ୍ୟାଳୟରେ ପ୍ରଦାନ କରିଥିଲେ। କବାଡ଼ି ବିଜୟୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଡା. ବିଷ୍ଣୁ ଚରଣ ଦାସ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତା ନରସିଂହ ଚୌଧୁରୀ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଞ୍ଜନ କୁମାର ସୁତାରଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା।

### ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପରଲୋକ

ବ୍ରହ୍ମବରଦା,୨୪।୧୨(ଡି.ଏନ.ଏ.): ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ଗ୍ରାମର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଗୀତାରାଣୀ ବିଶ୍ୱାଳଙ୍କ ପରଲୋକ ହୋଇଛି। ଗୀତାରାଣୀ ହେଉଛନ୍ତି ଗ୍ରାମର ସାମାଜିକ କର୍ମୀ ଭିକାରି ବିଶ୍ୱାଳଙ୍କ ସ୍ତ୍ରୀ। ତାଙ୍କୁ ୬୯ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପ୍ରାଣା, ପରୋପକାରୀ ମହିଳା ଥିଲେ। ଶାରୀରିକ ଅସୁସ୍ଥତା କାରଣରୁ ଚିକିତ୍ସାଧୀନ ଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମଭ୍ରମଣ କରାଯିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁଅ ପ୍ରିୟବ୍ରତ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। ତାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବର ପାଇ ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ, ବରୀ ବ୍ଲକ୍ ଅଧକ୍ଷ ଅଶୋକ ଗେଡ଼ି, ବିଧାୟିକା ସୁନନ୍ଦା ଦାସ, ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ସ୍ଥାନୀୟ ଅଞ୍ଚଳର ନେତା ପ୍ରଦୀପ ଦାସ, ପ୍ରଫୁଲ୍ଲ ଗିରି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ନଦୀବନ୍ଧ କାଟି ବାଲି ପରିବହନ

- ବିପଦରେ ବୈତରଣୀ ନଦୀବନ୍ଧ
- ମାନୁଆଲ ପରିବର୍ତ୍ତେ ମେଶିନରେ ବାଲି ଉତ୍ତୋଳନ

ଯାଜପୁର ଅଫିସ,୨୩।୧୨

ବ୍ୟାସନଗର ତହସିଲ ଅଧୀନ ସାଆଁଳାଠାରୁ ଦଶରଥପୁର ତହସିଲର ଧରମପୁର ପର୍ଯ୍ୟନ୍ତ ବୈତରଣୀ ନଦୀପଠାରୁ ବେଆଇନ ବାଲି ଉତ୍ତୋଳନ ସୀମା ଲଂଘିଛି। ଏପରିକି ବୈତରଣୀ ନଦୀବନ୍ଧକୁ କାଟି ବାଲି ପରିବହନ ହେଉଥିବାରୁ ବନ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତହସିଲ ପ୍ରଶାସନ ପକ୍ଷରୁ ବାଲି ଉତ୍ତୋଳନ ପାଇଁ ମାନୁଆଲ ଅନୁମତି ମିଳିଥିବାବେଳେ ସମସ୍ତ ବାଲିଘାଟରେ ମେଶିନ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଶାସକ ଦଳର ଜଣେ ନେତାଙ୍କ ସୁରକ୍ଷାରେ ଲିଜ୍‌ଧାରୀମାନେ ଅନୁମୋଦନଠାରୁ ବହୁ ଅଧିକ ପରିମାଣ ବାଲି ପ୍ରୋକଲିନ ମେଶିନରେ ଉତ୍ତୋଳନ କରି ବିନା ଟ୍ରାନଜିଟ ଫର୍ମରେ ପରିବହନ ଓ ବିକ୍ରି କରୁଛନ୍ତି। ଫଳରେ ତହସିଲ ପ୍ରଶାସନ ସମ୍ପୃକ୍ତ ଲିଜ୍‌ଧାରୀମାନଙ୍କ ବିରୋଧରେ ଲିଜ୍ ରଦ୍ଦ, ବେଆଇନ ଚାଲାଣ କରୁଥିବା ଗାଡି ଜବତ, ଜରିମାନା ଆଦାୟ ଆଦି କରିପାରୁନାହିଁ। ଅନ୍ୟପକ୍ଷେ ଓଭରଲୋଡିଂ ବାଲି ପରିବହନ ଯୋଗୁ ଆଖପାଖ ଗ୍ରାମର ରାସ୍ତାଗୁଡିକ ନଷ୍ଟ ହେବା ସହ ଗମନାଗମନ ଅନୁପଯୋଗ ହୋଇପଡୁଛି। ଏନେଇ ଗ୍ରାମ୍ୟ ନିର୍ମାଣ ଏବଂ ପୂର୍ତ୍ତ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ହୋଇଥିଲେ ହେଁ କିଛି ସୁଫଳ ମିଳିପାରୁନାହିଁ।



ବୈତରଣୀ ନଦୀରୁ ବାଲି ଉତ୍ତୋଳନ କରାଯାଉଛି।

ବ୍ୟାସନଗର ତହସିଲ ଅଧୀନ ବୈତରଣୀ ନଦୀରେ ୬ଟି ବାଲିଘାଟକୁ ୫ ବର୍ଷିଆ ଲିଜ୍ ଦିଆଯାଇଛି। ଏଥିରେ ସାଆଁଳା-୨ ବାଲିଘାଟରୁ ୨୮,୪୩୦ ଘନମିଟର, ମୁକୁନ୍ଦପୁର-୧ ବାଲିଘାଟରୁ ୧୦,୦୪୦ ଘନମିଟର, ସାଲବା ବାଲିଘାଟରୁ ୧୬,୭୩୦ ଘନମିଟର, ରଣପାଳ ବାଲିଘାଟରୁ ୫,୫୨୦ ଘନମିଟର, ଧନତ୍ରୀ ବାଲିଘାଟରୁ ୯,୬୮୦ ଘନମିଟର ଓ ନିଶଙ୍କପୁର ବାଲିଘାଟରୁ ୨୪,୭୯୫ ଘନମିଟର ବାଲି ଉତ୍ତୋଳନ କରିବାକୁ ଅନୁମତି ମିଳିଛି। ଅନୁମତି ପତ୍ରରେ ପ୍ରୋକଲିନ ମେଶିନ ବ୍ୟବହାର ହୋଇ ପାରିବ ନାହିଁ ଏବଂ ମାନୁଆଲ ଭାବେ ଉତ୍ତୋଳନ କରାଯିବାକୁ ନିର୍ଦ୍ଦେଶ ହୋଇଛି। ହେଲେ ଏହି ନିର୍ଦ୍ଦେଶକୁ କେହି ମାନୁନାହାନ୍ତି। ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ସାଆଁଳାଠାରୁ ମୂଳାପାଳ ପର୍ଯ୍ୟନ୍ତ ଜନବସତି ଦେଇ ଭାରିଯାନ ଚଳାଚଳ ଯୋଗୁ ରାସ୍ତା ଅବସ୍ଥା ଖରାପ ହେଉଥିବା ନେଇ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଗତ ଅକ୍ଟୋବରରେ ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କ ସହାୟତା ଲୋଡ଼ାଯାଇଥିଲା। ତେବେ ଉପରୋକ୍ତ ସରକାରୀ ପତ୍ର ଏବଂ ସ୍ଥାନୀୟ ଲୋକଙ୍କ ଚେତାବନୀ କିଛି କାମରେ ଲାଗି ନାହିଁ। ବରଂ ବେଆଇନ ଉତ୍ତୋଳନ ଏବଂ ପରିବହନ ବଢ଼ିଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ଦଶରଥପୁର ବ୍ଲକ କସପା ପଞ୍ଚାୟତ ଅଧୀନ ବୈତରଣୀ ନଦୀର ପଲ୍ଲାସାହି ଘାଟରେ ଦୈନିକ ଶହ ଶହ ଟ୍ରିପ୍ ବାଲି ଲୁଟ୍ ହେଉଛି। ଦଶରଥପୁର ତହସିଲ ପ୍ରଶାସନ ଏ ସମ୍ପର୍କରେ ଜାଣିଥିଲେ ସୁଦ୍ଧା ପାଟି ଖୋଲିପାରୁନାହାନ୍ତି। ଏହାଦ୍ୱାରା ନଦୀବନ୍ଧ ଦୁର୍ବଳ ହେବା ସହିତ ପ୍ରତିବର୍ଷ ବର୍ଷାଦିନେ ଘାଇ ସୃଷ୍ଟି ହୋଇ ଏହି ବ୍ଲକର ଜନସାଧାରଣ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଦଶରଥପୁର ବ୍ଲକ୍ କସପା ପଞ୍ଚାୟତର ପଲ୍ଲାସାହୀ ଘାଟ ଓ ଏହାର ଆଖପାଖ ନଦୀଶଯ୍ୟାରୁ ବାଲିମାଫିଆମାନେ ମେଶିନରେ ବାଲି ଉଠାଇ ଚୋରାଚାଲାଣ କରୁଛନ୍ତି। ବୈତରଣୀ ନଦୀର ଉଭୟ ପାର୍ଶ୍ୱ ତଥା ଯାଜପୁର ଓ ଭଦ୍ରକ ଜିଲା ଅଞ୍ଚଳରେ ଶତାଧିକ ଟ୍ରାକ୍ଟର ସହାୟତାରେ ବାଲି ଚାଲାଣ ହେଉଥିବାର ଦେଖାଯାଇଛି। ଏପରି କି ବୈତରଣୀ ନଦୀବନ୍ଧକୁ ଏକାଧିକ ସ୍ଥାନରେ କାଟି ରାସ୍ତା ନିର୍ମାଣ କରିଥିବା ଦେଖାଯାଇଛି। ପଲ୍ଲାସାହି ନିକଟରେ ଥିବା ବୈତରଣୀ ନଦୀର ପଲ୍ଲାସାହି-ହସନାବାଦ ସେତୁର ଅତି ନିକଟସ୍ଥ ଉଭୟ ପାର୍ଶ୍ୱରୁ ବୁ ପରିମାଣରେ ବେଆଇନ ଭାବେ ବାଲି ଉଠାଣ ହେଉଛି। ଫଳରେ ବିପୁଳ ଟଙ୍କା ବ୍ୟୟରେ ନିର୍ମିତ ସେତୁ ପ୍ରତି ବିପଦ ସୃଷ୍ଟି ହେବା ସହିତ ନଦୀବନ୍ଧ ଭାଙ୍ଗିବା ଆଶଙ୍କା ରହିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ସଇରାତ ନିଲାମ ନ ହେବା ଏବଂ ନିଲାମ ସତ୍ତ୍ୱେ ଘାଟ ଖୋଲିବାରେ ବିଳମ୍ବ ହେତୁ ବାଲି ମାଫିଆମାନେ ଘାଟଗୁଡ଼ିକରୁ ବାଲି ଲୁଟ୍ କରିବାର ସୁଯୋଗ ପାଉଛନ୍ତି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଦଶରଥପୁର ତହସିଲଦାର ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ବେଆଇନ ବାଲି ଉତ୍ତୋଳନ ନେଇ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଚଢାଉ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ।

## ଏସ୍‌ଆଇ ଗୁରୁତର, ଯୁବତୀଯୁବକ ଆହତ

### ହେଲ୍‌ମେଟ ଯାଞ୍ଚ ବେଳେ ଦୁର୍ଘଟଣା

ପାଣିକୋଇଲି,୨୪।୧୨(ଡି.ଏନ.ଏ.):

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ନିକଟରେ ପୋଲିସ ପକ୍ଷରୁ ହେଲମେଣ୍ଟ ଯାଞ୍ଚବେଳେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଏଏସ୍‌ଆଇ ଗୁରୁତର ହୋଇଛନ୍ତି। ବାଇକ୍‌ରେ ଥିବା ଯୁବତୀଯୁବକ ଆହତ ହୋଇଛନ୍ତି। ସମସ୍ତଙ୍କୁ ପୋଲିସ ଗାଡ଼ିରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ଏଏସ୍‌ଆଇ ନିଶାନ୍ତ କୁମାର ନାୟକ ସଦଳବଳ ହେଲ୍‌ମେଟ ଯାଞ୍ଚ କରୁଥିଲେ। ଏହି ସମୟରେ ହଠାତ ଭଦ୍ରକ ଆଡୁ ଏକ ବାଇକ ନଂ.ଓଡି-୧୧-ଜେଡ୍-୮୭୩୪ ଯୋଗେ ଜଣେ ଯୁବକ ଓ ଯୁବତୀ ଦ୍ରୁତ ଗତିରେ ଆସୁଥିଲେ। ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ମାତ୍ର ଛାନିଆ ହୋଇ ବାଇକ ଆରୋହୀ ଜଣକ ହଠାତ ବ୍ରେକ ମାରିଦେବାରୁ ଭାରସାମ୍ୟ ହରାଇ ବାଇକଟି ଏଏସ୍‌ଆଇ ନିଶାନ୍ତ ନାୟକଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ପଡି ଯାଇ ଗୁରୁତର ହୋଇଥିଲେ। ଏଥି ସହିତ ଯୁବତୀଯୁବକ ଦ୍ୱୟ ମଧ୍ୟ ଆହତ ହୋଇଥିଲେ। ଆହତ ଯୁବକ ଓ ଯୁବତୀ ଦ୍ୱୟ ମୟୂରଭଞ୍ଜ ଜିଲା କପ୍ତିପଦା ଅଞ୍ଚଳର ସିପୁନ ପତି(୩୦) ଓ ଧରିତ୍ରୀ ବିନୋଦ(୨୫) ବୋଲି ଜଣାପଡ଼ିଛି। ପୋଲିସ ବାଇକକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



ସୁବର୍ଣ୍ଣ ଜୟନ୍ତୀ ସଭାରେ ଯୋଗଦେଇଥିବା ଅତିଥି।

ଜେନାପୁର,୨୪।୧୨(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ରେଖିଦେଇପୁରସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ମଶାଲ ଶୋଭାଯାତ୍ରାକୁ ଜେନାପୁର ଥାନାଧିକାରୀ ଉମାକାନ୍ତ ନାୟକ ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ତଥା ଶିକ୍ଷକ ଲକ୍ଷ୍ମଣ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ସ୍କୁଲର ଉନ୍ନତୀକରଣ ପାଇଁ ଆଲୋଚନା କରିବା ସହ ସମସ୍ତ ଅଭିଭାବକ ତାଙ୍କ ପିଲା କିପରି ପଢୁଛନ୍ତି ତାହା ତଦାରଖ କରିବା ଜରୁରୀ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ପୁରାତନ ଛାତ୍ର ସଂସଦର ଛାତ୍ରୀଛାତ୍ର ଏକତ୍ରିତ ହୋଇ ଏହି ସୁବର୍ଣ୍ଣ ଜୟନ୍ତୀକୁ ସଫଳ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସ, ଅନ୍ୟତମ ଅତିଥି ବ୍ୟାସନଗର ସ୍ୱୟଂଶାସିତ କଲେଜ ଅଧକ୍ଷ ଡ. କୁଶଚନ୍ଦ୍ର ପ୍ରଧାନ, ୧୧ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ଜଳଧର ମହାନ୍ତି, ପୁରାତନ ଛାତ୍ର ସଂସଦ ସମ୍ପାଦକ ଲକ୍ଷ୍ମୀଧର ମଲ୍ଲ, ସ୍କୁଲ୍ ପ୍ରଧାନଶିକ୍ଷକ ଘନଶ୍ୟାମ ମହାରଣା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଇନ୍ଦ୍ରଜିତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧ୍ରୁବ ଚରଣ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଅଭିରାମ ରାଉତ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବରୁଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପାଣିକୋଇଲି,୨୪।୧୨(ଡି.ଏନ୍.ଏ.):

ପଥରପଦା ପଞ୍ଚାୟତ କାଜିପାଟଣା ଗ୍ରାମର ମା' ମଙ୍ଗଳା ଯୁବକ ସଙ୍ଘ ଆନୁକୂଲ୍ୟରେ ୭ମ ବାର୍ଷିକ ବରୁଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଯୁବନେତା ପ୍ରେମେଶ ଚନ୍ଦ୍ର ମହାକୁଡ ଓ ସମୀର ସାହୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଜଗନ୍ନାଥ ପ୍ରସାଦ ବନାମ ଟିକର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗନ୍ନାଥ ପ୍ରସାଦ ବିଜୟୀ ହୋଇଥିଲା। ଜଗନ୍ନାଥ ପ୍ରସାଦ ପ୍ରଥମେ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ଦଳ ୯୫ ରନ ସଂଗ୍ରହ କରିଥିଲା। ଟିକର ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୭୨ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ମ୍ୟାଚ୍‌କୁ ସରୋଜ ମହାକୁଡ ଓ ସ୍ୱପ୍ନିଦୀପନ ବେହେରା ପରିଚାଳନା କରିଥିବା ବେଳେ ସନ୍ଦୀପ ମହାକୁଡ ଧାରା ବିବରଣୀ ପ୍ରଦାନ କରିଥିଲେ। ଶଶିକାନ୍ତ ବାରିକ, ରାଜେଶ ବେହେରା, ଆଶିଷ ମହାକୁଡ଼, ହାପି ମହାକୁଡ଼, ସନ୍ଦୀପ ସେଠୀ, ଆନନ୍ଦ ମହାକୁଡ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲା ଭାଜପା ମହିଳା ମୋର୍ଚ୍ଚା ପଦାଧିକାରୀଙ୍କ ବୈଠକ




ବୈଠକରେ ଯୋଗଦେଇଥିବା ଭାଜପା ନେତ୍ରୀ।

ଛତିଆ,୨୪।୧୨(ଡି.ଏନ.ଏ.):

ଯାଜପୁର ଜିଲା ଭାଜପା ମହିଳା ମୋର୍ଚ୍ଚାର ପଦାଧିକାରୀ ବୈଠକ ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଅମରାବତୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦିକା ଦେବଯାନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ତନୁଶ୍ରୀ ରାୟ, ପଶ୍ଚିମବଙ୍ଗ ପ୍ରଦେଶ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସମ୍ପାଦିକା ଐଶର୍ଯ୍ୟା ବିଶ୍ୱାଳ, ଯାଜପୁର ଜିଲା ମହିଳା ସଭାନେତ୍ରୀ ବବିତା ମଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ମୋଦି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ନେତ୍ରୀ ଚିନ୍ମୟୀ ସାହୁ, ପ୍ରିୟମ୍ବଦା ଖଟୁଆ, ସସ୍ମିତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

ଧର୍ମଶାଳା/ଜେନାପୁର/ଚଢ଼େଇଧରା, ୨୪।୧୨(ଡି.ଏନ.ଏ.):

ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ନିର୍ମିତ ପ୍ରକଳ୍ପର ଶନିବାର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏସବୁ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ଧର୍ମଶାଳା ବ୍ଲକ୍ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗ ଦେଇଥିଲେ।

ପ୍ରାୟ ୩ କୋଟି ୮୮ ଲକ୍ଷ ୩୬ ହଜାର ଟଙ୍କା ବ୍ୟୟ ଅଟକଳରେ ଗାନ୍ଧୀଛକଠାରୁ ପାଟପୁର ରାସ୍ତା ଭାୟା ନୂଆପଡ଼ା, କଣ୍ଟାବଣିଆ, ହରଦେଇପୁର। ସେହିପରି ୫ କୋଟି ୪୧ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳରେ ଏଚ୍‌ଏଲ୍‌ସି ରେଞ୍ଜ ୧୦ଠାରୁ ଜାମୁଝରି ଭାୟା ଭରତପୁର ରୋଡ୍ ଏବଂ ୮ କୋଟି ୧୫ ଲକ୍ଷ୍ୟ ବ୍ୟୟ ଅଟକଳରେ ଶ୍ୟାମସୁନ୍ଦପୁରଠାରୁ ଚଉଷଠୀପଡ଼ା ଭାୟା ବାଘୁଆ ରାସ୍ତାର ଶିଳାନ୍ୟାସ କରାଯାଇଛି। ଧର୍ମଶାଳା ବ୍ଲକ କୁସ୍ତିରା ଛକଠାରେ ହାଇଲେଭଲ କେନାଲରେ ୧ କୋଟି ୮୧ ଲକ୍ଷ ୫ ହଜାର ଟଙ୍କା ବ୍ୟୟରେ ନିର୍ମିତ ବ୍ରିଜ୍ ଓ ଇମାମନଗରଠାରେ ୧ କୋଟି ୧୫ ଲକ୍ଷ୍ୟ ୫୨ ହଜାର ଟଙ୍କାରେ ନିର୍ମିତ ବ୍ରିଜ୍‌କୁ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଶିଳାନ୍ୟାସ କରାଯାଇଥିବା ୩ ରାସ୍ତା ଓ ଉଦ୍‌ଘାଟନ କରାଯାଇଥିବା ୨ ବ୍ରିଜର ମୋଟ୍ ବ୍ୟୟ ଅଟକଳ ୨୦ କୋଟି ୪୧ ଲକ୍ଷ ୧୯ ହଜାର ଟଙ୍କା ବୋଲି ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ଗ୍ରାମ୍ୟ ଉନ୍ନୟନ ଡିଭିଜନର ଜାରକା-୨ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳନ୍ଧର ବେହେରା ଓ କନିଷ୍ଠ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ଲେଙ୍କା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା, ଭାଗ୍ୟଧର ସେଠୀ ଓ ସୁଧାଂଶୁ ଭୂଷଣ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ।



ମନ୍ତ୍ରୀ ଓ ବିଧାୟକଙ୍କ ଦ୍ୱାରା ଶ୍ୟାମସୁନ୍ଦରପୁର-ଚଉଷଠିପଡ଼ା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

## ବଡ଼ଚଣାରେ ପ୍ରତିଷ୍ଠା ହେବ ଟ୍ରମା କେୟାର ସେଣ୍ଟର

ଚଣ୍ଡିଖୋଲ,୨୪।୧୨(ଡି.ଏନ୍.ଏ.):

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ତରଫରୁ ରାଜ୍ୟର ୫୫ଟି ସ୍ଥାନରେ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ହେବ ବୋଲି ଘୋଷଣା କରାଯାଇଛି। ଏଥିରେ ଯାଜପୁର ଜିଲାର ଏକମାତ୍ର ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାମିଲ ହୋଇଛି। ୧୬ ନଂ. ଜାତୀୟ ରାଜପଥ କଡ଼ରେ ଥିବା ଏହି ଚିକିତ୍ସାକେନ୍ଦ୍ରରେ ଆପଦକାଳୀନ ଚିକିତ୍ସାର ସୁବିଧା ଯୋଗାଇ ଦିଆଯିବ। ରାଜ୍ୟର ୩୦ ଜିଲା ମଧ୍ୟରୁ ଜାତୀୟ ରାଜପଥ କଡ଼ରେ ରହିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ସୁବିଧା ଉପଲବ୍ଧ କରାଯିବ। ଦୁର୍ଘଟଣାର ସମ୍ମୁଖୀନ ହୋଇ ଆସୁଥିବା ରୋଗୀଙ୍କୁ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦିଆଯିବ। ସାଧାରଣତଃ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ରାଜ୍ୟସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ପ୍ରତ୍ୟେକ ୫୦କି.ମି. ମଧ୍ୟରେ ଏହି ଟ୍ରମା ସେଣ୍ଟର କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଭିତ୍ତିଭୂମିର ବିକାଶ, ଆବଶ୍ୟକ କର୍ମଚାରୀ ଓ ସରଞ୍ଜାମ କେନ୍ଦ୍ର ଏବଂ ସ୍ୱାସ୍ଥ୍ୟମନ୍ତ୍ରଣାଳୟ ତରଫରୁ ଯୋଗାଇ ଦିଆଯିବ। ଏହି ବିଜ୍ଞପ୍ତି ପ୍ରକାଶ ପରେ ବଡ଼ଚଣା ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ଯେହେତୁ ୧୬ନଂ. ଜାତୀୟ ରାଜପଥ କଡ଼ରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥିତ ସେଥିପାଇଁ ସଦାସର୍ବଦା ଏଠାରେ ରୋଗୀଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଏଥିରେ ଟ୍ରମା କେୟାର ସେଣ୍ଟର ଖୋଲିଲେ ବହୁ ରୋଗୀ ଉପକୃତ ହେବେ ବୋଲି ଆଶା କରାଯାଉଛି।

# ନଳକୂପରୁ ବାହାରୁଛି ଗୋଳିଆପାଣି

- ଜନସମାଗମକୁ ଗୁରୁତ୍ୱ ଦେଉନି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ
- ଲକ୍ଷ୍ମୀନାରାୟଣ ମଣ୍ଡପ ନିକଟରେ ପାନୀୟଜଳ ବ୍ୟବସ୍ଥା ଅସଜଡ଼ା

ରସୁଲପୁର,୨୪।୧୨(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବାଜରରେ ପାନୀୟ ଜଳ ବ୍ୟବସ୍ଥା ଏକ ପ୍ରକାର ଭୁଶୁଡ଼ି ପଡ଼ିଛି କହିଲେ ଭୁଲ ହେବନାହିଁ। ବଜାର ଅଞ୍ଚଳରେ ବସିଥିବା ସରକାରୀ ନଳକୂପରୁ ଅଧିକାଂଶ ଅଞ୍ଚଳ। ହେଲେ ତା'ର ମରାମତି କରାଯାଉ ନାହିଁ କି ଗୋଳିଆ ଓ ଲୁହାଗୁଣ୍ଡ ବାହାରୁଥିବା ନଳକୂପରେ ଫିଲଟର ବ୍ୟବହାର କରାଯାଉନାହିଁ। ଲକ୍ଷ୍ମୀନାରାୟଣ ପୂଜା ଅବସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଥିବା ଜାଣି ବି ରସୁଲପୁର ବ୍ଲକ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଏହାକୁ ଗୁରୁତ୍ୱ ଦେଉନାହିଁ। ଫଳରେ ଲକ୍ଷ୍ମୀନାରାୟଣ ପୂଜା ମଣ୍ଡପ ନିକଟରେ ଥିବା ସରକାରୀ ନଳକୂପରୁ ଗୋଳିଆ ପାଣି ବାହାରୁଛି। ତା'କୁ ମରାମତି କରାଯାଇ ନାହିଁ। ତେଣୁ ଗୋଳିଆ ପାଣିକୁ ନାକଟେକୁଛନ୍ତି ଭକ୍ତମାନେ। ନଳକୂପ ନିକଟକୁ ନ ଆସି ଶୌଚ ହେବା ପାଇଁ ମନ୍ଦିରରୁ ଦୂରରେ ଥିବା ନଳକୂପ ଓ ଟ୍ୟାପ ପାଣି ବ୍ୟବହାର କରୁଛନ୍ତି। ପୂଜା ପୂର୍ବରୁ ଉକ୍ତ ନଳକୂପକୁ ସଫା କରାଯିବା ସହ ସେଥିରେ ଏକ ଫିଲଟର ସଂଯୋଗ କରିଥିଲେ ଅନ୍ତତଃପକ୍ଷେ ଗୋଳିଆ ପାଣି ବାହାରି ନ ଥାଆନ୍ତା ଓ ଉକ୍ତ ନଳକୂପଟି ବ୍ୟବହାର ଯୋଗ୍ୟ ହୋଇପାରି ଥାଆନ୍ତା। ଏହାଛଡ଼ା ସ୍ୱଚ୍ଛ ଭାରତ ମିଶନ-୨ ଜରିଆରେ ସରକାରୀ ନଳକୂପଗୁଡିକର ଚତୁଃପାର୍ଶ୍ୱକୁ ପକ୍କା ଓ ଶୋଷକ ଟାଙ୍କି ନିର୍ମାଣ କରାଯାଉଛି। ଏଠାରେ ସେଭଳି କିଛି ପଦକ୍ଷେପ ନିଆଯାଇ ନ ଥିବାରୁ ନଳକୂପଟି ବ୍ୟବହାର ହେଲେ ଦୋକାନ ବଜାର ସମ୍ମୁଖରେ ନର୍ଦ୍ଦମା ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବ। ତେଣୁ ଉକ୍ତ ନଳକୂପଟି ବ୍ୟବସାୟିକ କାରବାରର ମଧ୍ୟବର୍ତ୍ତୀ ସ୍ଥାନରେ ରହିଥିବାରୁ ତା'ର ମରାମତି କରାଯିବା ସହ ନଳକୂପ ସ୍ଥାନକୁ ସୁଦୃଢ଼ୀକରଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗୀୟ ଯନ୍ତ୍ରୀ-୨ ବିଶ୍ୱନାଥ ରଥଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ନଳକୂପ ସମ୍ପର୍କରେ ତାଙ୍କ ନିକଟକୁ କୌଣସି ଅଭିଯୋଗ ଆସିନାହିଁ। ତଥାପି ମରାମତି ଦଳ ପଠାଇ ତଦାରଖ କରିବା ସହ ଆବଶ୍ୟକୀୟ ପଦକ୍ଷେପ ନେବେ। ଏବେ ଦେଖିବାକୁ ଅପେକ୍ଷା କେବେ ଏହାର ମରାମତି ହେଉଛି।



## ସଂକ୍ଷେପରେ

### ୩ ବର୍ଷର ରଣନୀତି ପ୍ରସ୍ତୁତ କଲା ସିପିଆଇ

**ଏରସମା,୨୪।୧୨(ସ୍ୱ.ପ୍ର.):** ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସିପିଆଇ କାର୍ଯ୍ୟାଳୟ ପରିସରରେ ଗୁରୁବାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଂଶୀଧର ବେହେରା, ଅକ୍ଷୟ ବେହେରା, ସନ୍ଧ୍ୟାରାଣୀ କୁଅଁର, ଦେବାଶିଷ ପରିଜା ଓ କାହ୍ନା ସେନାପତି ପ୍ରମୁଖ ସଭା ପରିଚାଳନା କରିଥିଲେ। ସିପିଆଇର ନବ ନିର୍ବାଚିତ ରାଜ୍ୟ ସଭାପତି ଅଭୟ ସାହୁ ଯୋଗଦେଇ ଆଗାମୀ ୩ ବର୍ଷ ପାଇଁ ଦଳ ପକ୍ଷରୁ ସ୍ଥିର କରାଯାଇଥିବା ରଣନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ସିପିଆଇ ଜିଲା ସମ୍ପାଦକ ଅଭିଜିତ ସାହୁ, ବାଲିତୁଠ ଜୋନ ସମ୍ପାଦକ ରାମଚନ୍ଦ୍ର ମୁଦୁଲି, ଚିନ୍ମୟୀ ସାହାଣୀ, ରାଜ୍ୟ ପରିଷଦ ସଦସ୍ୟ ଶରତ ବେହେରା,ପୀତାମ୍ବର ଦାସ ପ୍ରମୁଖ ଉପସ୍ଥିତ ରହି ସଙ୍ଗଠନର ସୁଦୃଢତା ଉପରେ ବକ୍ତବ୍ୟ ଦେଇଥିଲେ ।

### ବ୍ଲକସ୍ତରୀୟ ୟୁଡିଆଇଏସ୍ଇ କର୍ମଶାଳା

**ନାଉଗାଁ,୨୪।୧୨(ସ୍ୱ.ପ୍ର):** ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁହାଟ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ୟୁଡିଆଇଏସ୍ଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା,ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ମନୋରାମା ରାଉତ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରୋହିତ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଅନ-ଲାଇନ ମାଧମରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ପ୍ରୋଫାଇଲ ଅପଡେଟ ଉପରେ ଆଲୋଚନା ହୋଇଥିଲା। ଏଥିରେ ବ୍ଲକର ସମସ୍ତ ସରକାରୀ, ବେସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଏମ୍ଆଇସି ରୋଜାଲିନ ଜେନା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରଶ୍ମି ରଞ୍ଜନ ମଲିକ, କମଳ ଲୋଚନ ନାୟକ ଓ ପୀତାମ୍ବର ପରିଡା ପ୍ରମୁଖ ପରିଚାଳନା କରିଥିଲେ।

### ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ଯାପିତ

**ଏରସମା,୨୪।୧୨(ସ୍ୱ.ପ୍ର.):** ଏରସମା ବ୍ଲକ କୁଞ୍ଜକୋଠି ପଞ୍ଚାୟତ ଅନ୍ତର୍ଗତ ଖୁରାଣ୍ଟ ବାଲିତୁଠ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଚାଲିଥିବା ବାର୍ଷିକ କ୍ରୀଡା ଉଦ୍ଯାପିତ ହୋଇଯାଇଛି । ଉତ୍ସବକୁ ସ୍ଥାନୀୟ ସରପଞ୍ଚ ସପନ କୁମାର ପାତ୍ର ଉଦ୍ଘାଟନ କରିଥିଲେ। ଏହି ଅବସରରେ ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଦୌଡ, ଗଣିତ ଦୌଡ ଓ ଅଖା ଦୌଡ ଆଦି ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବିଭାଗର ୬୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । କ୍ରୀଡା ଶିକ୍ଷକ ଦିଲୀପ କୁମାର ନାୟକ, ସହକାରୀ ଶିକ୍ଷକ ମୁରଲୀଧର ସାମନ୍ତ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାସଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ମଙ୍ଗରାଜପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ବାବାଜୀ ଚରଣ ଖଟୁଆ, ଓଷ୍ଟା ଶିକ୍ଷକ ସଂଘର ବ୍ଲକ ସମ୍ପାଦକ ଅଜିତ କୁମାର ଲେଙ୍କା ,ଶିକ୍ଷକ ଲୋକନାଥ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

### ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍ଯାପିତ

**ବାଲିକୁଦା,୨୪।୧୨(ସ୍ୱ.ପ୍ର.):** କୃଷ୍ଣଦାସପୁର ପଞ୍ଚାୟତ ଦେବହଡାସ୍ଥିତ ଶିକ୍ଷା ବିକାଶ ସଂସ୍ଥାନ ଅନୁବନ୍ଧିତ ମା' ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା ଶନିବାର ଉଦ୍ଯାପିତ ହୋଇଯାଇଛି। ଶୁକ୍ରବାର ଉଦ୍ଘାଟନୀ ଉତ୍ସବକୁ ବିଦ୍ୟାଳୟ ପରିଚାଳନା ପରଷଦ ସଭାପତି ଉତ୍କଳ କେଶରୀ ରଥ ମସାଲ ଜାଳି ଉଦ୍ଘାଟନ କରିଥିଲେ। ସମ୍ପାଦକ ବିଧାନ ରାଉଳ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦିଲୀପ ପରିଡ଼ା, ଜିଲା ପ୍ରଭାରୀ ସତ୍ୟବ୍ରତ ରଥ, ବରିଷ୍ଠ ଗୁରୁମା' ସୁଭଦ୍ରା ଦାସ, ପୁଷ୍ପିତା ନାୟକ, ପ୍ରିୟମ୍ବଦା ନନ୍ଦ, ମଧୁସ୍ମିତା ଦାସ ପ୍ରମୁଖ ଶପଥପାଠ କରାଇଥିଲେ। ଉପସଭାପତି ବାଇଧର ସାହୁ, କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ ଶିକ୍ଷାବିତ୍ ଭଗବାନ ଦାସ, ଶିକ୍ଷାକର୍ମୀ ଶାରଳା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସମ୍ପାଦକ ରାଉଳ ସୂଚନା ଦେଇଛନ୍ତି । ସେହିପରି ଜଏଗାଁସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳରେ ଦୁଇଦିନ ଧରି ଅନୁଷ୍ଠିତ କ୍ରୀଡ଼ୋତ୍ସବ ଉଦ୍ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପରିଚାଳନା ପରିଷଦ ସମ୍ପାଦକ କୃଷ୍ଣଚନ୍ଦ୍ର ଶତପଥୀ, ଉପାଧକ୍ଷ ବିଜୟ ପରିଡ଼ା, ଉପଦେଷ୍ଟା ଧର୍ମାନନ୍ଦ ଦାସ, କୋଷାଧକ୍ଷ ରୁଦ୍ରେନ୍ଦ୍ର ସାହୁ, ସହ ସମ୍ପାଦିକା ରୀତା ପରିଡ଼ା, ଅଳାଭର ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇଥିଲେ।

# ମା'ଙ୍କ ନିକଟରେ ଲାଗିପାରୁନି ଚାଷୀଙ୍କ ଅନୁକୂଳ ଭୋଗ

**ମହାକାଳପଡ଼ା, ୨୪।୧୨(ଡି.ଏନ.ଏ.)**

**ଦରିଆ ମା' ରାମଚଣ୍ଡୀ ପୀଠ**

- ଫେରୁଛନ୍ତି ଶ୍ରଦ୍ଧାଳୁ, ଆନ୍ଦୋଳନ ପାଇଁ ସେନା ହେଉଛି ପ୍ରସ୍ତୁତ

କେନ୍ଦ୍ରାପଡ଼ା ଜିଲା ପ୍ରାଚୀନ ପ୍ରସିଦ୍ଧ ଶକ୍ତିପୀଠ ମା' ଦରିଆ ରାମଚଣ୍ଡୀ ପୀଠ ଅନ୍ୟତମ। ପର୍ଯ୍ୟଟନ ଋତୁ ଆସିଲେ ଦୂରଦୂରାନ୍ତରୁ ମା'ଙ୍କ ନିକଟକୁ ଛୁଟି ଆସନ୍ତି ଅନେକ ଶ୍ରଦ୍ଧାଳୁ। ମନରେ ଭକ୍ତି ଓ ଶ୍ରଦ୍ଧାଭାବ ରଖି ମା'ଙ୍କ ନିକଟରେ ଖିରି ଭୋଗ ଅର୍ପଣ କଲେ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଅପରପକ୍ଷରେ ଅଞ୍ଚଳର ଚାଷୀମାନେ ଧାନ ବେଉଷଣ ପୂର୍ବରୁ ଓ ଅମଳ ପରେ ପ୍ରଥମ ଶସ୍ୟକୁ (ଅରୁଆ ଚାଉଳ) ଖିରି ଭୋଗ ଭାବେ ମା'ଙ୍କ ନିକଟରେ ଅର୍ପଣ କରିଥାନ୍ତି। ମା'ଙ୍କ ପୀଠରେ ପହିଲି ଭୋଗ ଅର୍ପଣ କଲେ ଚାଷୀଙ୍କ କ୍ଷେତରେ ବର୍ଷ ସାରା ଭଲ ଫସଲ ଅମଳ ହୁଏ ବୋଲି ସ୍ଥାନୀୟ ଚାଷୀ ଅନାଦି ସ୍ୱାଇଁ , ପୀତାମ୍ବର ସ୍ୱାଇଁ, ପ୍ରମୋଦ ସ୍ୱାଇଁ ପ୍ରମୁଖ କହିଛନ୍ତି। ହେଲେ କରୋନା ପାଇଁ ମା'ଙ୍କ ପୀଠରେ ସାମୂହିକ ଭୋଗ ଯଥା ଅନ୍ନ ପ୍ରସାଦ, ଖିରି ଖେଚୁଡ଼ି, ମାଛ ଘାଣ୍ଟ ଓ ଅନ୍ୟ ଆମିଷ ଭୋଗ ପ୍ରଶାସନ ପକ୍ଷରୁ ରୋକ୍ ଲଗାଯାଇଥିଲା।

ବଡ ଦୁଃଖର କଥା ରାଜ୍ୟର ସମସ୍ତ ଦେବାଳୟରେ ସାମୂହିକ ଭୋଗ ଲାଗି ହେଉଥିବା ବେଳେ ମା' ରାମଚଣ୍ଡୀଙ୍କ ପୀଠରେ ଆଜି ପର୍ଯ୍ୟନ୍ତ ବାରଣ କରାଯାଇଛି। ଯାହାକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀ, ଶ୍ରଦ୍ଧାଳୁମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କିଛିଦିନ ହେବ ସ୍ଥାନୀୟ ଚାଷୀ ଓ ପଡ଼ୋଶୀ ଜିଲାର ବହୁ ଶ୍ରଦ୍ଧାଳୁ ଭକ୍ତ ମା'ଙ୍କ ନିକଟରେ ଭୋଗ କରି ନ ପାରି ମୁଣ୍ଡିଆ ମାରି ଫେରୁଥିବା ଦେଖିବାକୁ ମିଳିଛି। ଏ ନେଇ ମା' ରାମଚଣ୍ଡୀ ଆଞ୍ଚଳିକ ସେନାର ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ, କଳ୍ପତରୁ ସାମଲ, ଅଶୋକ କୁମାର ସ୍ୱାଇଁ, ଅବସରପ୍ରାପ୍ତ ସେନା ଅଧିକାରୀ ବାଣୀ ଭୂଷଣ ନାୟକ ପ୍ରମୁଖ କହିବା କଥା ମା'ଙ୍କ ନିକଟରେ ସାମୂହିକ ଭୋଗ ଆଗାମୀ ଦିନରେ ଲାଗୁ କରା ନ ଗଲେ ସେନା ପକ୍ଷରୁ ଆନ୍ଦୋଳନ



କରାଯିବ ବୋଲି ଚେତାବନୀ ଦେଇଛନ୍ତି। ମନ୍ଦିର ପରିଚାଳନା କମିଟି ସଦସ୍ୟ ନାଥ କୁମାର ଭୋଳଙ୍କ କହିବା କଥା ମା'ଙ୍କ ପୀଠକୁ କୁଜଙ୍ଗ, ଜଗତ୍‌ସିଂହପୁର, ପାରାଦୀପ ସମେତ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଭୋଗ କରି ନ ପାରି ଘରକୁ ଫେରୁ ଥିବାରୁ ଏହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ବୁଦ୍ଧିଜୀବୀ ସୁବାସ ସ୍ୱାଇଁଙ୍କ କହିବା କଥା ମନ୍ଦିର ପରିଚାଳନା କମିଟିର ଦାୟିତ୍ୱହୀନତା ପାଇଁ ଏଭଳି ଘଟଣାକୁ ନିନ୍ଦା କରିବା ସହ ଏଣ୍ଡାଓମେଣ୍ଟ କମିଶନର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

କେନ୍ଦ୍ରାପଡ଼ା ଜଲା ମହାକାଳପଡ଼ା ବ୍ଲକ ଘଞ୍ଚ ଜଙ୍ଗଲ ରାମନଗରଠାରେ ୧୭୩୭ ମସିହାରେ ତତ୍କାଳୀନ କୁଜଙ୍ଗଗଡ଼ର ଷଣ୍ଢ ବଂଶୀୟ ରାଜା ମା' ଦରିଆ ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା କରିଥିଲେ ବୋଲି ଜନଶ୍ରୁତିରୁ ଶୁଣିବାକୁ ମିଳେ। ମା'ଙ୍କ ମନ୍ଦିର ପ୍ରତିଷ୍ଠା ପରେ ଦୈନନ୍ଦିନ ସେବା କରିବା ପାଇଁ ପୂଜାପଣ୍ଡା, ସେବାୟତ, ମାଳୀ, ମହୁରିଆ, ଘଣ୍ଟୁଆ, ପାଟ ଛତା, ହୁରିଆ ସଂକୀର୍ତ୍ତନ ଆଦି ସେବକମାନଙ୍କୁ ରାଜା ଜମି ଦାନ କରି ନିୟୋଜିତ କରିଥିଲେ। ମା'ଙ୍କ ଦୈନନ୍ଦିନ ନୈବେଦ୍ୟ ସେବାଠାରୁ ସଂସ୍କୃତି, ପରମ୍ପରା ଅନୁଯାୟୀ ପୀଠରେ ୧୨ ମାସରେ ୧୩ ପର୍ବ ପାଳିତ ହୋଇଥାଏ। ମା' ରାମଚଣ୍ଡୀ ଡଙ୍ଗା ମଙ୍ଗରେ ବସି ପୂଜା ପାଉଥିବାରୁ ସ୍ଥାନୀୟ ଅଞ୍ଚଳର ଶତାଧିକ ମତ୍ସ୍ୟଜୀବୀ ଗଭୀର ସମୁଦ୍ରକୁ ମାଛ ମାରିବାକୁ ଯିବା ପୂର୍ବରୁ ମା'ଙ୍କ ନିକଟରେ ମୁଣ୍ଡିଆ ମାରି ସମୁଦ୍ରକୁ ପ୍ରବେଶ କରିଥାନ୍ତି। ସମୁଦ୍ରରେ ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଥିବା ପ୍ରଥମ ମାଛଟିକୁ ପୋଡ଼ି ମା'ଙ୍କୁ ସମର୍ପିତ କରାଯାଏ। ମା'ଙ୍କର ସେବା ଓ ନୀତିଆନି ପାଇଁ ଭୂସମ୍ପତ୍ତି ୨ ଶହ ଏକରରୁ ଅଧିକ ରାଜା ଖଞ୍ଜି ଦେଇଥିଲେ। ତେବେ ଅଦ୍ୟାବଧି ମା'ଙ୍କ ବହୁ ଭୂସମ୍ପତ୍ତିକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ନିଜ ନାମରେ ଦଖଲ କରି ସ୍ଥାୟୀ ଭାବେ ବସବାସ କରୁଛନ୍ତି। ଅନ୍ୟସ୍ଥାନରେ ଥିବା ଜମିରେ ଚାଷ ବାସ କରୁଛନ୍ତି ବୋଲି ଅଭିଯୋଗ ହେଉଛି।

## ବେଆଇନ ଇଟାଭାଟି ଉପରେ ଚଢ଼ାଉ



**ବିରିଡି,୨୪।୧୨(ଡି.ଏନ୍.ଏ)**

ବିରିଡି ତହସିଲ ଅଧୀନରେ ଥିବା ବିଲୁଆଖାଇ ନଦୀ ପଠାରେ ଗଢି ଉଠିଥିବା ବେଆଇନ ଇଟାଭାଟି ଉପରେ ଶୁକ୍ରବାର ବିରିଡି ତହସିଲଦାର ସହଦେବ ସାହୁ ଚଢାଉ କରିଛନ୍ତି । ନ୍ୟାଶନାଲ ଗ୍ରିନ ଟ୍ରିବ୍ୟୁନାଲ(ଏନ୍‌ଜିଟି)କୁ ଉଲ୍ଲଂଘନ କରି ଏହି ଇଟାଭାଟି ମାଲିକମାନେ ନଦୀ ପଠାରେ ସମତଳ ଉର୍ବର ଜମିର ମାଟି ତାଡି ପଠା ଗୁଡିକୁ ଖାଲ କରି ଦେଉଥିଲେ। ଏନେଇ ତହସିଲଦାର ଉକ୍ତ ଇଟା ଭାଟିଗୁଡ଼ିକୁ ବନ୍ଦ କରିଥିଲେ। ଚଢ଼ାଉ ସମୟରେ ରେକର୍ଡ କିପର ସୂର୍ଯ୍ୟ ମହାନ୍ତି ଉପସ୍ଥିତ ଥିଲେ। ଉକ୍ତ ଭାଟିଗୁଡ଼ିକର ମାଲିକ ଉପଯୁକ୍ତ କାଗଜପତ୍ର ନ ଦେଖାଇଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ତହସିଲଦାର କହିଛନ୍ତି।

# ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଭେଣ୍ଡର ପଞ୍ଜୀକରଣ କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ୩ ପଞ୍ଚାୟତବାସୀ।

**କୁଜଙ୍ଗ,୨୪।୧୨(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢ଼ିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପରେ ସ୍ଥାନୀୟ ଢ଼ିଙ୍କିଆ, ନୁଆଗାଁ, ଗଡ଼କୁଜଙ୍ଗ ପଞ୍ଚାୟତର କ୍ଷତିଗ୍ରସ୍ତମାନଙ୍କୁ ନିଯୁକ୍ତି ଓ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ଭେଣ୍ଡର ପଞ୍ଜୀକରଣ କର୍ମଶାଳା ଆରମ୍ଭ ହୋଇଛି। ଏହି ପଞ୍ଜୀକରଣ ପରେ ପ୍ରକଳ୍ପର ବିଭିନ୍ନ ଉନ୍ନୟନମୂଳକ କାମ ପାଇଁ ସ୍ଥାନୀୟ ଲୋକେ ଯନ୍ତ୍ରପାତି ଯୋଗାଣ କରିପାରିବେ। କମ୍ପାନୀର କ୍ଷତ୍ରିୟ କାର୍ଯ୍ୟାଳୟରେ ୩ ଦିନ ବ୍ୟାପୀ ଆୟୋଜିତ ଏହି କର୍ମଶାଳାରେ ଅଧିକାରୀମାନେ ଉପସ୍ଥିତ ରହି ଭେଣ୍ଡର ପଞ୍ଜୀକରଣର ଆବଶ୍ୟକତା ଓ ଆବେଦନର ଶୈଳୀ ବିଷୟରେ ବୁଝାଇଥିଲେ। ଏଥିପାଇଁ ପଞ୍ଜୀକରଣ ପ୍ରମାଣପତ୍ର, ଜିଏସ୍‌ଟି ପ୍ରମାଣ ପତ୍ର, ପାନ୍ କାର୍ଡ, ଏମ୍ଏସ୍ଏମଇ ପ୍ରମାଣ ପତ୍ର ଓ ବ୍ୟାଙ୍କ ବିବରଣୀ ଭଳି କାଗଜପତ୍ର ଆବଶ୍ୟକ ବୋଲି କୁହାଯାଇଥିଲା। ପୂର୍ବରୁ ୧୫ ଜଣ ସ୍ଥାନିୟ ଲୋକ ଭେଣ୍ଡର ପଞ୍ଜିକରଣ କରି ବିଭିନ୍ନ ରାସ୍ତାଘାଟ ନିର୍ମାଣ, ଗାଡ଼ି, ଯନ୍ତ୍ରପାତି ପ୍ରଭୃତି ଯୋଗାଇ ଆସୁଥିଲେ। ସେମାନଙ୍କୁ ମିଶାଇ ଏପର୍ଯ୍ୟନ୍ତ ପ୍ରାୟ ୭୦ ଜଣ ଭେଣ୍ଡର ପଞ୍ଜୀକରଣ କରିସାରିଛନ୍ତି। ଏହି ପଞ୍ଜୀକରଣ ପ୍ରତି ଯୁବଗୋଷ୍ଠୀ ଆକୃଷ୍ଟ ହେଉଥିବା ବେଳେ ଆଗାମୀ ନିର୍ମାଣ କାର୍ଯ୍ୟରେ ସେମାନଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି କର୍ମଶାଳାକୁ ଢିଙ୍କିଆର କୁମାର ମଲ୍ଲିକ୍, ବିପୁନି ଦାସ, ଗୋବିନ୍ଦପୁରର ଚନ୍ଦନ ପଣ୍ଡା, ମାହାଳ ଗ୍ରାମର ସରୋଜ ଦାସ ପ୍ରମୁଖ ସ୍ୱାଗତ କରିଥିବାବେଳେ,ଏହା ଦ୍ୱାରା ବେଉସା ହରେଇଥିବା ପରିବାର ଉପକୃତ ହେବେ ବୋଲି କହିଛନ୍ତି।

## ଜିଲାସ୍ତରୀୟ ଶିଶୁ ଉତ୍ସବ ପାଳିତ

**ମାର୍ଶାଘାଇ,୨୪।୧୨(ଡି.ଏନ.ଏ.)**

କେନ୍ଦ୍ରପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମଧୁସାଗର ବିଦ୍ୟାପୀଠରେ ଜିଲାସ୍ତରୀୟ ଶିଶୁ ଉତ୍ସବ ପାଳିତ ହୋଇଯାଇଛି । ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ତରଫରୁ ଆୟୋଜିତ ଏହି ଉତ୍ସବରେ ଜିଲା ଓଷ୍ଟା ସଭାପତି ପ୍ରମୋଦ ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ ତନ୍ମୟ ବେହେରା, ମୁଖ୍ୟବକ୍ତା ରାଜନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଅତୁଳ କୁମାର ବଳ, ସମ୍ମାନୀତ ଅତିଥି ଭାବେ ଓଷ୍ଟାର ପ୍ରାକ୍ତନ ଜିଲା ସମ୍ପାଦକ ତପନ ସିଂ, ପ୍ରାକ୍ତନ ସମ୍ପାଦକ ତ୍ରୈଲୋକ୍ୟ ସ୍ୱାଇଁ, ଜିଲା ଓଷ୍ଟା ସମ୍ପାଦକ ନିର୍ମଳ ନାୟକ, କୁହୁଡି ସରପଞ୍ଚ ପ୍ରଭାତ ଦାସ, ମୋ ସ୍କୁଲ ସଭାପତି ଭ୍ରମର ରାଉତ ଓ ପ୍ରଧାନ ଶିକ୍ଷକ ସୁଧୀ ରଞ୍ଜନ ବାରିକ ଯୋଗ ଦେଇଥିଲେ। ଜିଲାର ୯ ବ୍ଲକରୁ ୨୭୫ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଶିକ୍ଷକ ପ୍ରସନ୍ନ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦ୍ଯାପନୀ ଉତ୍ସବରେ ରାଜ୍ୟ ଓଷ୍ଟାର ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ ମିଶ୍ର, ମୁଖ୍ୟବକ୍ତା କାଳୀ ପ୍ରସାଦ ନାୟକ ସମ୍ମାନୀତ ଅତିଥି ଭାବେ ଶିକ୍ଷା ପ୍ରଦୀପର ସମ୍ପାଦକ ଶଙ୍କର ସୁବୁଦ୍ଧି, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରଣବ ଜେନା, ଜିଲା ପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ ଓ କୋଷାଧକ୍ଷ ପ୍ରେମାନନ୍ଦ ଜେନା ଯୋଗ ଦେଇଥିଲେ।

## ଷ୍ଟାର ଟ୍ୟାଲେଣ୍ଟ ପ୍ରତିଯୋଗିତା




ଷ୍ଟାର ଟ୍ୟାଲେଣ୍ଟ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ।

**ରାଜନଗର,୨୪।୧୨(ଡି.ଏନ.ଏ.)**

ରାଜନଗର ବ୍ଲକ ଉପକଣ୍ଠରେ ଥିବା ଡିଏଭି ପବ୍ଲିକ ସ୍କୁଲ ଏବଂ ବାମନ ଦାସ ଆଇଟିଆଇ କଲେଜ ପକ୍ଷରୁ ଷ୍ଟାର ଟ୍ୟାଲେଣ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷ କ୍ଷୀରୋଦ କୁମାର ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖବରଦାତା ଭାସ୍କର ରାଉତରାୟ ଯୋଗଦେଇ କୋମଳମତି ଶିଶୁମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଆୟୋଜିତ କରାଯାଇଥିବା ଷ୍ଟାର ଟ୍ୟାଲେଣ୍ଟ ପ୍ରତିଯୋଗିତା ଦିଗ୍‌ଦର୍ଶନ ଦେବ ବୋଲି କହିଥିଲେ। ସେହିପରି ବାମନ ଦାସ ଆଇଟିଆଇ କଲେଜ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ଗରିବ, ମେଧାବୀ ଛାତ୍ରୀଛାତ୍ରମାନେ ବୈଷୟିକ ଶିକ୍ଷାଲାଭ କରି ଦେଶ ଓ ଦେଶ ବାହାରେ କାମ କରି ଗୌରବ ଆଣିଥିବାରୁ ଆମେ ଗର୍ବିତ ବୋଲି କହିଥିଲେ। ବାମନ ଦାସ ଆଇଟିଆଇ କଲେଜର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଇଂ. ଅନନ୍ତ କୁମାର ବଳ, ଶିକ୍ଷୟିତ୍ରୀ ରାଧାରାଣୀ ରାଉତରାୟ, ବର୍ଷା ପ୍ରିୟଦର୍ଶନୀ ହାତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୁନି ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଖାଦ୍ୟଶୃଙ୍ଖଳ, ବାୟୁ ପ୍ରଦୂଷଣ, ପରିବେଶ ପ୍ରଦୂଷଣ ସମ୍ବନ୍ଧୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

# ପଥର ପ୍ୟାକିଂ ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

**ରାଜନଗର,୨୪।୧୨(ଡି.ଏନ.ଏ.)**

ରାଜନଗର-ମହାକାଳପଡ଼ାକୁ ସଂଯୋଗ କରୁଥିବା ହଂସୁଆ ନଦୀ ତଟ କେରେଡାଗଡ଼-ଅଳତାଙ୍ଗ ନଦୀବନ୍ଧ ରାସ୍ତାକୁ ସୁଦୃଢ କରିବା ପାଇଁ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ବିପଦସଙ୍କୁଳ ଅବସ୍ଥାରେ ଥିବା ଜଗନ୍ନାଥପୁରଠାରେ ପଥର ପ୍ୟାକିଂ କରାଯାଉଛି। ବଡବଡ଼ ପଥର ନଦୀ ଖାଉଥିବା ସ୍ଥାନରେ ପକାଯାଇଛି । ଆଳି ତଟବନ୍ଧ ବିଭାଗର ରାଜନଗର ସବ୍‌ଡିଭିଜନ ପକ୍ଷରୁ ଏହି ବନ୍ଧ ନିର୍ମାଣ କରାଯାଉଛି। ୧୫କୋଟି ୯୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏହି ପଥର ପ୍ୟାକିଂ କାମ ଚାଲୁ ରହିଛି। ଏହି କାମ ଅନୁଧ୍ୟାନ କରିବା ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ ପଥର ପ୍ୟାକିଂ ସ୍ଥାନରେ ପହଞ୍ଚି କାମ ତଦାରଖ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ। ରାଜନଗର ତଟବନ୍ଧ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅଞ୍ଜନ କୁମାର ବେହେରା, ସହକାରୀ ଯନ୍ତ୍ରୀ ଇଂ. ଭଞ୍ଜ କିଶୋର ରାଉତ, ବିଜୟ କୁମାର ରାଉତ ଉପସ୍ଥିତ ଥିଲେ।



ପଥରପ୍ୟାକିଂ ସ୍ଥିତି ଅନୁଧ୍ୟାନ କରୁଛନ୍ତି ବିଧାୟକ ।

## ଶିକ୍ଷିତ ବେରୋଜଗାରୀଙ୍କ ପାଇଁ ନିଯୁକ୍ତି ଶିବିର

**ରଘୁନାଥପୁର,୨୪।୧୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ସଭାକକ୍ଷରେ ଶିକ୍ଷିତ ବେରୋଜଗାରୀ ଯୁବକଙ୍କ ନିମନ୍ତେ ଏକ ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ ନିୟୋଜନ ବିଭାଗ ସହଯୋଗ ତଥା ରିଜିଓନାଲ ଟ୍ରେନିଂ ଏକାଡେମୀ ଏସ୍ଆଇଏସ୍ ଲିମିଟେଡ(ସିକ୍ୟୁରିଟି ଆଣ୍ଡ ଇଣ୍ଟେଲଜେନ୍ସ ସର୍ଭିସ)ପକ୍ଷରୁ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ରିଜିଓନାଲ ଅଫିସର ଦେବୀପ୍ରସାଦ ଉତ୍ତରରାୟ ଉପସ୍ଥିତ ରହି ଆଶାୟୀ ଯୁବକଙ୍କୁ ନିଯୁକ୍ତି ଭିତ୍ତିକ ତଥ୍ୟ ଯୋଗାଇଦେବା ସହ ସେମାନଙ୍କ ନାମ ପଞ୍ଜିକରଣ କରିଥିଲେ। ଶିବିରରେ ୪୦ ଜଣ ଯୁବକ ନିଯୁକ୍ତି ପାଇଁ ଆବେଦନ କରିଥିଲେ।

## ରାଗିଂ ରୋକିବାକୁ ସଚେତନତା ଆବଶ୍ୟକ

**ଅଳକା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନର ଆଲୋଚନାଚକ୍ର**



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ବାଲିଆ, ୨୪।୧୨(ସ୍ୱ.ପ୍ର.)**

ଶିକ୍ଷାନୁଷ୍ଠାନ ଭଳି ଏକ ମଣିଷ ଗଢ଼ା ମନ୍ଦିରକୁ କଳୁଷିତ ନ କରିବା, ବିଶେଷ କରି ରାଗିଂକୁ ରୋକିବା ପାଇଁ ସରକାରୀ, ବେସରକାରୀ ଓ ଶିକ୍ଷାନୁଷ୍ଠାନସ୍ତରରେ ପ୍ରଚେଷ୍ଟା ଆବଶ୍ୟକ ବୋଲି ବିରିଡି ବ୍ଲକ ଅଳକା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଅନୁଷ୍ଠିତ ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଛି। ରାଗିଂ ଓ ଆତ୍ମହତ୍ୟା ସମ୍ପର୍କରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧକ୍ଷ ଡ. ବିଶ୍ୱଜିତ ରାୟ ଏଥିରେ ଅଧକ୍ଷତା କରିଥିଲେ। ଚୌଦ୍ୱାର ମହାବିଦ୍ୟାଳୟର ଅଧକ୍ଷ ଡ. ଉମେଶ ଚନ୍ଦ୍ର ଦେବତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଗିଂ ଓ ଆତ୍ମହତ୍ୟା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଡ. ରୁଦ୍ରନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ରୁଦ୍ରନାରାୟଣ ମହାନ୍ତି, ବିଭାଗୀୟ ଅଧ୍ୟାପିକା କଳ୍ପନା ସାହୁ ଓ ଜ୍ୟୋତିପ୍ରକାଶ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡ଼ା ଭ୍ରାତୃଭାବ ସୃଷ୍ଟି କରେ

**ବିରିଡି/ବାଲିଆ, ୨୪।୧୨(ଡି.ଏନ୍.ଏ.)**

କ୍ରୀଡ଼ା ଦ୍ୱାରା ପରସ୍ପର ଭିତରେ ଭ୍ରାତୃଭାବ ସୃଷ୍ଟି ହେବା ସହ ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ଘଟିଥାଏ ବୋଲି ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍ଯାପନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ପ୍ରତିଯୋଗିତାକୁ ମଙ୍ଗୁଲି ମିନି ଷ୍ଟାଡିୟମରେ ସରପଞ୍ଚ ନିରଞ୍ଜନ ସେଠୀ ଉଦ୍ଘାଟନ କରିଥିଲେ। କ୍ରୀଡ଼ା ମଧ୍ୟରେ ଖୋଖୋ, କବାଡି ଓ ଭଲିବଲ ଆଦି ପ୍ରତିଯୋଗିତା ହାଇଥିଲା। ଖୋଖୋ ବଡିମିରା, କବାଡିରେ ବୁଢାପଡା ପଞ୍ଚାୟତ ଓ ଭଲିବଲ୍‌ରେ ବାଗଲପୁର ବିଜୟୀ ହୋଇଛି। ଉଦ୍ଯାପନୀ ଉତ୍ସବରେ ବ୍ଲକ ଅଧକ୍ଷା ମମତା ପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ , ସମ୍ମାନିତଅତିଥି ଭାବେ ପିନାକୀ ପ୍ରିୟଦର୍ଶିନୀ, ହେମନ୍ତ ମହାନ୍ତ, ଚନ୍ଦ୍ର ଶେଖର ଦାଶ ଓ ସର୍ବେଶ୍ୱର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ପୁସ୍ତକ ସହ ବୌଦ୍ଧିକ ଶିକ୍ଷା ଜରୁରୀ

**ଜଗତ୍‌ସିଂହପୁର ଅଫିସ, ୨୪।୧୨**

ଶିକ୍ଷା ହେଉଛି ଅମୂଲ୍ୟ ସମ୍ପଦ । ପିଲାମାନେ କେବଳ ପାଠ୍ୟ ପୁସ୍ତକ ପଢି ଭଲ ନମ୍ବର ରଖିଦେଲେ ହେବନାହିଁ । ମୌଳିକ ଶିକ୍ଷାର ଆବଶ୍ୟକତା ରହିଛି। ଏନେଇ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ, ଶୈକ୍ଷିକ ବିକାଶ ପ୍ରତି ପ୍ରତ୍ୟେକ ଦାୟିତ୍ୱବାନ ହୋଇ ଅନୁକୂଳ ପରିବେଶ ଯୋଗାଇ ଦିଆଯାଉ। ଜଣେ ଭଲ ମଣିଷ ହେବା ପାଇଁ ଉଭୟ ପୁସ୍ତକଗତ ଓ ବୌଦ୍ଧିକ ଶିକ୍ଷା ଲାଭ କରିବା ଜରୁରୀ ବୋଲି ଜଗତ୍‌ସିଂହପୁର ବଡ଼ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବରେ ଅତିଥିମାନେ ମତ୍ୟବ୍ୟକ୍ତ କରିଛନ୍ତି। ଏହି ଅବସରରେ ଶିଶୁମାନଙ୍କ ଚାରିତ୍ରିକ ଗଠନରେ ଗୁରୁ ମା' ଓ ଗୁରୁଜୀଙ୍କ ଭୂମିକା ଉପରେ



କୁନି କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଗୁରୁଦ୍ୱାରୋପ କରାଯାଇଥିଲା। ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ନଳିନୀକାନ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜଗତ୍‌ସିଂହପୁର ତହସିଲଦାର ଅଞ୍ଜଳୀ ତରାଇ ମୁଖ୍ୟଅତିଥି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ପ୍ରଚାର ପ୍ରମୁଖ ରବିନାରାୟଣ ପଣ୍ଡା ମୁଖ୍ୟ ବକ୍ତା, ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୁର୍ଗାପ୍ରସାଦ ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ବିଦ୍ୟାମନ୍ଦିର ପରିଚାଳନା କମିଟି ସମ୍ପାଦକ ଡା. କୁଞ୍ଜବିହାରୀ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମଦନମୋହନ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ବିଦ୍ୟାମନ୍ଦିର ସହ ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟ ଶଙ୍କର୍ଷଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୧୮ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

- ଲଡୁବାବା, ଝାଡ଼େଶ୍ୱରୀଙ୍କ ଦର୍ଶନ କଲେ
- ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତି ପରଖିଲେ
- ନୂଆବର୍ଷରୁ ରାମସାଗରରେ ବୋଟିଂ ବ୍ୟବସ୍ଥା

ନୟାଗଡ଼ ଅଫିସ/ଶରଣକୁଳ/ଓଡ଼ଗାଁ (ଡି.ଏନ.ଏ./ସ୍ୱ.ପ୍ର.) ୨୪।୧୨

ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ର ଶନିବାର ନୟାଗଡ଼ ଜିଲାକୁ ଏକ ଦିବସୀୟ ଗସ୍ତରେ ଆସି ନୟାଗଡ଼, ଓଡ଼ଗାଁ ଓ ଶରଣକୁଳ ଅଞ୍ଚଳରେ ଚାଲିଥିବା ଉନ୍ନୟନ କାର୍ଯ୍ୟକୁ ଅନୁଧ୍ୟାନ କରିଛନ୍ତି । ଏଥି ସହିତ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ସେ ପ୍ରଥମେ ନୟାଗଡ଼ ବଲାଙ୍ଗୀ ପାର୍କର ୱାଚ ଟାୱାର, ଶିଶୁ ପାର୍କ, ଜଳାଶ୍ରୟ, ପଥରରେ ତିଆରି ବିଭିନ୍ନ ପ୍ରକାରର କାରୁକାର୍ଯ୍ୟ ପରିଦର୍ଶନ କରିଥିଲେ । କ'ଣ କରାଗଲେ ପାର୍କ ଅଧିକ ଆକର୍ଷଣୀୟ ହୋଇ ପାରିବ ସେନେଇ ପଚାରି ବୁଝିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ନିର୍ମାଣ ଚାଲିଥିବା ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଗୃହ, ଷ୍ଟାଫ୍ କ୍ୱାର୍ଟର୍ସ, ଆଶ୍ରୟ ସ୍ଥଳ ବୁଲି ଦେଖିଥିଲେ।

ମଧ୍ୟାହ୍ନରେ ସେ ଶ୍ରୀରଘୁନାଥ ମନ୍ଦିର ପରିଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପୂଜକଙ୍କଠାରୁ ଶ୍ରୀଜୀଉଙ୍କ ଦାରୁମୂର୍ତ୍ତି, ମନ୍ଦିର ଇତିହାସ ସହିତ ମନ୍ଦିରର ଦୈନିକ ପୂଜା ବିଧି ଓ ପର୍ବପର୍ବାଣୀ ସମ୍ପର୍କରେ ପଚାରି ବୁଝିଥିଲେ। ଉକ୍ତ ମନ୍ଦିରକୁ ୫-ଟି ଯୋଜନାରେ ସାମିଲ କରିବା ଉପରେ ପୂଜକ ପରିଷଦ ସଭାପତି


ଲଡୁବାବାଙ୍କ ମନ୍ଦିରରେ ସେବାୟତ ଓ ପ୍ରଶାସନିକ ଅଧିକାରୀଙ୍କ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରୁଛନ୍ତି।

ପ୍ରଫୁଲ୍ଲ କୁମାର ମହାପାତ୍ର ଓ ସ୍ଥାନୀୟ ଜନ ପ୍ରତିନିଧିମାନେ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ବିଧାୟକଙ୍କ ଅନୁମୋଦନ ଆବଶ୍ୟକ ବୋଲି ସେ କହିଥିଲେ । ଏହାପରେ ସେ ରାମ ବିହାର ସଂଗ୍ରହାଳୟ, ରାମସାଗର ପାର୍କ ପରିଦର୍ଶନ କରିଥିଲେ। ରାମ ସାଗରରେ ନୂଆ ବର୍ଷରୁ ବୋଟିଂ ସୁବିଧା ପ୍ରଚଳନ ହେବାକୁ ଥିବା ବ୍ଲକ ଅଧକ୍ଷ ଲୋକନାଥ ସାହୁ ସୂଚନା ଦେବା ପରେ ସେ ଖୁସି ବ୍ୟକ୍ତ କରିଥିଲେ । ସେହିପରି ସେ ୪୭ ଲକ୍ଷ ଟଙ୍କା ବ୍ୟୟରେ ନବୀକରଣ ହେଉଥିବା ନନ୍ଦିଘୋର ବେଢା ପରିକ୍ରମା କରିବା ଅବସରରେ ଏହାର ଉନ୍ନୟନ ସମୀକ୍ଷ କରିବା ସହିତ ପାର୍କ ନିର୍ମାଣ ଓ ବୋଟିଂ ସୁବିଧା ପ୍ରଚଳନ କରିବାକୁ ପରାମର୍ଶ ଦେଇଥିଲେ । ନିକଟସ୍ଥ ଅନ୍ୟତମ ପିକ୍‌ନିକ୍ ସ୍ପଟ୍ ବୁଢାବୁଢିଆଣି ଡ୍ୟାମ୍ ପରିଦର୍ଶନ କରିବା ସହିତ ଜଳସେଚନ ବିଭାଗରୁ ଏହାର ଉନ୍ନୟନ ନିମନ୍ତେ ଅନୁଦାନ ମଞ୍ଜୁରୀ କରିବାକୁ ସେ ଆବଶ୍ୟକ ପଦକ୍ଷେପ ନେବାକୁ ସୂଚନା ଦେଇଥିଲେ।

ଶରଣକୁଳରେ ଦେବୀ ପୀଠ ଝାଡେଶ୍ୱରୀକୁ ଯାଇ ୬୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ଶିଶୁ ଉଦ୍ୟାନ କାମ ବୁଲି ଦେଖିଥିଲେ । ଝାଡେଶ୍ୱରୀ ବନ୍ଧର ପୁନରୁଦ୍ଧାର ଓ ବିଭିନ୍ନ ସ୍ଥାନରେ ଆବଶ୍ୟକ ହେଉଥିବା କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପୀଠ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ହେତୁ ବଣଭୋଜି ନିମନ୍ତେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ସୁବିଧା ସହିତ ପିଣ୍ଡି ନିର୍ମାଣ ପାଇଁ ଆଲୋଚନା କରିଥିଲେ । ବଣଭୋଜି ଯୋଗୁ ଦେବୀ ପୀଠର ବିଭିନ୍ନ ଅଞ୍ଚଳର ଅପରିଷ୍କାର ରହୁଥିବାରୁ ସ୍ୱଚ୍ଛତା ପାଇଁ ଗୁରୁତ୍ୱ ଦେଇଥିଲେ। ଇକୋ ଟୁରିଜିମ କାମ ଶୀଘ୍ର ଶେଷ କରିବାକୁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଶରଣକୁଳ ଲଡୁବାବାଙ୍କୁ ଦର୍ଶନ କରି ସେବାୟତ, ମନ୍ଦିର ପରିଚାଳକ, ସ୍ଥାନୀୟ ବାସିନ୍ଦାଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ମନ୍ଦିର ନିକଟସ୍ଥ ଚନ୍ଦନ ପୋଖରୀ ଓ ମନ୍ଦିର ପୁନରୁଦ୍ଧାର, ନୂଆ ରୋଷ ଘର ନିର୍ମାଣ, ୫ ଲକ୍ଷ ଟଙ୍କା ମଞ୍ଜୁର ପରେ ମନ୍ଦିରର ଉତ୍ତର ଦିଗରେ ପରିସ୍ରାଗାର ନିର୍ମାଣ ହୋଇ ପାରୁ ନ ଥିବା ସଂକ୍ରାନ୍ତରେ ସେ ଆଲୋଚନା କରିଥିଲେ । ପୁରୁଣା ରୋଷଘରେ ରୋଷେଇ ହୋଇ ପାରୁ ନ ଥିବା ସେବାୟତମାନେ କହିଥିଲେ । ସେହିପରି ଭୋଗମଣ୍ଡପ ପାଇଁ ମଞ୍ଜୁର ହୋଇଥିବା ୩ ଲକ୍ଷ ଟଙ୍କାର କାମକୁ ଶୀଘ୍ର ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ସେବାୟତମାନେ ସେମାନଙ୍କ ଜମିଜମା ଓ ପଟା ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ଲଡୁବାବାଙ୍କ ମନ୍ଦିର ଦର୍ଶନ କରି ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଏହାର ବିକାଶ କାର୍ଯ୍ୟ କିପରି ହୋଇପାରିବ ସେ ନେଇ ସ୍ଥାନୀୟ ବିଧାୟକ, ମନ୍ଦିର ପରିଚ୍ଛା, ମନ୍ଦିର ପରିଚାଳକ, ସେବାୟତ ଓ ସ୍ଥାନୀୟ ନେତୃବୃନ୍ଦ, ବୁଦ୍ଧିଜୀବିଙ୍କ ସହ ଆଲୋଚନା କରିଥିଲେ। ଶରଣକୁଳକୁ ଏନଏସିର ମାନ୍ୟତା ପାଇଁ ସୁପାରିଶ୍ କରିବା ସହ ଶରଣକୁଳର ବିକାଶ ପାଇଁ ଏକ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜର ବ୍ୟବସ୍ଥା ପାଇଁ କହିଥିଲେ ।

ମୁଖ୍ୟ ଶାସନ ସଚିବଙ୍କ ସହ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଡିଏଫ୍‌ଓ କ୍ଷମା ଷଡଙ୍ଗୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### କେରଳରେ ଆତ୍ମହତ୍ୟା କଲେ ଓଡ଼ିଆ ଶ୍ରମିକ

ନୟାଗଡ଼ ଅଫିସ,୨୪।୧୨: କେରଳ ରାଜ୍ୟ ତ୍ରିଶୁର ଜିଲାର କାନିମଙ୍ଗଳମଠାରେ ଶନିବାର ଭୋର ସମୟରେ ନୟାଗଡ଼ ଜିଲା ଇଟାମାଟି ଥାନା ଶରଧାପୁର ଗାଁର କାହ୍ନୁ ଚରଣ ପ୍ରଧାନ ନାମକ ଜଣେ ଶ୍ରମିକ ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଏହି ଖବର ଜଣାପଡିବା ପରେ ରୋଜଗାରିଆ ପୁଅକୁ ହରାଇ ତାଙ୍କ ମାଆ ଭାଙ୍ଗି ପଡିଛନ୍ତି । ବାପା କରୋନାରେ ମରିବାର ୧ ବର୍ଷ ପରେ ପୁଅର ଆତ୍ମହତ୍ୟା ତାଙ୍କୁ ବେଶ ବାଧୁଛି । କେରଳରୁ ମୃତଦେହକୁ ନୟାଗଡ଼ ଫେରାଇ ଆଣିବାକୁ ପରିବାର ଲୋକ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଶ୍ରମ ବିଭାଗ ପକ୍ଷରୁ ମୃତଦେହ ଫେରାଇ ଆଣିବାକୁ ବନ୍ଦୋବସ୍ତ କରାଯାଇଛି । ଶନିବାର କେରଳରୁ ମୃତଦେହ ନୟାଗଡ଼ ଅଭିମୁଖେ ଆସୁଛି । ରବିବାର ମୃତଦେହ ଗାଁରେ ପହଞ୍ଚିବ ବୋଲି ଜଣାପଡିଛି । ବାପାଙ୍କ ମୃତ୍ୟୁ ପରେ ଗାଁର ୪ ଜଣ ସାଙ୍ଗଙ୍କ ସହ କାହ୍ନୁ କେରଳ ଯାଇଥିଲେ। ସେଠାରେ ୟୁନିଭରସାଲ କନଷ୍ଟ୍ରକଶନ କମ୍ପାନୀରେ କାମ କରୁଥିଲେ। ସାଙ୍ଗସାଥିଙ୍କ ସହ ମେସ୍‌ରେ ରହୁଥିଲେ। ଶୁକ୍ରବାର ରାତିରେ ସେ ନିଜ ପରିବାର ସଦସ୍ୟଙ୍କ ସହ ଫୋନରେ କଥା ହୋଇଥିଲେ। ହେଲେ ଶନିବାର ଭୋର ସମୟରେ ସେ ଆତ୍ମହତ୍ୟା କରିଥିଲେ । ଏନେଇ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ କୁହନ୍ତି, ମୃତଦେହକୁ ଫେରାଇ ଆଣିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ପଦକ୍ଷେପ ନିଆଯାଇଛି ।

### ଖଣ୍ଡପଡ଼ାରେ କାର୍ଯ୍ୟକ୍ଷମ ହେବ କୋଭିଡ୍ ହସ୍ପିଟାଲ

ଖଣ୍ଡପଡ଼ା,୨୪।୧୨(ସ୍ୱ.ପ୍ର.): ଦେଶ ଓ ବିଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏହାକୁ ନଜରରେ ରଖି ପୁଣି ୬ ମାସର ବ୍ୟବଧାନ ପରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି ଖଣ୍ଡପଡ଼ା କୋଭିଡ୍ ହସ୍ପିଟାଲ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା ନେଇ ସୂଚନା ଦେଇଛନ୍ତି ଡ.ପ୍ରଦୀପ କୁମାର ପାଇକରାୟ ।

### ପଠାଣି ସାମନ୍ତ ଜୟନ୍ତୀ ପାଳିତ

ଭାପୁର,୨୪।୧୨(ଡି.ଏନ୍.ଏ.): ନୟାଗଡ଼ ଜିଲା ଭାପୁର ବ୍ଲକ ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ସଭାଗୃହରେ ଶନିବାର ପଠାଣି ସାମନ୍ତଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅଧାପକ ରାଜକିଶୋର ପ୍ରଧାନଙ୍କ ବେଦ ଧ୍ୱନି କରିଥିଲେ । ସାମନ୍ତଙ୍କ ସ୍ମୃତିକୁ ମନେ ପକାଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା । ଅଧକ୍ଷ ବିରଞ୍ଚି ନାରାୟଣ ଶତପଥୀଙ୍କ ସଭାପତିତ୍ୱରେ ପ୍ରାକ୍ତନ ଅଧାପକ ଜଗଦୀଶ ପ୍ରସାଦ ମହାପାତ୍ର ମୁଖ୍ୟଅତିଥୀ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅଧାପକ ଭାଗୀରଥି ମହାରଣା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ପଠାଣୀ ସାମନ୍ତଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱତନ୍ତ୍ର ଅତିଥୀ ଭାବେ ବରିଷ୍ଠ ଅଧାପକ ଡ. ବିଜୟ କୁମାର ଚୌଧୁରୀ ଯୋଗଦେଇଥିଲେ। ଡା.ରବୀନ୍ଦ୍ର କୁମାର ଦାଶ ଧନ୍ୟବାଦ ଦେଇଥିଲେ।

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଭାପୁର,୨୪।୧୨(ଡି.ଏନ୍.ଏ.): ଫତେଗଡ଼ ଥାନା ଅଧୀନ କଇଁଫୁଲିଆ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଗ୍ରୀଲ ଭାଙ୍ଗି ଟଙ୍କା ଓ ସୁନା ଗହଣା ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଗ୍ରାମର ସୁନେଲି କୁମାର ସାହୁଙ୍କ ଅଭିଯୋଗ ଅନୁଯାୟୀ, ଦୁର୍ବୃତ୍ତମାନେ ଘରର ପଛପାଖ ଗ୍ରୀଲ ତାଲା ସହ କବାଟ ଭାଙ୍ଗି ଘରେ ପଶିଥିଲେ । ସେମାନେ ଶୋଇବା ଘର ଗଡରେଜ ଲକରରେ ଥିବା ନଗଦ ୧ ଲକ୍ଷ ଟଙ୍କା ସହ ପ୍ରାୟ ୫୦ ଗ୍ରାମ ସୁନା ଗହଣା ଲୁଟିନେଇଛନ୍ତି । ପରିବାର ଲୋକେ ଏ ସଂକ୍ରାନ୍ତରେ ଥାନାରେ ଏତଲା ଦେଇଛନ୍ତି ।

# ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

ଖଣ୍ଡପଡ଼ା,୨୪।୧୨(ସ୍ୱ.ପ୍ର.)

ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସହ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ୫-ଟି ରୁପାନ୍ତରୀକରଣ ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି। ରାଜ୍ୟ ସରକାର ଉଚ୍ଚ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ସେହିପରି ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଶ୍ରୀନୀଳକଣ୍ଠେଶ୍ୱର ଦେବ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଖଣ୍ଡପଡା ଓ ଭାପୁର ବ୍ଲକ ଅଧୀନ ୬୨ଟି ଉଚ୍ଚ ବଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗ ଦେଇଥିଲେ । ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁ ମୁଖ୍ୟଅତିଥି ରୁପେ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ୫ଦିନ ଧରି ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ରଞ୍ଜନ କୁମାର ସାହୁ, ମିସ୍ ଶୁଭସ୍ମିତା, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦେଇ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ବିଦ୍ୟାଳୟରେ ଶିକ୍ଷାଦାନ ଶୈଳୀ ସମ୍ପର୍କରେ ପ୍ରଶିକ୍ଷକମାନେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିବା ସୂଚନା ମିଳିଛି।

# ନୀଳମାଧବ ମନ୍ଦିର ପ୍ରକଳ୍ପର ସମୀକ୍ଷା କଲେ ସର୍ବୋଚ୍ଚ ଯନ୍ତ୍ରୀ

ଖଣ୍ଡପଡ଼ା,୨୪।୧୨(ସ୍ୱ.ପ୍ର.)

କଣ୍ଟିଲୋ ନୀଳମାଧବ ପୀଠ ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି ଓଡ଼ିଶା ସେତୁ ନିର୍ମାଣ ନିଗମର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦୁଃଖବନ୍ଧୁ ବେହେରା । ତାଙ୍କ ସହିତ ସେତୁ ନିର୍ମାଣ ନିଗମର ଅଧୀକ୍ଷଣ ଯନ୍ତ୍ରୀ ଇଂ. ରଶ୍ମି ରଞ୍ଜନ ସାହୁ, ସହକାରୀ ଯନ୍ତ୍ରୀ ଇଂ. ଚୈତନ୍ୟ ପ୍ରସାଦ ମାଝି, ଖଣ୍ଡପଡ଼ା ତହସିଲଦାର ପାର୍ଥ ସାରଥୀ ହାଁସଦା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ଭଗବାନ ସାହୁ, ବଂଶଲ ଇନ୍‌ଫ୍ରା ପ୍ରାଇଭେଟ କମ୍ପାନୀ ପକ୍ଷରୁ ଘନଶ୍ୟାମ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ମନ୍ଦିର ଉତ୍ତର ଦ୍ୱାର, ପୂର୍ବଦ୍ୱାରରେ ପ୍ରସ୍ତାବିତ ପ୍ରକଳ୍ପ, ପଶ୍ଚିମ ପ୍ଲାଜା, ଚନ୍ଦନ ପୋଖରୀ ନବୀକରଣ, ଉତ୍ତର ଦ୍ୱାର ମହାନଦୀ କୂଳରେ ପଥର ଡମ୍ଫି, ଦୟଣା ଚୋରୀ ବଗିଚାର ନବୀକରଣ ଓ ମାଘ ମେଳା ପଡିଆରେ ଗାଡ଼ି ପାର୍କିଂ ବ୍ୟବସ୍ଥାର ସମୀକ୍ଷା କରିଥିଲେ ।

# ବିହନ ମେଳାରେ ପୁରୁଣା ଧାନ ପ୍ରଦର୍ଶିତ


ପୁରୁଣା ଧାନ ପ୍ରଦର୍ଶନ ଅବସରରେ ମଞ୍ଚାସୀନ ଅତିଥି।

ଦଶପଲ୍ଲା,୨୪।୧୨(ଡି.ଏନ୍.ଏ.)

ଦଶପଲ୍ଲା ବ୍ଲକର ବିଡାପାଦୁଠାରେ ନିର୍ମାଣ ପକ୍ଷରୁ ଗୋଷ୍ଠୀ ବିହନ ମେଳା ଶୁକ୍ରବାର ଓ ଶନିବାର ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଞ୍ଚଳରୁ ଲୋପ ପାଇବାକୁ ବସିଥିବା ଅନେକ ପୁରୁଣା ଧାନ ବିହନ ଲୋକମାନଙ୍କ ପାଖରୁ ଆଣି ସର୍ବସାଧାରଣଙ୍କ ଅବଗତି ପାଇଁ ପ୍ରଦର୍ଶନ କରାଯାଇଥିଲା । ଏଥିସହ ତାର ଉପାଦେୟତା ସମ୍ପର୍କରେ ସଚେତନ ସୃଷ୍ଟି କରାଯାଇଥିଲା । ଏହି ମେଳାରେ ବନ୍ୟା ଏବଂ ମରୁଡ଼ିକୁ ମୁକାବିଲା କରିପାରୁଥିବା ପୁରୁଣା ଧାନ ବିହନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ୨୭ ଗ୍ରାମର ପ୍ରାୟ ୭ଶହ ପରିବାରକୁ ସାମିଲ କରାଯାଇଛି । ବ୍ଲକ୍ ଅଧ୍ୟକ୍ଷା ସୁନନ୍ଦା ସାହୁ ମୁଖ୍ୟ ଅତିଥି, କୃଷି ବୈଜ୍ଞାନିକ ଦେବାଶିଷ ନାୟକ,ଶିଶିର ପରିଡା,ଯୋଜନା ଅଧିକାରୀ ଅପର୍ଣ୍ଣା ପ୍ରିୟଦର୍ଶିନୀ,ଡିପିସି ଅଭିଷେକ ପଣ୍ଡା ,ବିପିଏମ୍ ଦିପ୍ତିମୟୀ ପ୍ରହରାଜ,ପ୍ରେସ୍ କ୍ଲବ୍ ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ । ନିର୍ମାଣର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାନ୍ତି ବିହନ ମେଳା ଏଂ କୃଷି ଓ କୃଷକଙ୍କ ଉପରେ ସମ୍ୟକ୍ ସୂଚନା ଦେଇଥିଲେ । ଏହି ଅବସରରେ କେତେଜଣ ମହିଳା ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦଘାଟନ ଦିବସରେ ଏକ ଶୋଭାଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରି ମେଳାସ୍ଥଳରେ ପହଞ୍ଚି ଥିଲା । ମେଳାର ଦ୍ୱିତୀୟ ଦିବସରେ ବହୁ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଚାଷୀମାନଙ୍କ ମଧ୍ୟରେ ପୁରୁଣା ଧାନ ଅଦଳବଦଳ କରାଯାଇଥିଲା ।

# ସେମିଫାଇନାଲରେ ନୂଆଗାଁ ଏଫ୍‌ଇସିସି

## ନୂଆଗାଁ କପ୍ -୨୦୨୨

ନୂଆଗାଁ,୨୪।୧୨(ଡି.ଏନ.ଏ.)


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କଲେଜ ସମ୍ମୁଖ ପଡ଼ିଆରେ ଏଫ୍‌ଇସିସି ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଚାହାଲୀ ପଞ୍ଚାୟତ ଟିମ୍‌କୁ ହରାଇ ନୂଆଗାଁ ଏଫ୍‌ଇସିସି ଟିମ୍ ବିଜୟ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ଶନିବାର ଷଷ୍ଠ ଦିବସରେ ଚାହାଳି ଦଳ ସହ ନୂଆଗାଁ ଏଫ୍‌ଇସିସି ଦଳ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠି ହୋଇଥିଲା । ଏହି ମ୍ୟାଚରେ ଚାହାଳୀ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଚାହାଳି ଟିମ୍ ୧୫ ଓଭରରେ ୫ ଉଇକେଟ୍ ହରାଇ ୭୫ ରନ ସଂଗ୍ରହ କରିଥିଲା । ପ୍ରତିପକ୍ଷ ନୂଆଗାଁ ଏଫ୍‌ଇସିସି ଦଳ ୭ ଓଭର ୧ ବଲରେ ଗୋଟିଏ ଉଇକେଟ ହରାଇ ୭୮ ରନ ସଂଗ୍ରହ କରି ବିଜୟ ହେଇଥିଲା ।

ଏହି ମ୍ୟାଚରେ ଏଫ୍‌ଇସିସି ଦଳର ମନୋଜ କୁମାର ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ହାସଲ କରିଥିଲେ । ରାମେଶ୍ୱର ସୁପର ମାର୍କେଟର ମାଲିକ ଲକ୍ଷ୍ମୀଧର ପରିଡା ଏହି ଟ୍ରଫି ପ୍ରଦାନ କରିଥିଲେ । ମହିପୁର ବନାଞ୍ଚଳ ମହିପୁର ସେକ୍ସନ ଫରେଷ୍ଟର ସୂର୍ଯ୍ୟନାରାୟଣ ମହାରଣା , ବାହାଡାଖୋଲା ସେକ୍ସନ ଫରେଷ୍ଟର ସନାତନ ସ୍ୱାଇଁ , ଗୁମି ସେକ୍ସନ ଫରେଷ୍ଟର ପବିତ୍ର କୁମାର ପରିଡ଼ା, ଚାହାଳି ସରପଞ୍ଚ ସୁବାସ କୁମାର ବେହେରା, ପାରାଡ଼ିପି ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ, ଗୁମି ସରପଞ୍ଚ ବବୁ ମହାରଣା ଅତିଥି ଭାବେ ଯୋଗ ଦେଇଥିଲେ ।

# ଖାଉଟିଙ୍କ ଅଧିକାର, କର୍ତ୍ତବ୍ୟ ଉପରେ ସଚେତନତା

ନୟାଗଡ଼ ଅଫିସ,୨୪।୧୨

ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ ପରିସରରେ ଜାତୀୟ ଖାଉଟି ଦିବସ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ଏ ଅବସରରେ ଖାଉଟିଙ୍କ ସଚେତନତା ଉଦ୍ଦେଶ୍ୟରେ ସେମାନଙ୍କ ଅଧିକାର ଓ କର୍ତ୍ତବ୍ୟ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଚନ୍ଦ୍ର ବିଜୟୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ରୁପେ ଜିଲା ଯୋଗାଣ ଅଧିକାରୀ ତିଳୋତ୍ତମା ପ୍ରଧାନ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ରୂପେ ଖାଉଟି ବିବାଦ ଓ ପ୍ରତିକାର ମଞ୍ଚ ନୟାଗଡ଼ର ପୂର୍ବତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ବୈଧ ମାପ ବିଜ୍ଞାନ ବିଭାଗର ଉପନିୟନ୍ତ୍ରକ ମୋନାଲିସା ରାୟ ଓ ଇନ୍ସପେକ୍ଟର ସୁଦର୍ଶନ ଟୁଡୁ ଅତିଥି ରୂପେ ଯୋଗ ଦେଇଥିଲେ । ଜଷ୍ଟିସ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖାଉଟିମାନେ ଯୋଗ ଦେଇ ସଚେତନତା ହୋଇଥିଲେ । ଶ୍ରମିକ ନେତା ଶୂନ୍ୟ ବିଜୟୀ ମିଶ୍ର, ଭଗବାନ ବେହେରା, ରମେଶ ବେହେରା ଏହାକୁ ପରିଚାଳନା କରିଥିଲେ ।

# ଛାତ୍ରୀଙ୍କ ଫଟୋ ଉଠାଇ ଯୁବକ ଗିରଫ

## କଲେଜ ସମ୍ମୁଖରେ ଧାରଣା

ରଣପୁର,୨୪।୧୨ (ସ୍ୱ.ପ୍ର.)

ଜଣେ କଲେଜ ଛାତ୍ରୀଙ୍କ ଟଏଲେଟ୍ ସମୟର ଫଟୋ ଉଠାଇବା ଘଟଣାକୁ ନେଇ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସମ୍ପୃକ୍ତ ଯୁବକ ହେଲେ ମଙ୍ଗରାଜପୁର ଗ୍ରାମର କାହ୍ନୁ ପଟ୍ଟନାୟକ । ଏହି ଘଟଣା ପରେ କଲେଜରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିଲା । ଏହାର ପ୍ରତିବାଦରେ ଛାତ୍ରୀଛାତ୍ରମାନେ କଲେଜ ସମ୍ମୁଖରେ ଧାରଣାରେ ବସିଥିଲେ । କଲେଜର ଅଧ୍ୟକ୍ଷା ତିଳୋତ୍ତମା ଦେବୀ ଧାରଣା ସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


କଲେଜ ସମ୍ମୁଖରେ ଛାତ୍ରୀମାନଙ୍କ ଧାରଣା।

# 'ପଠାଣି ସାମନ୍ତଙ୍କ ପ୍ରତିଭା ବିଶ୍ୱବାସୀଙ୍କୁ ପ୍ରେରଣା ଦେଇଛି'

ଖଣ୍ଡପଡ଼ା,୨୪।୧୨(ସ୍ୱ.ପ୍ର.)

ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ୍ ମହାମହୋପାଧ୍ୟାୟ ପଠାଣି ସାମନ୍ତ ଥିଲେ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ । ଖଣ୍ଡପଡ଼ା ମାଟିରେ ଜନ୍ମ ହୋଇ ସମଗ୍ର ବିଶ୍ୱବାସୀଙ୍କୁ ନଭୋବିଜ୍ଞାନ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିବା ଏହି ମହାମନିଷଙ୍କ ସମ୍ପର୍କରେ ଯେତେ କହିଲେ ବି କମ ହେବ ଏବଂ ତାଙ୍କୁ ଅନୁସରଣ କରିବା ହିଁ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଏହାଛଡା ପ୍ରାକ୍ ସ୍ୱାଧୀନତା ସମୟରେ ଜ୍ୟୋତିର୍ବିଜ୍ଞାନ ସମ୍ପର୍କରେ ସମଗ୍ର ବିଶ୍ୱବାସୀଙ୍କୁ ପ୍ରେରଣା ଦେଇଥିବା ଏହି ମହାମନିଷଙ୍କୁ ନେଇ ଓଡ଼ିଶାବାସୀ ଗର୍ବିତ ବୋଲି ଶନିବାର ଆୟୋଜିତ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଖଣ୍ଡପଡ଼ା ସାମନ୍ତ ଚନ୍ଦ୍ର ଶେଖର ସ୍ମୃତି ମନ୍ଦିର ଓ ପାଠାଗାର ପରିସରରେ ପଠାଣି ସାମନ୍ତଙ୍କ ୧୮୮ ତମ ଜୟନ୍ତୀ ଉତ୍ସବ ଶନିବାର ପାଳିତ ହୋଇଥିଲା । ଅନୁଷ୍ଠାର ସଭାପତି ନାରାୟଣ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟ୍ଟଶାଣୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ଘଡାଇ, ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ଖଣ୍ଡପଡା ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ ପ୍ରମୁଖ ଯୋଗଦେଇ ପଠାଣି ସାମନ୍ତଙ୍କ ସୁଦୂର ପ୍ରସାରୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ସାମନ୍ତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ।

ଅନୁଷ୍ଠାନର ସମ୍ପାଦକ ବିନାୟକ ସାହୁ ବିବରଣୀ ପାଠ କରିଥିଲେ । ରଶ୍ମିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଆବାହନୀ ସଙ୍ଗୀତ ଗାନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖଣ୍ଡପଡ଼ା ଅଞ୍ଚଳରର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ଅତିଥିମାନେ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପ୍ରାତଃ ସମୟରେ ଖଣ୍ଡପଡ଼ା ସହରର ବିଭିନ୍ନ ସ୍ଥାନରେ ଥିବା ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିନାୟକ ମିଶ୍ର ଧନ୍ୟବାଦ ଦେଇଥିଲେ । ଚଳଚ୍ଚିତ୍ର ଅଭିନେତ୍ରୀ ସୋଫିଆ ଆଲମ ଯୋଗଦେଇଥିଲେ। କଳାକାରମାନଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ଓ ଗୋଟିପୁଅ ନୃତ୍ୟ ଦର୍ଶକମାନଙ୍କ ମନ ଜିଣିପାରିଥିଲା। ଖଣ୍ଡପଡା ସହରାଞ୍ଚଳ ସମେତ ଆଖପାଖ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।


ପଠାଣି ସାମନ୍ତଙ୍କ ଜୟନ୍ତୀ ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## କଂଗ୍ରେସର 'ହାତ ସେ ହାତ ଯୋଡ' କାର୍ଯ୍ୟକ୍ରମ ପ୍ରସ୍ତୁତି

ଯାଜପୁର ଟାଉନ,୨୪।୧୨(ଡି.ଏନ୍.ଏ.): 'ହାତ ସେ ହାତ ଯୋଡ' କାର୍ଯ୍ୟକ୍ରମକୁ ନେଇ ଯାଜପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯାଜପୁର ବିଧାନସଭା ମଣ୍ଡଳୀ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ଜିଲା କଂଗ୍ରେସ ମହିଳା ସଭାନେତ୍ରୀ ରୀତାଶ୍ରୀ ମହାନ୍ତି ଏବଂ ବହୁ ବରିଷ୍ଠ ନେତୃମଣ୍ଡଳୀ ଯୋଗ ଦେଇଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା ବ୍ଲକ କଂଗ୍ରେସର ସଭାପତିମାନେ ଉକ୍ତ କାର୍ଯ୍ୟକ୍ରମକୁ କିପରି ସୂଚାରୁ ରୂପେ ପରିଚାଳନା କରିହେବ, କଂଗ୍ରେସକୁ କିପରି ତୃଣମୂଳ ସ୍ତରରେ ମଜଭୁତ କରିହେବ ଏବଂ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାକୁ ଗ୍ରାମାଞ୍ଚଳରେ ପହଞ୍ଚାଯାଇ ପାରିବ ଏହା ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ୍ ସଭାପତି କିଷାନ ପଣ୍ଡା, ରଣଜିତ ରାଜ, ଗଦାଧର ଦାସ, ଦିଲିପ ମଲିକ, ନାରାୟଣ ସାମନ୍ତ, ମିହିର ମିଶ୍ର, ଦୁର୍ଯ୍ୟୋଧନ ବେହେରା, ପ୍ରଶାନ୍ତ ସାହୁ,ଅନନ୍ତ କୁମାର ଦାସ, ବିଷ୍ଣୁଚରଣ ରାଉତ, ଦିଗମ୍ବର କର, ବଳଭଦ୍ର ଦାସ, ଭାସ୍କର ମହାନ୍ତି, ସଂଗ୍ରାମ ସାହାଣୀ ପ୍ରମୁଖ ସାମିଲ ହୋଇ ମତ ରଖିଥିଲେ। ଅକ୍ଷୟ ଶତପଥୀ ଧନ୍ୟବାଦ ଦେଇଥିଲେ।

# ବିପଦରେ ବୌଦ୍ଧସ୍ତୂପ ପାରାଭାଡ଼ି

**ଖାଣ୍ଡୋଲାଇଟ ପଥର ଖଣି ଦ୍ୱାରା ପାହାଡ଼ ଧ୍ୱଂସ**


ପାରାଭାଡ଼ି ପାହାଡ଼।

ଚଣ୍ଡିଖୋଲ,୨୪।୧୨(ଡି.ଏନ.ଏ.): ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ଲଳିତଗିରି ସଂଲଗ୍ନ ପାରାଭାଡ଼ି ପାହାଡ଼ ପ୍ରାଚୀନ ବୌଦ୍ଧସ୍ତୂପ ପାଇଁ ବେଶ ପରିଚୟ ସୃଷ୍ଟି କରିଛି। ମାତ୍ର ରାଜ୍ୟ ସରକାର ଏହିପାହାଡ଼ରୁ ଖାଣ୍ଡୋଲାଇଟ ପଥର ଖନନ କରାଯିବ ବୋଲି ନିଷ୍ପତ୍ତି ନେଲା ପରେ ଏବେ ପାହାଡ଼ଟି ସମ୍ପୂର୍ଣ୍ଣ ବିପଦରେ। ଏହି ପାହାଡ଼ ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନ କେଶରାଇପୁର ଓ ବନ୍ଦରେଶ୍ୱର ଶୁଖୁଆପଡ଼ା ମୌଜାରେ ୮୦ ଭାଗ ଅବସ୍ଥିତ ଥିଲାବେଳେ ୨୦ ଭାଗ କଟକ ଜିଲା ମାହାଙ୍ଗା ତହସିଲ ଅନ୍ତର୍ଗତ ଲଳିତଗିରି ମୌଜାରେ ରହିଛି। ପାହାଡ଼ ଶୀର୍ଷ ଦେଶରେ ପ୍ରାଚୀନ ବୌଦ୍ଧସ୍ତୂପ ପାରାଭାଡ଼ି ରହିଛି, ଯାହାକି ଖ୍ରୀ:ପୂ ଦ୍ୱିତୀୟ ଶତାବ୍ଦୀ ସମୟର ବୋଲି ଐତିହାସିକ ମତ ଦିଅନ୍ତି। ରାଜ୍ୟ ସରକାରଙ୍କ ଅବଢ଼ା ଯୋଜନାରେ ଶ୍ରୀକ୍ଷେତ୍ର ପୁରୀର ସୌନ୍ଦର୍ଯ୍ୟକରଣ ପାଇଁ ଖାଣ୍ଡୋଲାଇଟ ପଥରର ଆବଶ୍ୟକତା ରହିଥିଲା। ସେଥିପାଇଁ ଖାଣ୍ଡୋଲାଇଟ ପଥର ଖଣି ଖନନ ନିମନ୍ତେ ଓଡ଼ିଶା ମାଇନିଂ କର୍ପୋରେଶନ(ଓଏମସି)କୁ ଦାୟିତ୍ୱ ଦିଆଯାଇଥିଲା। ଓଏମ୍‌ସି ତରଫରୁ ବିଭିନ୍ନ ସ୍ଥାନରେ ସର୍ଭେ ପରେ ପାରାଭାଡ଼ି ପାହାଡ଼ ଖନନ ପାଇଁ ସ୍ଥିରୀକୃତ ହୋଇଥିଲା। ଏହି ପାହାଡ଼ରୁ ଖାଣ୍ଡୋଲାଇଟ ସାଇଜ ପଥର କାଟିବା ପାଇଁ ସେଠାରେ ମେଶିନ୍ ପକାଯାଇଥିଲା। ତେବେ ଓଏମ୍‌ସି ତରଫରୁ ଶୁଖୁଆପଡ଼ା ଅଞ୍ଚଳରୁ ପଥର ଖନନ କରାଯିବ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ପ୍ରକୃତ ପଥର ଖନନ କେଶରାଇପୁର ରାଜସ୍ୱ ମୌଜାରୁ କରାଗଲା। କେଶରାଇପୁରଠାରେ ଖନନ କରାଯାଉଥିଲେ ମଧ୍ୟ ଏହି ଖଣିର ନାମ ଶୁଖୁଆପଡ଼ା ରଖାଗଲା। ଖଣି ଖନନର ୨ମାସ ପରେ ସେଠାରୁ ଉତ୍ତମ ମାନର ପଥର ବାହାରିଲା ନାହିଁ। ଯେଉଁଥି ପାଇଁ ଓଏମ୍‌ସି କଟକ ଜିଲାର ଗୋବିନ୍ଦପୁରଠାରେ ପଥର ଖନନ କରି ଏଠାକୁ ଆଣି ମେଶିନ୍‌ରେ କାଟୁଛି। ହେଲେ ଆଶ୍ଚର୍ଯ୍ୟର କଥା ଏଠାରୁ ଖାଣ୍ଡୋଲାଇଟ୍ ପଥର ବାହାରୁ ନ ଥିଲେ ମଧ୍ୟ ପାରାଭାଡ଼ି ବୌଦ୍ଧ ସ୍ତୂପର ଠିକ୍ ତଳକୁ ପାହାଡ଼ର ହଜାର ହଜାର ଗଛ କଟାଯିବା ସହ ପାହାଡ଼କୁ ବିସ୍ତୀର୍ଣ୍ଣ କରିଦିଆଗଲା, ଯାହାକୁ ନେଇ ବୁଦ୍ଧାୟନ ତରଫରୁ ଏହାର ସଭାପତି ପ୍ରଦୀପ୍ତ କୁମାର ଭୂୟାଁ ଜିଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ଚିଠି ଲେଖିଥିଲେ। ଏହାପରେ ଏହି ଖନନ ବିରୋଧରେ ହାଇକୋର୍ଟରେ ମଧ୍ୟ ମାମଲା ରୁଜୁ କରିଥିଲେ। ମାତ୍ର ଓଏମ୍‌ସି ତରଫରୁ ଏହାକୁ ବନ୍ଦ କରାଯାଇ ନ ଥିଲା। ତେଣୁ ଏହି ଶୁଖୁଆପଡ଼ା ଖଣିରୁ ପଥର ବାହାରୁ ନ ଥିଲାବେଳେ ପ୍ରାଚୀନ ବୌଦ୍ଧ ସ୍ତୂପ ରହିଥିବା ପାରାଭାଡ଼ି ପାହାଡ଼କୁ ଯେଉଁଭଳି ଭାବେ ନଷ୍ଟ କରାଗଲା ତା'ର କ୍ଷତିପୂରଣ କିଏ ଭରଣ କରିବ ବୋଲି ଭୂୟାଁ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଓଏମ୍‌ସିର ଆଞ୍ଚଳିକ ପ୍ରବନ୍ଧକ ଗଙ୍ଗାଧର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଶୁଖୁଆପଡ଼ା ଖଣିରୁ ଯେଉଁ ପଥର ବାହାରୁଛି ସେଗୁଡ଼ିକ ଭାଙ୍ଗିଯାଉଛି। ସେଥିପାଇଁ ସେଠାରୁ ଖନନ ବନ୍ଦ କରାଯାଇ ଗୋବିନ୍ଦପୁରରୁ ଖନନ କରାଯାଉଛି।

## ମୁକୁଳା ଟ୍ରାନ୍ସଫର୍ମରରେ ଲାଗିଲା ଅସ୍ଥାୟୀ ବାଡ଼

**ଧରିତ୍ରୀ ପ୍ରଭାବ**

ରସୁଲପୁର,୨୪।୧୨(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବାଜରର ବିଜୁ ଗ୍ରାମୀଣ ବଜାର ବିଏସ୍ ଆଗ୍ରୋ ଡିଲର ପଏଣ୍ଟ ସମ୍ମୁଖରେ ମୁକୁଳା ଟ୍ରାନ୍ସଫର୍ମର ଚାରିପଟେ ଅସ୍ଥାୟୀ ବାଉଁଶବାଡ଼ ବୁଲାଇବା ଦିଗରେ ବିଦ୍ୟୁତ ବିତରଣ କମ୍ପାନୀ ଟାଟା ପାୱାର ଅଧିକାରୀ ତତ୍ପରତା ଦେଖାଇଛନ୍ତି। ବିଭାଗର ଅବହେଳା ଯୋଗୁ ଏକ ଜନଗହଳିପୂର୍ଣ୍ଣ ଓ ଲକ୍ଷ୍ମୀନାରାୟଣ ପୂଜା ଅବସରରେ ଭକ୍ତଙ୍କ ସମାଗମ ସ୍ଥାନରେ ଟ୍ରାନ୍ସଫର୍ମରଟି ବିପଦପୂର୍ଣ୍ଣ ଭାବରେ ଖୋଲା ପଡିଥିଲା। ଏନେଇ ଧରିତ୍ରୀରେ ଶୁକ୍ରବାର ଖବର ପ୍ରକାଶ ପାଇଥିଲା। ପରେ ଟ୍ରାନ୍ସଫର୍ମର ଚତୃପାର୍ଶ୍ୱରେ ଏକ ଅସ୍ଥାୟୀ ବାଡ଼ ବୁଲାଇ ଟ୍ରାନ୍ସଫର୍ମର ସ୍ଥଳକୁ ସୁରକ୍ଷିତ କରାଯାଇଛି। ଲକ୍ଷ୍ମୀନାରାୟଣ ପୂଜା ଅବସରରେ ଉକ୍ତ ଟ୍ରାନ୍ସଫର୍ମର ଚାରିପଟେ ଦୋକାନ ବଜାର ଘେରି ରହିଛି। ଭକ୍ତଙ୍କର ଭିଡ ଜମୁଥିବାରୁ ଏହି ସ୍ଥାନରେ ସ୍ଥାୟୀ ଲୁହାବାଡ ଲଗାଇବା ସମ୍ଭବପର ହେଉନାହିଁ। ପୂଜା ସରିଯିବା ପରେ ଅସ୍ଥାୟୀ ବାଡକୁ ହଟାଇ ଦିଆଯାଇ ଏକ ସ୍ଥାୟୀ ବାଡ଼ ଲଗାଇବା ବ୍ୟବସ୍ଥା କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି। ତେବେ ଖବର ପ୍ରସାରଣ ପରେ ସମସ୍ୟା ସମାଧାନ ହୋଇପାରିଥିବାରୁ ଜନସାଧାରଣଙ୍କୁ ଚିନ୍ତାରୁ ମୁକ୍ତି ମିଳିଛି।


ମୁକୁଳା ଟ୍ରାନ୍ସଫର୍ମର ଚାରିକଡ଼ରେ ବାଉଁଶ ବାଡ଼ ଦିଆଯାଇଛି।

## କେଡିଏମ୍ କ୍ରିକେଟ: ଏଣ୍ଡଲବା, ରେଖିଦେଇପୁର ବିଜୟୀ

ଧର୍ମଶାଳା,୨୪।୧୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ବାରକଣା ଖେଳପଡ଼ିଆରେ ଚାଲିଥିବା କଳ୍ପତରୁ ଦାସ ମେମୋରିଆଲ (କେଡିଏମ୍) କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ୨ ମ୍ୟାଚ୍‌ରେ ଏଣ୍ଡଲବା ଓ ରେଖିଦେଇପୁର ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ମର୍ଜିତାପୁରକୁ ୧୩ ରନରେ ପରାସ୍ତ କରି ଏଣ୍ଡଲବା ଟିମ ବିଜୟୀ ହୋଇଥିବା ବେଳେ ୨ୟ ମ୍ୟାଚ୍‌ରେ ଅଞ୍ଜିରା ଟିମକୁ ୫୧ ରନରେ ପରାସ୍ତ କରି ରେଖିଦେଇପୁର ବିଜୟୀ ହୋଇ ସୁପର ସିକ୍ସରେ ପ୍ରବେଶ କରିଛି।

ପ୍ରଥମ ମ୍ୟାଚ୍‌ରେ ଏଣ୍ଡଲବା ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗୁଡ୍ଡୁ ପୃଷ୍ଟି ୭୨ ରନ ଓ ସରୋଜ ସେଠୀ ୫୯ ରନ କରିଥିଲେ। ବିପକ୍ଷ ମର୍ଜିତାପୁରଟିମ୍‌ର ତ୍ରିଲୋଚନ ବିଶ୍ୱାଳ ୪ ଓ ଜିତେନ୍ଦ୍ର ପ୍ରଧାନ ୧ ଉଇକେଟ ନେଇଥିଲେ। ଜବାବରେ ମର୍ଜିତାପୁର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୬୨ ରନ କରି ପରାସ୍ତ ହୋଇଥିଲା। ଦଳପକ୍ଷରୁ ସୁଚିତ୍ର ଭଦ୍ର ୩୮ ଓ କୁନା ବାରି ୩୫ ରନ କରିଥିଲେ। ବିପକ୍ଷ ଏଣ୍ଡଲବା ଟିମ୍‌ର ଭିକି ଦାସ ଓ ଧନେଶ୍ୱର ପ୍ରଧାନ ୩ଟି ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ରେଖିଦେଇପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୯୨ରନ କରିଥିଲା। ଦଳପକ୍ଷରୁ ମନ୍ମଥ ମଲ୍ଲ ୮୦ ଓ ତନ୍ମୟ ମଲ୍ଲ ୪୯ ରନ କରିଥିଲେ। ବିପକ୍ଷ ଅଞ୍ଜିରା ଟିମ୍‌ର ସୁଜିତ ପ୍ରଧାନ ୨ ଓ ସତ୍ୟଜିତ ପୃଷ୍ଟି ୧ ଉଇକେଟ ନେଇଥିଲେ। ଜବାବରେ ଅଞ୍ଜିରା ଟିମ୍ ୧୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଦୁର୍ଯ୍ୟୋଧନ ୨୦ ରନ ଓ ସୁଜିତ ପ୍ରଧାନ ୧୯ ରନ କରିଥିଲେ। ବିପକ୍ଷ ଦଳର ମନ୍ମଥ ମଲ୍ଲ ଓ ତନ୍ମୟ ମଲ୍ଲ ୩ ଲେଖାଏ ଉଇକେଟ ନେଇଥିଲେ। ଉଭୟ ମ୍ୟାଚ୍‌କୁ ଇନତେକାବ ଆଲମ, ସୌମ୍ୟ ସିର୍ଦ୍ଧାର୍ଥ ମହାନ୍ତି ଓ ନିକୁଞ୍ଜ ବେହେରା ପରିଚାଳନା କରିଥିଲେ। ଆସନ୍ତା ୨୬ ତାରିଖରେ ଏହି ବ୍ଲକ ବଡ଼କାଏମା ଖେଳପଡ଼ିଆରେ ଚୋରମୁହାଁ ଓ ପାଟପୁର ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

## ସନ୍ ପବ୍ଲିକ ସ୍କୁଲରେ ବଡ଼ଦିନ ଉତ୍ସବ


ବଡ଼ଦିନ ପର୍ବରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।

ଯାଜପୁର ସଦର, ୨୪।୧୨(ଡି.ଏନ.ଏ.) ଯାଜପୁର ସହର ସ୍ଥିତ ସନ୍ ପବ୍ଲିକ ସ୍କୁଲରେ ବଡଦିନ ଉତ୍ସବ ପାଳିତ ହୋଇଯାଇଛି। ପିଲାମାନଙ୍କ ସାଣ୍ଟାକ୍ଲଜ୍ ବେଶ ଆକର୍ଷଣୀୟ ହୋଇଥିଲା। ଛାତ୍ରୀଛାତ୍ରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବା ସହ ନିଜ ନିଜ ଭିତରେ ଉପହାର ଆଦାନ ପ୍ରଦାନ କରି ଖୁସି ମନାଇଥିଲେ। ସ୍କୁଲର ସମ୍ପାଦକ ସୁରେନ୍ଦ୍ର ସାହୁ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ମଲ୍ଲିକ, ଜିତେନ୍ଦ୍ର କୁମାର ମିଶ୍ର, ନମିତା ରାଉତ, ଉପେନ୍ଦ୍ର କୁମାର ପରିଡ଼ା, ଜୟସ୍ମିତା ପଣ୍ଡା, ଅରୁନ୍ଧତି ମହାନ୍ତି, ଦୀପ୍ତିରେଖା ରାଉତ, ସୁଜାତା ପଣ୍ଡା, ଶ୍ୟାମଳି ମଧୁମିତା ରାୟ, ପିନାଖି ନାୟକ, ଜିତିମୁକ୍ତା ବାରିକ, ବିଷ୍ଣୁପ୍ରିୟା ମିଶ୍ର, ସ୍ମୃତିରଞ୍ଜନ ମହାନ୍ତି, ସାଇ ସୌମ୍ୟା ଶତପଥୀ, ଆଞ୍ଚୋଲି ମହାନ୍ତି, ଅନନ୍ୟା ସାହୁ, ଅଙ୍କିତା ରାୟ, ପ୍ରଜ୍ଞା ବିଶ୍ୱାଳ, ସ୍ମୃତିରେଖା ସାହୁ, ମଧୁସ୍ମିତା ପଣ୍ଡା, ପ୍ରତିମା ସାହୁ, ସଂଘମିତ୍ରା ବାରିକ, ସ୍ୱୟଂଶ୍ରୀ ସାହୁ, ଶ୍ୱେତା ରାୟ, ଶ୍ରଦ୍ଧାଞ୍ଜଳି ନନ୍ଦ, ଦେବପ୍ରସାଦ ସାହୁ, ପ୍ରଦୀପ କୁମାର ଗୋଛାୟତ, ସୁମିତ୍ରା ବେହେରା, ମାମାଲି ଜେନା, ରେଣୁବାଳା ସେନ, ଅବନ୍ତି ଜେନା, ବଳରାମ ଜେନା ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପପ୍‌ଲିନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୟଙ୍ଗ୍ ଷ୍ଟାର କ୍ରିକେଟ କ୍ଲବର ୧୪ତମ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବ୍ରହ୍ମବରଦା,୨୪।୧୨(ଡି.ଏନ.ଏ.): ରସୁଲପୁର ବ୍ଲକ୍ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ହାଜିରହିମିଆଁ ହାଇସ୍କୁଲ ଖେଳପଡ଼ିଆଠାରେ ୟଙ୍ଗ ଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ୧୪ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବ୍ରହ୍ମବରଦା ସରପଞ୍ଚ ମମତା ପ୍ରିୟଦର୍ଶନୀ ଦେଓ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ୍ ଯାଜପୁରକୁ ହରାଇ ମା' ଚର୍ଚ୍ଚିକା କ୍ରିକେଟ କ୍ଲବ୍ ପୁରୀ ବିଜୟୀ ହୋଇଥିଲା। ଚର୍ଚ୍ଚିକା କ୍ରିକେଟ କ୍ଲବ୍ ଟସ୍ ଜିଣି ଇଲେଭେନ ଷ୍ଟାରକୁ ବ୍ୟାଟିଂ ପାଇଁ ନିମନ୍ତ୍ରିତ କରିଥିଲା। ଇଲେଭେନ ଷ୍ଟାର କ୍ରିକେଟ କ୍ଲବ୍‌ବ୍ୟାଟିଂ କରିନିର୍ଦ୍ଧାରିତ ୨୫ ଓଭର ଖେଳି ୯ ଉଇକେଟ୍ ହରାଇ ୧୯୧ରନ ସଂଗ୍ରହ କରିଥିଲା। ଚର୍ଚ୍ଚିକା କ୍ରିକେଟ କ୍ଲବ୍ ନିର୍ଦ୍ଧାରିତ ୨୫ ଓଭରରୁ ୨୪.୨ଓଭର ଖେଳି ୮ ଉଇକେଟ କରାଇ ୧୯୨ରନ ସଂଗ୍ରହ କରି ବିଜୟୀ ଲାଭ କରିଥିଲା। ଦଳ ପକ୍ଷରୁ ଜୀବନ ଜ୍ୟୋତି ୨୮ ବଲ ଖେଳି ସର୍ବାଧିକ ୬୩ ରନ ସଂଗ୍ରହ କରିଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଖେଳକୁ ସୁବ୍ରତ ଜେନା ଓ ଦେବରାଜ ମିଶ୍ର ପରିଚାଳନା କରିଥିଲେ। ୟଙ୍ଗ ଷ୍ଟାର କ୍ଲ କ୍ଲବ ସଭାପତି ରାକେଶ ଦେଓ, ସମ୍ପାଦକ ଅମୂଲ୍ୟ ରାଉତ ସହଯୋଗ କରିଥିଲେ।

## ଉଡ୍ର ନିଆରା କାର୍ଯ୍ୟକ୍ରମ ବଡ଼ଦିନ ବଡ଼ ସ୍ୱପ୍ନ

ଯାଜପୁର ରୋଡ,୨୪।୧୨(ଡି.ଏନ.ଏ.): ବଡ଼ଦିନ ଅବସରରେ ଉଡ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ନିଆରା କାର୍ଯ୍ୟକ୍ରମ ବଡ଼ଦିନ ବଡ଼ ସ୍ୱପ୍ନ ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ଓଡ଼ିଶା ବଧିର ଆସୋସିଏଶନଠାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭ୍ୟାସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେଠାରେ ମ୍ୟାଜିସିଆନ ଜେ.କେ. ସାହୁ ମାୟାଜାଲ ମ୍ୟାଜିକ ଶୋ'ଦେଖାଇଥିଲେ। ଓଡ଼ିଶା ବଧିର ଆସୋସିଏଶନର ସମସ୍ତ ପିଲା ଏବଂ ସଭ୍ୟାସଭ୍ୟ ମ୍ୟାଜିକ ଶୋ'ର ଭରପୁର ମଜା ନେବା ସହିତ ଖୁସି ମନାଇଥିଲେ। ବଡ଼ଦିନରେ ବଡ଼ ସ୍ୱପ୍ନ ମଧ୍ୟ ଦେଖିଥିଲେ। ଓଡ଼ିଆ ସିନେଜଗତର କଳାକାରଙ୍କୁ ପାଖରେ ପାଇ ପିଲା ଖୁସି ହୋଇଥିଲେ। କେକ କାଟି ବଡଦିନ ପାଳନ କରିବା ସହିତ 'ଉଡ୍ର' ଚାରିଟେବୁଲ ଟ୍ରଷ୍ଟର ଶୁଭ ମନାସୀ ଥିଲେ ଏବଂ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ, ସାମାଜିକ କର୍ମୀ ଓ ଶ୍ରମିକନେତା ମାୟାଧର ନାୟକ ଯୋଗ ଦେଇଥିଲେ। ଟ୍ରଷ୍ଟର ପରାମର୍ଶଦାତା ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ, ଓଡ଼ିଆ ସିନେଜଗତର ଅଭିନେତା ସମରେଶ ରାଉତରାୟ, ଅଭିନେତ୍ରୀ ପୁନମ ମିଶ୍ର, ଟ୍ରଷ୍ଟ ସମ୍ପାଦିକା ଶୁଭ୍ରାଜ୍ୟୋତି ଦାସନାୟକ, ଶୁଭଶ୍ରୀ ମଙ୍ଗରାଜ, ବିଶ୍ୱଜିତ ପଣ୍ଡା, ବୈଷ୍ଣବ ଭୋଳ, ସତ୍ୟ ସୁମନ, ଅସିତ ସାହୁ, ପବନ ପାତ୍ରୋ, କିଶୋର ଦାସ ଓ ଭାଗ୍ୟଧର ସାମଲଙ୍କ ସମେତ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଉଡ୍ର ପକ୍ଷରୁ କେକ୍ କଟାଯାଇ ବଡ଼ଦିନ ପାଳନ କରାଯାଉଛି।

## ଶୋଷିତ, ନିଷ୍ପେଷିତଙ୍କ କଥା କହୁଥିଲେ ମୋହନ

**ଏକାଦଶାହରେ ପୂର୍ବତନ ଏମ୍‌ପି ମୋହନ ଜେନାଙ୍କୁ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି**

ଚଣ୍ଡିଖୋଲ,୨୪।୧୨(ଡି.ଏନ୍.ଏ.): ସେ ଛାତ୍ର ଜୀବନରୁ ସଂଗ୍ରାମ ଆରମ୍ଭ କରି ପାର୍ଲାମେଣ୍ଟ ଭବନରେ ପହଞ୍ଚିଥିଲେ। ସାଧାରଣ ଲୋକ ତଥା ଗରିବ ଖଟିଖିଆଙ୍କ ପାଇଁ ଲଢେଇ ଆରମ୍ଭ କରିଥିଲେ। ଶେଷ ଜୀବନ ପର୍ଯ୍ୟନ୍ତ ସାମ୍ୟବାଦୀ ଚିନ୍ତାଧାରାରେ ସେ ଦଳିତ, ନିଷ୍ପେଷିତ ଓ ଶୋଷିତ ମଣିଷଙ୍କ ମନର କଥା କହୁଥିଲେ। ତାଙ୍କ ସମୟରେ ବହୁ ବିକାଶ ମୂଳକ କାର୍ଯ୍ୟ ଯାଜପୁର ଜିଲାରେ କରିଛନ୍ତି। ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି, ପରିବେଶ ସୁରକ୍ଷା ନେଇ ଲଢେଇ କରି ମୋହନ ଜେନା ଆଜି ଅମର ହୋଇଛନ୍ତି। ସବୁଦିନେ ତାଙ୍କର କାର୍ଯ୍ୟଧାରାକୁ ଲୋକେ ମନେ ରଖିବେ ବୋଲି ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ଶାନ୍ତିଙ୍କ ସଭାପତିତ୍ୱ ଓ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ରଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ଏମ୍‌ପି ରୀତା ତରାଇ, ଅର୍ଚ୍ଚନା ନାୟକ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍, ଶ୍ରମିକ ନେତା ମାୟାଧର ନାୟକ, ଜିଲା ଭାଜପା ସଭାପତି ଗୌତମ ରାୟ, ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତ, ଜିଲାପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଉପସଭାପତି ଗଣେଶ୍ୱର ବରାଳ, ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ସିପିଆଇ ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ପରିଡ଼ା, କମ୍ୟୁନିଷ୍ଟ ନେତା ଯଜ୍ଞେନ୍ଦ୍ର ମୋହନ ଜେନା, ଭାଜପା ନେତ୍ରୀ ସୀମନ୍ତିନୀ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ, ପୂର୍ବତନ ଜିଲାପରିଷଦ ସଭ୍ୟ ରମାକାନ୍ତ ରାଉତ, ବଡ଼ଚଣା ବିଜୁ ଜନତା ଦଳ ସଭାପତି ଅରବିନ୍ଦ ସାମଲ, ଆଇନଜୀବୀ ଦେବରାଜ ବେହେରା, ଉଦୟ ନାଥ ସାହୁ, ଜିଲା ବିଜେଡି ମହିଳା ସଭାନେତ୍ରୀ ସବିତା ରାଉତ ପ୍ରମୁଖ ବିଭିନ୍ନ ରାଜନୈତିକ ଦଳ ଓ ବିଶିଷ୍ଟ ବ୍ୟକ୍ତି ସମୂହ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ତାଙ୍କର ଜୀବନା ଦର୍ଶ ଉପରେ ପ୍ରକାଶିତ ସ୍ମରଣିକା 'ସଂଗ୍ରାମୀ ମୋହନ'ଙ୍କୁ ଅତିଥି ଉନ୍ମୋଚନ କରିଥିଲେ।



ମୋହନ ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ପୁସ୍ତକ ହିଁ ମଣିଷର ପ୍ରକୃତ ବନ୍ଧୁ



ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

**ରାଜ୍ୟସ୍ତରୀୟ ପୁସ୍ତକମେଳାର ଦ୍ୱିତୀୟ ସନ୍ଧ୍ୟା**

ଯାଜପୁର ଟାଉନ,୨୪।୧୨(ଡି.ଏନ.ଏ.): ଅନନ୍ୟା ସାହିତ୍ୟ ସଂସଦ ଏବଂ ଯାଜପୁର ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱାଦଶ ଯାଜପୁର ରାଜ୍ୟସ୍ତରୀୟ ପୁସ୍ତକମେଳାର ଦ୍ୱିତୀୟ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଯାଜପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ପୁସ୍ତକ ହିଁ ମଣିଷର ପ୍ରକୃତ ବନ୍ଧୁ। କାର୍ଯ୍ୟକ୍ରମରେ ଅନନ୍ୟାର ସଭାପତି ସନ୍ତୋଷ କୁମାର ନନ୍ଦ ଅଧ୍ୟକ୍ଷତା କରିବା ସହ ପୁସ୍ତକ ମେଳାର ସଫଳତା ନିମନ୍ତେ ଯାଜପୁର ବୁଦ୍ଧିଜୀବୀ, ଗାଳ୍ପିକ, କବି, ସଙ୍ଗଠକ, ସାମାଜିକ କର୍ମୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ। ଅନନ୍ୟାର ସମ୍ପାଦକ ଡ. କାହ୍ନୁଚରଣ ମିଶ୍ର ପୁସ୍ତକ ମେଳା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସଙ୍ଗେସଙ୍ଗେ ପୁସ୍ତକ ମେଳା ଆୟୋଜନର ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ମୁଖ୍ୟଅତିଥିଭାବେ ବିଶିଷ୍ଟ ଗାଳ୍ପିକ ଚିନ୍ମୟ ହୋତା ଯୋଗଦେଇ କହିଥିଲେ, ପୁସ୍ତକ ଚିରଞ୍ଜୀବୀ, ତା'ର ମୃତ୍ୟୁ ନାହିଁ ଏବଂ ପୁସ୍ତକର ଭାଷା ଯେଉଁ ଦେଶର ହେଲେବି ତାହା କେବଳ ଆମକୁ ଉଚିତ୍ ମାର୍ଗ ପ୍ରଦାନ କରିଥାଏ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଓ ଦୂରଦର୍ଶନ ଭାଷ୍ୟକାର ଦେବପ୍ରସାଦ ଦାସ ଯୋଗଦେଇ ଓଡ଼ିଶାକୁ ଏକତ୍ରୀକରଣ କରିବାରେ ଯାଜପୁରର ଭୂମିକା ଅବର୍ଣ୍ଣନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସମ୍ ହସ୍ପିଟାଲ୍ ସୈଲ୍ୟ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଜଗଦାନନ୍ଦ ମିଶ୍ର ଯୋଗଦେଇ ଯାଜପୁର ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର, କବି ମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ, କବି ବିରୁପାକ୍ଷ କର ପ୍ରମୁଖ ଯୋଗଜନ୍ମାମାନେ ଅନେକ ଦୁର୍ଲଭ ପୁସ୍ତକ ରଚନା କରିଥିଲେ। ପୁସ୍ତକକୁ ଆଦର କରିବା ସହ ତାକୁ ପଢ଼ି ଜ୍ଞାନର ବିକାଶ କରିବା ପୁସ୍ତକ ମେଳାର ପ୍ରକୃତ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ 'ରତ୍ନଚିରା' ପତ୍ରିକାର ସମ୍ପାଦିକା ପ୍ର. ସ୍ନେହଲତା ପୃଷ୍ଟି ଯୋଗଦେଇ ବହି ଏଭଳି ଗୋଟେ ପଦାର୍ଥ ଯାହା ପୁରୁଣା ହେଉ ବା ନୂଆ ତା' ମଧ୍ୟରେ ଥିବା ଜ୍ଞାନ କେବେ ପୁରୁଣା ହୁଏ ନାହିଁ ବୋଲି ପ୍ରକାଶ କରିଥିଲେ। ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ଏମ୍. ସୁନନ୍ଦା, ବର୍ଷା ପ୍ରିୟଦର୍ଶନୀ ବେହେରା, ବରିଷ୍ଠ ବିଭାଗରେ ମୌସୁମୀ ପଣ୍ଡା, ସୋନାଲିସା ଥାଟୋଇ, ଆରାଧ୍ୟା ପ୍ରିୟଦର୍ଶନୀ ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆହ୍ୱାନ ନାଟ୍ୟ ସଂସ୍ଥା ପକ୍ଷରୁ ବିଶ୍ୱଜିତ୍ ସାହୁଙ୍କ ନିର୍ଦ୍ଦେଶନାରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଓ ନାଟକ 'ନିର୍ବାଣ' ମଞ୍ଚସ୍ଥ ହୋଇଥିଲା। ଆହ୍ୱାନର କଳାକାର ପ୍ରିୟଙ୍କା ପ୍ରିୟଦର୍ଶନୀ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ପ୍ରାରମ୍ଭରେ ସଙ୍ଗଠନ ସମ୍ପାଦକ ହୃଷୀକେଶ ପତି ସ୍ତୋତ୍ର ପାଠ କରି ଥିବାବେଳେ ଅନନ୍ୟାର ଉପସଭାପତି ବିଭୂତି ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ସରି ଆସୁଛି ୨୦୨୨ର କ୍ୟାଲେଣ୍ଡର । ନୟାଗଡ଼ ଜିଲା ପାଇଁ ଏହି ବର୍ଷ ଥିଲା ଘଟଣାବହୁଳ । ବର୍ଷ ପ୍ରାରମ୍ଭରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁପୁତ୍ର ବିକ୍ରି ଚର୍ଚ୍ଚାର ବିଷୟ ହୋଇଥିଲା। ଗତବର୍ଷ ପରି ଚଳିତବର୍ଷ ବି ଏକାଧିକ ଥର ବସିଥିଲା କଙ୍ଗାରୁ କୋର୍ଟ, ବଢ଼ିଥିଲା ନିରୀହ ପରିବାର ଉପରେ ନିର୍ଯାତନା। ଏହାରି ଭିତରେ ତାଳପତ୍ର ପୋଥି ସଂଗ୍ରହରେ ଜାତୀୟ ରେକର୍ଡ ସାଉଁଟିଥିଲେ ସଞ୍ଜୟ। ଝୁଲ୍‌ରେ ନିତାଇ ଝୁଲ୍ ଗୀତ ପପୁଙ୍କୁ ନୂଆ ପରିଚୟ ଦେଇଥିଲା । ରାଜ୍ୟ ସରକାର ନୀଳମାଧବଙ୍କ ମନ୍ଦିରର ବିକାଶ ପାଇଁ ଶହେ କୋଟି ଟଙ୍କା ମଞ୍ଜୁର କରିବା ଘଟଣା ଚଳିତବର୍ଷର ସବୁଠୁ ଚର୍ଚ୍ଚିତ ଖବର ଥିଲା ।





## ଆଦ୍ୟ ଶ୍ରୀକ୍ଷେତ୍ର ପାଇଁ ୧୦୦ କୋଟି

ଆଦ୍ୟ ଶ୍ରୀକ୍ଷେତ୍ର ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ପୀଠର ବିକାଶ ପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପୁରୀ ଶ୍ରୀମନ୍ଦିର ପରେ ନୀଳମାଧବଙ୍କ ପୀଠର ପାରିପାର୍ଶ୍ୱିକ ବିକାଶ ପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଭ କରିଛି। ୧୮ ମାସ ମଧ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ସହ ନୀଳମାଧବ ପୀଠର ନିବିଡ ସମ୍ପର୍କ ରହିଛି। ବିଶ୍ୱାସ ରହିଛି ବ୍ରହ୍ମାଦୀ ପାହାଡ଼ରେ ମହାପ୍ରଭୁ ନୀଳମଣିଙ୍କୁ ଶବର ରାଜା ବିଶ୍ୱାବସୁ ପୂଜା କରୁଥିଲେ। ବ୍ରହ୍ମାଦୀ ପର୍ବତର ଉତ୍ତର ଦିଗରେ ମହାନଦୀର ସୌନ୍ଦର୍ଯ୍ୟ ଅତ୍ୟନ୍ତ ରମଣୀୟ ହୋଇଥିବାରୁ ଏହି କ୍ଷେତ୍ରର ବିକାଶ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ ବୋଲି ବିଶ୍ୱାସ ରହିଛି।

### ନଦୀରେ ବିସ୍ଫୋରଣ

## ୪ ଜୀବନ୍ତ ଦଗ୍ଧ

ନୟାଗଡ଼ ଜିଲା ଇଟାମାଟି ଥାନା ବଡ଼ପଣ୍ଡୁସର ପୋଲ ଉପରୁ ନଦୀକୁ ବିଳମ୍ବିତ ରାତିରେ ଏକ ତେଲ ଟ୍ୟାଙ୍କର ଖସିପଡି ଜଳି ଯାଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ୧୦ ମିନିଟ୍ ଭିତରେ ତେଲ ଟ୍ୟାଙ୍କର ଜଳି ପ୍ରଚଣ୍ଡ ବିସ୍ଫୋରଣ ସୃଷ୍ଟି ହୋଇଥିଲା। ବିସ୍ଫୋରଣରେ ୩ ଡ୍ରାଇଭର ଓ ଜଣେ ହେଲ୍‌ପର ଜୀବନ୍ତ ଦଗ୍ଧ ହୋଇଥିଲେ। ସେମାନେ ହେଲେ ଦୀପୁ ଖଟୁଆ, ପଙ୍କଜ ନାୟକ, ସାଗର ଖଟୁଆ, ସମୀର ନାୟକ। ସମସ୍ତ ମୃତକଙ୍କ ଘର ଇଟାମାଟି ଥାନା ସାନପଣ୍ଡୁସର ଗାଁରେ ହୋଇଥିବାରୁ ଶୋକାକୁଳ ପରିବେଶରେ ସାରା ଗାଁ ଦୁଃଖରେ ଭାଙ୍ଗି ପଡ଼ିଥିଲା।




### ଭଦ୍ରକରେ ନିଖୋଜ ରାଜଧାନୀରେ ହତ୍ୟା ନୟାଗଡ଼ରେ ମୃତଦେହ

ନୟାଗଡ଼ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡିପୋଖରୀ ଗାଁର କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ଘଟଣା ଚଳିତବର୍ଷର ଚର୍ଚ୍ଚିତ ଖବର ଥିଲା । ସେ ଭଦ୍ରକ ଜିଲା ଚାନ୍ଦବାଲିରେ ନିଖୋଜ ହୋଇଯାଇଥିଲେ। ହେଲେ ତାଙ୍କ ମୃତଦେହ ନୟାଗଡ଼ ଜିଲା ରଣପୁର ଥାନା ରାଜସୁନାଖଳା ଫାଣ୍ଡି ଅଧୀନ ନରେନ୍ଦ୍ରପୁର ବଧିପାଟଣା ଜଙ୍ଗଲର ମାଟି ତଳୁ ଜବତ କରାଯାଇଥିଲା । ସେ ଚଳିତବର୍ଷ ଫେବୃୟାରୀ ୭ରେ ଚାନ୍ଦବାଲିରୁ ନିଖୋଜ ଥିଲେ । ବହୁ ଖୋଜାଖୋଜି ପରେ ତାଙ୍କ ଟେର ନ ମିଳିବାରୁ ସେହିମାସ ୧୪ରେ ଚାନ୍ଦବାଲି ଥାନାରେ ଅଭିଯୋଗ କରାଯାଇଥିଲା। ହେଲେ ମାନସଙ୍କୁ ଭଦ୍ରକରୁ ଅପହରଣ କରିବା ପରେ ଭୁବନେଶ୍ୱରରେ ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଥିଲା । ଶେଷରେ ରଣପୁର ଥାନା ଅଞ୍ଚଳରେ ମୃତଦେହ ପୋତି ଦିଆଯାଇଥିଲା। ଏହି ହତ୍ୟା ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ହାତକୁ ଯାଇଛି। କ୍ରାଇମବ୍ରାଞ୍ଚ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତା କୁହାଯାଉଥିବା ୱେବ୍ ନ୍ୟୁଜ୍ ପୋଟାଲ ସମ୍ପୂର୍ଣ୍ଣାର ମାଲିକାଣୀ ତଥା ଖବରଦାତା ଶର୍ମିଷ୍ଠ ରାଉତଙ୍କୁ ଗିରଫ କରିଛି ।



## ଥାନାରୁ କେସ୍ ଉଠାଇବା ପାଇଁ ବଳାତ୍କାର

ଗାଁରୁ ଜଣେ ଯୁବତୀଙ୍କୁ ଅପହରଣ କରାଯାଇଥିଲା । ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ଗାଁରେ ବସିଲା କଙ୍ଗାରୁ କୋର୍ଟ। ଏଥିରେ କିନ୍ତୁ ବିବାଦର ସମାଧାନ ହେଲାନାହିଁ। ଶେଷରେ ଥାନାରୁ କେସ୍ ଉଠାଇବାକୁ ଧମକ ଦିଆଯାଇ ଜଣେ ନାବାଳିକାଙ୍କୁ ଘରୁ ଟେକି ନେଇ ବଳାତ୍କାର କରିବା ଘଟଣା ଚଳିତବର୍ଷର ପ୍ରମୁଖ ଖବର ଥିଲା । ନୟାଗଡ଼ ଜିଲା ରଣପୁର ଥାନାଠାରୁ ୫ କିମି ଦୂର ଏକ ଗାଁରେ ଏହି ଘଟଣା ଘଟିଥିଲା । ଶେଷରେ ପୋଲିସ ଉକ୍ତ ଘଟଣାରେ ୨ ପୁରୁଷଙ୍କ ସମେତ ୫ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ୭ ଜଣଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଥିଲା ।



### ଝୁଲ୍‌ରେ ନିତାଇ ଝୁଲ୍

ଲକ୍ଷ୍ମୀ-ସାବିତ୍ରୀ କଳି ନାଟକରେ ନାରଦ ଭୂମିକାରେ ଅଭିନୟ କରୁଥିବା ନୟାଗଡ଼ ଭାଟସାହିର ପପୁ ବିଶ୍ୱାଳ ଚଳିତବର୍ଷର ଜଣେ ଚର୍ଚ୍ଚିତ ଚେହେରା। ଝୁଲ୍‌ରେ ନିତାଇ ଝୁଲ୍ ଗୀତ ଗାଇ ସେ ସୋସିଆଲ୍ ମିଡିଆରେ ସେନ୍‌ସେସନ୍ ପାଲଟିଛନ୍ତି । ଅଳ୍ପ କେଇଦିନ ମଧ୍ୟରେ ତାଙ୍କ ଗୀତକୁ ଲକ୍ଷାଧିକ ଭିୟୋର୍ସ ଦେଖିବା ସହିତ ବହୁ ଲୋକ ଶେୟାର୍ କରିସାରିଲେଣି। ଗୀତଟି ପୁରୁଣା ହୋଇଥିଲେ ମଧ୍ୟ ପପୁଙ୍କ କଣ୍ଠରେ ତାହା ଅଧିକ ଲୋକପ୍ରିୟ ହୋଇ ପାରିଥିଲା। ପିଲାଟି ଦିନରୁ ଆର୍ଥିକ ଅନଟନକୁ ଅତି ପାଖରୁ ଦେଖିଥିବା ଏହି ଯୁବକଙ୍କ ଅର୍ଥାଭାବରୁ ମାଟ୍ରିକ୍ ପରେ ପାଠପଢାରେ ଡୋରି ବନ୍ଧା ହୋଇଥିଲା। ନାଟକ ପ୍ରତି ପିଲାଟି ଦିନରୁ ତାଙ୍କର ଆଗ୍ରହ ଥିଲା। ଏହା ଦେଖି ପରିବାର ଲୋକେ ତାଙ୍କୁ ନାଟକରେ ମିଶିବାକୁ ସୁଯୋଗ ଦେଇଥିଲେ। ହେଲେ ଲକ୍ଷ୍ମୀ ସାବିତ୍ରୀ-କଳି ନାଟକରେ ତାଙ୍କର ନାରଦ ଭୂମିକାରେ ଜୀବନ୍ତ ଅଭିନୟ ସହିତ ଝୁଲ୍ ନିତାଇ ଝୁଲ୍ ଗୀତ ତାଙ୍କୁ ନୂଆ ପରିଚୟ ଦେଇଥିଲା।

### ସୋମନାଥ ଭଏସ୍ ଅଫ୍ ନୟାଗଡ଼




ନୟାଗଡ ଜିଲାର ଯୁବ କଣ୍ଠଶିଳ୍ପୀମାନଙ୍କ ପ୍ରତିଭାର ବିକାଶ ପାଇଁ ନୟାଗଡ଼ କ୍ଲବ ଦ୍ୱାରା ଆୟୋଜିତ ଭଏସ୍ ଅଫ୍ ନୟାଗଡ଼ ସିଜନ୍-୩ର ଫାଇନାଲରେ ପ୍ରବେଶ କରିଥିବା ୧୦ଜଣ କଣ୍ଠଶିଳ୍ପୀଙ୍କୁ ପଛରେ ପକାଇ ସୋମନାଥ ସାହୁ ଭଏସ୍ ଅଫ୍ ନୟାଗଡ଼-୨୦୨୨ ଟ୍ରଫି ହାସଲ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ କଣ୍ଠଶିଳ୍ପୀ ନବକିଶୋର ମିଶ୍ର ଏବଂ ଖ୍ୟାତନାମା କଣ୍ଠଶିଳ୍ପୀ ମାନସୀ ପାତ୍ର ବିଚାରକ ଭାବେ ଯୋଗଦେଇଥିଲେ। ସୋମନାଥଙ୍କୁ ଭଏସ୍ ଅଫ୍ ନୟାଗଡ଼-୨୨ଟ୍ରଫି ସହିତ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି ।

### ଟଙ୍କା ପାଇଁ ଅମ୍ରିତ୍‌ଙ୍କୁ ଟାର୍ଗେଟ୍



ଅପହରଣର ୫ ଦିନ ପରେ ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ କୁରାଳ ସୁବୁଦ୍ଧିସାହିର ୭ମ ଶ୍ରେଣୀର ଛାତ୍ର ଅମ୍ରିତ ପାତ୍ର(୧୨)ଙ୍କୁ ଗତ ୧୯ରେ ସ୍ଥାନୀୟ ପଣ୍ଡିତ ସାହିରେ ଥିବା ଏକ ବନ୍ଦ କୋଠରିରୁ ଉଦ୍ଧାର କରାଯାଇଛି। ଗାଡ଼ି ଲୋନ୍ ସୁଝିବା ପାଇଁ ତାଙ୍କୁ ଅପହରଣ କରାଯାଇଥିଲା। ତାଙ୍କ ବାପାଙ୍କ ଠାରୁ ଟଙ୍କା ଆଦାୟର ଯୋଜନା ଥିଲା ବୋଲି ପୋଲିସ କହିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଏବେ ସେମାନେ ଜେଲରେ ଅଛନ୍ତି।

## ବର୍ଷ ଆରମ୍ଭରୁ ଶିଶୁ ବିକ୍ରି

ଚଳିତବର୍ଷ ପ୍ରାରମ୍ଭ ଅର୍ଥାତ୍ ଜାନୁୟାରୀ ୨୮ରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁପୁତ୍ର ବିକ୍ରି ଘଟଣା ଚହଳ ସୃଷ୍ଟି କରିଥିଲା। ଇଟାମାଟି ଥାନା ନୋଉର ଗାଁର ରବୀନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ଜଳି ଉକ୍ତ ଡାକ୍ତରଖାନାରେ ଏକ ଶିଶୁପୁତ୍ର ଜନ୍ମ କରିଥିଲେ। ହେଲେ ତୁମର ମୃତ ଶିଶୁକନ୍ୟା ଜନ୍ମ ହୋଇଥିଲା ବୋଲି ଆଶାକର୍ମୀ ପ୍ରସୂତିଙ୍କୁ କହି ତାଙ୍କ ନବଜାତକଙ୍କୁ ଗାଏବ କରି ଅନ୍ୟତ୍ର ବିକ୍ରି କରିଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଡାକ୍ତରଖାନାର ୱାର୍ଡ ଇନ୍‌ଚାର୍ଜ, ୱାର୍ଡ ଆଟେଣ୍ଡାଣ୍ଟ ଓ ଆଶାକର୍ମୀ ସାମିଲ ଥିଲେ। ଏହି ଘଟଣାରେ ଟାଉନ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ଘଟଣା ଚର୍ଚ୍ଚାରେ ରହିଥିଲା ।

## ଓଏମ୍‌ଜି ରେକର୍ଡରେ ତାଳପତ୍ର ପୋଥି



ତାଳପତ୍ର ପୋଥି ଜାତୀୟସ୍ତରରେ ଓ ମାଇଁ ଗଡ୍ (ଓଏମ୍‌ଜି) ରେକର୍ଡରେ ସ୍ଥାନ ପାଇଛି । ଏହି ପୋଥିର ସଂଗ୍ରାହକ ସଞ୍ଜୟ କୁମାର ସାହୁ ନୟାଗଡ଼ ଜିଲା ପାଇଁ ଗୌରବ ଆଣିଛନ୍ତି। ନୂଆଗାଁ ବ୍ଲକ ଦୁର୍ଦ୍ଧୁରା ଗାଁର ସଞ୍ଜୟ ପିଲାଟି ଦିନରୁ ବିଭିନ୍ନ ଉପକରଣ ସଂଗ୍ରହ କରି ତାକୁ ସାଇତି ରଖିବାକୁ ଭଲ ପାଉଥିଲେ। ୨୦୧୦ରୁ ଆରମ୍ଭ ହୋଇଥିବା ଏହି ନିଶା କ୍ରମେ ବଢ଼ି ଚାଲିଥିଲା। ୨୦୧୧ ସୁଦ୍ଧା ପୋଥି ସଂଗ୍ରହ ୧୮୦ରେ ପହଞ୍ଚିଥିଲା। ସଞ୍ଜୟ ଏବେ ୨ ହଜାର ପୋଥି ସଂଗ୍ରହ କରିସାରିଲେଣି। ଏଥିରେ ରହିଛି ୪୧୦ ଖଣ୍ଡ ରାମାୟଣ, ୨୮୦ ଖଣ୍ଡ ଭାଗବତ। ୫ଟି ତେଲୁଗୁ ପୋଥି, ୩୫୦ ଖଣ୍ଡ ଭାଗବତ ଗୀତା, ୫ଖଣ୍ଡ ବୈଦ୍ୟ ଶାସ୍ତ୍ର ପରି ଅନ୍ୟାନ୍ୟ ପୋଥି ରହିଛି। ସେହିପରି ଶୂଦ୍ରମୁନି ସାରଳା ଦାସଙ୍କ ୧୯୨୯ରେ ମୁଦ୍ରିତ ମହାଭାରତ ଗ୍ରନ୍ଥ ଅନୁରୂପ ଭାବେ ଅଛି।

## ପାଳନ ହେଲା ଛେନାପୋଡ଼ ଦିବସ

ନୟାଗଡ଼ ଛେନାପୋଡ଼ର ସ୍ରଷ୍ଟା ସୁଦର୍ଶନ ସାହୁଙ୍କ ୯୧ତମ ଜୟନ୍ତୀ ଏପ୍ରିଲ ୧୧ରେ ଖୁବ୍ ଧୁମ୍‌ଧାମ୍‌ରେ ଚଳିତବର୍ଷ ପାଳନ କରାଯାଇଥିଲା` ପ୍ରଥମ ଥର ପାଇଁ ଏହି ଦିନକୁ ନୟାଗଡ଼ ଜିଲାରେ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଇଥିଲା। ନୟାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡରେ ହେଲ୍‌ପିଂ ହ୍ୟାଣ୍ଡସ ନୟାଗଡ଼ ପରିବାର ପକ୍ଷରୁ ଏକ ୧୧ କେଜି ଓଜନର ଛେନାପୋଡ଼ କଟାଯାଇ ଉପସ୍ଥିତ ଲୋକଙ୍କୁ ବଣ୍ଟନ କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଏହି ପ୍ରସିଦ୍ଧ ଛେନାପୋଡ଼, କଣ୍ଟିଲୋ କଂସା ପିତଳ ବାସନ, କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ ମାନ୍ୟତା ମିଳି ନ ଥିବାରୁ ତାହା ଜିଲାବାସୀଙ୍କୁ ଦୁଃଖ ଦେଇଥିଲା ।



**କନ୍‌ଷ୍ଟେବଲଙ୍କୁ ପଥର ଫିଙ୍ଗି ହତ୍ୟା**

ମଧ୍ୟପ୍ରଦେଶର ଡାମୋହ ଜିଲା କସାଇ ମଣ୍ଡି ଅଞ୍ଚଳରେ ଶୁକ୍ରବାର ରାତିରେ କନ୍‌ଷ୍ଟେବଲ ସୁରେନ୍ଦ୍ର ସିଂଙ୍କୁ ୩ ଜଣ ଅଭିଯୁକ୍ତ ପଥର ଫିଙ୍ଗି ହତ୍ୟା କରିଛନ୍ତି। ସୁରେନ୍ଦ୍ର ରାଜ୍ୟ ସଶସ୍ତ୍ର ବଳ (ଏସ୍‌ଏଏଫ୍)ରେ ପୋଷ୍ଟିଂ ହୋଇଥିଲେ। ଅଭିଯୁକ୍ତମାନେ କୌଣସି ପ୍ରସଙ୍ଗକୁ ନେଇ ରାସ୍ତାରେ ଝଗଡ଼ା କରୁଥିବାବେଳେ ସାଦା ପୋଷାକରେ ଥିବା ସୁରେନ୍ଦ୍ର ସେମାନଙ୍କୁ ଅଟକାଇଥିଲେ। ସେମାନେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ପଥର ଫିଙ୍ଗିଥିଲେ। ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସୁରେନ୍ଦ୍ରଙ୍କର ମୃତ୍ୟୁ ଘଟିଛି।

## ସଂକ୍ଷେପରେ

### ନର୍ସିଂହୋମ୍‌ରେ ନିଆଁ: ୨୨ ମୃତ

**ମସ୍କୋ,୨୪।୧୨:** ରୁଷିଆର କେମେରୋଭ ସାଇବେରୀୟ ସହରରେ ଥିବା ଏକ ଘରୋଇ ନର୍ସିଂହୋମ୍‌ରେ ଶନିବାର ଭୋର ସମୟରେ ନିଆଁ ଲାଗି ୨୨ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୬ ଜଣ ଆହତ ହୋଇଥିବାବେଳେ ବିଲ୍ଡିଂଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ମସ୍କୋଠାରୁ ୩,୦୦୦ କିଲୋମିଟର ପୂର୍ବରେ ଅବସ୍ଥିତ କେମେରୋଭ୍‌ରେ ଥିବା ଦୁଇମହଲା ବିଶିଷ୍ଟ କାଠରେ ତିଆରି ଘରେ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ତେବେ ସେଠାରେ କୋଇଲାରେ ଚାଲୁଥିବା ଏକ ବଏଲର ଅକାମୀ ହୋଇପଡ଼ିଥିବା ଅଗ୍ନିକାଣ୍ଡ ପୂର୍ବରୁ ଅଭିଯୋଗ ହୋଇଥିଲା। ଉକ୍ତ ଘରକୁ ଭଡ଼ା ନେଇଥିବା ବ୍ୟକ୍ତି ସୁରକ୍ଷା ନିୟମ ଉଲ୍ଲଂଘନ କରିଥିବାରୁ ଏତେସଂଖ୍ୟାରେ ଲୋକଙ୍କ ଜୀବନ ଗଲା ବୋଲି ତଦନ୍ତ କମିଟି ଦାୟୀ କରିଛି। ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

### ସିଟିଭେନି ରାବୁକା ଫିଜିର ନୂଆ ପ୍ରଧାନମନ୍ତ୍ରୀ

**ସୁଭା,୨୪।୧୨(ଆଇଏଏନ୍‌ଏସ୍):** ୧୯୮୭ରେ ଦୁଇଟି ବିଦ୍ରୋହର ନେତୃତ୍ୱ ନେଇଥିବା ପୂର୍ବତନ ସାମରିକ ଅଧିକାରୀ ସିଟିଭେନି ରାବୁକା ଶନିବାର ଫିଜିର ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ମେଣ୍ଟ ସରକାର ଆଗାମୀ ୪ ବର୍ଷ ପାଇଁ କ୍ଷମତାରେ ରହିବ।



ପାର୍ଲାମେଣ୍ଟର ପ୍ରଥମ କାର୍ଯ୍ୟଦିବସରେ ପିପୁଲ୍ସ ଆଲିଆନ୍ସ ପାର୍ଟି ନେତା ରାବୁକାଙ୍କୁ ୨୮ ଖଣ୍ଡ ଭୋଟ ମିଳିଥିବାବେଳେ ଫିଜି ଫାଷ୍ଟ ପାର୍ଟି (ଏଫ୍‌ଏଫ୍‌ପି) ନେତା ତଥା ବିଦାୟୀ ପ୍ରଧାନମନ୍ତ୍ରୀ ଭୋରେକେ ବୈନିମାରାମାଙ୍କୁ ୨୭ ଖଣ୍ଡ ଭୋଟ ମିଳିଥିଲା। ଗତ ୧୪ ତାରିଖରେ ହୋଇଥିବା ସାଧାରଣ ନିର୍ବାଚନରେ ଏଫ୍‌ଏଫ୍‌ପିକୁ ୨୬ ଆସନ ମିଳିଥିବାବେଳେ ପିପୁଲ୍ସ ଆଲିଆନ୍ସ ପାର୍ଟି ୨୧ ଆସନରେ ବିଜୟୀ ହୋଇଥିଲା। ଏହାର ସହଯୋଗୀ ନ୍ୟାଶନାଲ ଫେଡେରେଶନ ପାର୍ଟି ୫ ଏବଂ ସୋସିଆଲ୍ ଡେମୋକ୍ରାଟିକ୍ ଲିବେରାଲ ପାର୍ଟି ୩ ଆସନ ପାଇଥିଲା। ଫିଜିରେ ସରକାର ଗଢ଼ିବାକୁ ହେଲେ ୫୫ ସଦସ୍ୟ ବିଶିଷ୍ଟ ପାର୍ଲାମେଣ୍ଟରେ ଅନ୍ୟୂନ ୨୮ ଆସନରେ ଜିତିବାକୁ ପଡ଼ିବ।

### ଗ୍ୟାସ୍ ଟ୍ୟାଙ୍କର୍ ଫାଟି ୯ ମୃତ

**ଜୋହନ୍ସବର୍ଗ, ୨୪।୧୨:** ସାଉଥ୍ ଆଫ୍ରିକାର ବୋକ୍ସବର୍ଗଠାରେ ଏକ କମ୍ ଉଚ୍ଚତା ବିଶିଷ୍ଟ ରେଳ ବ୍ରିଜ୍ ତଳେ ଫସିଥିବା ଗ୍ୟାସ୍ ଟ୍ୟାଙ୍କର୍ ଫାଟି ଶନିବାର ୯ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ୨ ଜଣ ଅଗ୍ନିଶମ ବିଭାଗ କର୍ମଚାରୀ ହୋଇଥିବା ଜଣାପଡ଼ିଛି। ଟ୍ୟାଙ୍କର ଫାଟିବା ଯୋଗୁ ଘଟଣାସ୍ଥଳରେ ଥିବା ଏକ ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୬ ଜଣ ଅଗ୍ନିଶମ ବିଭାଗୀୟ କର୍ମଚାରୀଙ୍କ ସମେତ ବହୁ ଲୋକ ଗୁରୁତର ଆହତ ହୋଇଛନ୍ତି। ତେବେ ରେଳ ଧାରଣା ବ୍ରିଜ୍‌ଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି।

### ଆତଙ୍କବାଦୀ ଯୋଜନା ପଣ୍ଡ

**ଶ୍ରୀନଗର, ୨୪।୧୨:** ଜମ୍ମୁ-କଶ୍ମୀରର ଉରି ସେକ୍ଟରରେ ଶନିବାର ଭାରତୀୟ ସେନା ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ଗୋଇନ୍ଦା ସୂଚନା ପାଇବା ପରେ ଆର୍ମି ଓ ପୋଲିସ ପକ୍ଷରୁ ମିଳିତ ଅପରେଶନ୍ ଆରମ୍ଭ କରାଯାଇଥିଲା। ୮ ଏକେ ରାଇଫଲ୍, ୧୨ ପିସ୍ତଲ ସହିତ ଏକାଧିକ ଅସ୍ତ୍ର ଏବଂ ଆମ୍ମୁନିଶନ୍ ଜବତ ହୋଇଥିବା ପୋଲିସ କହିଛି। ପାଖାପାଖି ଗୋଟିଏ ବର୍ଷ ପରେ କଶ୍ମୀରର ହାଥଲାଙ୍ଗ ଗ୍ରାମରୁ ବିପୁଳ ପରିମାଣର ଅସ୍ତ୍ର ମିଳିଛି। ଏଥିରେ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନର ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରି ତଦନ୍ତ ଚଳାଇଛି।

### ସୁଡ଼ଙ୍ଗ କରି ବ୍ୟାଙ୍କରୁ ୧ କୋଟିର ସୁନା ଚୋରି

**କାନ୍‌ପୁର, ୨୪।୧୨:** ଉତ୍ତର ପ୍ରଦେଶ କାନପୁରର ସାଚେନ୍ଦିରେ ଥିବା ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ବ୍ରାଞ୍ଚ ଅଫିସରୁ ଶୁକ୍ରବାର ଗୋଟିଏ ଚୋର ଗ୍ୟାଙ୍ଗ୍ ୧ କୋଟି ଟଙ୍କା ମୂଲ୍ୟର ସୁନା ଚୋରି କରି ନେଇଛନ୍ତି। ବ୍ୟାଙ୍କର ସଟର ନ ଭାଙ୍ଗି ଚୋରମାନେ ଏକ ସୁଡ଼ଙ୍ଗ କରି ବ୍ୟାଙ୍କ ମଧ୍ୟକୁ ପ୍ରବେଶ କରି ଏହି ଚୋରି କରିଥିବା ସ୍ଥାନୀୟ ପୋଲିସ କହିଛି। ଗ୍ୟାସ୍ କଟର ସାହାଯ୍ୟରେ ସେମାନେ ଲକର ତାଲା ଭାଙ୍ଗିଥିବାବେଳେ ବ୍ୟାଙ୍କ ଷ୍ଟ୍ରଙ୍ଗ୍ ରୁମ୍‌ରେ ସିସିଟିଭିର ଅପରେଟିଂ ବନ୍ଦ କରି ଥିବା ଜଣାପଡ଼ିଛି। ଚୋରି ହୋଇଥିବା ୧.୮ କିଲୋଗ୍ରାମ ସୁନାର ବଜାର ମୂଲ୍ୟ ୧ କୋଟି ହେବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

# ଚାଇନାରେ ଗାଁମୁହାଁ ହେଲା କୋଭିଡ୍

**ବେଜିଂ,୨୪।୧୨**



ଚାଇନା ସହରାଞ୍ଚଳରେ ଦୈନିକ ଲକ୍ଷ ଲକ୍ଷ ଲୋକ କୋଭିଡ୍ ସଂକ୍ରମିତ ହେଉଥିବାବେଳେ ଏବେ ଗ୍ରାମାଞ୍ଚଳକୁ ମହାମାରୀ ବ୍ୟାପିଛି। ପ୍ରବାସୀ ଶ୍ରମିକମାନେ ସହରାଞ୍ଚଳରୁ ନିଜ ଗାଁକୁ ଫେରୁଥିବାରୁ ଏବେ କୋଭିଡ୍ ଗାଁମୁହାଁ ହୋଇଛି। ଗ୍ରାମାଞ୍ଚଳରେ ସଂକ୍ରମଣ ଆରମ୍ଭ ହୋଇଯାଇଥିବାବେଳେ ଆଗାମୀ ଦିନରେ ଏହା ଭୟଙ୍କର ରୂପ ନେବା ଆଶଙ୍କା କରାଯାଉଛି। ସୋସିଆଲ ମିଡିଆ ରିପୋର୍ଟ ଅନୁଯାୟୀ ଗ୍ରାମାଞ୍ଚଳରେ ଥିବା ଅନେକ କ୍ଲିନିକ୍‌ରେ ଏବେ ରୋଗୀ ଭର୍ତ୍ତି ହୋଇଗଲେଣି। ଚାଇନା ସରକାର ଚଳିତ ମାସ ଆରମ୍ଭରେ କୋଭିଡ୍ କଟକଣା ହଟାଇଦେବା ପରେ ଲୋକେ ଅବାଧ ଯାତାୟାତ କରୁଛନ୍ତି। ଆସନ୍ତା ମାସରେ ଚାନ୍ଦ୍ର ନବବର୍ଷ ଛୁଟି ଥିବାରୁ ଲକ୍ଷ ଲକ୍ଷ ପ୍ରବାସୀ ଗାଁକୁ ଫେରିବେ। ଫଳରେ ଗ୍ରାମାଞ୍ଚଳରେ ରହୁଥିବା ୫୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ପ୍ରତି ସଂକ୍ରମଣ ଭୟ ସୃଷ୍ଟି ହୋଇଛି। ବିସ୍ତୀର୍ଣ୍ଣ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସୀମିତ ହୋଇଥିବାରୁ ଏହା ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ଇଣ୍ଟରନେଟ ହସ୍ପିଟାଲ ଖୋଲିବାକୁ ସରକାର ଅନୁମତି ଦେଇଛନ୍ତି। ଏହାଦ୍ୱାରା ସଂକ୍ରମିତ ଲୋକେ ମେଡିକାଲ ସହାୟତା ନେଇପାରିବେ ଏବଂ ହସ୍ପିଟାଲ ଓ କ୍ଲିନିକ୍‌ଗୁଡ଼ିକରେ ରୋଗୀ ଭିଡ଼ ହ୍ରାସ ପାଇପାରିବ। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଦୁର୍ବଳ। ଏହା ସାଙ୍ଗକୁ ଔଷଧ ଓ କେଡିକାଲ କର୍ମଚାରୀଙ୍କ ଅଭାବ ରହିଥିବାରୁ ଏହା ବଡ଼ ସମସ୍ୟା ସୃଷ୍ଟି କରିବ ବୋଲି ଗ୍ଲୋବାଲ ଟାଇମ୍ସ ରିପୋର୍ଟରେ ଦର୍ଶାଯାଇଛି। ଗ୍ରାମାଞ୍ଚଳର

**ଇଣ୍ଟରନେଟ୍ ହସ୍ପିଟାଲ ଖୋଲିବାକୁ ଅନୁମତି**

ମେଡିକାଲ ସିଷ୍ଟମ ଡବଲ୍ ଝଟ୍‌କାର ସମ୍ମୁଖୀନ ହୋଇପାରେ ବୋଲି ଉହାନ୍ ୟୁନିଭର୍ସିଟି ପ୍ରଫେସର ଲୁ ଡେଓ୍ୱେନ୍ ସୋସିଆଲ ମିଡିଆରେ ଲେଖିଛନ୍ତି। ଲକ୍‌ଡାଉନ୍, ଲୋକମାନଙ୍କ ଯାତାୟତ ଉପରେ କଟକଣା ଯୋଗୁ ଗ୍ରାମାଞ୍ଚଳରେ ୩ ବର୍ଷ ହେଲା ସଂକ୍ରମଣ ନିୟନ୍ତ୍ରଣରେ ରହିଥିଲା। ଆଗକୁ ସ୍ପ୍ରିଙ୍ଗ୍ ଫେଷ୍ଟିଭାଲ ଥିବାରୁ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଇବ ବୋଲି ଲୁ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଗତ ମଙ୍ଗଳବାର ଚାଇନାରେ ପାଖାପାଖି ୩.୭ କୋଟି ଲୋକ କୋଭିଡ୍ ସଂକ୍ରମିତ ହୋଇଥିଲେ। ସଂକ୍ରମଣ ଆରମ୍ଭ ହେବାଠାରୁ ଏହା ସର୍ବାଧିକ ବୋଲି କୁହାଯାଉଛି। ଚଳିତ ମାସର ପ୍ରଥମ ୨୦ ଦିନରେ ମୋଟ ୨୪.୮ କୋଟି ଲୋକ ମହାମାରୀ ଆକ୍ରାନ୍ତ ହୋଇଛନ୍ତି, ଯାହା ମୋଟ ଜନସଂଖ୍ୟାର ୧୭.୫୬ ପ୍ରତିଶତ।

### ଅଭିନେତ୍ରୀ ତୁନିଷା ଶର୍ମାଙ୍କ ଆତ୍ମହତ୍ୟା



**ମୁମ୍ବାଇ,୨୪।୧୨**

ଟିଭି ଅଭିନେତ୍ରୀ ତୁନିଷା ଶର୍ମା ଶନିବାର ମୁମ୍ବାଇର ଏକ ମ୍ୟୁଜିକ୍ ଭିଡିଓ ଶୁଟିଂ ସେଟ୍‌ରେ ଆତ୍ମହତ୍ୟା କରିଛନ୍ତି। ଆଲିବାବା: ଦସ୍ତାନ-ଇ-କବୁଲରେ କାର୍ଯ୍ୟ କରିଥିବା ୨୦ ବର୍ଷୀୟା ତୁନିଷା ମ୍ୟୁଜିକ୍ ଭିଡିଓ ଶୁଟିଂ କରୁଥିଲେ। ମେକ୍‌ଅପ୍ ରୁମ୍‌ରେ ସେ ଆତ୍ମହତ୍ୟା ଉଦ୍ୟମ କରିବା ପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତୁନିଷା ଜଣେ ଶିଶୁ କଳାକାର ଭାବେ କାଟ୍ରିନା କୈଫ୍ ଏବଂ ବିଦ୍ୟା ବାଲାନଙ୍କ ସହ ଅଭିନୟ କରିଥିଲେ। ଇଣ୍ଟରନେଟ୍‌ୱାଲା ଲଭ୍, ଇଶ୍କ ସୁଭାନ୍ଲା, ଗାଏବ, ଶେର-ଇ-ପଞ୍ଜାବ: ମହାରାଜା ରଞ୍ଜିତ୍ ସିଂ ଶୋ'ରେ ସେ ଅଭିନୟ କରିଥିଲେ।

### ଅଭିନେତ୍ରୀ ରଜିତା କୋଚରଙ୍କ ପରଲୋକ

**ମୁମ୍ବାଇ,୨୪।୧୨**

ବର୍ଷୀୟାନ ଅଭିନେତ୍ରୀ ରଜିତା କୋଚରଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୭୦ ବର୍ଷ ହୋଇଥିଲା। ସେ ଅନେକ ଚଳଚ୍ଚିତ୍ର ଓ ଟିଭି ଶୋ'ରେ ଅଭିନୟ କରିଥିଲେ।



ଗତ ବର୍ଷ ସେପ୍ଟେମ୍ବରରେ ବ୍ରେନ୍ ଷ୍ଟ୍ରୋକ୍ ପରେ ତାଙ୍କୁ ପକ୍ଷାଘାତ ହୋଇଥିଲା। ମଙ୍ଗଳବାର ସେ ଅଣନିଃଶ୍ୱାସୀ ଅନୁଭବ କରିବା ସହ ପାକସ୍ଥଳୀରେ ଯନ୍ତ୍ରଣା ହୋଇଥିଲା। ଶୁକ୍ରବାର ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିବାବେଳେ ରାତି ୧୦ଟା ୧୫ରେ ପରଲୋକ ହୋଇଯାଇଥିଲା। ତାଙ୍କ ଅଭିନୀତ ଟିଭି ଶୋ' ମଧ୍ୟରେ ରହିଛି ତନ୍ତ୍ର, କବଚ.. କାଲୀ ଶକ୍ତିଓଁ ସେ, ହାକିମ୍ ଏବଂ କାହାନୀ ଘର ଘର କୀ। ଏହା ବ୍ୟତୀତ ସେ ପିୟା କା ଘର ଏବଂ ମନିକର୍ଣ୍ଣିକା: ଦି କୁଇନ୍ ଅଫ୍ ଝାନ୍ସୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ।

# ସିବିଆଇ ରିମାଣ୍ଡରେ ଚନ୍ଦା କୋଚର

**ନୂଆଦିଲ୍ଲୀ,୨୪।୧୨**

ଭିଡିଓକନ୍ ଗ୍ରୁପ୍‌କୁ ଋଣ ମଞ୍ଜୁର କରିବାରେ ଠକେଇ ଓ ଅନିୟମିତତା ମାମଲାରେ ସମ୍ପୃକ୍ତ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ତଥା ପରିଚାଳନା ନିର୍ଦ୍ଦେଶିକା ଚନ୍ଦା କୋଚର ଓ ତାଙ୍କ ସ୍ୱାମୀ ଦୀପକ କୋଚରଙ୍କୁ ୩ ଦିନ ପାଇଁ ସିବିଆଇ ରିମାଣ୍ଡରେ ଛଡ଼ାଯାଇଛି। ଏହି ମାମଲାରେ ଶୁକ୍ରବାର ଗିରଫ ହୋଇଥିବା କୋଚର ଦମ୍ପତିଙ୍କୁ ଶନିବାର ସିବିଆଇ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଥିଲା। ଆଇସିଆଇସିଆଇ ବ୍ୟାଙ୍କ ମୁଖ୍ୟ ଥାଇ ଚନ୍ଦା ତାଙ୍କ ପଦବୀର ଦୁରୁପଯୋଗ କରି ଭିଡିଓକନ୍ ଗ୍ରୁପ୍ ମାଲିକ ବେଣୁଗୋପାଳ ଧୂତ୍‌ଙ୍କୁ ୨୦୦୯ ଏବଂ ୨୦୧୧ରେ ଋଣ ମଞ୍ଜୁର କରିଥିଲେ।



ଏହି ମାମଲାରେ ସିବିଆଇ କୋଚର, ତାଙ୍କ ସ୍ୱାମୀ ଏବଂ ଧୂତ୍‌ଙ୍କ ବିରୋଧରେ ଏତଲା ଦାଏର କରିଥିଲା। ଅଭିଯୋଗ ଅନୁଯାୟୀ ଆଇସିଆଇସିଆଇ ବ୍ୟାଙ୍କରୁ ଋଣ ପାଇବା ପରେ ଧୂତ୍ ନୁପାୱାର

**ଭିଡିଓକନ୍ ଋଣ ମାମଲା**

ରିନ୍ୟୁଏବଲ୍ସରେ କୋଟି କୋଟି ଟଙ୍କା ନିବେଶ କରିଥିଲେ। ଏହି କମ୍ପାନୀର ସିଇଓ ହେଉଛନ୍ତି ଦୀପକ କୋଚର। ଆଇସିଆଇସିଆଇ ବ୍ୟାଙ୍କକୁ ଠକିବା ଲାଗି ଅଭିଯୁକ୍ତମାନେ ଆପରାଧିକ ଷଡ଼ଯନ୍ତ୍ର କରିଥିଲେ ବୋଲି ସିବିଆଇ ଅଭିଯୋଗ କରିବା ସହ ମାମଲା ଦାଏର କରିଥିଲା। ବହୁକୋଟି ଟଙ୍କା ଋଣ ଦୁର୍ନୀତି ମାମଲାର ତଦନ୍ତ ଆରମ୍ଭ ହେବାରୁ ୨୦୧୮ରେ ଚନ୍ଦା ଆଇସିଆଇସିଆଇ ବ୍ୟାଙ୍କ ମୁଖ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨୦୨୧ରେ ଚନ୍ଦା କୋଚରଙ୍କୁ ଗିରଫ କରିଥିଲା।

# ଆମେରିକାର ଶୀର୍ଷ ପଦବୀରେ ୨ ଭାରତୀୟ



ରିଚାର୍ଡ ଆର୍ ବର୍ମା

**ନ୍ୟୁୟର୍କ,୨୪।୧୨**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଭାରତୀୟ ବଂଶୋଦ୍ଭବ ରିଚାର୍ଡ ଆର୍ ବର୍ମାଙ୍କୁ ପରରାଷ୍ଟ୍ର ବିଭାଗ ଶୀର୍ଷ କୂଟନୀତିଜ୍ଞ ପଦବୀ ଲାଗି ମନୋନୀତ କରିଛନ୍ତି। ତାଙ୍କୁ ପରିଚାଳନା ପାଇଁ ପରରାଷ୍ଟ୍ର ଉପସଚିବ ଚୟନ କରାଯାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ବର୍ମା ଏବେ ଚିଫ୍ ଲିଗାଲ ଅଫିସର ଏବଂ ମାଷ୍ଟରକାର୍ଡ ରେ ଗ୍ଲୋବାଲ ପବ୍ଲିକ୍ ପଲିସି ମୁଖ୍ୟ ଅଛନ୍ତି। ସେ ପୂର୍ବରୁ ଭାରତରେ ଆମେରିକା ରାଷ୍ଟ୍ରଦୂତ ଏବଂ ଓବାମା ପ୍ରଶାସନରେ ବ୍ୟବସ୍ଥାପିକା ବ୍ୟାପାର ପାଇଁ ପରରାଷ୍ଟ୍ର ଉପସଚିବ ଥିଲେ।

ସେହିପରି ଚଣ୍ଡିଗଡ଼ ଜନ୍ମିତ ଆଇନଜୀବୀ କୁଦ୍ରତ ଦତ୍ତ ଚୌଧରୀ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ଆମେରିକା ସାନ୍‌ଫ୍ରାନ୍ସିସ୍କୋର ଆପ୍ରବାସୀ ଅଧିକାର ଆୟୋଗର କମିଶନର ନିଯୁକ୍ତ ହୋଇଛନ୍ତି। ସାନ୍‌ଫ୍ରାନ୍ସିକୋରେ ରହୁଥିବା ବିଦେଶୀ ନାଗରିକମାନଙ୍କ ଅଧିକାରର ସୁରକ୍ଷା ପାଇଁ ଇମିଗ୍ରାଣ୍ଟ ରାଇଟ୍ସ କମିଶନ କାର୍ଯ୍ୟ କରିଥାଏ। ଏହା ମେୟର ଏବଂ ସୁପରଭାଇଜର ବୋର୍ଡକୁ ବିଭିନ୍ନ ପ୍ରସଙ୍ଗ ଓ ନୀତି ଉପରେ ମାର୍ଗଦର୍ଶନ ଦେଇଥାଏ। ସାନ୍ ଫ୍ରାନ୍ସିସ୍କୋରେ ପ୍ରବାସୀ ଭାରତୀୟମାନଙ୍କ ପାଇଁ କାର୍ଯ୍ୟ କରିବେ ବୋଲି ଚୌଧରୀ କହିଛନ୍ତି।



ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ସ୍ଥିତ କୁର୍ଦ୍ଦିଶ୍ ସାଂସ୍କୃତିକ କେନ୍ଦ୍ରରେ ଶୁକ୍ରବାର ଗୁଳିକାଣ୍ଡ ଘଟି ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ଏହାର ପ୍ରତିବାଦରେ ପ୍ଲେସ୍ ଡେ ଲା ରିପବ୍ଲିକ୍ ସ୍କୋୟାରରେ ଶନିବାର କୁର୍ଦ୍ଦିଶ୍ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ବେଳେ ପୋଲିସ ସହ ସଂଘର୍ଷ ହୋଇଛି। ବିକ୍ଷୋଭକାରୀମାନେ ଜଣେ ମୃତକଙ୍କ ଫଟୋ ଧରି ସ୍ଲୋଗାନ ଦେଉଛନ୍ତି।

# ଅମରାବତୀ ହତ୍ୟା: ତଦନ୍ତ ନିର୍ଦ୍ଦେଶ ଦେଲେ ଶିନ୍ଦେ ସରକାର

**ନାଗପୁର,୨୪।୧୨**

ମହାରାଷ୍ଟ୍ର ଅମରାବତୀରେ ଉମେଶ କୋଲ୍‌ହେ ହତ୍ୟା ମାମଲାକୁ ଚାପିଦେବା ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି। ରାଜ୍ୟ ଗୋଇନ୍ଦା ବିଭାଗ (ଏସ୍‌ଆଇଡି) ଏହାର ତଦନ୍ତ କରିବା ଲାଗି ଏକନାଥ ଶିନ୍ଦେ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଠାକ୍‌ରେଙ୍କ ବିରୋଧରେ ଶିନ୍ଦେ ସରକାରଙ୍କ ଦ୍ୱାରା ଏହା ତୃତୀୟ ତଦନ୍ତ। ଗତ ଜୁନ୍‌ରେ ଫାର୍ମାସିଷ୍ଟ ଉମେଶ ତାଙ୍କ ଔଷଧ ଦୋକାନ ବନ୍ଦ କରି ସ୍କୁଟରରେ ଘରକୁ ଫେରୁଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ଭାଜପାର ତତ୍କାଳୀନ ମୁଖପାତ୍ର ନୂପୁର ଶର୍ମାଙ୍କ ବିବାଦୀୟ ମନ୍ତବ୍ୟକୁ ସମର୍ଥନ କରି ଉମେଶ ସୋସିଆଲ ମିଡିଆରେ ପୋଷ୍ଟ କରିଥିବାରୁ ତାଙ୍କୁ ଟାର୍ଗେଟ

**ଉଦ୍ଧବ ମାମଲା ଚାପିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ**

କରାଯାଇଥିଲା ବୋଲି ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି। ଅହମଦନଗରର ଶ୍ରୀରାମପୁର ତାଲୁକରେ ଧର୍ମାନ୍ତରୀକରଣ ମାମଲାକୁ ନେଇ ଶନିବାର ଗୃହରେ ଆଲୋଚନା ଚାଲିଥିବାବେଳେ ବିଧାୟକ ରବି ରାଣା ଅମରାବତୀ ହତ୍ୟା ପ୍ରସଙ୍ଗ ଉଠାଇ ଏହାର ତଦନ୍ତ ଦାବି କରିଥିଲେ। ଏସ୍‌ଆଇଡିକୁ ତଦନ୍ତ ରିପୋର୍ଟ ମଗାଯାଇଛି। ଉକ୍ତ ରିପୋର୍ଟ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ସହ ପରାମର୍ଶ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଅବକାରୀ ମନ୍ତ୍ରୀ ଶମ୍ଭୁରାଜ ଦେଶାଇ କହିଛନ୍ତି।

### ସାନିଆ ହେବେ ଯୁଦ୍ଧବିମାନ ପାଇଲଟ୍

**ବାରାଣସୀ,୨୪।୧୨**

ୟୁପି ମିର୍ଜାପୁର ଜିଲାର ସାନିଆ ମିର୍ଜା (୧୭) ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୬୩ ର୍ୟାଙ୍କ୍ ରଖିଛନ୍ତି। ଜଣେ ଟିଭି ମେକାନିକ୍‌ଙ୍କ ଝିଅ ସାନିଆ ଯୁଦ୍ଧବିମାନ ପାଇଲଟ ହେବାକୁ ଚାହାନ୍ତି ବୋଲି କହିଛନ୍ତି। ସେ ମଙ୍ଗଳବାର ପୁଣେର ଖଡକୱାସ୍‌ଲାସ୍ଥିତ ଏନ୍‌ଡିଏରେ ଯୋଗଦେବେ।



ଯୁଦ୍ଧବିମାନ ପାଇଲଟ ହେବାକୁ ହେଲେ ତାଙ୍କୁ ଆଗାମୀ ୪ ବର୍ଷ ମଧ୍ୟରେ ଫ୍ଲାଇଂ ଟ୍ରେନିଂ ସମେତ ଏକାଧିକ ପାଠ୍ୟକ୍ରମରେ ସଫଳତା ହାସଲ କରିବାକୁ ହେବ। ସେ ଦେଶର ପ୍ରଥମ ମୁସଲମାନ ମହିଳା ଭାବେ ଯୁଦ୍ଧବିମାନ ପାଇଲଟ ହେବାକୁ ଯାଉଛନ୍ତି।

# ପେପର ଲିକ୍: ଶିକ୍ଷକ ନିଯୁକ୍ତି ପରୀକ୍ଷା ବାତିଲ

**ଜୟପୁର,୨୪।୧୨(ପି.ଟି.)**

ରାଜସ୍ଥାନରେ ଶନିବାର ଶିକ୍ଷକ ନିଯୁକ୍ତି ପରୀକ୍ଷାର କିଛି ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଯାଇଛି। ଫଳରେ ପରୀକ୍ଷାକୁ ବାତିଲ କରାଯିବା ସହ ୪୪ ଜଣଙ୍କୁ ଗିରଫ କରାଯାଇଛି। ରାଜସ୍ଥାନ ପବ୍ଲିକ୍ ସର୍ଭିସ କମିଶନ ଏହି ପରୀକ୍ଷା ପରିଚାଳନା କରୁଛି। ନିଯୁକ୍ତି ଆଶାୟୀ ପ୍ରାର୍ଥୀଙ୍କୁ ବେଆଇନ ଭାବେ ଆଗୁଆ ପ୍ରଶ୍ନପତ୍ର ଯୋଗାଇଦେବା ଲାଗି ପେପର ଲିକ୍ ଗ୍ୟାଙ୍ଗ ୧୦ ଲକ୍ଷ ଟଙ୍କା ଲେଖାଏ ଆଦାୟ କରିଥିବା ଅଭିଯୋଗ ହୋଇଛି। ଗିରଫଙ୍କ ମଧ୍ୟରେ ଦୁର୍ନୀତିର ମାଷ୍ଟର ମାଇଣ୍ଡ ସମେତ ୭ ଏକ୍ସପର୍ଟ ଏବଂ ୩୭ ଛାତ୍ର ଅଛନ୍ତି। ଶନିବାର ବାତିଲ ହୋଇଥିବା ସାଧାରଣ ଜ୍ଞାନ ପରୀକ୍ଷା ପୁନର୍ବାର ୨୯ ତାରିଖରେ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା ଲାଗି ସରକାର

**ପ୍ରଶ୍ନପତ୍ର ପାଇଁ ପ୍ରାର୍ଥୀ ପିଛା ୧୦ ଲକ୍ଷ ଆଦାୟ କରିଥିଲା ଗ୍ୟାଙ୍ଗ୍**

କଠୋର ଆଇନ କାର୍ଯ୍ୟକାରୀ କରିଥିବା ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ କହିଛନ୍ତି। ପ୍ରଶ୍ନପତ୍ର ଲିକ୍‌ର ଏହା ନବମ ଘଟଣା ହୋଇଥିବାବେଳେ ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି। ପେପର ଲିକ୍ ଘଟଣାର ମାଷ୍ଟରମାଇଣ୍ଡ ଯୋଧପୁରର ସୁରେଶ ବିଷ୍ଣୋଇଙ୍କୁ ଗିରଫ କରାଯାଇଛି। ଏକ ଘରୋଇ ବସ୍‌ରେ ପରୀକ୍ଷା ଦେବା ଲାଗି ଉଦୟପୁର ଆସୁଥିବା ପ୍ରାର୍ଥୀମାନଙ୍କୁ ପ୍ରଶ୍ନପତ୍ର ମିଳିଯାଇଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଶନିବାର ସକାଳେ ବେକରିୟା ଥାନା ଅନ୍ତର୍ଗତ ଏକ ଛକରେ ଉକ୍ତ ବସ୍‌କୁ ଅଟକାଯିବାରୁ ସେଥିରୁ ପ୍ରଶ୍ନପତ୍ର ମିଳିଥିଲା।

# ଆନ୍ଦୋଳନରତ ଛାତ୍ରୀଙ୍କୁ ପାଣିମାଡ଼

**କାବୁଲ, ୨୪।୧୨**

ଆଫଗାନିସ୍ତାନରେ ତାଲିବାନ୍ ଝିଅମାନଙ୍କ ପାଇଁ ଉଚ୍ଚଶିକ୍ଷା ବାରଣ କରିବା ନିଷ୍ପତ୍ତି ବିରୋଧରେ କାବୁଲରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଶନିବାର ତିନିଦିନରେ ପହଞ୍ଚିଛି। ଆନ୍ଦୋଳନକୁ ମହିଳାଙ୍କ ବିପୁଳ ସମର୍ଥନ ମିଳିଛି। ଶନିବାର କେତେଜଣ ମହିଳା ଗଭର୍ନରଙ୍କ ବାସଭବନ ଅଭିମୁଖେ ଯାତ୍ରା କରିଥିଲେ। ସେମାନଙ୍କୁ ପୋଲିସ ଅଟକାଇବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଦେଖାଯାଇଥିଲା। ଏହାପରେ ପୋଲିସ ତାଙ୍କ ଉପରକୁ ପାଣିମାଡ଼ କରିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ବହୁଳ ଭାବେ ପ୍ରସାରିତ ହେବାରେ ଲାଗିଛି।



କେତେଜଣ ଛାତ୍ରୀ ପାଣିମାଡ଼ ଭୟରେ ରାସ୍ତା କଡ଼ରେ ଲୁଚିଯାଉଥିବା ପ୍ରସାରିତ ଭିଡିଓରେ ଦେଖାଯାଇଛି। ସହରର ପ୍ରତ୍ୟେକ ସ୍ଥାନରେ ପୋଲିସ

**ଆଫଗାନିସ୍ତାନରେ ତେଜୁଛି ପ୍ରତିବାଦ**

ମୁତୟନ କରାଯାଇଛି। କେତେଜଣ ଛାତ୍ରୀ ତାରିକ ପାର୍କରେ ବିକ୍ଷୋଭ କରୁଥିବାବେଳେ ସେଠାରେ ମୁତୟନ ଥିବା ତାଲିବାନ୍ ସୈନ୍ୟ ଗଛ ଡାଳ ଭାଙ୍ଗି ସେଥିରେ ଛାତ୍ରୀଙ୍କୁ ମାଡ଼ କାରୁଥିବା ଜଣେ ଛାତ୍ରୀ କହିଛନ୍ତି। ମଙ୍ଗଳବାର ଆଫଗାନିସ୍ତାନ ଶିକ୍ଷା ବିଭାଗ ଝିଅମାନଙ୍କ ଉଚ୍ଚଶିକ୍ଷା ନିଷେଧ ନେଇ ଘୋଷଣା କରିଥିଲେ। ଏହାକୁ ବିରୋଧ କରି ଶତାଧିକ ଛାତ୍ରୀ କାବୁଲରେ ଏହାର ପ୍ରତିବାଦ ଆରମ୍ଭ କରୁଛନ୍ତି।

## ମାର୍ଚ୍ଚ ଶେଷ ସୁଦ୍ଧା ପାନ୍ ସହ ଆଧାର ସଂଯୋଗ

**ନୂଆଦିଲ୍ଲୀ:** ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବା ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ପାନ୍‌କାର୍ଡ଼ ସହ ଆଧାର ସଂଯୋଗ ବାଧ୍ୟତାମୂଳକ ବୋଲି ଶନିବାର କେନ୍ଦ୍ର ଆୟକର ବିଭାଗ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଆୟକର ବିଭାଗ ଅଧିନିୟମ ୧୯୬୧ ଅନୁସାରେ ଭାରତରେ ବ୍ୟବହୃତ ସମସ୍ତ ପାନ୍‌କାର୍ଡ଼ ୨୦୨୩ ମାର୍ଚ୍ଚ ୩୧ ମଧ୍ୟରେ ଆଧାର ସହ ସଂଯୋଗ ବାଧ୍ୟତାମୂଳକ କରାଯାଇଛି। ନଚେତ ୨୦୨୩ ଅପ୍ରେଲ ୧ ଠାରୁ ଅସିଦ୍ଧ ଘୋଷଣା କରାଯିବ ବୋଲି କେନ୍ଦ୍ର ଆୟକର ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ମେ ୨୦୧୭ ରେ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଆସାମ, ଜାମ୍ମୁ କାଶ୍ମୀର, ମେଘାଳୟ ରାଜ୍ୟରେ ରହୁଥିବା ଲୋକ ମାନଙ୍କ ପାଇଁ ପାନ୍ ସହ ଆଧାର ଯୋଡିବା ବାଧ୍ୟତାମୂଳକ କରାଯାଇନାହିଁ ବୋଲି କୁହାଯାଇଛି।

# ‘ବିକଶିତ ରାଷ୍ଟ୍ର ହେବାକୁ ୨୦ବର୍ଷ ଲାଗିବ’

ନୂଆଦିଲ୍ଲୀ,୨୪।୧୨


ସି ରଙ୍ଗରାଜନ୍

ଗତ କିଛି ବର୍ଷ ହେବ ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଲାଗି ରହିଛି। ହେଲେ ଉକ୍ତ ସମୟ ମଧ୍ୟରେ ଦେଶ ବିକାଶ ପଥରେ ଅଗ୍ରସର ହେବାକୁ ମଧ୍ୟ ପ୍ରୟାସ ଜାରି ରଖିଛି। ଏପରିକି ୫ ଟ୍ରିଲିୟନ ଡଲାର ଅର୍ଥନୀତିର ସଫଳତା ଏକ ସ୍ୱଳ୍ପକାଳୀନ ଆକାଂକ୍ଷା ଲକ୍ଷ୍ୟ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ସି.ରଙ୍ଗରାଜନ୍ ଶନିବାର ଏକ ସମ୍ମିଳନୀରେ ଯୋଗଦେଇ କହିଛନ୍ତି। ବିଶେଷକରି ମୁଣ୍ଡ ପିଛା ଆୟ ୩୪୭୨ ଡଲାର ସହ ଭାରତ ମଧ୍ୟମ ଆୟକାରୀ ଦେଶ ଭାବେ ପରିଗଣିତ ହେବ ବୋଲି ରଙ୍ଗରାଜନ୍ ମତପ୍ରକାଶ କରିଛନ୍ତି। ସେହିଭଳି ଏକ ଉଚ୍ଚ ମଧ୍ୟବିତ୍ତ ଦେଶର ସ୍ତରରେ ପହଞ୍ଚିବାକୁ ହେଲେ ଭାରତକୁ ଆଉ ୨ରୁ ୩ ବର୍ଷ ଲାଗିବ ବୋଲି ଆଶା କରାଯାଉଛି। ଏପରିକି ଏକ ବିକଶିତ ଦେଶ ଭାବେ ବର୍ଗୀକୃତ ହେବାକୁ ହେଲେ ମୁଣ୍ଡ ପିଛା ଆୟ ସର୍ବନିମ୍ନ ୧୩,୨୦୫ ଡଲାର ଆବଶ୍ୟକ ରହିଛି। ଏହାକୁ ହାସଲ କରିବା ପାଇଁ ଆଉ ୨ ଦଶନ୍ଧି ( ୨୦ ବର୍ଷ )ରୁ ଅଧିକ ସମୟ ଆବଶ୍ୟକ ବୋଲି ରଙ୍ଗରାଜନ ଆକଳନ କରିଛନ୍ତି। ଅପରପକ୍ଷରେ ୮ରୁ ୯% ଅଭିବୃଦ୍ଧି ହାରରେ ପହଞ୍ଚିବାକୁ ମଧ୍ୟ ଅନେକ ନୀତି ଓ ଯୋଜନା ସାଙ୍ଗକୁ ସମୟ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆଇସିଏଫ୍‌ଏଆଇ ଫାଉଣ୍ଡେଶନର ଦ୍ୱାଦଶ ସମ୍ମିଳନୀରେ ଯୋଗ ଦେଇ ରଙ୍ଗରାଜନ କହିଛନ୍ତି, ସମୁଦାୟ ଆଉଟପୁଟ୍ ସ୍ତରରେ ଭାରତ ବର୍ତ୍ତମାନ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତି ଭାବେ ପରିଗଣିତ ହେଉଛି। ଭାରତ ଏକ ପ୍ରଭାବଶାଳୀ ସଫଳତା ପାଇବାକୁ ପ୍ରୟାସ କରୁଥିବା ବେଳେ ଅନେକ ସମସ୍ୟା ସୃଷ୍ଟି ହେଉଛି। ହେଲେ ମୁଣ୍ଡ ପିଛା ଆୟ ଦୃଷ୍ଟିରୁ ଆଇଏମ୍‌ଏଫ୍‌ର ମାନ୍ୟତା ଅନୁଯାୟୀ ୧୯୭ ଦେଶ ମଧ୍ୟରୁ ଭାରତ ୧୪୨ତମ ସ୍ଥାନରେ ରହିଛି। ଏ ସମ୍ପର୍କରେ ଦେଶର ନୀତି ନିର୍ଦ୍ଧାରଣକାରୀଙ୍କ ତୁରନ୍ତ ଧ୍ୟାନ ଅର୍ଥନୀତିର ଅଭିବୃଦ୍ଧି ହାରକୁ ବୃଦ୍ଧି କରିବା ଆବଶ୍ୟକ ରହିଛି। ବିଶେଷକରି ୫ ଟ୍ରିଲିୟନ ଡଲାର ଅର୍ଥନୀତିର ସଫଳତା ଏକ ସ୍ୱଳ୍ପ ମିଆଦୀ ଆକାଂକ୍ଷା ଲକ୍ଷ୍ୟ। ଏଥିପାଇଁ ସର୍ବନିମ୍ନ ୫ ବର୍ଷର ପ୍ରୟାସ ସହ ୯%ର ଅଭିବୃଦ୍ଧି ହାରରେ ପହଞ୍ଚିବାକୁ ସମୟ ଲାଗିବ। ଏହା ସତ୍ତ୍ୱେ ଭାରତର ମୁଣ୍ଡ ପିଛା ଆୟ ମାତ୍ର ୩୪୭୨ ଡଲାର ରହିବ ବୋଲି ଆଶା କରାଯାଉଛି। ସେହିପରି ଆମେ ଏପର୍ଯ୍ୟନ୍ତ ଏକ ନିମ୍ନ ମଧ୍ୟମ ଆୟ ଦେଶ ଭାବେ ବର୍ଗୀକୃତ ହେବୁ ବୋଲି ରଙ୍ଗରାଜନ ଦର୍ଶାଇଛନ୍ତି।

# ଖସିଲା ୧୨ବିଲିୟନ ଡଲାର ସମ୍ପତ୍ତି

ନୂଆଦିଲ୍ଲୀ,୨୪।୧୨

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ କୋଭିଡ୍ ସଂକ୍ରମଣର ପ୍ରଭାବରେ ଭାରତର ଶୀର୍ଷ ୨ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ ଓ ଗୌତମ ଆଦାନୀଙ୍କର ସମ୍ପତ୍ତିର ପରିମାଣ ହ୍ରାସ ଘଟିଛି। ଏପରିକି ଉଭୟ ଧନୀବ୍ୟକ୍ତିଙ୍କର ପ୍ରାୟ ୧୨ ବିଲିୟନ ଡଲାରର ସମ୍ପତ୍ତି ହ୍ରାସ ଘଟିଥିବା ବ୍ଲୁମ୍‌ବର୍ଗ ବିଲିୟନେୟାର ସୂଚକାଙ୍କରେ ଦର୍ଶାଯାଇଛି। ଫଳରେ ଗୌତମ ଆଦାନୀ ଏବଂ ମୁକେଶ ଅମ୍ବାନୀଙ୍କ ସହ ବହୁ ଭାରତୀୟ ବିଲିୟନେୟାରଙ୍କ ସମ୍ପତ୍ତିରେ ମଧ୍ୟ ବଡ଼ ହ୍ରାସ ଦେଖିବାକୁ ମିଳିଛି। ସେହିଭଳି ଆଦାନୀ ଗ୍ରୁପ୍‌ର ମୁଖ୍ୟ ଗୌତମ ଆଦାନୀଙ୍କ ସମ୍ପତ୍ତିରେ ସବୁଠୁ ଅଧିକ ହ୍ରାସ ଦେଖିବାକୁ ମିଳିଛି। ଗୋଟିଏ ଦିନରେ ଗୌତମଙ୍କ ସମ୍ପତ୍ତିରେ ୯.୩୮ ବିଲିୟନ ଡଲାର ହ୍ରାସ ଘଟି ପ୍ରାୟ ୧୧୦ ବିଲିୟନ ଡଲାରରେ ରହିଛି। ସେହିପରି ରିଲାଏନ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତିରେ ୨.୭୧ବିଲିୟନ ଡଲାର ହ୍ରାସ ଘଟି ୮୫.୪ ବିଲିୟନ ଡଲାରରେ ପହଞ୍ଚିଛି। ଅପରପକ୍ଷରେ ସମ୍ପତ୍ତି ହ୍ରାସ ଘଟିଥିବା ଅନ୍ୟ ଭାରତୀୟ ବିଲିୟନେୟାରଙ୍କ ତାଲିକାରେ ଅଜୀମ ପ୍ରେମଜୀ, କେ.ପି. ସିଂ, କୁମାରମଙ୍ଗଳମ ବିର୍ଲା, ଶାପୁର ମିସ୍ତ୍ରି ଏବଂ ସାବିତ୍ରୀ ଜିନ୍ଦଲ ପ୍ରମୁଖ ସାମିଲ ଅଛନ୍ତି।

# ସୋଚ୍‌ର ‘ରେଡ୍ ଡଟ୍ ସେଲ୍’

ନୂଆଦିଲ୍ଲୀ,୨୪।୧୨




ଦେଶର ପ୍ରମୁଖ ମହିଳା ପୋଷାକ ବ୍ରାଣ୍ଡ୍ ‘ସୋଚ୍’ର ବିଶେଷ ଅଭିଯାନ ‘ରେଡ୍ ଡଟ୍ ସେଲ୍’ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡ୍‌ର ସ୍ୱତନ୍ତ୍ର ଓ ଆକର୍ଷଣୀୟ ରେଞ୍ଜ୍ ସହ ସମସ୍ତଙ୍କ ପାଇଁ ଉକ୍ତ ସେଲ୍ ପୁନର୍ବାର ଆରମ୍ଭ କରାଯାଇଛି। ଏହି ସେଲ୍ ଜରିଆରେ ଗ୍ରାହକମାନେ ବ୍ରାଣ୍ଡ୍‌ର ଦେଶବ୍ୟାପୀ ସୋଚ୍ ଷ୍ଟୋର ଓ ଅନ୍‌ଲାଇନରେ ମଧ୍ୟ ଶାଢ଼ି, ସଲ୍‌ୱାର ସୁଇଟ୍, କୁର୍ତ୍ତାସ, କୁର୍ତ୍ତା ସେଟ୍, ଡ୍ରେସ୍ ମ୍ୟାଟେରିଆଲ, ଟ୍ୟୁନିକ୍ ଓ କାଫ୍‌ତାନର ଏକ ବିସ୍ତୃତ ସିଲେକ୍ସନ ଉପରେ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ବିଶେଷକରି ଚଳିତ ବିବାହ ଋତୁ ଅବସରରେ ସୋଚ୍ ରେଡ୍ ଡଟ୍ ସେଲ୍ ଏକାଧିକ ଉତ୍ପାଦ ଉପରେ ସ୍ୱତନ୍ତ୍ର ରିହାତିର ଶୁଭାରମ୍ଭ ସହ ଉକ୍ତ ଅଭିଯାନକୁ ଅଧିକ ଉତ୍ସାହଜନକ କରିଛି। ସେହିଭଳି ଗ୍ରାହକମାନେ ଏଥ୍‌ନିକ୍ ୱେୟାରର ସର୍ବୋତ୍ତମତାକୁ ଆକର୍ଷଣୀୟ ଅଫର ଓ ମୂଲ୍ୟରେ ମଧ୍ୟ ପାଇପାରିବେ। ଏହି ସେଲ୍ ଗ୍ରାହକଙ୍କୁ ନିଜର ସୋଚ୍ ଷ୍ଟାଇଲ୍ ପ୍ରଦର୍ଶିତ କରିବା ପାଇଁ ଏକ ବିସ୍ତୃତ କଲର ପ୍ୟାଲେଟ୍‌ରୁ ସିଲ୍କ, ସିଲ୍କ ବ୍ଲେଣ୍ଡ୍, ଆର୍ଟ ସିଲ୍କ, ଅର୍‌ନେଟ୍ ବ୍ରୋକେଡ୍, ଚନ୍ଦେରୀ ଓ ଜର୍ଜେଟ୍ ଭଳି ସମୃଦ୍ଧ ଫ୍ୟାବ୍ରିକ୍‌ର ଏକ ଶୃଙ୍ଖଳାକୁ ଉନ୍ମୋଚନ କରିଛି। ଏହି ଚମତ୍କାର ଉତ୍ପାଦଗୁଡ଼ିକ ସବ୍‌ଟଲ୍ ବ୍ଲୁଠାରୁ ଆରମ୍ଭକରି ଭାଇବ୍ରାଣ୍ଟ ପିଙ୍କ୍ ପର୍ଯ୍ୟନ୍ତ ଏକ ବିସ୍ତୃତ ରେଞ୍ଜ୍‌ର ଓ ରଙ୍ଗରେ ଉପଲବ୍ଧ। ଏପରିକି ଗ୍ରାହକଙ୍କର ସମସ୍ତ ଏଥ୍‌ନିକ୍ ୱେୟାର ଆବଶ୍ୟକତାକୁ ପୂରଣକରି ତ୍ରୁଟିହୀନ ଓ ଡିମାଣ୍ଡିଂ ଲୁକ୍‌କୁ ରିକ୍ରିଏଟ୍ କରୁଛି। ସେହିପରି ଗ୍ରାହକମାନେ ବର୍ତ୍ତମାନ ସୋଚ୍‌ର ସୁନ୍ଦର ଏଥ୍‌ନିକ୍ ୱେୟାରକୁ ପୂର୍ବରୁ କେବେ ଆସି ନ ଥିବା ମୂଲ୍ୟରେ ପାଇବା ସହ ପ୍ରତ୍ୟେକ ଅବସରକୁ ସୁନ୍ଦର କରିପାରିବେ।

# ଆଇକେଜେ କେୟାର ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର

ନୂଆଦିଲ୍ଲୀ,୨୪।୧୨


ରାଧିକା ଚୀମା

ଦିଭିସା ହର୍ବାଲ ପ୍ରା.ଲି ର ସହଯୋଗୀ ସଂସ୍ଥା ଆଇକେଜେ କେୟାର ଫାଉଣ୍ଡେଶନ ପକ୍ଷରୁ ନିକଟରେ ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜନ ଏସଆରଏଲ ଡାଇଗୋନଷ୍ଟିକ ଓ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ମିଳିତ ଉଦ୍ୟମରେ ଆୟୋଜନ କରାଯାଇଥିଲା। ଉକ୍ତ ଶିବିରରେ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇ ଆବଶ୍ୟକୀୟ ଟିପ୍ସ ସାଙ୍ଗକୁ ସୁସ୍ଥ ରହିବା ପାଇଁ କିଛି ସ୍ୱତନ୍ତ୍ର ହେଲଥ୍ ଟିପ୍ସ୍ ଅଭିଜ୍ଞ ଡାକ୍ତରମାନଙ୍କୁ ଠାରୁ ନେଇଥିବା ଜଣାପଡିଛି। ଏପରିକି ଉକ୍ତ ଶିବିରରେ ଲୋକମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତ ନମୁନା ମଧ୍ୟ ପରୀକ୍ଷା କରାଯାଇଥିଲା। ଏ ସମ୍ପର୍କରେ ଆଇକେଜେ କେୟାର ଅଧ୍ୟକ୍ଷା ରାଧିକା ଚୀମା କହିଛନ୍ତି, ସ୍ୱାସ୍ଥ୍ୟ ହେଉଛି ଆମର ସବୁଠାରୁ ବଡ ପୁଞ୍ଜି କିନ୍ତୁ ସାଧାରଣତଃ ଲୋକମାନଙ୍କ ଛୋଟିଆ ଅବହେଳା ଯୋଗୁଁ ଲୋକମାନେ ଅନେକ ପ୍ରକାରର ରୋଗକୁ ନିମନ୍ତ୍ରଣ କରିଥାନ୍ତି। ତେଣୁ ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ରହିବା ପାଇଁ ସ୍ୱାସ୍ଥ୍ୟ ପରିକ୍ଷା ଓ ଡାକ୍ତରଙ୍କ ପରାମର୍ଶ ଆବଶ୍ୟକ ବୋଲି ସେ ମତପ୍ରକାଶ କରିଛନ୍ତି।

# ରାଷ୍ଟ୍ରପତି ଭବନ ପରିସରରେ ପିଏନ୍‌ବି ଶାଖା ଉଦ୍‌ଘାଟିତ

ନୂଆଦିଲ୍ଲୀ,୨୪।୧୨



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ନିକଟରେ ଏକ ନୂତନ ଶାଖା ରାଷ୍ଟ୍ରପତି ଭବନ ପରିସରରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁର୍ମୁ କହିଥିଲେ ପିଏନବିର ଉକ୍ତ ଶାଖା ରାଷ୍ଟ୍ରପତି ଭବନ ପରିସରକୁ ଆସୁଥିବା ସବୁ ବର୍ଗର ଲେଶକ ଓ କର୍ମଚାରୀଙ୍କ ବ୍ୟାଙ୍କିଙ୍ଗ୍ ଆବଶ୍ୟକତାକୁ ପୂରଣ କରିବା ସହ ଆବଶ୍ୟକ ବ୍ୟାଙ୍କିଙ୍ଗ ସେବା ଓ ସୁବିଧା ହିତାଧିକାରୀଙ୍କୁ ମିଳିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ, କେନ୍ଦ୍ର ଅର୍ଥରାଜ୍ୟ ମନ୍ତ୍ରୀ ଡ. ଭଗବତ କିଶାନରାଓ କରଦ, ଡିଏଫ୍‌ଏସ୍ ସଚିବ ବିବେକ ଯୋଶୀ, ଯୁଗ୍ମ ସଚିବ ଡିଏଫଏସ୍ ଆଣ୍ଡ ପିଏନ୍‌ବି ନିର୍ଦ୍ଦେଶକ ପଙ୍କଜ ଶର୍ମା, ପିଏନ୍‌ବି ନିର୍ଦ୍ଦେଶକ ଅତୁଲ କୁମାର ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ।

# ଫ୍ଲିପ୍‌କାର୍ଟରୁ ଅଲଗା ହେଲା ଫୋନ୍‌ପେ

ନୂଆଦିଲ୍ଲୀ,୨୪।୧୨

ଦେଶର ପ୍ରମୁଖ ଡିଜିଟାଲ ପେମେଣ୍ଟ ସଂସ୍ଥା ଫୋନ୍‌ପେ ତା’ର ମାଲିକାନା ସଂସ୍ଥା ଫ୍ଲିପ୍‌କାର୍ଟଠାରୁ ଅଲଗା ହୋଇଯାଇଥିବା ଜଣାପଡ଼ିଛି। ବିଶେଷକରି ଏକ ସ୍ୱାଧୀନ କମ୍ପାନୀ ଭାବେ ଏହା ପରିଚାଳିତ ହେବ ବୋଲି ସୂଚନା ମିଳିଛି। ଏପରିକି ପୂର୍ବରୁ ଏହା ଫ୍ଲିପ୍‌କାର୍ଟ ଅଧୀନରେ ପରିଚାଳିତ ହେଉଥିଲା। ଫଳରେ କମ୍ପାନୀ ଯେ କୌଣସି ବଡ଼ ନିଷ୍ପତ୍ତି ନେବା ପୂର୍ବରୁ ଫ୍ଲିପ୍‌କାର୍ଟ ବୋର୍ଡର ମଞ୍ଜୁରୀ ଆବଶ୍ୟକ କରୁଥିଲା। କମ୍ପାନୀ ବର୍ତ୍ତମାନ ଏକ ପୃଥକ୍ ସଂସ୍ଥାରେ ପରିଣତ ହୋଇଥିବାରୁ ଆଗାମୀ ଦିନରେ ଫୋନ୍‌ପେ ଆବଶ୍ୟକ ନିଷ୍ପତ୍ତି ଓ କାର୍ଯ୍ୟକ୍ରମ ସ୍ୱାଧୀନ ଭାବେ ଗ୍ରହଣ କରିବ ବୋଲି କୁହାଯାଉଛି। ସେହିଭଳି ଫ୍ଲିପ୍‌କାର୍ଟ ହେଉଛି ଦେଶର ଅଗ୍ରଣୀ ଇ-କମର୍ସ କମ୍ପାନୀ। ସେଥିରେ ଆମେରିକାର ରିଟେଲ ସଂସ୍ଥା ୱାଲ୍‌ମାର୍ଟର ସିଂହଭାଗ ଅଂଶଧନ ରହିଛି। ଫ୍ଲିପ୍‌କାର୍ଟଠାରୁ ଅଲଗା ହୋଇଥିବା ଫୋନ୍‌ପେ’ରେ ମଧ୍ୟ ୱାଲ୍‌ମାର୍ଟର ସିଂହଭାଗ ଅଂଶଧନ ରହିଛି। ଏହା ପୂର୍ବରୁ ଫୋନ୍‌ପେ’କୁ ଫ୍ଲିପ୍‌କାର୍ଟ ସିଙ୍ଗାପୁର ଓ ଫୋନ୍‌ପେ ସିଙ୍ଗାପୁର ଜରିଆରେ ୱାଲ୍‌ମାର୍ଟ ପରିଚାଳିତ କରୁଥିଲା। ଏପରିକି ଉକ୍ତ ୨ ସଂସ୍ଥାର ଅଂଶଧନକାରୀମାନେ ଫୋନ୍‌ପେ ଶେୟାରକୁ କିଣିଥିବାରୁ ତାହା ବର୍ତ୍ତମାନ ଏକ ସମ୍ପୂର୍ଣ୍ଣ ଭାରତୀୟ କମ୍ପାନୀରେ ପରିଣତ ହୋଇଯାଇଛି।

## ଫୁର୍‌ସତ୍

# ଖାଦ୍ୟରୁ ପୋଷାକ ସବୁ ଗୋଲାପୀ




**ଲଣ୍ଡନ:** ସାଧାରଣତଃ ପ୍ରତ୍ୟେକ ଝିଅ ବାର୍ବି ଡଲ୍ ବହୁତ ପସନ୍ଦ କରନ୍ତି। ଏପରିକି ସେମାନେ ବାର୍ବି ଡଲ ପରି ହେବାକୁ ସ୍ୱପ୍ନ ବି ଦେଖିଥାନ୍ତି। କିନ୍ତୁ ବୟସ ବଢ଼ିବା ସହିତ ସେମାନଙ୍କର ଖାଦ୍ୟ, ପୋଷାକ ଏବଂ ରୁଚି ବଦଳି ଯାଇଥାଏ। କିନ୍ତୁ ବ୍ରିଟେନରେ ରହୁଥିବା ହୋଲି ୱେମାଉଥ ନାମକ ୨୮ ବର୍ଷୀୟା ଯୁବତୀ ଗୋଲାପୀ ରଙ୍ଗକୁ ଏତେ ଭଲ ପାଆନ୍ତି ଯେ ସେ ନିଜ ପୋଷାକ, ଜୋତାଠାରୁ ଆରମ୍ଭ କରି ଖାଦ୍ୟ ଏବଂ ପାନୀୟ ପର୍ଯ୍ୟନ୍ତ ଗୋଲାପୀ ରଙ୍ଗର ହିଁ କରିଥାନ୍ତି। ତାଙ୍କର ଏହି ଉତ୍ସାହ ପାଇଁ ସେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ। ଗୋଲାପୀ ରଙ୍ଗ ତାଙ୍କ ଜୀବନରେ ଜାଗ୍ରତ ହେବା ଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ସବୁ ସ୍ଥାନରେ ଦେଖିବାକୁ ମିଳିଥାଏ। ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଝିଅମାନଙ୍କ ପରି ପିଲାଦିନରୁ ବାର୍ବି ଡଲ୍ ଭଲ ପାଉଥିଲେ, କିନ୍ତୁ ଯେତେବେଳେ ସେ ୨୦ ବର୍ଷର ହୋଇଥିଲେ ସେତେବେଳେ ଏହି ଅଭ୍ୟାସ ତାଙ୍କର ଉତ୍ସାହରେ ପରିଣତ ହୋଇଥିଲା। ସେ ତାଙ୍କ ଜୀବନର ପ୍ରତ୍ୟେକ ଦିଗକୁ ନିଜ ପ୍ରିୟ ରଙ୍ଗରେ ରଙ୍ଗାଇଥିଲେ। ସେ କହିଛନ୍ତି, ଏହା ତାଙ୍କୁ ନିଜ ପିଲାଦିନ ସହିତ ସଂଯୋଗର ଭାବନା ଦେଇଥାଏ। ୧୫ ବର୍ଷ ବୟସରେ ସେ ଅପସ୍ମାର ରୋଗରେ ଆକ୍ରାନ୍ତ ହୋଇଥିଲେ। ଯେଉଁଥିପାଇଁ ସେ ଡାକ୍ତରଖାନାରେ ବହୁତ ସମୟ ବିତାଇଥିଲେ। ଏପରି ପରିସ୍ଥିତିରେ ତାଙ୍କର ପିଲାଦିନ ବହୁତ କଷ୍ଟରେ ବିତିଥିଲା। ବର୍ତ୍ତମାନ ସେ ସୁସ୍ଥ ହୋଇ ପୁଣି ନିଜ ପିଲାଦିନକୁ ନିଜ ପ୍ରିୟ ରଙ୍ଗ ସହିତ ବଞ୍ଚିବାକୁ ଚାହୁଁଛନ୍ତି। ହୋଲି ନିଜ ଗୋଲାପୀ ରଙ୍ଗର ଇଚ୍ଛା ପୂରଣ କରିବା ପାଇଁ ବାର୍ବି ଡଲ ଥିମ ଆଲମାରୀ ମଧ୍ୟ ତିଆରି କରିଛନ୍ତି। ଯେଉଁଥିରେ ୪ ଲକ୍ଷରୁ ଅଧିକ ଖର୍ଚ୍ଚ କରି ଗୋଲାପୀ ରଙ୍ଗର ଡ୍ରେସ ଆଣିଛନ୍ତି। ସେ ଗୋଲାପୀ ରଙ୍ଗର ଡ୍ରେସ ଛଡ଼ା ଆଉ କିଛି ପିନ୍ଧନ୍ତି ନାହିଁ ଏବଂ ସେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରନ୍ତି। ହୋଲି ସ୍ୱୀକାର କରିଛନ୍ତି, ତାଙ୍କର ଏପରି ଅଭ୍ୟାସକୁ ପରିବାର ଏବଂ ସାଙ୍ଗସାଥୀମାନେ ଅଜବ ଭାବନ୍ତି କିନ୍ତୁ ସେ ଏହାକୁ ଖୁବ ଭଲ ପାଆନ୍ତି। ସେ କହିଛନ୍ତି, ତାଙ୍କ ପ୍ରେମିକଙ୍କର ଏଥିରେ କୌଣସି ଅସୁବିଧା ନାହିଁ ଏବଂ ସେ ମଧ୍ୟ ତାଙ୍କୁ ସମର୍ଥନ କରନ୍ତି। ସବୁଠାରୁ କୌତୂହଳର ବିଷୟ ହେଉଛି ହୋଲିଙ୍କ ପୋଷାକ ବ୍ୟତୀତ ଖାଦ୍ୟ ସାମଗ୍ରୀ ମଧ୍ୟ ଗୋଲାପୀ ଏବଂ ସେ ପ୍ରାୟତଃ ଗୋଲାପୀ ଟି’ ପାର୍ଟି କରନ୍ତି।

# ଅସୁବିଧା ହେଲେ ମନେପକାଇବ: ସୋନୁ




**ମୁମ୍ବାଇ:** କରୋନାର ନୂଆ ସଂକ୍ରମଣକୁ ନେଇ ଦେଶରେ ପୁଣି ଥରେ ଆତଙ୍କ ଖେଳିଯାଇଛି। କରୋନାକୁ ରୋକିବା ପାଇଁ ସରକାର ପ୍ରସ୍ତୁତି ମଧ୍ୟ ଚଳାଇଛନ୍ତି। ଏହି ସମୟରେ ଅଭିନେତା ସୋନୁ ସୁଦ କରୋନାକୁ ସାମ୍ନା କରିବାକୁ ପ୍ରସ୍ତୁତ ହୋଇଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ଅଭିନେତା ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଟୁଇଟରରେ ଏକ ପୋଷ୍ଟ ଶେୟାର ସେ କହିଛନ୍ତି ଯଦି କୌଣସି ଆବଶ୍ୟକତା ଥାଏ ତେବେ ଲୋକେ ତାଙ୍କ ପୁରୁଣା ନମ୍ବରକୁ କଲ କରିପାରିବେ। କରୋନାଙ୍କୁ ଭୟ କର ନାହିଁ, ସାବଧାନ ରୁହ, ଈଶ୍ୱର କରନ୍ତୁ ମୋର ଜରୁରୀ ନ ପଡୁ। ଯଦି ଆବଶ୍ୟକତା ପଡେ ପୁରୁଣା ନମ୍ବରକୁ କଲ କରିବାକୁ ଅଭିନେତା କହିଛନ୍ତି। ନିକଟରେ ଏକ ସାକ୍ଷାତକାରରେ ଅଭିନେତା କହିଛନ୍ତ, ସେ ତାଙ୍କ ଟିମ ସହିତ ଏକ ବୈଠକ କରିଛନ୍ତି ଏବଂ ସଦସ୍ୟମାନଙ୍କୁ କହିଥିଲେ ଯେ ଯଦି ପରିସ୍ଥିତି ଅଧିକ ଖରାପ ହୁଏ, ତେବେ ଲୋକଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ରୁହନ୍ତୁ। ୨୦୨୦ରେ କରୋନା କାରଣରୁ ଦେଶରେ ଲକଡାଉନ ଘୋଷଣା କରାଯିବା ପରେ ସୋନୁ ସୁଦ ଏବଂ ତାଙ୍କ ଟିମ ମୁମ୍ବାଇରେ ରହୁଥିବା ପ୍ରବାସୀ ଶ୍ରମିକମାନଙ୍କୁ ସାହାଯ୍ୟ କରିଥିଲେ।



# ଘରକୁ ଫେରିଲେ ଈଶା ଅମ୍ବାନୀ

ରିଲାଏନ୍ସ ଗ୍ରୁପ୍‌ର ମାଲିକ ମୁକେଶ ଅମ୍ବାନୀଙ୍କ ଝିଅ ଈଶା ଅମ୍ବାନୀ ଯମଜ ସନ୍ତାନଙ୍କୁ ଧରି ସ୍ୱାମୀଙ୍କ ସହ ଆମେରିକାରୁ ମୁମ୍ବାଇ ଫେରିଛନ୍ତି। ନଭେମ୍ବର ୧୯ରେ ଈଶା ଯମଜ ପିଲାଙ୍କୁ ଜନ୍ମ ଦେଇଥିଲେ। ସୋସିଆଲ ମିଡିଆ ଜରିଆରେ ଅମ୍ବାନୀ ପରିବାର ପକ୍ଷରୁ ଏକ ପୋଷ୍ଟ ଶେୟାର କରାଯାଇଥିଲା। ଗୋଟିଏ ବର୍ଷ ପରେ ଭାରତ ଫେରିଥିବା ଈଶା ଓ ସ୍ୱାମୀ ଆଦିତ୍ୟଙ୍କୁ ପରିବାର ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ନାତି କ୍ରୀଷ୍ଣା ଓ ନାତୁଣୀ ଆଦିୟାଙ୍କୁ ପାଖରେ ପାଇ ଅମ୍ବାନୀ ପରିବାର ଖୁସି ଜଣାପଡୁଥିଲା। ଅନ୍ୟପକ୍ଷେ ନୂଆ କରି ମା’ ହୋଇଥିବା ଈଶା ଘରକୁ ଫେରି ଉତ୍ସାହିତ ଥିଲେ। ୨୦୧୮ରେ ଈଶା ଓ ଆନନ୍ଦ ବିବାହ ବିବାହ କରିଥିଲେ। ଏ ନେଇ ମୁକେଶ ଅମ୍ବାନୀ ବନ ଆୟୋଜନ କରିଥିବାବେଳେ ଦେଶ ଓ ବିଦେଶରୁ ବହୁ ଅତିଥି ଏଥିରେ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ବଲିଉଡ୍ ତାରକା ଏଥିରୁ ବାଦ୍ ପଡ଼ି ନ ଥିଲେ।

# ଦାଢ଼ି ରଖିପାରିବେ ଆମେରିକା ନୌସେନାର ଶିଖ୍ କର୍ମଚାରୀ



**ନ୍ୟୁୟର୍କ:** ଆମେରିକା ନୌସେନାରେ ନିଯୁକ୍ତି ପାଇଥିବା ଶିଖ୍‌ମାନେ ଏଣିକି ଦାଢ଼ି ରଖିପାରିବେ ଓ ପଗଡ଼ି ବାନ୍ଧିପାରିବେ। କଲମ୍ବିଆର ଫେଡେରାଲ ଅପିଲ୍ସ କୋର୍ଟ ଶୁକ୍ରବାର ଏହି ଐତିହାସିକ ରାୟ ଶୁଣାଇଛନ୍ତି। ନୌସେନା କର୍ମଚାରୀ ଦାଢ଼ି କାଟିବା ପାଇଁ ରହିଥିବା ନିୟମ ଧର୍ମୀୟ ସ୍ୱାଧୀନତା ସୁରକ୍ଷା ଆଇନ (ଆର୍‌ଏଫ୍‌ଆର୍‌ଏ)କୁ ଏହା ଉଲ୍ଲଂଘନ କରୁଥିବା ବିଚାରପତିମାନେ କହିଥିଲେ। କର୍ପସ୍ ବୁଟ୍ କ୍ୟାମ୍ପ ନିୟମକୁ ବାଦ୍ ଦେବା ଲାଗି ୩ ଶିଖ୍ ନୌସେନା କର୍ମଚାରୀ ଐକାଶ ସିଂ, ଯଶକୀରଟ ସିଂ ଏବଂ ମିଲାପ ସିଂ ଚହଲ କଲମ୍ବିଆ ଡିଷ୍ଟ୍ରିକ୍ଟ ଫେଡେରାଲ କୋର୍ଟରେ ଆବେଦନ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଲିପ୍ସା
ପରିବାରବର୍ଗ


ମିନତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୬ରେ ଭାଜପାର ରାଜ୍ୟବ୍ୟାପୀ ସତ୍ୟାଗ୍ରହ

**ରାଜନୀତି ଅପରାଧୀକରଣ ପ୍ରତିବାଦ**

■ **୨୩ ବର୍ଷ ଶାସନରେ ଓଡ଼ିଶା ରାଜନୈତିକ ନେତାଙ୍କ ଅପରାଧର ଚରାଭୂଇଁ ପାଲଟିଛି: ସମୀର**

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ଶାନ୍ତିପ୍ରିୟ ରାଜ୍ୟ ଏବଂ ଜଗନ୍ନାଥ ସଂସ୍କୃତିରେ ଓଡ଼ିଶାର ସୁଖ୍ୟାତି ରହିଛି । ମାତ୍ର ଗତ ୨୩ ବର୍ଷରେ ବିଜେଡି ଶାସନରେ ଓଡ଼ିଶା ରାଜନୈତିକ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। ଶାସକ ବିଜେଡି ନେତା, ମନ୍ତ୍ରୀ, ବିଧାୟକମାନେ ହତ୍ୟା, ଯୌନ କେଳେଙ୍କାରିର କାର୍ପଟଦାର ଏବଂ ମହିଳା ବିରୋଧୀ ହିଂସାର ମୁଖ୍ୟ ଖଳନାୟକ ସାଜିବା ରାଜ୍ୟ ସରକାରଙ୍କ ସବୁଠୁ ବଡ଼ ଉପଲବ୍ଧି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।

ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାରେ ତତ୍କାଳୀନ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ବେଳେ ବିଜେଡିର ମୁଖା ଖୋଲିଯିବା ଭୟରେ କିଛିଦିନ ତଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଦିବ୍ୟଶଙ୍କରଙ୍କ ଘନିଷ୍ଠ ସହଯୋଗୀ ଗୋବିନ୍ଦ ସାହୁଙ୍କୁ ଜେଲ ଭିତରେ ପୋଲିସ ସାହାଯ୍ୟରେ ହତ୍ୟା କରାଗଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କେଳେଙ୍କାରିକୁ ନେଇ ମାହାଙ୍ଗା ମର୍ଡର ଘଟଣାର ୧୩ ନମ୍ବର ମୁଦାଲା ଭାବେ ତତ୍କାଳୀନ ମନ୍ତ୍ରୀ ପ୍ରତାପ ଜେନା ଅଛନ୍ତି । ନିଜ ଦଳର ନେତାମାନଙ୍କୁ ସୁରକ୍ଷାଦେବାକୁ ଯାଇ ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ବିଶ୍ୱାଳଙ୍କୁ ମଧ ଟ୍ରକ୍ ଚଢ଼ାଇ ହତ୍ୟା କରାଗଲା । ବହୁଚର୍ଚ୍ଚିତ ନିମାପଡ଼ା ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁ ତାଙ୍କ ମୃତ୍ୟୁ ପାଇଁ ରାଜ୍ୟ ଶିକ୍ଷାମନ୍ତ୍ରୀ ସମୀର ଦାଶ ଦାୟୀ ବୋଲି ନିଜ ମୃତ୍ୟୁ ପୂର୍ବରୁ କହିଥିଲେ । ନୟାଗଡ଼ର ପରୀ ହତ୍ୟା ଘଟଣାରେ ତତ୍କାଳୀନ ମନ୍ତ୍ରୀ ତଥା ବିଜେଡି ବିଧାୟକ ଅରୁଣ ସାହୁଙ୍କ ସମ୍ପୃକ୍ତି ସମ୍ପର୍କରେ ଅଭିଯୋଗକୁ ରାଜ୍ୟ ସରକାର ଖଣ୍ଡନ କରିବା ସହିତ ବର୍ତ୍ତମାନ ସୁଦ୍ଧା କୌଣସି ଗୋଟିଏ ଘଟଣାରେ ପୋଲିସର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଲୋକଲୋଚନକୁ ଆସିପାରିଲା ନାହିଁ। ଏପରି କି ବିଜେଡି ମୁଖିଆ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ ନେଲେ ନାହିଁ । ପ୍ରମାଣ ନଷ୍ଟରେ ରେକର୍ଡ ସୃଷ୍ଟି କରିଛନ୍ତି ରାଜ୍ୟ ସରକାର । ବିଜୁ ଜନତା ଦଳର କ୍ରମାଗତ ଶାସନରେ ଓଡ଼ିଶା ମହିଳା ବିରୋଧୀ ହିଂସାର ସମସ୍ତ ମାପଦଣ୍ଡରେ ଦେଶର ପ୍ରଥମ ୫ଟି ରାଜ୍ୟ ଭିତରେ ଆସିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ମହାନ୍ତି କହିଛନ୍ତି । ଶାନ୍ତିପ୍ରିୟ ଓଡ଼ିଶା ରାଜ୍ୟରେ ରାଜନୀତିକୁ ଅପରାଧୀକରଣ ଏବଂ ରାଜ୍ୟରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ନାରୀ ହିଂସା ଓ ନିର୍ଯାତନାକୁ ଭାଜପା ବିରୋଧ କରୁଛି । ଏହା ପ୍ରତିବାଦରେ ଆସନ୍ତା ୨୬ ତାରିଖରେ ଦଳ ପକ୍ଷରୁ ରାଜ୍ୟର ସମସ୍ତ ମଣ୍ଡଳରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ତଳେ ୪ ଘଣ୍ଟିଆ ସତ୍ୟାଗ୍ରହ ପାଳନ କରାଯିବ । ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହ ସାଧାରଣ ନାଗରିକଙ୍କୁ ଏହି ସତ୍ୟାଗ୍ରହରେ ସାମିଲ ହେବାକୁ ରାଜ୍ୟ ସଭାପତି ଆହ୍ୱାନ ଦେଇଛନ୍ତି । ଏହି ଖବରଦାତା ସମ୍ମିଳନୀରେ ବ୍ରହ୍ମଗିରି ବିଧାୟକ ତଥା ରାଜ୍ୟ ଉପସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ଗଣମାଧମ ମୁଖ୍ୟ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ ଯୋଡ଼ୋ ଯାତ୍ରାରେ ଗାନ୍ଧୀ ପରିବାର

## ଜଣେ ଭାରତୀୟ ଭାବେ ସାମିଲ ହୋଇଛି: କମଲ ହାସନ

ନୂଆଦିଲ୍ଲୀ,୨୪।୧୨

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା' ଶନିବାର ଦିଲ୍ଲୀରେ ପହଞ୍ଚିବା ପରେ ଏହି ଅଭିଯାନରେ ଗାନ୍ଧୀ ପରିବାର ସାମିଲ ହୋଇଛି। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ସେମାନଙ୍କ ଝିଅପୁଅଙ୍କୁ ଲାଲ୍‌କିଲ୍ଲାରେ ଦେଖିବାକୁ ମିଳିଛି। ଆଶାରାମ ଚୌକରେ ମର୍ନିଂ ବ୍ରେକ୍ ପାଇଁ ଯାତ୍ରା ଅଟକିଥିବାବେଳେ ସୋନିଆ ଓ ତାଙ୍କ ପରିବାର ସଦସ୍ୟମାନେ ରାହୁଲଙ୍କ ସହ ପଦଯାତ୍ରା କରିଥିଲେ। ମା'ଙ୍କଠାରୁ ମିଳିଥିବା ସ୍ନେହକୁ ଦେଶ ସହ ଶେୟାର କରୁଥିବା ନେଇ ହିନ୍ଦୀରେ ରାହୁଲ ଟୁଇଟ୍ କରିଛନ୍ତି। ଏଥିରେ ସେ ସୋନିଆଙ୍କ ସହ ଥିବା ଏକ ଫଟୋକୁ ସଂଲଗ୍ନ କରିଛନ୍ତି। ଏହା ପୂର୍ବରୁ ଗତ ସେପ୍ଟେମ୍ବରରେ ଯାତ୍ରା ଆରମ୍ଭ ବେଳେ ଓ ଅକ୍ଟୋବରରେ କର୍ଣ୍ଣାଟକର ମାଣ୍ଡ୍ୟରେ ମଧ କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଏଥିରେ ସାମିଲ ହୋଇଥିଲେ। ତେବେ ପୂରା ଗାନ୍ଧୀ ପରିବାରର ଏହା ହେଉଛି ପ୍ରଥମ ପଦଯାତ୍ରା।

ଅନ୍ୟପକ୍ଷେ ଅଭିନେତାରୁ ରାଜନେତା ସାଜିଥିବା ସାଉଥ୍ ସୁପରଷ୍ଟାର କମଲ ହାସନ ରାହୁଲଙ୍କ 'ଭାରତ ଯୋଡ଼ୋ ଯାତ୍ରା'ରେ ସାମିଲ ହୋଇଛନ୍ତି। ଦିଲ୍ଲୀରେ ଗାନ୍ଧୀ ପରିବାର ସମେତ ଜୟରାମ ରମେଶ, ପବନ ଖେରା, ଭୂପିନ୍ଦର ସିଂ ହୁଡା, କୁମାରୀ ସେଲ୍‌ଜା ଓ ରଣଦୀପ ସୂର୍ଯ୍ୟେୱାଲାଙ୍କ ଭଳି ନେତାଙ୍କ ସହ ସେ ପଦଯାତ୍ରା କରିଛନ୍ତି। ମକ୍କଲ ନିଧି ମୈୟମ୍ (ଏମ୍‌କେଏମ୍) ପ୍ରତିଷ୍ଠାତା କମଲ ହାସନ କହିଛନ୍ତି,


କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଏମ୍‌କେଏମ୍ ମୁଖ୍ୟ କମଲ ହାସନ।

ପ୍ରଥମେ ତାଙ୍କ ପାଖକୁ କେତେଜଣ ଲୋକ ଆସିଥିଲେ। ରାହୁଲଙ୍କ ସହ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇ ପଦଯାତ୍ରା କରିବା ଏକ ବଡ଼ ରାଜନୈତିକ ଭୁଲ୍ ହେବ ବୋଲି ସେମାନେ ପରାମର୍ଶ ଦେଇଥିଲେ। କିନ୍ତୁ ଦେଶକୁ ତାଙ୍କ ଆବଶ୍ୟକତା ଥିବା ଅନୁଭବ କରି ଏବଂ ନିଜ ଅନ୍ତଃସ୍ୱରକୁ ଶୁଣି ସେ ଜଣେ ଭାରତୀୟ ଭାବେ ଏଥିରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିବା କମଲ ହାସନ କହିଛନ୍ତି।

# ସମ୍ବେଦନଶୀଳ ପ୍ରସଙ୍ଗରେ ଭାଜପା ହୀନ ରାଜନୀତି କରୁଛି: ବିଜେଡି

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ବିଜେଡି ତାହାର ପ୍ରତିଷ୍ଠା ଦିବସ ତଥା ଓଡ଼ିଶାବାସୀଙ୍କ ସେବାର ୨୫ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ରାଜ୍ୟ ଭାଜପା ବିରୋଧ କରିବା ପାଇଁ କୌଣସି ପ୍ରସଙ୍ଗ ଖୋଜି ପାଇ ନ ଥିବାରୁ ପୁଣିଥରେ ୪-୫ଟି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ହୀନ ରାଜନୀତି ଚଳାଇଥିବା ବିଜେଡି ପ୍ରବକ୍ତା ସୁଶ୍ରୀ ଇପ୍ସିତା ସାହୁ କହିଛନ୍ତି । ଭାଜପା ସଭାପତିଙ୍କ ଖବରଦାତା ସମ୍ମିଳନୀର ଜବାବରେ ସାହୁ କହିଛନ୍ତି ଯେ ଓଡ଼ିଶା ଭାଜପା କେବଳ ମିଥ୍ୟା ଅଭିଯୋଗ କରିପାରେ। କିନ୍ତୁ ସେମାନଙ୍କର ଅଭିଯୋଗକୁ ଅଦାଲତ ସମ୍ମୁଖରେ ପ୍ରମାଣ ଆକାରରେ ଉପସ୍ଥାପନ କରିବାର ସତ୍‌ସାହସ ନାହିଁ । ଯେତେବେଳେ ବି ନିର୍ବାଚନ ଆସେ, ଓଡ଼ିଶା ଭାଜପା ଏପରି ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରେ ଏବଂ ନିର୍ବାଚନ ସମାପ୍ତ ହେବା ପରେ ସେସବୁକୁ ଭୁଲିଯାଏ । ଗତ ନିର୍ବାଚନ ସମୟରେ ବାରମ୍ବାର ଏଭଳି ଦେଖିବାକୁ ମିଳୁଛି । ଏହି ପ୍ରକାରର ନକାରାତ୍ମକ ତଥା ଭିତ୍ତିହୀନ ଅଭିଯୋଗ ପାଇଁ ଓଡ଼ିଶାବାସୀ ବାରମ୍ବାର ଭାଜପାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଭବିଷ୍ୟତରେ ମଧ ଏହାକୁ ପ୍ରତ୍ୟାଖ୍ୟାନ କରିବେ । ଆମେ ଓଡ଼ିଶା ଭାଜପାକୁ ଅନୁରୋଧ କରୁଛୁ ଯେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ହୀନ ରାଜନୀତି କରା ନ ଯାଉ। ଏହି ଘଟଣାରେ ପୀଡ଼ିତ ତଥା ସେମାନଙ୍କ ପରିବାର ପ୍ରତି କିଛି ସମ୍ମାନ ରହିବା ସହିତ ସେମାନଙ୍କ ମାନ ସମ୍ମାନ ଉପରେ ଯେଭଳି ଖରାପ ପ୍ରଭାବ ନ ପଡ଼ିବ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ ବୋଲି ସୁଶ୍ରୀ ସାହୁ କହିଛନ୍ତି ।

# 'ରାଜ୍ୟ ସରକାର ଓବିସି ବର୍ଗକୁ ଅଣଦେଖା କରୁଛନ୍ତି'

**ଭାଜପା ରାଜ୍ୟ ଓବିସି ମୋର୍ଚ୍ଚାର ଦ୍ୱିତୀୟ କାର୍ଯ୍ୟକାରିଣୀ**

ଚୌଦ୍ୱାର/ମଙ୍ଗୁଳି, ୨୪।୧୨ (ଡି.ଏନ୍.ଏ.)

ଚୌଦ୍ୱାର ଟାଉନ ହଲ୍ ପରିସରରେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚାର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ମୋର୍ଚ୍ଚାର ସଭାପତି ସୁରଥ ବିଶାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଏମ୍‌ପି କୋଭା ଲକ୍ଷ୍ମଣ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟରେ ଓବିସି ବର୍ଗକୁ ବିଜେଡି ସରକାର ଅଣଦେଖା କରୁଥିବା ପ୍ରସଙ୍ଗରେ ଲକ୍ଷ୍ମଣ ଉଦ୍‌ବେଗ ପ୍ରକାଶ କରିଥିଲେ। ମୋଦି ସରକାର ପଛୁଆ ବର୍ଗଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରି ସେମାନଙ୍କ ଉତ୍‌ଥାନ ଲାଗି ଉଦ୍ୟମ କରୁଥିବାବେଳେ ରାଜ୍ୟ ସରକାର ଶିକ୍ଷା, ନିଯୁକ୍ତି, ଆତ୍ମନିଯୁକ୍ତି ଓ ରାଜନୈତିକ ପ୍ରତିନିଧିତ୍ୱରୁ ଏହି ବର୍ଗଙ୍କୁ ବଞ୍ଚିତ କରିଛନ୍ତି ବୋଲି ଲକ୍ଷ୍ମଣ ବକ୍ତବ୍ୟରେ କହିଥିଲେ। ରାଜ୍ୟ ଭାଜପା ସାଧାରଣ ସମ୍ପାଦିକା ତଥା ରାଜ୍ୟ ଓବିସି ପ୍ରଭାରୀ ଲେଖାଶ୍ରୀ ସାମନ୍ତସିଂହାର ଯୋଗ ଦେଇ ରାଜ୍ୟରେ ମୋଟ ଜନସଂଖ୍ୟାର ୫୪ପ୍ରତିଶତ ଓବିସି ବର୍ଗର ରହିଛି। ଓବିସି ମୋର୍ଚ୍ଚା ମଣ୍ଡଳ ଓ ପଞ୍ଚାୟତସ୍ତରରେ ଜାତିବର୍ଗ ସମାଜ ସହିତ ସମ୍ପର୍କରେ ରହି ସେମାନଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାର ସମ୍ପର୍କରେ ସଚେତନ କରିବା ଦରକାର। କେନ୍ଦ୍ରର ଯୋଜନାକୁ ରାଜ୍ୟ ସରକାର ନିଜ ନାମରେ ଦେଉଛନ୍ତି, ଫଳରେ କେନ୍ଦ୍ର ଏବଂ ରାଜ୍ୟର ଯୋଜନା ସମ୍ପର୍କରେ ଲୋକମାନେ ଠିକ୍ ଭାବେ ଜାଣିପାରୁ ନାହାନ୍ତି। ତେଣୁ ଏନେଇ ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ ରହିଛି। ଏଥିପାଇଁ ରାଜ୍ୟର ପଦାଧିକାରୀ, ସଂଯୋଜକ ଏବଂ ସମସ୍ତ ଜିଲା ସଭାପତିଙ୍କ ଯଥେଷ୍ଟ ଭୂମିକା ରହିଥିବାବେଳେ କାର୍ଯ୍ୟକାରିଣୀ ବୈଠକରେ ଏହାର ଓଲଟା ଦେଖିବାକୁ ମିଳୁଛି ବୋଲି ଲେଖାଶ୍ରୀ କହିଥିଲେ। ୩୦ଜିଲାରୁ ୩ଜିଲାରେ ପ୍ରତିନିଧି ମୂଳରୁ ବଛା ଯାଇ ନ ଥିବାବେଳେ ମାତ୍ର ୭ଜଣ ଜିଲା ସଭାପତି ଉପସ୍ଥିତ ଅଛନ୍ତି। ସେହିପରି ୧୫ ସଂଯୋଜକଙ୍କ ମଧ୍ୟରୁ ମାତ୍ର ୫ଜଣ ଉପସ୍ଥିତ ରହିବାକୁ ନେଇ ଲେଖାଶ୍ରୀ ପ୍ରଶ୍ନ ଉଠାଇଥିଲେ। ଏତେ ସଂଖ୍ୟକ ପଦାଧିକାରୀ କାହିଁକି ଏବଂ କେଉଁ କାରଣରୁ ଅନୁପସ୍ଥିତ ରହିଛନ୍ତି ତାହାର କାରଣ ବୁଝିବା ସହ ଯେଉଁମାନେ ଖାଲି ଖାତାରେ ନାମ ଚଢାଇ ଜାଗା ମାଡ଼ି ବସିଛନ୍ତି ସେମାନଙ୍କୁ ଆସନ୍ତା ବୈଠକ ପୂର୍ବରୁ ବାହାର କରି ନୂଆ ଯୁବପିଢ଼ିଙ୍କୁ ସୁଯୋଗ ଦେବାକୁ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ ପ୍ରଭାରୀ ଆଡଭୋକେଟ ଲକ୍ଷ୍ମଣ ତପସ୍ୱୀ, ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ସୁକାନ୍ତ ବିଶାଳ, ମୁକ୍ତା ସାହୁ, ଦୁର୍ଗା ପ୍ରସନ୍ନ ନାୟକ, ସିଦ୍ଧାର୍ଥ ଶଙ୍କର ପତି ଓ ପ୍ରଶାନ୍ତ ନାୟକ ପ୍ରମୁଖ କର୍ମକର୍ତ୍ତା ଏଥିରେ ଉଦ୍‌ବୋଧନ ଦେଇଥିଲେ।


# Classified Everyday
0674-2580101, 2549949


MATRIMONIAL

GROOM WANTED

ବୟସ-45, Govt. Job, ବିଧବା ନିଃସନ୍ତାନ କରଣ ଝିଅଙ୍କ ପାଇଁ Anycaste ବରପାତ୍ର ଦରକାର। 7077495623. D-2332


REAL ESTATE

SALE

Area 803 sqft, 1 BHK for Sale, 1st floor Fully Furnished flat with balcony at 1000 Sands, Empires Hotel Puri. Contact +91 9330967266. D-2203

ଭୁବନେଶ୍ୱର ରବି-ଟକିଜ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-2309

କ ଟ କ - ଭୁ ବ ନେ ଶ୍ୱ ର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74170

NH side plot (Gharabari, boundary wall). Nakhara to Niali road, Cuttack. 8249851363. D-74607

ହଂସପାଳ ଛକଠାରୁ 4K.M. ଦୂରତାରେ ବାଲିଅନ୍ତାଠାରେ boundary with electricity ସୁବିଧା ଥାଇ ବାସୋପଯୋଗୀ ଘରବାରି plot ଅଛି। Please contact: 8249177191. D-2330

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

New Cancer Hospital ନାଇଜର ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73669

Duplex sale at Bhubaneswar @ 45 lakhs only. Contact: 9777433701. D-74171

Yellowzone gharabari plot for sale, 2000sqft. (13Nos) at Mouza-Sankarpur, Ghatikia, Khandagiri in front of Tata Ariana, Vipul Garden backside, Bhubaneswar. Govt. road connected Internal Road-30ft. & road side Plantation. Immediately possession then registration. Water & Electricity available. NH-5 to 1KM. sqft.-2000/-. Ph- 8114744495, 8328943165. D-2273

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot ମିଳୁଛି। 9439832956, 9438056978. D-74164

Residential gharabari plot with boundarywall inside 7Family Complex Safety, Secured, Brahmin Culture Family stayed 6 K.M. from Nakhara, Cuttack. 7809525452. D-74619

AMRI Hospital ପାଖରେ ମୋର 4800sqft. corner plot ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। 9438166196. D-2323

ରବିଟକିଜ ଛକରୁ ମାତ୍ର 6 କିଲୋମିଟର ଦୂର ବାଙ୍କୁଆଳରେ 1500sqft. land ଉପରେ 2100sqft. Duplex ମାତ୍ର 79 ଲକ୍ଷ। Installment ଓ Bank Loan ସୁବିଧା ଅଛି। 9438220432, 8144658008. D-2316

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-2265

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

ମାତ୍ର ଟ. 11,40,000/-ରେ ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। 9348152874. D-74169

GENERAL

SALE

Gent's Beauty Parlour (Saloon) Chair for sale. Contact: 9861542977, 9338058332. D-74618




Rent for 2BHK at Arunodaya Nagar, Cuttack. Ph: 8249138861, 9437167600, 9437024141. D-2331

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open full body massage ladies and gents. 8327740003, 8093860513. D-74616

Relax, Refresh your Body, Mind at Saikrupa Spa with best therapies. 8984068077. D-2230

Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74620

LOST

I, Ashish Kumar Sahoo lost my B.Tech. Certificate, Regd. No.-1001109062, P.M.E.C., Berhampur. Hence I request B.P.U.T. authority to issue another one. D-2328

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଶୁଭେନ୍ଦୁ ଦୀକ୍ଷିତ୍
N2-146, IRC Village, BBSR-15
ଆବିର୍ଭାବ: ୦୩।୦୪।୧୯୭୪
ତିରୋଧାନ: ୨୫।୧୨।୨୦୧୧
ଦିନ ପରେ ଦିନ, ମାସ ପରେ ମାସ, ବିତିଯାଏ କେତେ ଯେ ବରଷା ଚାଲିଗଲ ଦୂର ଦିଗ୍‌ବଳୟ ତଳେ ଆମ୍ଭେ ହେଲୁ ଚିର ନିଃସ୍ୱ ।। ଯହିଁ ଥାଅ ସୁଖେ ଥାଅ ସଶରୀରେ ଅବା ନିଃଶରୀରେ। ଅମରତ୍ୱ ପ୍ରାପ୍ତ ହୁଅ ଏତିକି ପ୍ରାର୍ଥନା କରୁ ନିତି ପ୍ରଭୁଙ୍କ ପାଦରେ ।।"
-:ଶୋକସନ୍ତପ୍ତ:-
ବାପା, ବୋଉ, ଇପ୍‌ସା, ଶ୍ରେୟା, ଇଶାନ ଓ ପରିବାରବର୍ଗ ।
ଧ-୨୩୧୫

ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



୰ ଶ୍ରୀମତୀ ବିମଳା ମିଶ୍ର
ହେ ଆଦର୍ଶମୟୀ...
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ମମତା, ଦୟା, କ୍ଷମା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ସେବାପରାୟଣତା ଓ ସମସ୍ତଙ୍କ ପାଇଁ ଯତ୍ନଶୀଳ ଅନୁଚିନ୍ତା ଆମମାନଙ୍କ ହୃଦୟରେ ଚିର ଜୀବନ୍ତ । ଆମ ପାଇଁ ତୁମର ପାର୍ଥିବ ଅନୁପସ୍ଥିତି ଅପୂରଣୀୟ କ୍ଷତି, ତୁମର ସ୍ମୃତି ଚିର ଅମର, ସ୍ମରଣୀୟ । ତୁମେ ଆମ ସମସ୍ତଙ୍କର ଆଦର୍ଶ, ପ୍ରେରଣାର ଉତ୍ସ ।
ପ୍ରଭୁ ଜଗନ୍ନାଥ ଓ ଶ୍ରୀ ସାଇଙ୍କ ଚରଣାରବିନ୍ଦରେ ତୁମେ ସୁଖ ଶାନ୍ତିରେ ରୁହ, ଏତିକି ପ୍ରାର୍ଥନା ।
ସନ୍ତାନ ଓ ପରିବାର ବର୍ଗ
ଧ-୨୩୩୬

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଭାଗୀରଥି ସାହୁ
ଗ୍ରାମ: ଲୁହାମୁଣ୍ଡା, ବଇଣ୍ଡା, ଅନୁଗୋଳ
ଆବିର୍ଭାବ: ୦୨।୦୨।୧୯୫୫
ତିରୋଧାନ: ୧୫।୧୨।୨୦୨୨
ଆପଣଙ୍କୁ ଆମ୍ଭେମାନେ ବହୁତ ମନେ ପକାଉଛୁ। ଆପଣ ଯେଉଁଠିବି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ମହାପ୍ରଭୁଙ୍କ ପାଦରେ ଚିର ଶାନ୍ତି ଲାଭ କରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ତ୍ରୀ: ପୁଷ୍ପଲତା, ପୁତ୍ର: ରଣଜିତ୍, ଝିଅ: ମମତା, ସୁଜାତା, ଜ୍ୱାଇଁ: ଅଜୟ, ହରମୋହନ, ନାତି: କାହ୍ନା, ସିଟୁ ଏବଂ ସାହୁ ପରିବାରବର୍ଗ ।
ଧ-୨୩୩୩

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୫ ଡିସେମ୍ବର, ୨୦୨୨ Bhubaneswar, Sunday, December 25/2022

# ଭାରତକୁ ୧୦୦ ରନ ଆବଶ୍ୟକ

ମୀରପୁର, ୨୪।୧୨(ପି.ଟି.)


ଶୁବମନ ଗିଲ୍‌ଙ୍କ ଉଇକେଟ ପତନ ପରେ ଉଲ୍ଲସିତ ଲିଟନ ଦାସ ଓ ମେହିଦି ହାସନ ମିରାଜ।

ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ପରାଜୟ ଏଡାଇବା ଲାଗି ଭାରତର ସଂଘର୍ଷ ଜାରି ରହିଛି। ଘରୋଇ ଦଳ ଦ୍ୱାରା ଧାର୍ଯ୍ୟ ୧୪୫ ରନର ବିଜୟ ଲକ୍ଷ୍ୟ ପିଛା କରିବାକୁ ଯାଇ ଭାରତ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪ ଉଇକେଟ ବିନିମୟରେ ୪୫ରନ କରିଛି। ହାତରେ ଆଉ ୬ଟି ଉଇକେଟ ରହିଥିବାବେଳେ ବିଜୟ ପାଇଁ ଦଳ ଆହୁରି ୧୦୦ରନ ଆବଶ୍ୟକ କରୁଛି।

ଭାରତ ଯଦି ଜିତେ ତେବେ ଏହି ଗ୍ରାଉଣ୍ଡରେ ଚତୁର୍ଥ ଇନିଂସରେ ତୃତୀୟ ସର୍ବୋଚ୍ଚ ସଫଳ ରନ୍ ଚେଜ୍ ହେବ। ପୂର୍ବରୁ ୨୦୯, ୨୦୫ ଓ ୧୦୩ ରନର ବିଜୟ ଲକ୍ଷ୍ୟ ହାସଲ କରାଯାଇପାରିଛି। ଭ୍ରମଣକାରୀ ଦଳ ଯଦି ପରାଜିତ ହୁଏ ତେବେ ବାଂଲାଦେଶର ଶେଷ ୪ ଯୋଡ଼ିଙ୍କ ୧୧୮ରନ ସଂଗ୍ରହ ମୁଖ୍ୟ କାରଣ ହେବ। ପିଚ୍‌ର ଅବସ୍ଥା କ୍ରମେ ଖରାପ ହେବାରେ ଲାଗିଥିବାରୁ ତୃତୀୟ ସ୍ପିନର କୁଲଦୀପ ଯାଦବଙ୍କୁ ବ୍ୟବହାର ନ କରିବା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେବ।

ସକାଳେ ବାଂଲାଦେଶ ପୂର୍ବଦିନର ଅସମାପ୍ତ ସ୍କୋର ୭/୦ରୁ ଖେଳ ଆରମ୍ଭ କରିଥିଲା। ଲୋୟର ମିଡଲ ଅର୍ଡରରେ ଦଳ ଆକ୍ରମଣାତ୍ମକ ଖେଳିଥିଲା। ଲିଟନ ଦାସ (୯୮ ବଲ୍‌ରୁ ୭୩ ରନ)ଙ୍କ ନେତୃତ୍ୱରେ ନୁରୁଲ ହସନ ସେହାନ (୨୯ବଲ୍‌ରୁ ୩୧) ଏବଂ ଟସ୍କିନ ଅହମଦ ୪୬ ବଲ୍‌ରୁ ଅପରାଜିତ ୩୧ରନଙ୍କ ସହାୟତାରେ ଦଳ ସମସ୍ତ ଉଇକେଟ ହରାଇ ୨୩୧ ରନ କରିପାରିଥିଲା। ଦଳର ଅନ୍ୟତମ ବ୍ୟାଟର ଓପନର ଜାକିର ହସନ ୫୧ ରନ କରିଥିଲେ। ଭାରତ ଏହାର ଦ୍ୱିତୀୟ ଇନିଂସରେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୁଇ ଓପନର ଶୁବମନ ଗିଲ (୭ ରନ) ଓ କେ.ଏଲ୍. ରାହୁଲ (୨ ରନ) ଏବଂ ପରେ ଚେତେଶ୍ୱର ପୂଜାରା (୬) ଓ ବିରାଟ କୋହଲି (୧) କ୍ରିଜ୍‌ରେ ତିଷ୍ଠି ପାରି ନ ଥିଲେ। ଅକ୍ଷର ପଟେଲ ୨୬ ଓ ଜୟଦେବ ଉନାଡକଟ ୩ ରନ କରି ଅପରାଜିତ ଅଛନ୍ତି। ବାଂଲାଦେଶ ସଫଳ ବୋଲର ମେହିଦି ହସନ ମିରାଜ ମାତ୍ର ୧୨ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ଶାକିବ ଅଲ ହସନ ୨୧ ରନ ବିନିମୟରେ ଗୋଟିଏ ଉଇକେଟ ପାଇଛନ୍ତି। ମେହିଦି ହସନଙ୍କ ବୋଲିଂରେ ଶୁବମନ୍, ପୂଜାରା ଓ କୋହଲି ଆଉଟ ହୋଇଥିବା ବେଳେ ଶାକିବଙ୍କ ବଲ୍‌ରେ ଅଧିନାୟକ କେ.ଏଲ୍. ରାହୁଲ ଶିକାର ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ବାଂଲାଦେଶ ପ୍ରଥମ ଇନିଂସ:** ୨୨୭
**ଭାରତ ପ୍ରଥମ ଇନିଂସ:** ୩୧୪
**ବାଂଲାଦେଶ ଦ୍ୱିତୀୟ ଇନିଂସ:** ୨୩୧ (ଲିଟନ ଦାସ୍-୭୩, ଜାକିର ହସନ-୫୧,ନୁରୁଲ ହସନ-୩୧, ଟସ୍କିନ ଅହମଦ-୩୧*; ଅକ୍ଷର ପଟେଲ-୩/୬୮, ମହମ୍ମଦ ସିରାଜ-୨/୪୧, ରବିଚନ୍ଦ୍ରନ ଅଶ୍ୱିନ-୨/୬୬)।
**ଭାରତ ଦ୍ୱିତୀୟ ଇନିଂସ:** ୨୩ ଓଭରରେ ୪୫/୪ (ଅକ୍ଷର ପଟେଲ-୨୬*; ମେହିଦି ହସନ ମିରାଜ-୩/୧୨, ଶାକିବ ଅଲ୍ ହସନ-୧/୨୧)।

## ସନ୍ତୋଷ ଟ୍ରଫି ଫୁଟବଲ ଆରମ୍ଭ
# ବିଜୟ ସହ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୨୪।୧୨ (କ୍ରୀଡ଼ା ପ୍ରତିନିଧି)

ଘରୋଇ ଫୁଟବଲର ସର୍ବୋଚ୍ଚ ପ୍ରତିଯୋଗିତା ଜାତୀୟ ସିନିୟର ସନ୍ତୋଷ ଟ୍ରଫିର ୭୬ତମ ସଂସ୍କରଣ ଶନିବାର ଏଠାରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୩ଟି ମ୍ୟାଚ ହୋଇଥିବାବେଳେ ବୃହତ୍ ବିଜୟ ସହ ଓଡ଼ିଶା ଅଭିଯାନ ଆରମ୍ଭ କରିଛି। କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୭-୦ ଗୋଲରେ ଆଣ୍ଡାମାନ ଓ ନିକୋବରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସଞ୍ଜିତ ଖୋରା ୫ ଓ ୧୮ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ଅଦ୍ୱିତ ତିର୍କୀ ୬ଷ୍ଠ, ବିକାଶ କୁମାର ସାହୁ ୧୩, ଚନ୍ଦ୍ର ମୁଦୁଲି ୬୧, ଚନ୍ଦ୍ର କୁମାର ମୁର୍ମୁ ୮୬ ଓ ରାହୁଲ ମୁଖି ୯୦+୧ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ତେଲେଙ୍ଗାନା ୫-୧ ଗୋଲରେ ପଣ୍ଡିଚେରୀକୁ ହରାଇ ଦେଇଛି। ତେଲେଙ୍ଗାନା ପକ୍ଷରୁ ରଶିକ୍ ଅହମଦ ଖାଁ ୨, ୪, ୧୭ ଓ ୨୮ତମ ମିନିଟରେ ହ୍ୟାଟ୍ରିକ ସହ ଏକାକୀ ୪ଟି ଗୋଲ ଦେଇଥିଲେ। ସୟଦ ୟୁସୁଫ ୭୯ତମ ମିନିଟରେ ଅନ୍ୟ ଗୋଲଟି ସ୍କୋର କରିଥିଲେ। ପଣ୍ଡିରେ ପକ୍ଷରୁ ଅସଲାମ ଅମାନୁଲ୍ଲା ୫୮ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୭ମ ବାଟାଲିୟନ ପରିସରରେ ଥିବା ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ମେଘାଳୟ ଓ ସିକ୍କିମ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ମୁଖ୍ୟ ଅତିଥି ଓ ଶବିର ଅଲୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଉପସ୍ଥିତ ଥିଲେ।


ଓଡ଼ିଶା-ଆଣ୍ଡାମାନ ଓ ନିକୋବର ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## କବିରଙ୍କୁ ସିଙ୍ଗଲ୍ସ ଟାଇଟଲ

ଭୁବନେଶ୍ୱର, ୨୪।୧୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର କବିର ହଂସ ଏଆଇଟିଏ-ଓଟିଏ ପୁରୁଷ ଟେନିସ ଟୁର୍ଣ୍ଣାମେଣ୍ଟରେ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଖୋର୍ଦ୍ଧାସ୍ଥିତ କେଟି ଗ୍ଲୋବାଲ ସ୍କୁଲ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଫାଇନାଲରେ କବିର ଆସାମର ଶେଖ ମହମ୍ମଦ ଇଫତିକାରଙ୍କୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଡବଲ୍ସ ଫାଇନାଲରେ କିନ୍ତୁ କବିର ଓ ପ୍ରତ୍ୟୁଷ ମହାନ୍ତି ଯୋଡ଼ି ଆସାମର ଇଫତିକାର ଓ ଓଡ଼ିଶାର ଆଦିତ୍ୟ ଶତପଥୀଙ୍କଠାରୁ ୩-୬, ୧-୬ ସେଟ୍‌ରେ ହାରି ରନରଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ପ୍ରତିଯୋଗିତାର ସିଙ୍ଗଲ୍ସ ଚାମ୍ପିୟନ ହୋଇଥିବାରୁ କବିର ୨୦ ଏବଂ ରନରଅପ୍ ଇଫତିକାର ୧୫ ଏଆଇଟିଏ ର‌୍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି। ଓଡ଼ିଶା ସମେତ ୧୩ ରାଜ୍ୟରୁ ମୋଟ ୫୩ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।


କବିର ହଂସ

## ଦୃଷ୍ଟିବାଧିତ କ୍ରିକେଟ ଷ୍ଟାର ନକୁଳଙ୍କୁ ସମ୍ବର୍ଦ୍ଧନା


ନକୁଳ ବଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନ ତରଫରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦୃଷ୍ଟିବାଧିତ କ୍ରିକେଟ ଷ୍ଟାର ନକୁଳ ବଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଆସୋସିଏଶନର ସଭାପତି ମହମ୍ମଦ ଜାଫର ଇକ୍‌ବାଲ, ସାଧାରଣ ସମ୍ପାଦକ ସନ୍ନ୍ୟାସୀ ବେହେରା, ଅନ୍ତର୍ଜାତୀୟ କ୍ରିକେଟର ଶୁକଦେବ ସୋରେନ, ଆଦିତ୍ୟ ଗ୍ରୁପ୍ କମ୍ପାନୀର ଏମ୍‌ଡି ପଦ୍ମଲୋଚନ ପାତ୍ର, ଚନ୍ଦ୍ରକାନ୍ତି ଦାସ, ମହିଳା ଓ ଶିଶୁ ବିକାଶ ସୋସାଇଟିର ଚେୟାରପର୍ସନ କଳ୍ପନା ଦାସ, ଓଏବିର ସାଧାରଣ ସମ୍ପାଦକ ଶରତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନକୁଳଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନେ ତାଙ୍କ ଭବିଷ୍ୟତର ଶୁଭକାମନା କରିଥିଲେ। ଏହି ଅବସରରେ ଦୃଷ୍ଟିବାଧିତ କ୍ରିକେଟର ପ୍ରସାର ପାଇଁ ହଷ୍ଟେଲ ଏବଂ କ୍ରୀଡ଼ା ସରଞ୍ଜାମ ଥାଇ ଏକ ସ୍ୱତନ୍ତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରତିଷ୍ଠାର ଆବଶ୍ୟକତା ରହିଥିବା କହିଥିଲେ।

## ଶ୍ରୀଲଙ୍କା ସିରିଜ ପାଇଁ ଖେଳାଳି ବାଛିପାରେ ଚେତନଙ୍କ କମିଟି

ନୂଆଦିଲ୍ଲୀ, ୨୪।୧୨ (ପି.ଟି.)

ଜାନୁୟାରୀ ୩ରୁ ଆରମ୍ଭ ହେବାକୁ ଥିବା ଶ୍ରୀଲଙ୍କା ବିପକ୍ଷ ଘରୋଇ ସୀମିତ ଓଭର ସିରିଜ ପାଇଁ ଦୁଇଟି ପୃଥକ ଦଳ ବାଛିପାରେ ଚେତନ ଶର୍ମାଙ୍କ ନେତୃତ୍ୱାଧୀନ ବିଦାୟୀ ସିଲେକ୍ସନ କମିଟି। କାରଣ ନୂଆ କମିଟି ମନୋନୟନ କରିବା ଲାଗି ଆହୁରି ୭ ଦିନ ସମୟ ଲାଗିବ। କ୍ରିକେଟ ଉପଦେଷ୍ଟା କମିଟି ସମ୍ଭବତଃ ଡିସେମ୍ବର ୨୬ରୁ ୨୮ ମଧ୍ୟରେ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀଙ୍କ ସାକ୍ଷାତ୍‌କାର ନେଇପାରନ୍ତି। ଟି୨୦ ସିରିଜ ବେଳକୁ ବୃଦ୍ଧାଙ୍ଗୁଳିରେ ଆଘାତପ୍ରାପ୍ତ ରୋହିତ ଫିଟ୍ ହୋଇ ନ ଥିବେ। ସମ୍ଭବତଃ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦଳର ଅଧିନାୟକତ୍ୱ ପ୍ରଦାନ କରାଯାଇପାରେ।

## ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଡିସେମ୍ବର ୨୬ରୁ ୩୦ ପର୍ଯ୍ୟନ୍ତ ଗୁଜରାଟର ଅହମଦାବାଦରେ ୧୬ତମ ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଆୟୋଜିତ ହୋଇଛି। ଏଥିରେ ଭାଗ ନେବାଲାଗି ଓଡ଼ିଶା ଦଳ ସୋମବାର ଅହମଦାବାଦ ଗସ୍ତ କରିଛି। ବାଳକ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ମନ୍ମୟ ପଟ୍ଟନାୟକ, ଆର୍.କେ. ଡିକ୍ସନ, ଗୁଜର କୁଞ୍ଜଜମ, ଟାଇବଙ୍ଗୋତୋଇ ସଲାମ, ଗୌରୀଶଙ୍କର ପଣ୍ଡା, ସିଦ୍ଧାର୍ଥ ଦେବନାଥ ଓ ଜୀବନଜ୍ୟୋତି ମହନ୍ତ। ସେହିପରି ବାଳିକା ଦଳରେ ସତାକ୍ଷୀ ମିଶ୍ର, ଜସ୍ମିନ ମୁର୍ମୁ, ଆଦ୍ୟାଶା ମିଶ୍ର ସ୍ଥାନ ପାଇଛନ୍ତି। ରୀନା ରଶ୍ମୀ ତ୍ରିକ ଦଳର ମ୍ୟାନେଜର ରହିଥିବା ବେଳେ ମହମ୍ମଦ ଅମନ କୋଚ୍ ଏବଂ ଶ୍ରୀଦେବୀ ମିଶ୍ର ଅଫିସିଆଲ ରହିଛନ୍ତି।


ଜାତୀୟ ଜୁନିୟର ସଫ୍ଟ ଟେନିସ ପାଇଁ ମନୋନୀତ ଓଡ଼ିଶା ଦଳ ଅତିଥିଙ୍କ ସହ।

## ଶାହିଦ ଆଫ୍ରିଦୀ କାମଚଳା ମୁଖ୍ୟ ଚୟନକର୍ତ୍ତା

କରାଚୀ, ୨୪।୧୨(ପି.ଟି.)

ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀ ଶନିବାର ପାକିସ୍ତାନ ପୁରୁଷ ଜାତୀୟ ଦଳର କାମଚଳା ମୁଖ୍ୟ ଚୟନକର୍ତ୍ତା ଭାବେ ମନୋନୀତ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ଗଠିତ ଚୟନ କମିଟିରେ ପୂର୍ବତନ ଖେଳାଳି ଅବ୍‌ଦୁଲ ରଜାକ୍, ରାଓ ଇଫ୍‌ତିକର ଅହମଦ ଓ ହାରୁନ ରଶିଦ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି କମିଟି ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜ ପାଇଁ ଦଳ ମନୋନୟନ କରିବ। ଦୁଇଟି ଟେଷ୍ଟ ଏବଂ ୩ ଅନ୍ତର୍ଜାତୀୟ ଦିନିକିଆକୁ ନେଇ ଏହି ସିରିଜ ସୋମବାରଠାରୁ ଆରମ୍ଭ ହେବ। ଉଭୟ ଆଫ୍ରିଦି ଓ ହାରୁନ୍ କ୍ରିକେଟ ମ୍ୟାନେଜମେଣ୍ଟ କମିଟିର ସଦସ୍ୟ ରହିଛନ୍ତି। ଏହାର ମୁଖ୍ୟ ଭାବେ ନଜମ ସେଠୀ ରହିଛନ୍ତି। ନିକଟରେ ନିଯୁକ୍ତି ପାଇଥିବା ନଜମ ୪ ମାସ ପାଇଁ ଏହି ପଦବୀରେ ରହିବେ। ଶୁକ୍ରବାର ମହମ୍ମଦ ୱାସିମ୍ ମୁଖ୍ୟ ଚୟନକର୍ତ୍ତା ପଦବୀରୁ ବହିଷ୍କାର ପରେ ୧୪ ଜଣିଆ ସଦସ୍ୟ ବିଶିଷ୍ଟ ନୂଆ କମିଟି ଗଠନ କରାଯାଇଥିଲା। ସେ ଏହି ପଦବୀରେ ୨୦୨୦ ଡିସେମ୍ବରରୁ ରହିଆସିଥିଲେ। ଶାହିଦ ଆଫ୍ରିଦୀ ହେଉଛନ୍ତି ଜଣେ ଆକ୍ରମଣାତ୍ମକ ଖେଳାଳି। ସେ ନିର୍ଭୟର ସହ କ୍ରିକେଟ ଖେଳିଥାନ୍ତି। କ୍ରିକେଟରେ ତାଙ୍କର ଦୀର୍ଘ ୨୦ ବର୍ଷର ଅଭିଜ୍ଞତା ରହିଛି।

## ଫାଇନାଲରେ ଛତିଶଗଡ଼ ରେଷ୍ଟ ଇଲେଭେନ୍

ସୋର,୨୪।୧୨(ଡି.ଏନ୍.ଏ)

ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତର ବାଗୁଡ଼ି ନବୋଦୟ ପଡ଼ିଆରେ ଚାଲିଥିବା ୨୪ତମ ମହାବୀର ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧାକୁ ହରାଇ ରେଷ୍ଟ ଇଲେଭେନ ଟିମ୍ ଛତିଶଗଡ଼ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ଇଷ୍ଟକୋଷ୍ଟ ରେଲୱେ ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା। ଛତିଶଗଡ଼ ଟିମ୍ ନିର୍ଦ୍ଧାରିତ ୩୦ ଓଭରରୁ ୨୫.୫ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୨୨ ରନ୍ ସଂଗ୍ରହ କରିଥିଲା। ଦଳର ବ୍ୟାଟ୍ସମ୍ୟାନ ସୁମନ ଓଝା ୪୨ଟି ବଲ ଖେଳି ୩୭ ରନ କରିଥିଲେ ଓ ବୋଲର ସମୀର ୬ଓଭର ବୋଲିଂ କରି ୩୭ ରନ୍ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ୩୦ ଓଭରରେ ସମସ୍ତ ୱିକେଟ ହରାଇ ୧୨୨ ରନ୍ ସଂଗ୍ରହ କରିବା ଫଳରେ ମ୍ୟାଚ ଟାଇ ହୋଇଯାଇଥିଲା। ସୁପର ଓଭର ଖେଳରେ ଛତିଶଗଡ଼ ଟିମ ବିଜୟୀ ହୋଇଥିଲା। ଛତିଶଗଡ଼ ଦଳର ବୋଲର ଅମିତ ଯାଦବ ୬ ଓଭର ବୋଲିଂ କରି ଗୋଟିଏ ମେଡେନ ଓଭର ସହ ୧୯ରନ ଦେଇ ୪ଟି ଉଇକେଟ ଅକ୍ତିଆର କରିଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତାଙ୍କୁ କ୍ଲବର ସଭାପତି ଅଖିଳରାମ ଜେନା ପୁରସ୍କାର ପ୍ରଦାନ କରିଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ପ୍ରାଣନାଥ ଜେନା ଏବଂ ଦେବବ୍ରତ ଦାସ ମ୍ୟାଚ ପରିଚାଳନା କରିଥିଲେ। ରବିବାର ଛତିଶଗଡ଼ର ରେଷ୍ଟ ଇଲେଭେନ ଓ ବାଲେଶ୍ୱରର ୟୁ ଆଣ୍ଡ ମି ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ।

## ନ୍ୟୁଜିଲାଣ୍ଡ ଏହାର ସମସ୍ତ ମ୍ୟାଚ କରାଚୀରେ ଖେଳିବ

କରାଚୀ, ୨୪।୧୨(ପି.ଟି.)

ଆଗାମୀ ପାକିସ୍ତାନ ଟୁର୍ ବେଳେ ନ୍ୟୁଜିଲାଣ୍ଡ ଏହାର ସମସ୍ତ ମ୍ୟାଚ କରାଚୀରେ ଖେଳିବ। ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ସହମତିରେ ଏହି ନିଷ୍ପତ୍ତି ନିଆଯାଇଛି। ଘନ କୁହୁଡ଼ି ଯୋଗୁ ମୁଲ୍‌ତାନରୁ ବିମାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏହି କାରଣରୁ ଖେଳ ସମୟ ହ୍ରାସ ପାଇବା ଆଶଙ୍କା ରହିଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ପ୍ରଥମ ଟେଷ୍ଟ କରାଚୀରେ ଏବଂ ଦ୍ୱିତୀୟ ଟେଷ୍ଟ ମୁଲ୍‌ତାନଠାରେ ଆୟୋଜନ ହୋଇଥାନ୍ତା। କରାଚୀରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିସାରିବା ପରେ ୩ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳାଯିବ। ପାକିସ୍ତାନ ଡିସେମ୍ବର ୨୬ରୁ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ଖେଳିବ। ନିକଟରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ପାକିସ୍ତାନ ୩-୦ରେ ହାରିସାରିଛି।

## ଅଲ୍‌ଇଣ୍ଡିଆ ଓପନ କରାଟେ
# ଓଡ଼ିଶାର ଆଧିପତ୍ୟ ଜାରି

ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ଅଲ୍ ଇଣ୍ଡିଆ ଓପନ କରାଟେ ପ୍ରତିଯୋଗିତାରେ ଓଡ଼ିଶାର ପ୍ରାଧାନ୍ୟ ଅବ୍ୟାହତ ରହିଛି। ୧୧ବର୍ଷ ମହିଳା କାଟା ପୁଲ୍‌ରେ ଗୁଜରାଟର ବଂଶୀ ପଟେଲ ଏକ ସ୍ୱର୍ଣ୍ଣ ପଦକ ଶନିବାର ଫଇସଲା ହୋଇଥିବା ଇଭେଣ୍ଟଗୁଡ଼ିକର ଅନ୍ୟ ସମସ୍ତ ପଦକ ଓଡ଼ିଶା ପ୍ରତିଯୋଗୀ ପାଇଥିଲେ। ତୃତୀୟ ଦିବସରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୋ କଲେଜ ଅଭିଯାନର ଚେୟାରପର୍ସନ ଆକାଶ ଦାସ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ ଏବଂ ଓଡ଼ିଶା କରାଟେ ସଂଘ ସଭ୍ୟ କାଳିପ୍ରସାଦ ନନ୍ଦ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ଅଭିନାସ ସିଂ ପୁନ୍ଦିର, ସନ୍ଦୀପ ଦାସ, ଦୀପକ ସାମନ୍ତରା, ଖାରବେଳ ମଲିକ, ରାଜୀବ ସିଂ, ଜୟଦେବ ପଟ୍ଟନାୟକ, ଗୌରୀ ମହାନ୍ତି, ଅନୁପମା ସ୍ୱାଇଁ ସନ୍ଦୀପ ମହାନ୍ତି, ଦୁର୍ଗା ରଥ, ମୁନା ସିଂ ଲାଲ୍ ଓ ଅନ୍ୟମାନେ ପରିଚାଳନା କରିଥିଲେ।


ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ବିଜୟ ସହ କିଟ୍ ମହିଳା ଦଳର ଅଭିଯାନ ଆରମ୍ଭ
## ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ରଗ୍‌ବୀ

ଭୁବନେଶ୍ୱର, ୨୪।୧୨ (କ୍ରୀଡ଼ା ପ୍ରତିନିଧି)

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ଅନୁମୋଦନକ୍ରମେ କିଟ୍-କିସ୍ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ (ମହିଳା ଓ ପୁରୁଷ) ଟୁର୍ଣ୍ଣାମେଣ୍ଟ ଶନିବାର ଆରମ୍ଭ ହୋଇଛି। ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଦଳ (୧୫ ଏସ୍) ଏଥିରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ନିଜର ପ୍ରଥମ ମ୍ୟାଚରେ ଏହି ଦଳ ଶିବାଜୀ ବିଶ୍ୱବିଦ୍ୟାଳୟକୁ ୩୦-୫ରେ ପରାସ୍ତ କରିଛି। ଅନ୍ୟଏକ ମ୍ୟାଚରେ ବାଲେଶ୍ୱରର ଫକିରମୋହନ ବିଶ୍ୱବିଦ୍ୟାଳୟ (୭ ଏସ୍)ଦଳ ୧୫-୦ରେ ଜେଏନ୍ ରାଜସ୍ଥାନ ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟ ଦଳରେ ୨୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।


ଶିବାଜୀ ବିଶ୍ୱବିଦ୍ୟାଳୟ ଓ କିଟ୍ ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ରଗ୍‌ବୀ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଅକ୍ସିଜେନ୍ ପ୍ରସ୍ତୁତ ରଖ

## ରାଜ୍ୟଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ



**ନୂଆଦିଲ୍ଲୀ,୨୪।୧୨**

କେତେକ ଦେଶରେ କୋଭିଡ୍ ମହାମାରୀ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି କୌଣସି ପ୍ରକାର ଚ୍ୟାଲେଞ୍ଜର ମୁକାବିଲା ପାଇଁ ପ୍ରସ୍ତୁତ ହେବା ସକାଶେ ହସ୍ପିଟାଲଗୁଡ଼ିକରେ ଲିକ୍ୱିଡ୍ ମେଡିକାଲ ଅକ୍ସିଜେନ୍, ସିଲିଣ୍ଡର ଓ ଭେଣ୍ଟିଲେଟର ଭଳି ଜୀବନ ରକ୍ଷକ ଉପକରଣର ଉପଲବ୍ଧତା ସୁନିଶ୍ଚିତ କରାଇବା ପାଇଁ ଶନିବାର ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ପ୍ରେସର ସ୍ୱିଙ୍ଗ ଆଡ୍‌ଜର୍ପଶନ୍ (ପିଏସ୍ଏ) ଅମ୍ଳଜାନ ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇ ନିୟମିତ ଭାବେ ମକ୍ ଡ୍ରିଲ୍ କରାଇବା ପାଇଁ ମଧ୍ୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ରହିଛି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଚିବ ମନୋହର ଅଗ୍‌ନାନି କୋଭିଡ୍ ସତର୍କତା ପାଇଁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପତ୍ର ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ଭାରତରେ ସଂକ୍ରମିତଙ୍କ ସଂଖ୍ୟା କମ୍ ଥିଲେ ସୁଦ୍ଧା ମେଡିକାଲ୍ ଭିତ୍ତିଭୂମିକୁ କାର୍ଯ୍ୟକ୍ଷମ କରାଇ ସେଗୁଡ଼ିକର ରକ୍ଷଣାବେକ୍ଷଣକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଆବଶ୍ୟକ। ☞ପୃଷ୍ଠା-୬




## ଚାଇନା ଫେରନ୍ତାଙ୍କ ଆର୍‌ଟିପିସିଆର୍ ଜରୁରୀ

### ଜାପାନ, ଦକ୍ଷିଣ କୋରିଆ, ସିଙ୍ଗାପୁର ଓ ଥାଇଲାଣ୍ଡରୁ ଆସିଲେ ବି ବାଧ୍ୟତାମୂଳକ

**ଗାନ୍ଧୀନଗର,୨୪।୧୨**

ଚାଇନା, ଜାପାନ, ଦକ୍ଷିଣ କୋରିଆ, ସିଙ୍ଗାପୁର ଓ ଥାଇଲାଣ୍ଡରୁ ଭାରତକୁ ଫେରୁଥିବା ଯାତ୍ରୀମାନଙ୍କ ପାଇଁ କୋଭିଡ୍-୧୯ର ଆର୍‌ଟିପିସିଆର୍ ପରୀକ୍ଷା କରାଇବା ବାଧ୍ୟତାମୂଳକ ବୋଲି ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି।

ଚାଇନା ସମେତ କେତେକ ଦେଶରେ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଥିବାବେଳେ ଭାରତ ସରକାର ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମାଣ୍ଡବ୍ୟ ଖବରଦାତାମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ଚାଇନା, ଜାପାନ, ସିଙ୍ଗାପୁର, ବ୍ୟାଙ୍କକ(ଥାଇଲାଣ୍ଡ)ରୁ ଭାରତକୁ ଫେରୁଥିବା ଯାତ୍ରୀମାନଙ୍କ ଉପରେ 'ଏୟାର ସୁବିଧା ପୋର୍ଟାଲ' ଜରିଆରେ ନଜର ରଖାଯାଇଛି। ଏହି ଦେଶଗୁଡ଼ିକରୁ ଆସିଥିବା କୌଣସି ଯାତ୍ରୀଙ୍କଠାରେ ଲକ୍ଷଣ ଦେଖାଦେଲେ କିମ୍ବା ଟେଷ୍ଟ ପଜିଟିଭ୍ ବାହାରିଲେ ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ମହାମାରୀ ସ୍ଥିତିକୁ ଦୃଷ୍ଟିରେ ରଖି ଉପରୋକ୍ତ ଦେଶରୁ ଆସୁଥିବା ବିମାନ ଯାତ୍ରୀମାନେ ଆଗୁଆ ସେମାନଙ୍କ ଆର୍‌ଟିପିସିଆର୍ ରିପୋର୍ଟ ଅପ୍‌ଲୋଡ୍ କରାଇବେ। ଭାରତରେ ପହଞ୍ଚିବା ପରେ ସେମାନଙ୍କ ଥର୍ମାଲ ସ୍କ୍ରିନିଂ କରାଯିବ।

ପ୍ରକାଶ ଯେ, ଚାଇନା ସମେତ ଆଉ କେତେକ ରାଷ୍ଟ୍ରରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବା ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦେଶବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଅନ୍ତର୍ଜାତୀୟ ବିମାନବନ୍ଦରଗୁଡ଼ିକରେ କୌଣସି ପ୍ରକାର ଢିଲା ନ ହୋଇ ସର୍ଭିଲାନ୍ସ ବ୍ୟବସ୍ଥାକୁ ମଜଭୁତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

## ରାୟଗଡ଼ାରେ ଆଉ ଜଣେ ବିଦେଶୀ ପର୍ଯ୍ୟଟକଙ୍କ ମୃତ୍ୟୁ

**ରାୟଗଡ଼ା,୨୪।୧୨(ସ୍ୱ.ପ୍ର.)**


ଆଣ୍ଟୋଭ ପାଭେଲ

### ରହସ୍ୟମୟ ହେଉଛି ଘଟଣା

### ପରିବାର ଲୋକଙ୍କ ଅନୁପସ୍ଥିତିରେ ଭ୍ଲାଡିମିରଙ୍କ ଶେଷକୃତ୍ୟ

ରାୟଗଡ଼ାଠାରେ ରୁଷୀୟ ପର୍ଯ୍ୟଟକ ଭ୍ଲାଡିମିର ବିଦାନୋଭଙ୍କ ଗୁରୁବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିବାବେଳେ ଶନିବାର ହୋଟେଲ ପାର୍ଶ୍ୱ ନୂତନ କୋଠା ନିକଟରୁ ତାଙ୍କର ଅନ୍ୟ ଜଣେ ସାଥୀ ପର୍ଯ୍ୟଟକଙ୍କ ମୃତଦେହ ଠାବ ହୋଇଛି। ସେ ହେଲେ ଆଣ୍ଟୋଭ ପାଭେଲ(୬୫)। ହୋଟେଲ ଛାତରୁ ପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଏହାପରେ ଘଟଣା ଅଧିକ ରହସ୍ୟମୟ ହୋଇଛି।

ଗୁରୁବାର ରାୟଗଡ଼ା ସହରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ହୋଟେଲରେ ରହୁଥିବା ଭ୍ଲାଡିମିରଙ୍କର ଅସୁସ୍ଥ ହୋଇ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ଲୋକେ ଶନିବାର ରାୟଗଡ଼ାରେ ପହଞ୍ଚିବା ପରେ ମୃତଦେହ ସତ୍କାର କରାଯିବା କାର୍ଯ୍ୟକ୍ରମ ରହିଥିଲା। ହେଲେ ପରିବାର ଲୋକେ ପହଞ୍ଚି ନ ଥିଲେ। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭ୍ଲାଡିମିରଙ୍କ ବ୍ୟବଚ୍ଛେଦ କରାଯିବା ପରେ ପୋଲିସ ଏବଂ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ସୁନୀଲ ଖରାଙ୍କ ଉପସ୍ଥିତିରେ ମୃତଦେହ ସତ୍କାର ପାଇଁ ସିରିକଣା ଶ୍ମଶାନକୁ ନିଆଯାଇଥିଲା। ଭ୍ଲାଡିମିରଙ୍କ ସାଙ୍ଗରେ ଆସିଥିବା ଆଣ୍ଟୋଭ ଏବଂ ଅନ୍ୟ ୨ ପର୍ଯ୍ୟଟକ ତାଙ୍କର ସତ୍କାର କରି ଫେରିଥିଲେ। ସନ୍ଧ୍ୟାରେ ଆଣ୍ଟୋଭଙ୍କ ସନ୍ଧାନ ନ ପାଇ ☞ପୃଷ୍ଠା-୬

# ସାମ୍ପ୍ରଦାୟିକ ଘୃଣା ଭାଜପାର ଅସ୍ତ୍ର

## ଭାରତ ଯୋଡ଼ୋ ଯାତ୍ରାରେ ରାହୁଲଙ୍କ ଟାର୍ଗେଟ୍


ମା' ସୋନିଆଙ୍କ ସହ ରାହୁଲ ଗାନ୍ଧୀ।

**ନୂଆଦିଲ୍ଲୀ,୨୪।୧୨**

ସାମ୍ପ୍ରଦାୟିକ ଘୃଣା ବିସ୍ତାରକୁ ଭାଜପା ଅସ୍ତ୍ର କରିଛି। ପ୍ରକୃତ ପ୍ରସଙ୍ଗଗୁଡ଼ିକରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ପାଇଁ ଶାସକ ଦଳ ଏହାକୁ ବ୍ୟବହାର କରୁଥିବା ନେଇ ଶନିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଭାରତ ଯୋଡ଼ୋ ଯାତ୍ରା'ରେ ସମାଲୋଚନା କରିଛନ୍ତି।

ସେପ୍ଟେମ୍ବର ୭ରୁ କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା କଂଗ୍ରେସର 'ଭାରତ ଯୋଡ଼ୋ ଯାତ୍ରା' ଶନିବାର ଦିଲ୍ଲୀର ଲାଲ୍‌କିଲ୍ଲାରେ ପହଞ୍ଚିବା ପରେ ରାହୁଲ ଦଳୀୟ କର୍ମୀ ଓ ସମର୍ଥକମାନଙ୍କୁ ସମ୍ବୋଧନ କରିଛନ୍ତି। ଏହି ଅବସରରେ ରାହୁଲ କହିଛନ୍ତି, କନ୍ୟାକୁମାରୀରୁ ଦିଲ୍ଲୀ ପର୍ଯ୍ୟନ୍ତ ୨,୮୦୦ କି.ମି. ପଦଯାତ୍ରା କରିବାବେଳେ ସେ କେଉଁଠି ବି ହିଂସା କିମ୍ବା ଘୃଣାଭାବ ଦେଖିବାକୁ ପାଇ ନାହାନ୍ତି। କିନ୍ତୁ ଗଣମାଧ୍ୟମକୁ ନିୟନ୍ତ୍ରଣ କରୁଥିବା କ୍ଷମତାସୀନ ଲୋକଙ୍କ ଇଙ୍ଗିତରେ ଟିଭିରେ ସବୁବେଳେ ସାମ୍ପ୍ରଦାୟିକ ଘୃଣା ବିସ୍ତାର କରାଯାଉଥିବା ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ତାଙ୍କ ଛବିକୁ ନଷ୍ଟ କରିବା ପାଇଁ ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ହେଲେ ସେ ମାତ୍ର ମାସକ ମଧ୍ୟରେ ଦେଶକୁ ସତ ଦେଖାଇଦେଇଛନ୍ତି। ଭାରତ ଯୋଡ଼ୋ ଯାତ୍ରା ୧୦୮ ଦିନରେ ପହଞ୍ଚିଥିବାବେଳେ ଏହାକୁ ସମର୍ଥନ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ରାହୁଲ କହିଛନ୍ତି, ରାଜସ୍ଥାନରେ ସେ ଅନୁରୋଧ କରିବା ପରେ ଲୋକେ ଦେଶରେ ପ୍ରେମ ବିସ୍ତାର ପାଇଁ ଲକ୍ଷାଧିକ ଦୋକାନ ଖୋଲିଦେଇଛନ୍ତି। ହିନ୍ଦୁ-ମୁସଲମାନଙ୍କ ନାମରେ ଟିଭି ଚ୍ୟାନେଲଗୁଡ଼ିକରେ ୨୪X୭ ଘୃଣା ବିସ୍ତାର କରାଯାଉଛି। ପ୍ରକୃତ ପ୍ରସଙ୍ଗଗୁଡ଼ିକରୁ ଧ୍ୟାନ ହଟାଇବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ରାହୁଲ ଅଭିଯୋଗ ଆଣିଛନ୍ତି। ୨୪ ଘଣ୍ଟା ହିନ୍ଦୁ-ମୁସଲମାନ ପ୍ରଚାର କରିବା ପରେ ସେମାନେ ଲୋକଙ୍କ ଟଙ୍କାକୁ ନିଜ ବନ୍ଧୁଙ୍କୁ ଟେକିଦେବେ। ବନ୍ଦର, ବିମାନବନ୍ଦର ଓ ଅନ୍ୟ ସମ୍ପତ୍ତିଗୁଡ଼ିକୁ ବିକ୍ରି କରିଦେବେ। ଦେଶରେ ମୋଦି ସରକାର ନୁହେଁ, ବରଂ ଅମ୍ବାନୀ-ଆଦାନୀ ସରକାର ଚାଲିଛି। ବଡ଼ ଶିଳ୍ପପତିମାନଙ୍କୁ ଅନେକ ହଜାର କୋଟି ଟଙ୍କା ଦିଆଯାଉଛି। କିନ୍ତୁ ସାଧାରଣ ଲୋକଙ୍କୁ ଟଙ୍କାଏ ବି ମିଳୁନାହିଁ। ଏହା ନୀତି ନୁହେଁ, କ୍ଷୁଦ୍ର ବ୍ୟବସାୟୀ, ବେପାରୀ ଓ କୃଷକମାନଙ୍କୁ ଧ୍ୱଂସ କରିବା ପାଇଁ ଅସ୍ତ୍ର। ଦେଶକୁ ଯୋଡ଼ିବା ସହ ଦରଦାମ୍ ବୃଦ୍ଧି, ବେରୋଜଗାରି, ସାମ୍ପ୍ରଦାୟିକ ଘୃଣା ଓ ହିଂସା ବିରୋଧରେ ସଚେତନତା ସୃଷ୍ଟି ପାଇଁ ଭାରତ ଯୋଡ଼ୋ ଯାତ୍ରା ଉଦ୍ଦିଷ୍ଟ ବୋଲି ରାହୁଲ ସ୍ପଷ୍ଟ କରିଛନ୍ତି। ଏହି ଅବସରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ଅନ୍ୟ ନେତାମାନେ ଲାଲକିଲ୍ଲାରେ ଉପସ୍ଥିତ ଥିଲେ। ଏହି ଯାତ୍ରା ୯ ଦିନ ପାଇଁ ଶୀତକାଳୀନ ବିରତି ନେବ। ଜାନୁୟାରୀ ୩ରେ ପୁଣି ଆରମ୍ଭ ହୋଇ ଉତ୍ତର ପ୍ରଦେଶ, ହରିୟାଣା ଓ ପଞ୍ଜାବ ଦେଇ ଜମ୍ମୁ-କଶ୍ମୀର ଅଭିମୁଖେ ବାହାରିବ।

PATANJALI®

କରୋନା ତଥା ସବୁ ପ୍ରକାର ସଂକ୍ରାମକ ଏବଂ ଲାଇଫ୍ ଷ୍ଟାଇଲ୍, କ୍ରୋନିକ୍ ଏବଂ ଜେନେଟିକ୍ ରୋଗରୁ ବଞ୍ଚିବା ଏବଂ ଏହି ରୋଗଗୁଡ଼ିକୁ ମୂଳରୁ ନାଶ କରି ପୂର୍ଣ୍ଣତଃ ନୈସର୍ଗିକ ଏବଂ ସୁସ୍ଥ ଜୀବନ ଜିଇବା ପାଇଁ ଆପଣାନ୍ତୁ

ପତଞ୍ଜଳି ଆୟୁର୍ବେଦ ଏବଂ ଦିବ୍ୟ ଫାର୍ମାସୀର ଗବେଷଣା ଏବଂ ପ୍ରମାଣ ଆଧାରିତ ଔଷଧ

କ୍ରୋନିକ୍ ଲାଇଫ୍ ଷ୍ଟାଇଲ୍ ରୋଗରେ ପୀଡ଼ିତ ଏବଂ ଯେଉଁମାନଙ୍କର ଇମ୍ୟୁନିଟି କମ୍ପ୍ରୋମାଇଜ୍‌ଡ ଅଛି ସେମାନଙ୍କ ଉପରେ ସଂକ୍ରାମକ ରୋଗର ବିପଦ ସର୍ବାଧିକ ରହିଥାଏ । ଏଥିପାଇଁ ପ୍ରାକୃତି ଔଷଧ ଓ ଯୋଗ ଦ୍ୱାରା ଆପଣ ଯେକୌଣସି ରୋଗ ସହ ଲଢ଼ିପାରିବେ ଏବଂ ତାହାକୁ ମୂଳରୁ ନାଶ କରି ତାହା ଉପରେ ବିଜୟ ପ୍ରାପ୍ତ କରିପାରିବେ ।

କରୋନା ଓ କରୋନାର ମ୍ୟାନେଜମେଣ୍ଟ ପାଇଁ ଯେଉଁ ଲୋକମାନେ ଆଣ୍ଟିବାୟୋଟିକ୍ ଏବଂ ଷ୍ଟେରଏଡ୍ ଆଦି ନେଇଛନ୍ତି ତାହାଦ୍ୱାରା ଲୋକଙ୍କ ମଧ୍ୟରେ ଡାଇବେଟିସ୍, ଲିଭର, କିଡ୍‌ନୀ, ହାର୍ଟ, ଆଖି, କାନ ଆଦିର ସମସ୍ୟା ଅଧିକ ବଢ଼ିବାରେ ଲାଗିଛି, ଏହି ସବୁ ସମସ୍ୟାର ସମାଧାନ ଆମେ ଆୟୁର୍ବେଦରେ ଉପଲବ୍ଧ କରାଇଛୁ ।

**ମଧୁଗ୍ରିଟ୍ ଏବଂ ମଧୁନାଶିନୀ ବଟି** – ଫାର୍ମା କମ୍ପାନୀ ଦ୍ୱାରା ଏହି ଭ୍ରାନ୍ତ ଧାରଣା ବ୍ୟାପ୍ତ କରାଯାଇଛି କି ମଧୁମେହ ରୋଗୀ ଅଣ-ଡାଇବେଟିକ୍ ହୋଇପାରିବେ ନାହିଁ । ମଧୁନାଶିନୀ ଓ ମଧୁଗ୍ରିଟ୍‌ର ପ୍ରୟୋଗ ଓ ନିୟମିତ ଯୋଗାଭ୍ୟାସ ଏବଂ **ପତଞ୍ଜଳି ୱେଲନେସ୍**ରେ ଆମେ ପଞ୍ଚକର୍ମ ଓ ଷଟ୍‌କର୍ମର ପଦ୍ଧତି ଆପଣାଇ ଡାଇବେଟିସ୍ ଟାଇପ୍ 1 ଓ ଟାଇପ୍ 2ର ଲକ୍ଷାଧିକ ରୋଗୀଙ୍କୁ ଅଣ-ଡାଇବେଟିକ୍ କରିସାରିଛୁ ଏବଂ ସେମାନଙ୍କ ଡାଇବେଟିସ୍ (HbA1c ଲେଭଲ୍)କୁ ଆମେ 5.5କୁ ନେଇଆସିଛୁ । ଏହା ଚିକିତ୍ସା କ୍ଷେତ୍ରରେ ମେଡିକାଲ ସାଇନ୍ସର ଜ୍ଞାତ ଇତିହାସର ସବୁଠାରୁ ବଡ଼ ଘଟଣା ଅଟେ ।

**ବିପିଗ୍ରିଟ୍ ଏବଂ ମୁକ୍ତା ବଟୀ** – ଉଚ୍ଚ ରକ୍ତଚାପ ବିଷୟରେ ମେଡିକାଲ କ୍ଷେତ୍ରରେ ଦୁଷ୍ପ୍ରଚାର କରାଯାଏ କି ଥରେ ବିପି ହୋଇଗଲେ ରୋଗୀ ପୂର୍ଣ୍ଣ ରୂପେ ସେଥିରୁ ମୁକ୍ତ ହୋଇପାରିବେ ନାହିଁ । କରୋନା ପରେ ସଂକ୍ରମିତ ଲୋକଙ୍କ ମଧ୍ୟରେ ଏହି ସମସ୍ୟା ଆହୁରି ବଢ଼ିଯାଇଛି । ଆମେ ମୁକ୍ତା ବଟି, ବିପିଗ୍ରିଟ୍, ଲାଉ ଜୁସ୍, ଯୋଗାଭ୍ୟାସ ଆଦି ଜୀବନଶୈଳୀରେ ଛୋଟ ଛୋଟ ସାତ୍ତ୍ୱିକ ପରିବର୍ତ୍ତନ କରି କୋଟି କୋଟି ଉଚ୍ଚ ରକ୍ତଚାପ ରୋଗୀଙ୍କୁ ଏଥିରୁ ମୁକ୍ତ କରିଛୁ ।

**ଲିଭୋଗ୍ରିଟ୍ ଏବଂ ଲିଭାମୃତ** – କ୍ରୋନିକ୍ ଲିଭର ରୋଗୀ, ଫ୍ୟାଟି ଲିଭର, ଲିଭର୍ ସିରୋସିସ୍ ଓ ହେପାଟାଇଟିସ୍ (A, B, C, D)ର ଏଲୋପାଥିରେ କୌଣସି ସ୍ଥାୟୀ ଚିକିତ୍ସା ନାହିଁ । କରୋନା ପରେ ରୋଗୀଙ୍କଠାରେ ଲିଭର ସମସ୍ୟା ବୃଦ୍ଧି ପାଇଛି । ଆମେ ନିୟମିତ ଯୋଗାଭ୍ୟାସ କରି ସର୍ବକଳ୍ପ କ୍ୱାଥ, ପୁନର୍ନଭା ଆଦିର ରସ ଏବଂ ଲିଭୋଗ୍ରିଟ୍ ଓ ଲିଭାମୃତର ସେବନ ତଥା ବସ୍ତି କରାଇ ଫ୍ୟାଟି ଲିଭର୍, ଲିଭର୍ ସିରୋସିସ୍, ହେପାଟାଇଟିସ୍‌ରୁ ମୁକ୍ତି ଦେଇଛୁ ଏବଂ ପାଚନତନ୍ତ୍ରକୁ ପୂର୍ଣ୍ଣରୂପେ ସୁସ୍ଥ କରିଛୁ । ଆମ ନିକଟରେ ଲକ୍ଷାଧିକ ଲୋକଙ୍କ ଡାଟା ଅଛି । ଗୋଧନ ଅର୍କର ଅନୁପାନ ଏହି ଔଷଧି ସହିତ ସର୍ବଶ୍ରେଷ୍ଠ ଅଟେ ।

**ଇମ୍ୟୁନୋଗ୍ରିଟ୍ ବଟି, ଗୋଲ୍ଡ ଓ ପାଉଡର** – ଇମ୍ୟୁନିଟି ଦୁର୍ବଳ ହେବା ଓ କରୋନାର ଜଟିଳତା ବିଭିନ୍ନ ରୋଗର କାରଣରେ ପରିଣତ ହୋଇଯାଏ କାରଣ ଶରୀରର ରୋଗ ପ୍ରତିରୋଧକ କ୍ଷମତା କମ୍ ହେବାରେ ଲାଗିଛି । ଏହି ଔଷଧି ଇନ୍‌ଫେକ୍ସନ୍, ତ୍ୱଚା, ହୃଦୟ, ପାଚନ, ଜ୍ୱର, ଆଲର୍ଜି, ଆଜ୍‌ମା, ଆର୍ଥ୍ରାଇଟିସ୍ ଓ ଦୁର୍ବଳତା ଆଦିରେ ଉପଯୋଗୀ ଅଟେ ।

**ଥାଇରୋଗ୍ରିଟ୍ ଏବଂ କୋରିଘନ ବଟି** – ଥାଇରଏଡ୍‌ର ଔଷଧ ଖାଇ ଖାଇ ରୋଗୀ ଓଭରୱେଟ୍ ଓ ଅଣ୍ଡରୱେଟ୍ ହେବାରେ ଲାଗିଛନ୍ତି ତଥା ମୁଣ୍ଡ ବୁଲାଇବା ଏବଂ ଡିପ୍ରେଶନ ଆଦିର ଶିକାର ହେଉଛନ୍ତି । ଆମେ କପାଳଭାତି, ଉଜ୍ଜାୟି ଆଦି ଯୋଗାଭ୍ୟାସ ତଥା ଧନିଆ ପାଣି ସହିତ ଥାଇରୋଗ୍ରିଟ୍ ଓ କୋରିଘନ ବଟି ଖୁଆଇ ଲୋକଙ୍କ ଥାଇରଏଡ୍ ଓ ତାହାର ଜଟିଳତାରୁ ମୁକ୍ତ କରିଛୁ ।

**ହୃଦୟାମୃତ ବଟି ଏବଂ କାର୍ଡିଓଗ୍ରିଟ୍** – କାର୍ଡିଓ ପ୍ରୋଟେକ୍ସନ୍ ଦିଏ ଏବଂ କାର୍ଡିଓଭାସ୍କୁଲାର ରୋଗଗୁଡ଼ିକର ପ୍ରତିକାର ଦେଇ ସେଗୁଡ଼ିକର ଜଟିଳତା, ଯେପରିକି ହାର୍ଟ ଆଟାକ୍, ଷ୍ଟ୍ରୋକ୍, ପଲ୍‌ମୋନାରୀ ଏମ୍ବୋଲିଜମ୍ ଆଦିରୁ ରକ୍ଷା କରିଥାଏ । ଅର୍ଜୁନ ଛାଲି ଓ ଅର୍ଜୁନାରିଷ୍ଟର ଅନୁପାନ ଏହି ରୋଗଗୁଡ଼ିକରେ ସର୍ବଶ୍ରେଷ୍ଠ ଅଟେ ।

**ରିନୋଗ୍ରିଟ୍ ଏବଂ ତ୍ରାୟଘନ ବଟି** – ବିଗତ 30 ବର୍ଷର ଗବେଷଣାର ଏକ ବହୁତ ବଡ଼ ସଫଳତା ହେଉଛି ଏହି ସର୍ବପ୍ରଥମ ଗବେଷଣା ଆଧାରିତ ଔଷଧ । କିଡ୍‌ନୀ ସମସ୍ୟା, ରେନାଲ୍ ବିକାର, କ୍ରୋନିକ୍ କିଡ୍‌ନୀ ରୋଗ ଓ ରେନାଲ୍ ସିଷ୍ଟମ୍‌କୁ ସପୋର୍ଟ କରି ସୁସ୍ଥ କରି ରଖିବା ପାଇଁ ଉଦ୍ଦିଷ୍ଟ ଅଟେ ରିନୋଗ୍ରିଟ୍ ଓ ତ୍ରାୟଘନ ବଟି । ନିୟମିତ ରୂପେ ଯୋଗାଭ୍ୟାସ ଓ ଗୋଖରୁ ସହିତ ଅନୁପାନ କଲେ ପୂର୍ଣ୍ଣ ଲାଭ ମିଳିଥାଏ ।

**ମେଧାବଟୀ, ମେମୋରୀଗ୍ରିଟ୍ ଏବଂ ନ୍ୟୁରୋଗ୍ରିଟ୍** – ଅନିଦ୍ରା, ଚାପ, ଡିପ୍ରେଶନ୍, ମାଇଗ୍ରେନ୍‌ରୁ ମୁକ୍ତି ଏବଂ ସ୍ମରଣ ଶକ୍ତିରେ ବୃଦ୍ଧି ପାଇଁ ଆପଣାନ୍ତୁ ଗବେଷଣା ଓ ପ୍ରମାଣ ଆଧାରିତ ପତଞ୍ଜଳି ମେଧା ବଟି, ମେମୋରୀଗ୍ରିଟ୍ ଓ ନ୍ୟୁରୋଗ୍ରିଟ୍ ଟାବଲେଟ୍ ।

**ଆଇଗ୍ରିଟ୍ ଏବଂ ଇୟରଗ୍ରିଟ୍** – ଆଲୋପାଥିରେ ଦୃଷ୍ଟି ଦୁର୍ବଳତା, ଗ୍ଲୁକୋମା, ମ୍ୟାକ୍ୟୁଲାର ଡିଜେନେରେଶନ୍ ଆଦିର ଚିକିତ୍ସା ହିଁ ନାହିଁ ତଥା ଶ୍ରବଣ ରୋଗ ଓ ଟିନିଟସ୍‌ର ତ କୌଣସି ଔଷଧ ମଧ୍ୟ ନାହିଁ । ଯୋଗାଭ୍ୟାସ ସହିତ ଆଖି ପାଇଁ ଆଇଗ୍ରିଟ୍, ଅକ୍ଷିତର୍ପଣ ତଥା କାନ ପାଇଁ ଇୟରଗ୍ରିଟ୍, କର୍ଣ୍ଣପୂରଣର ପ୍ରୟୋଗ କରି ଆମେ ଲୋକଙ୍କୁ ଆଖି ଓ କାନ ରୋଗରୁ ମୁକ୍ତି ପ୍ରଦାନ କରିଛୁ ।

**ନ୍ୟୁଟ୍ରେଲା ନ୍ୟୁଟ୍ରିଶନ୍** – ବଜାରରେ ଯେଉଁ କେମିକାଲ ଓ ପ୍ରାଣୀଜ ଆଧାରିତ ସିନ୍ଥେଟିକ୍ ନ୍ୟୁଟ୍ରିସନ୍ ସପ୍ଲିମେଣ୍ଟସ୍ ଓ ଭିଟାମିନ୍ ବିକ୍ରି ହୁଏ ତାହା ପ୍ରାଃ ପୋଷଣ ଦେବା ବଦଳରେ ଶରୀରକୁ କ୍ଷତି ପହଞ୍ଚାଇଥାଏ କାରଣ ତାହା ମାନବୀୟ ପ୍ରକୃତି (ହ୍ୟୁମାନ୍ ନେଚର୍)ର ଅନୁରୂପ ନୁହେଁ । ପତଞ୍ଜଳିର ବୈଜ୍ଞାନିକମାନେ ଆପଣଙ୍କ ନୈସର୍ଗିକ ଆରୋଗ୍ୟ ପାଇଁ ନାଚୁରାଲ୍ ହର୍ବସ୍ ଉପରେ ଅନେକ ବର୍ଷ ଧରି ଗବେଷଣା କରି ପ୍ରସ୍ତୁତ କରିଛନ୍ତି 100% ନାଚୁରାଲ୍, ଅର୍ଗାନିକ୍ ଉଦ୍ଭିଦ ଆଧାରିତ ନ୍ୟୁଟ୍ରେଲା ନାଚୁରାଲ୍ ଭିଟାମିନ୍ସ ଏବଂ ନ୍ୟୁଟ୍ରାସ୍ୟୁଟିକାଲ୍ସର ସମ୍ପୂର୍ଣ୍ଣ ରେଞ୍ଜ ।

ପତଞ୍ଜଳିର ସମସ୍ତ ଔଷଧ ଓ ପ୍ରଡକ୍ଟସ୍ ପତଞ୍ଜଳି ଷ୍ଟୋର୍ସ, ସମସ୍ତ ପ୍ରମୁଖ ମେଡିକାଲ, ଆୟୁର୍ବେଦିକ ଷ୍ଟୋର୍ସ ଏବଂ ଓପନ ମାର୍କେଟ୍‌ରେ ଉପଲବ୍ଧ ଅଟେ । ଯେଉଁ ମେଡିକାଲ ଷ୍ଟୋର୍ସରେ ପତଞ୍ଜଳିର ଔଷଧଗୁଡ଼ିକ ଉପଲବ୍ଧ ନାହିଁ ସେମାନେ ଆମର ଡିଷ୍ଟ୍ରିବ୍ୟୁଶନର ଚ୍ୟାନେଲ୍ ସହିତ ଯଥାଶୀଘ୍ର ଯୋଗାଯୋଗ କରନ୍ତୁ ।

# କେବେଠୁ କେକ୍

ବିନା କେକ୍‌ରେ ଖ୍ରୀଷ୍ଟମାସ କଥା ଚିନ୍ତା କରି ହୁଏନା । ତେବେ କେବେଠାରୁ ଆଉ କେମିତି ଆରମ୍ଭ ହେଲା କେକ୍‌ର ପ୍ରସ୍ତୁତି, ଜାଣନ୍ତୁ ସେ ସମ୍ପର୍କରେ...

ପୂର୍ବେ ଖ୍ରୀଷ୍ଟମାସ ପାଳନ ଅବସରରେ କେକ୍ କାଟିବା ପରମ୍ପରା ନ ଥିଲା।



ପ୍ରାୟ ୧୬ଶହ ଶତାବ୍ଦୀ ବେଳକୁ ଏହାର ଆରମ୍ଭ। ଏହା ପୂର୍ବରୁ ଲୋକେ କେକ୍ ବଦଳରେ 'ପ୍ଲମ୍ ପୋରିଜ୍' ନାମକ ଏକ ଭିନ୍ନ ଧରଣର ଖାଦ୍ୟ ପ୍ରସ୍ତୁତ କରୁଥିଲେ।

**କେକ୍‌ର ବିଭିନ୍ନ ରୂପ**

ବ୍ରେଡ୍ ସହ ପରିବା ମିଶାଇ ତିଆରି କରାଯାଉଥିଲା ପ୍ଲମ୍ ପୋରିଜ୍। ଏଥିରେ କେହି କେହି ଚିନି କିମ୍ବା ମହୁ ଅଥବା ଫଳ ମିଶାଇ ଖାଉଥିଲେ। ପ୍ଲମ୍ ପୋରିଜ୍‌କୁ ଲୋକେ ଗରମ କରି ଖାଉଥିଲେ।

୧୬ଶହ ଶତାବ୍ଦୀ ବେଳକୁ ଲୋକେ ଏହି ଖାଦ୍ୟରେ ଧୀରେ ଧୀରେ ଅଟା ବ୍ୟବହାର କଲେ। ଅଟା ସହିତ ଅଣ୍ଡା, ଲହୁଣି ଓ ଫଳରସ ମିଶାଇ ତନ୍ଦୁର ଭଳି କରାଯାଉଥିଲା। କାଳକ୍ରମେ ଏହି ଖାଦ୍ୟକୁ କେକ୍ ଭଳି ରୂପ ଦିଆଗଲା ଏବଂ ବିଭିନ୍ନ ଶୈଳୀରେ କେକ୍ ପ୍ରସ୍ତୁତ ହେଲା।

ଖ୍ରୀଷ୍ଟମାସରେ କେକ୍‌ର ଚାହିଦା ଅଧିକ ଥିବାରୁ ପାଶ୍ଚାତ୍ୟ ଦେଶଗୁଡ଼ିକରେ ପ୍ରାୟ ମାସକ ପୂର୍ବରୁ କେକ୍ ତିଆରି କରିବା ଆରମ୍ଭ ହୋଇଥାଏ। ଫ୍ରୁଟ କେକ୍ ଓ ପ୍ଲମ୍ କେକ୍‌ର ଚାହିଦା ସବୁଠୁ ଅଧିକ ରହିଥାଏ। କେକ୍‌କୁ ଅଧିକ ଦିନ ଭଲ ରଖିବା ପାଇଁ ସେଥିରେ କିସମିସ୍ ବ୍ୟବହାର କରାଯାଏ। ଏଥିପାଇଁ କିସମିସ୍‌କୁ ଭଲଭାବେ ଧୋଇ ଶୁଖାଯାଏ ଓ ସେଥିରେ ଫ୍ରୁଟ କେକ୍ ତିଆରି କରାଯାଏ।

➤ସର୍ବପ୍ରଥମେ ଇଜିପ୍ଟରେ ଏକ ବଡ଼ ଗରମ ପଥର ଉପରେ କେକ୍ ତିଆରି ଆରମ୍ଭ ହୋଇଥିଲା। ହେଲେ କେକ୍‌କୁ ଆଧୁନିକ ରୂପ ରୋମ୍‌ବାସୀ ଦେଇଥିଲେ।

➤୧୭ଶହ ଶତାବ୍ଦୀ ବେଳକୁ ପ୍ରଥମେ ୟୁରୋପରେ ଓଭାନ ମାଧ୍ୟମରେ କେକ୍ ତିଆରି ହୋଇଥିଲା।

➤ଭାରତରେ ପ୍ରଥମେ ୧୮୮୩ ମସିହାରେ କେକ୍ ତିଆରି ହୋଇଥିଲା। କେରଳର କନ୍ନୁରଠାରେ ଥିବା ଥାଲାସେରୀର ରୟାଲ ବିସ୍କୁଟ ଫ୍ୟାକ୍ଟ୍ରିରେ ମାମ୍ବାଲି ବାପୁ କେକ୍ ତିଆରି କରିଥିଲେ।

➤ବିଶ୍ୱର ସବୁଠୁ ପୁରୁଣା କେକ୍‌ର ନାଁ ହେଉଛି ଲିଞ୍ଜର ଟର୍ଟି। ଅଷ୍ଟ୍ରିଆର ଲିଞ୍ଜ ସହରରେ ତିଆରି ହୋଇଥିବାରୁ ଏହାର ଏଭଳି ନାମକରଣ ହୋଇଛି।

ଆଜି ବଡ଼ଦିନ। ସାରା ବିଶ୍ୱରେ ଭିନ୍ନ ଭିନ୍ନ ଦେଶ ଆଉ ସଂପ୍ରଦାୟର ଲୋକ ନିଜ ନିଜ ଢଙ୍ଗରେ ସେଲିବ୍ରେଶନ୍ କରିଥାନ୍ତି ଖ୍ରୀଷ୍ଟମାସ ପର୍ବ। ଜାଣନ୍ତୁ କେଉଁଠି କେମିତି କରନ୍ତି ସେଲିବ୍ରେଶନ୍...

# ହାପି ଖ୍ରୀଷ୍ଟମାସ

## ଏମିତି ବି ହୁଏ ପାଳନ

-ଆୟର୍ଲାଣ୍ଡରେ ଖ୍ରୀଷ୍ଟମାସ ଦିନ ଗୋଟିଏ ବଡ଼ ବିଲେଇ ବୁଲୁଥିବାର ଲୋକ ବିଶ୍ୱାସ କରନ୍ତି। ଭଲକାମ କରୁଥିବା ଲୋକଙ୍କୁ ଏହି ବିଲେଇ ନୂଆ ପୋଷାକ ଉପହାର ସ୍ୱରୂପ ଦେଇଥାଏ। ଆଉ ଖରାପ କାମ କରୁଥିବା ଲୋକଙ୍କୁ ବିଲେଇ ଗିଳି ଦେଇଥାଏ ବୋଲି ବିଶ୍ୱାସ ରହିଛି।

-ୟୁକ୍ରେନରେ ଏହିଦିନ ଖ୍ରୀଷ୍ଟମାସ ଟ୍ରିରେ ବୁଢ଼ିଆଣୀ ଜାଲ ଭଳି ଦେଖାଯାଉଥିବା ଡେକୋରେଟିଭ ଜିନିଷ ଘରେ ଝୁଲେଇବାର ପ୍ରଥା ରହିଛି।

-ନରୱେରେ ଖ୍ରୀଷ୍ଟମାସ ଦିନ ପ୍ରେତାତ୍ମାମାନେ ଝାଡୁରେ ବସି ଉଡ଼ନ୍ତି ବୋଲି ବିଶ୍ୱାସ କରାଯାଏ। ତେଣୁ ଖ୍ରୀଷ୍ଟମାସ ଦିନ ନରୱେ ଅଧିବାସୀ ନିଜ ଘରର ଝାଡୁକୁ ଲୁଚେଇ ରଖିଥାନ୍ତି।

## ବୃଦ୍ଧ ଓ ପିଲାଙ୍କ ପାଇଁ ସେଲିବ୍ରେଶନ୍

ନଅ ବର୍ଷ ପୂର୍ବେ ବ୍ରହ୍ମପୁର ସହରରେ ପ୍ରତିଷ୍ଠା ହୋଇଥିଲା ଜୟ ଜଗନ୍ନାଥ ଗ୍ରୁପ୍। ସେବେଠୁ ଗ୍ରୁପ୍ ପକ୍ଷରୁ ଅସହାୟଙ୍କୁ ଖାଦ୍ୟ ବଣ୍ଟନ, ଶବ ସତ୍କାର, ରକ୍ତଦାନ, ଗରିବ ପିଲାଙ୍କ ପାଠପଢ଼ା ଖର୍ଚ୍ଚ, ଗରିବ ଝିଅଙ୍କ ବିବାହ ଭଳି କାର୍ଯ୍ୟ କରାଯାଇଆସୁଛି। ଚଳିତ ଡିସେମ୍ବର ୨୫ ତାରିଖ ଦିନ ବୃଦ୍ଧ, ବୃଦ୍ଧାଙ୍କୁ ଖୁସି କରାଇବା ଲାଗି କେକ୍ କାଟି ସେଲିବ୍ରେଶନ୍ କରିବାର ଯୋଜନା କରାଯାଇଛି। ଅତିଥିଙ୍କ ଦ୍ୱାରା ଛୋଟ ପିଲାଙ୍କୁ ପୁରସ୍କାର ଓ ଉପହାର ମଧ୍ୟ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି ଗ୍ରୁପ୍‌ର ପ୍ରତିଷ୍ଠାତା ଶିବ ଶଙ୍କର ଦାଶ।



## ପ୍ରଥମ କମର୍ସିଆଲ ଖ୍ରୀଷ୍ଟମାସ କାର୍ଡ

ଖ୍ରୀଷ୍ଟ ଧର୍ମାବଲମ୍ବୀ ଲୋକମାନେ ଖ୍ରୀଷ୍ଟମାସକୁ ବେଶ୍ ଜାକଜମକରେ ପାଳନ କରିଥାଆନ୍ତି। ଏହା ସେମାନଙ୍କର ଅନ୍ୟତମ ବଡ଼ ପର୍ବ। ଏହିଦିନ ସେମାନେ ପରସ୍ପର ମଧ୍ୟରେ ଖ୍ରୀଷ୍ଟମାସ କାର୍ଡ ଗିଫ୍ଟ ସହ ଦେଇଥାଆନ୍ତି। ହେଲେ ପ୍ରଥମ କମର୍ସିଆଲ ଖ୍ରୀଷ୍ଟମାସ କାର୍ଡ କେବେ ପ୍ରଚଳନ ହେଲା ଜାଣନ୍ତି? ଏହି କାର୍ଡ ୧୮୪୩ରେ ପ୍ରଥମେ ପ୍ରଚଳିତ ହୋଇଥିଲା। ସେହି ବର୍ଷ ସାର୍ ହେନେରି କୋଲ୍ ପ୍ରଥମେ ୧୦୦୦ ଖ୍ରୀଷ୍ଟମାସ କାର୍ଡ ଛପାଇ ବିକ୍ରି କରିଥିଲେ। ସେହି ସ୍ମରଣୀୟ ପ୍ରଥମ କମର୍ସିଆଲ ଖ୍ରୀଷ୍ଟମାସ କାର୍ଡରୁ ଏବେ ମାତ୍ର ୧୨ଟି ଦେଖିବାକୁ ମିଳୁଛି। ଏହି କାର୍ଡ ସହ ରାଣୀ ଭିକ୍ଟୋରିଆଙ୍କର ମଧ୍ୟ ସଂଯୋଗ ରହିଛି। ଏହି କାର୍ଡ ପଠାଇବାରେ ସେ ଥିଲେ ପ୍ରଥମ ରାଜ ପରିବାରର ସଦସ୍ୟା।

## ଖ୍ରୀଷ୍ଟମାସକୁ ନେଇ ଅଜବ ପ୍ରଥା

ଉପହାର, ଚକୋଲେଟ୍, ଖିଆପିଆ ଓ ବୁଲାବୁଲିରେ ଅଧିକାଂଶ ଖ୍ରୀଷ୍ଟମାସ ପର୍ବ ପାଳନ କରୁଥିବାବେଳେ ଅନ୍ୟ କିଛି ସ୍ଥାନରେ ଏହାର ବ୍ୟତିକ୍ରମ ଦେଖାଯାଏ। ଖ୍ରୀଷ୍ଟମାସ ପାଳନ ହୁଏ ଟିକିଏ ନିଆରା ଢଙ୍ଗରେ...

**ୟୁଲେ ଗୋଟ୍ :** ୧୯୬୬ ମସିହାଠାରୁ ସୁଇଡେନ୍, ଗାଭ୍‌ଲେ ଗ୍ରାମରେ ଖ୍ରୀଷ୍ଟମାସ ନିଆରା ଢଙ୍ଗରେ ପାଳନ କରାଯାଉଛି। ନିକଟସ୍ଥ ଦୁର୍ଗ ପାଖରେ ୧୩ମିଟରର ଏକ ବଡ଼ ଛେଳି ଭଳି ପ୍ରତିକୃତି ତିଆରି କରି ତାହାକୁ ଜଳାଯାଏ। ପୂର୍ବେ ଏହି ପରମ୍ପରାକୁ କିଛି ଲୋକ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହାକୁ ଲୋକେ ବେଶ୍ ପସନ୍ଦ କରୁଥିବାରୁ ଏବେଯାଏ ଏହାକୁ ପାଳନ କରାଯାଉଛି।

**କ୍ରାମ୍ପସ୍:** ଅଷ୍ଟ୍ରିଆ ଖ୍ରୀଷ୍ଟମାସ କ୍ରାମ୍ପସ୍ ପର୍ବରେ କିଛି ଲୋକ ଅଧା ଛେଳି ଓ ଅଧା ଦାନବ ବେଶ ହୋଇ ଛୋଟ ପିଲାଙ୍କୁ ଡରେଇବା ସହ ଖରାପ ଲୋକଙ୍କୁ ଦଣ୍ଡ ଦେଇଥାନ୍ତି। ଏହି ପର୍ବ ଡିସେମ୍ବରର ପ୍ରଥମ ସପ୍ତାହରୁ ଆରମ୍ଭ ହୋଇଯାଇଥାଏ। ଏଥିରେ ଲୋକମାନେ ଭୂତ ପରି ବେଶ ହୋଇ ଖାସ୍‌କରି ଦୁଷ୍ଟ ପିଲାଙ୍କୁ ଖୋଜି ଡରାଇଥାନ୍ତି।

**ସାଣ୍ଟାଙ୍କ ବେଶ ପାଳନ :** ଆଇସ୍‌ଲାଣ୍ଡରେ ଖ୍ରୀଷ୍ଟମାସ ପାଇଁ ୧୩ ଦିନ ଧରି ୧୩ଜଣ ବ୍ୟକ୍ତି ସାଣ୍ଟା ବେଶ ହୋଇ ରାତିରେ ଘରଘର ବୁଲି ପିଲାମାନଙ୍କୁ ଗିଫ୍ଟସ୍, ଚକୋଲେଟ୍, ଖେଳନା ଆଦି ବାଣ୍ଟିଥାନ୍ତି। ଏମାନଙ୍କୁ ୟୁଲେ ଲାଡ କୁହାଯାଏ। ସେଠାକାର ପିଲାମାନେ ମଧ୍ୟ ଘରର ଝରକା ପାଖରେ ସାଣ୍ଟା ପାଇଁ କୌତୁକିଆ ଉପହାର ଓ ଅନ୍ୟମାନଙ୍କ ପାଇଁ ନିଜର ଏକ ହଳ ଜୋତା ଉପହାର ଭାବେ ରଖିଥାନ୍ତି।

**ପେପର୍ ଲାଣ୍ଟର୍ନ ପର୍ବ :** ଫିଲିପାଇନ୍ସର ସାନ୍ ଫର୍ନାଣ୍ଡୋ ସହରରେ ଖ୍ରୀଷ୍ଟମାସ ଉପଲକ୍ଷେ ବଡ଼ଦିନର ପୂର୍ବ ସନ୍ଧ୍ୟାରୁ ନିଆରା ପେପର୍ ଲାଣ୍ଟର୍ନ ପର୍ବ ଆରମ୍ଭ ହୋଇଥାଏ। ଏହି ଆଲୋକମାଳାର ଉତ୍ସବରେ ବିଭିନ୍ନ ସ୍ଥାନର ପ୍ରତିଯୋଗୀ ବିରାଟକାୟ ପେପର୍ ଲାଣ୍ଟର୍ନ ତିଆରି କରିଥାନ୍ତି। ଲାଣ୍ଟର୍ନଗୁଡ଼ିକ ବଡ଼, ଗୋଲାକାର ବ୍ୟାସାର୍ଦ୍ଧ ବିଶିଷ୍ଟ ହୋଇଥାଏ। ଏଥିରେ ଜାପାନୀ କଲର୍ ପେପର୍ ଏବଂ ଆଲୋକ ପାଇଁ କ୍ୟାଣ୍ଡେଲ୍‌ର ବ୍ୟବହାର କରାଯାଏ।

**ନ୍ୟାଶନାଲ ଲାଇଟେନିଙ୍ଗ୍:** ଆମେରିକା, ୱାଶିଂଟନ୍‌ର ହନୁକାଠାରେ ୧୯୭୯ଠାରୁ ଖ୍ରୀଷ୍ଟମାସ ଉପଲକ୍ଷେ ୯ମିଟର ଉଚ୍ଚତାର ୯ଟି ବଡ଼ ବଡ଼ ମେନୋରା ଲ୍ୟାମ୍ପ(ତ୍ରିଶୂଳ ପରି) ନଅ ଦିନ ଓ ରାତି ଜଳେ। ଏହା ଦେଖିବାକୁ ବହୁତ ସୁନ୍ଦର ଓ ଆକର୍ଷଣୀୟ। ଏଠାରେ ଖାସ୍ ବଡ଼ଦିନ ପାଇଁ ଏପରି ଲ୍ୟାମ୍ପର ବ୍ୟବସ୍ଥା କରାଯାଇଥାଏ। ଏହି ଲ୍ୟାମ୍ପ ଜଳିବା ପରେ ଏହାର ଚାରିପାଖରେ ଗୀତ, ନାଚ ଓ ପିଲାମାନଙ୍କ କାର୍ଯ୍ୟକ୍ରମ ଆୟୋଜନ କରାଯାଏ।

## ଜଟଣୀରେ ବଡ଼ଦିନ ପର୍ବ

ଖୋର୍ଦ୍ଧାରୋଡ(ଜଟଣୀ) ରେଲୱେ ଟ୍ରାଫିକ ରୂପେ କାର୍ଯ୍ୟ ଆରମ୍ଭ କରିବା ପରେ ଇଂରେଜମାନେ ଏହି ଅଞ୍ଚଳକୁ ଭଲ ପାଇ ଏଠାରେ ବସବାସ ଆରମ୍ଭ କଲେ। ତା'ପରଠୁ ସେମାନେ ଏଠାରେ ବର୍ଷ ବର୍ଷ ଧରି ବେଶ୍ ଧୁମ୍‌ଧାମରେ ବଡ଼ଦିନ ପର୍ବ ପାଳନ କରି ଆସୁଛନ୍ତି। ଏକ ମାସ ପୂର୍ବରୁ ଏଠାରେ ବଡ଼ଦିନ ପ୍ରସ୍ତୁତି ଆରମ୍ଭ ହୁଏ। ସହର ଏବଂ ବ୍ଲକ ଅଞ୍ଚଳରେ ରହିଥିବା ପୌରାଞ୍ଚଳ ଅଧୀନ ହାଟବଜାରସ୍ଥ ରୋମାନ କ୍ୟାଥଲିକ ଚର୍ଚ୍ଚ, ଟାଉନ ହଲ ନିକଟ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ, ଏଭାଜଲିକାଲ ୟୁନିୟନ ବାପ୍ଟିଷ୍ଟ ଚର୍ଚ୍ଚ, ବେଥାଲ ଚପଲ ଚର୍ଚ୍ଚ, ଲାଇଫ ଲାଇନ ଚର୍ଚ୍ଚ ଏବଂ ପେଣ୍ଟିକୋଷ୍ଟାଲ ଚର୍ଚ୍ଚ ସହିତ ବହିଲପଡ଼ା, ମିଂଚୀନପାଟଣା ପ୍ରଭୃତି ଚର୍ଚ୍ଚଗୁଡ଼ିକୁ ବଡ଼ଦିନ ପାଳନ ନିମନ୍ତେ ସମସ୍ତ ପ୍ରସ୍ତୁତି କରିବା ସହିତ ରଙ୍ଗ ବେରଙ୍ଗ ଆଲୋକରେ ସଜା ଯାଇଛି। ଗତ ୨୩ ତାରିଖରେ ଖ୍ରୀଷ୍ଟମାସ ଟ୍ରି ସ୍ଥାପନ କରିବା ସହ ଖ୍ରୀଷ୍ଟିଆନ ଭାଇ ଭଉଣୀଙ୍କ ମଧ୍ୟରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଆୟୋଜନ ହୋଇଯାଇଛି। ୨୪ ତାରିଖ ରାତିରେ ଶାନ୍ତି ଏବଂ ପ୍ରେମର ସ୍ଥାପନା ପାଇଁ ସମୂହ ପ୍ରାର୍ଥନା ମଧ୍ୟ କରାଯାଇଛି; ଯାହାକୁ ୱାଚ୍‌ନାଇଟ ସର୍ଭିସ କୁହାଯାଉଛି।




## ଦାମୀ ଖ୍ରୀଷ୍ଟମାସ ଟ୍ରି

ଖ୍ରୀଷ୍ଟମାସର ମୁଖ୍ୟ ଆକର୍ଷଣ ହେଉଛି ଖ୍ରୀଷ୍ଟମାସ ଟ୍ରି। ବିଶ୍ୱାସ ରହିଛି ଯେ, ସୁସଜ୍ଜିତ ଖ୍ରୀଷ୍ଟମାସ ଟ୍ରି ଯେଉଁଠି ଥାଏ ସେଠାକୁ ସାନ୍ତା ସୌଭାଗ୍ୟ ନେଇ ଆସିଥାନ୍ତି। ତେଣୁ ଏହାକୁ ବିଭିନ୍ନ ରଙ୍ଗିନ ଜିନିଷ ସହ ସୁନା, ହୀରା ଭଳି ବହୁ ଦାମୀ ଜିନିଷରେ ବି ସଜା ଯାଇଥାଏ। ଯାହାକୁ ପରେ ଦାମୀ ଖ୍ରୀଷ୍ଟମାସ ଟ୍ରିର ମାନ୍ୟତା ମିଳିଥାଏ...

* **ସ୍ପେନ୍‌ର ଦାମୀ ଖ୍ରୀଷ୍ଟମାସ ଟ୍ରି:** ସ୍ପେନ୍‌ର କେମ୍ପିସ୍କି ହୋଟେଲ୍ ପରିସରରେ ୨୦୧୯ରେ ଏକ ଖ୍ରୀଷ୍ଟମାସ ଟ୍ରି ତିଆରି ହୋଇଥିଲା; ଯେଉଁଥିରେ ଗୋଲାପୀ, ନାଲି, ଧଳା ଓ କଳା ରଙ୍ଗର ଏକାଧିକ ହୀରା, ଡିଜାଇନର୍ ଜୁଏଲେରି ତଥା ବହୁ ଦାମୀ ଷ୍ଟୋନ୍‌ମାନ ଲାଗିଥିଲା। ଡେକୋରେଶନ ପାଇଁ ଏଥିରେ ଅନେକ ଆକର୍ଷଣୀୟ ପରଫ୍ୟୁମ ବୋତଲ, ଥ୍ରୀଡି ପ୍ରିଣ୍ଟେଡ୍‌ର ଚକୋଲେଟ୍ ମୟୂର ଓ ଓଟପକ୍ଷୀର ଅଣ୍ଡା (ଯାହାକୁ ଖାଇହେବ) ବି ଲାଗିଥିଲା। ସେଥିପାଇଁ ଏହାର ମୂଲ୍ୟ ପ୍ରାୟ ୧୫ ମିଲିୟନ୍ ଡଲାର ରହିଥିଲା।
* **ଏମିରେଟ୍ସ ପ୍ୟାଲେସ୍ ଖ୍ରୀଷ୍ଟମାସ ଟ୍ରି:** ଆବୁଧାବିର ଦ ଏମିରେଟ୍ସ ପ୍ୟାଲେସ୍ ନାମକ ଏକ ପଞ୍ଚତାରକା ହୋଟେଲ୍‌ରେ ୨୦୧୦ରେ ଯେଉଁ ଖ୍ରୀଷ୍ଟମାସ ଟ୍ରି ତିଆରି ହୋଇଥିଲା; ସେଥିରେ ଅନେକ ସୁନା, ହୀରା, ମୋତି, ମାଣିକ ତଥା ଦାମୀ ପଥରମାନ ଲାଗିଥିଲା। କେବଳ ସେତିକି ନୁହେଁ ସାଜସଜ୍ଜା ପାଇଁ ଏଥିରେ କେତେକ ଦାମୀ ନେକ୍‌ଲେସ୍, ବ୍ରେସ୍‌ଲେଟ୍ ଓ ହାତଘଣ୍ଟା ବି ବ୍ୟବହୃତ ହୋଇଥିଲା। ତେଣୁ ଏହାର ମୂଲ୍ୟ ଥିଲା ପ୍ରାୟ ୧୧.୪ ମିଲିୟନ୍ ଡଲାର।
* **ଗିଞ୍ଜା ଟନକା ଡିଜ୍‌ନୀ ଗୋଲ୍ଡ ଖ୍ରୀଷ୍ଟମାସ ଟ୍ରି:** ଜାପାନର ଟୋକିଓରେ ଥିବା ଗିଞ୍ଜା ଟନକା ନାମକ ଏକ ଜୁଏଲେରି ଷ୍ଟୋର୍ ତରଫରୁ ୨୦୧୨ରେ ପ୍ରାୟ ୨.୪ ମିଟର ଉଚ୍ଚତା ବିଶିଷ୍ଟ ସୁନାର ଏକ ଖ୍ରୀଷ୍ଟମାସ ଟ୍ରି ତିଆରି ହୋଇଥିଲା, ଯେଉଁଥିରେ ପ୍ରାୟ ୫୦ଟି ସୁନାର ଡିଜ୍‌ନୀ କ୍ୟାରେକ୍ଟରକୁ ଡେକୋରେଶନ୍ ପାଇଁ ଲଗାଯାଇଥିଲା। ପାଖାପାଖି ୮୮ ପାଉଣ୍ଡ ଓଜନ ବିଶିଷ୍ଟ ଏହି ଖ୍ରୀଷ୍ଟମାସ ଟ୍ରିକୁ ତିଆରି କରିବା ଲାଗି ୧୦ ଜଣ କାରିଗରଙ୍କୁ ପ୍ରାୟ



ଦୁଇ ମାସ ସମୟ ଲାଗିଥିଲା। ଏହାର ମୂଲ୍ୟ ପ୍ରାୟ ୪.୨୭ ମିଲିୟନ୍ ଡଲାର ରହିଥିଲା।
* **ଗିଞ୍ଜା ଟନକା ଗୋଲ୍ଡ ଟେବୁଲ୍ ଟପ୍ ଟ୍ରି:** ଜାପାନର ଟୋକିଓରେ ଥିବା ଗିଞ୍ଜା ଟନକା ଜୁଏଲେରି ଷ୍ଟୋର୍ ତରଫରୁ ୨୦୧୬ରେ ଦ୍ୱିତୀୟ ଥର ପାଇଁ ପୁଣି ଏକ ଆକର୍ଷଣୀୟ ଖ୍ରୀଷ୍ଟମାସ ଟ୍ରି ତିଆରି କରାଯାଇଥିଲା; ଯେଉଁଥିରେ ପ୍ରାୟ ୪୨ ପାଉଣ୍ଡ ଓଜନ ବିଶିଷ୍ଟ ୨୪ କ୍ୟାରେଟ୍ ସୁନା ବ୍ୟବହାର ହୋଇଥିଲା। ଏହି ସମୟରେ ଉକ୍ତ ଜୁଏଲେରି ଷ୍ଟୋର ନିଜର ୯୦ତମ ବାର୍ଷିକୋତ୍ସବ ପାଳନ କରୁଥିଲା। ଆଉ ସେହି ଉପଲକ୍ଷେ ଖ୍ରୀଷ୍ଟମାସ ଟ୍ରି ଷ୍ଟାଇଲ୍‌ର ଉକ୍ତ ଟେବୁଲ୍ ଟପ୍ ଟ୍ରି ଟି ତିଆରି ହୋଇଥିଲା। ଆକର୍ଷଣୀୟ ଲୁକ୍ ପାଇଁ ଏହି ଟ୍ରିରେ ସୁନାର ସରୁ ସରୁ ତାରକୁ ବି ଛନ୍ଦା ଯାଇଥିଲା। ତେଣୁ ଏହାର ଦାମ୍ ରହିଥିଲା ପ୍ରାୟ ୧.୮ ମିଲିୟନ୍ ଡଲାର।
* **ସ୍ୱରୋଭସ୍କି କ୍ରିଷ୍ଟାଲ୍ ଖ୍ରୀଷ୍ଟମାସ ଟ୍ରି:** ୨୦୧୩ରେ ହଂକଂର ଏୟାରପୋର୍ଟ ଗ୍ରାଉଣ୍ଡରେ ପ୍ରାୟ ୫୦ ଫୁଟ ଉଚ୍ଚତା ବିଶିଷ୍ଟ ଏକ କ୍ରିଷ୍ଟାଲ୍ ଖ୍ରୀଷ୍ଟମାସ ଟ୍ରିକୁ ଲୋକଙ୍କ ଦେଖିବା ନିମନ୍ତେ ରଖାଯାଇଥିଲା; ଯେଉଁଥିରେ ଏକାଧିକ ମୂଲ୍ୟବାନ ସ୍ୱରୋଭସ୍କି ଗୋଲ୍ଡ ଓ ସିଲ୍‌ଭର୍‌ର କ୍ରିଷ୍ଟାଲ୍ ଲାଗିଥିଲା। ତେଣୁ ଏହାର ମୂଲ୍ୟ ପ୍ରାୟ ୧.୮ ମିଲିୟନ୍ ଡଲାର ରହିଥିଲା।
* **ରୋଜ୍ ମିନି ଖ୍ରୀଷ୍ଟମାସ ଟ୍ରି:** ପ୍ୟାରିସ୍‌ର ଏକ ଫୁଲ ବ୍ୟବସାୟ କମ୍ପାନୀ ହେଲା କ୍ଲାଉଡେ କୁଇନ୍‌ଥାଉଡ୍ ଏବଂ ଏକ ଡିପାର୍ଟମେଣ୍ଟ ଷ୍ଟୋର କମ୍ପାନୀ ହେଲା ଟକ୍‌ଶିମାୟା। ଏହି ଦୁଇଟି କମ୍ପାନୀର ମିଳିତ ଉଦ୍ୟମରେ କିଛିଦିନ ତଳେ ଗୋଲାପ ଫୁଲରେ ଏକ ଆକର୍ଷଣୀୟ ଖ୍ରୀଷ୍ଟମାସ ଟ୍ରି ତିଆରି କରାଯାଇଥିଲା; ଯାହାର ପ୍ରତିଟି ଗୋଲାପ ଫୁଲରେ ଲାଗିଥିଲା ଅଷ୍ଟ୍ରେଲିଆ ଓ ଆଫ୍ରିକାରୁ ଆସିଥିବା ଦାମୀ ହୀରା। ଏହାର ମୂଲ୍ୟ ପ୍ରାୟ ୧.୮ ମିଲିୟନ୍ ଡଲାର୍ ରହିଥିଲା।
* **ସୁ କି ଜୁଏଲେରି ଶପ୍ ଡାଇମଣ୍ଡ ଟ୍ରି:** ସିଙ୍ଗାପୁର୍‌ର ସୁ କି ନାମକ ଏକ ଜୁଏଲେରି ଶପ୍ ଓ ବର୍ଗିସ୍ ଜଙ୍କସନ୍ ନାମକ ଏକ ଶପିଂ ମଲ୍‌ର ମିଳିତ ସହଯୋଗରେ ୨୦୦୭ରେ ଏକ ଆକର୍ଷଣୀୟ ଖ୍ରୀଷ୍ଟମାସ ଟ୍ରି ତିଆରି ହୋଇଥିଲା; ଯେଉଁଥିରେ ୯୧୩ କ୍ୟାରେଟ୍ ବିଶିଷ୍ଟ ପ୍ରାୟ ୨୧, ୭୯୮ଟି ହୀରା ଏବଂ ୩୭୬୨ଟି କ୍ରିଷ୍ଟାଲ୍ ବିଡ୍ସ ଏବଂ ୪୫୬ଟି ଆକର୍ଷଣୀୟ ଲାଇଟ୍ ବଲ୍‌ବ ଲାଗିଥିଲା। ପ୍ରାୟ ୨୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ଖ୍ରୀଷ୍ଟମାସ ଟ୍ରିର ମୂଲ୍ୟ ପ୍ରାୟ ୧ ମିଲିୟନ୍ ଡଲାର ରଖାଯାଇଥିଲା।



# ଆଦିବାସୀ ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ଗିରୀଶ ମୁର୍ମୁ

ବାରିପଦା ଅଫିସ,୨୪।୧୨

ମୟୂରଭଞ୍ଜ ଜିଲା ବାରିପଦା ମୁର୍ଗାବାଡ଼ିସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ୧୧ତମ ସାନ୍ତାଳୀ ଡାକ୍ତର ଆସୋସିଏଶନର ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିଏଜି (କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ) ଗିରୀଶ ଚନ୍ଦ୍ର ମୁର୍ମୁ ଯୋଗଦେଇ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଆଦିବାସୀ ଡାକ୍ତରମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ରାଜ୍ୟରେ ଆଦିବାସୀ ଡାକ୍ତରଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏପରିକି ଗ୍ରାମାଞ୍ଚଳରେ ନିଜସ୍ୱ ଭାଷାରେ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଡାକ୍ତରଙ୍କ ମୂଳ ଲକ୍ଷ୍ୟ ହେବା ଜରୁରୀ। ସାନ୍ତାଳୀ ଡାକ୍ତର ଆସୋସିଏଶନର ରାଜ୍ୟ ସଭାପତି ଡା. ଚୈତନ୍ୟ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଝାଡ଼ଖଣ୍ଡ ସାନ୍ତାଳୀ ଡାକ୍ତର ଆସୋସିଏଶନର ସଭାପତି ଡା. ଜଗନ୍ନାଥ ସୋରେନ ଯୋଗ ଦେଇଥିଲେ। ଏହି ଅବସରରେ ସାନ୍ତାଳୀ ଡାକ୍ତର ଆସୋସିଏଶନ ପକ୍ଷରୁ ସିଏଜି ମୁର୍ମୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସୋସିଏଶନକୁ ଆଗକୁ ଜାତୀୟ ସ୍ତରରେ ଗଠନ କରିବା ପାଇଁ ପ୍ରୟାସ କରାଯିବ ବୋଲି କର୍ମକର୍ତ୍ତାମାନେ ମତପ୍ରକାଶ କରିଥିବା ବେଳେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ସିଏଜି ପ୍ରତିଶ୍ରୁତି ଦେଇଛନ୍ତି।


ସାନ୍ତାଳୀ ଡାକ୍ତର ଆସୋସିଏଶନର ରାଜ୍ୟ ସମ୍ମିଳନୀରେ ସିଏଜି ଗିରୀଶ ଚନ୍ଦ୍ର ମୁର୍ମୁ ଓ ଅନ୍ୟମାନେ।

# ଚୋରା ଖଣିଜ ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୨୪।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବିଲେଇପଦା ସେକ୍ସନର ଦଢୁଆଁ ଗ୍ରାମ ନିକଟସ୍ଥ ବୈତରଣୀ ଭିଆର୍‌ଏଫ ନିକଟରେ ବନବିଭାଗ ଏକ ଚୋରା ଲୁହାପଥର ବୋଝେଇ ଟ୍ରକକୁ ଜବତ କରିଛି। ଟ୍ରକ୍‌ରେ ପ୍ରାୟ ୩୦ମେଟ୍ରିକ ଟନ ସାଇଜ ଲୁହାପଥର ଦଢୁଆଁ ଗ୍ରାମ ଦେଇ ବିଲେଇ ପଦା ଅଭିମୁଖେ ଆସୁଥିଲା। ଜବତ ଟ୍ରକକୁ ବାମେବାରୀ ସେକ୍ସନ ଅଫିସରେ ରଖାଯାଇଥିବା ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡା କହିଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ସିଜି ୦୬ ଜିସି ୯୯୯୩ ନଂ. ବିଶିଷ୍ଟ ୧୨ଚକିଆ ଟ୍ରକ୍‌ରେ ଲୁହାପଥର ବୋଝେଇ ହୋଇ ଚୋରାଚାଲାଣ ହେଉଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚମ୍ପୁଆ ରେଞ୍ଜ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଯୋଡ଼ା ବନପାଳ ପଣ୍ଡା, ଫରେଷ୍ଟ ଗାର୍ଡ ନିଲମ ମହାନ୍ତ ଓ ମାନସିଂ ମାରାଣ୍ଡି, ଚମ୍ପୁଆ ବନପାଳ ପିଅନ ନାଏକ, ବିଲେଇପଦା ବନପାଳ ମୋହିନୀ ମହାନ୍ତ, ଗାର୍ଡ ଅନୁପମା ନାଏକ ପ୍ରମୁଖ ଚଢ଼ାଉ କରି ଟ୍ରକ୍‌କୁ ଜବତ କରିଥିଲେ। ପ୍ରକାଶ ଯୋଗ୍ୟ, ଏକ ଆକଳନରୁ ଜଣାପଡ଼ିଛି ଯେ, ପ୍ରାୟ ୨ଲକ୍ଷ ମେଟ୍ରିକ ଟନରୁ ଉର୍ଦ୍ଧ୍ୱ ଲୁହାପଥର ବିଭିନ୍ନ ଖଣିରେ ଓ ରେଳ ସାଇଡିଂରେ ପଡ଼ିରହିଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧୨୦କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଖଣି ଅଞ୍ଚଳରେ ଖଣିଜ ଚୋରା କାରବାର ବୃଦ୍ଧି ପାଉଥିଲେ ହେଁ ଖଣି ବିଭାଗ ଏଥିପ୍ରତି ଜାଣି ଶୁଣି ନିରବ ରହୁଛି। ଅନ୍ୟପକ୍ଷରେ ପୋଲିସର ପାଟ୍ରୋଲିଂ ମଧ୍ୟ କଡ଼ାକଡ଼ି ହେଉ ନାହିଁ। ଷ୍ଟେଟ ଲେବଲ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ବାରମ୍ବାର ଯୋଡ଼ା ଖଣି ମଣ୍ଡଳକୁ ପରିଦର୍ଶନରେ ଆସୁଥିଲେ ହେଁ ଖଣିଜ ଚୋରା କାରବାର ରୋକିବାରେ ଅସଫଳ ହେଉଛି।




# ମୁଖ୍ୟ କାର୍ଯ୍ୟାଳୟ ନିଲାମ କରିବାକୁ କମର୍ସିଆଲ କୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

**ମାର୍କଫେଡ୍ ବକେୟା ନ ଶୁଝିବା ପ୍ରସଙ୍ଗ**

**ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି: ମାର୍କଫେଡ୍ ଏମ୍‌ଡି**

ଘରୋଇ ମିଲରଙ୍କ ବକେୟା ଶୁଝି ନ ପାରି ଓଡ଼ିଶା ରାଜ୍ୟ ସମବାୟ ମହାସଂଘ(ମାର୍କଫେଡ୍) ଅଡୁଆରେ ପଡ଼ିଛି। ମାର୍କଫେଡ୍ ଉପରେ ବକେୟା ଥିବା ପ୍ରାୟ ୧ କୋଟି ଟଙ୍କା ଶୁଝିବାକୁ ମାର୍କଫେଡ୍‌କୁ ଭୁବନେଶ୍ୱର କମର୍ସିଆଲ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଟଙ୍କା ଶୁଝି ନ ପାରିବାରୁ ଲକ୍ଷ୍ମୀସାଗରରେ ଥିବା ମାର୍କଫେଡ୍‌ର ମୁଖ୍ୟ କାର୍ଯ୍ୟାଳୟକୁ ଆସନ୍ତା ଜାନୁୟାରୀ ୨ ତାରିଖ ସୁଦ୍ଧା ନିଲାମ କରିବାକୁ କୋର୍ଟ ନୋଟିସ ଜାରି କରିଛନ୍ତି। ଏପରିକି ଜନସାଧାରଣଙ୍କ ଅବଗତି ନିମନ୍ତେ ଢେଙ୍ଗୁରା ପିଟାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ୨୦୧୫-୧୬ରୁ ତୁଳସୀ ମଡର୍ନ ରାଇସ ମିଲ୍ କୃଷକଙ୍କଠାରୁ ଧାନ ସଂଗ୍ରହ କରି ଚାଉଳ କରି ମାର୍କଫେଡ୍‌କୁ ବିକ୍ରି କରିଥାଏ। ତେବେ ଉକ୍ତ ରାଇସ ମିଲ୍‌ର ବକେୟା ୫୬ ଲକ୍ଷ ଟଙ୍କା ମାର୍କଫେଡ୍ ଦେଇ ନ ଥିବା ଅଭିଯୋଗ କରାଯାଇଥିଲା। ଏହା ବିରୋଧରେ ମିଲ୍ ପକ୍ଷରୁ ପ୍ରଥମେ ମାଇକ୍ରୋ ଆଣ୍ଡ ସ୍ମଲ ଏଣ୍ଟରପ୍ରାଇଜ ଫାସିଲିଟେଶନ କାଉନସିଲ(ଏମ୍‌ଏସ୍‌ଇଏଫ୍‌ସି) ଓ ପରେ ୨୦୧୯ରେ ଭୁବନେଶ୍ୱର କମର୍ସିଆଲ କୋର୍ଟରେ ମାମଲା ରୁଜୁ କରାଯାଇଥିଲା। ୨୦୨୧ରେ କମର୍ସିଆଲ କୋର୍ଟ ୩୦ ଦିନ ମଧ୍ୟରେ ଉକ୍ତ ବକେୟା ସୁଧ ସହିତ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ମଧ୍ୟ ମାର୍କଫେଡ୍ ବକେୟା ଦେଇ ନ ଥିଲା। କୋର୍ଟଙ୍କ ନିର୍ଦ୍ଦେଶ ପାଳନ ହୋଇ ନ ଥିବାରୁ କମର୍ସିଆଲ କୋର୍ଟ ମାର୍କଫେଡ୍ କୋଠାକୁ ନିଲାମ କରିବାକୁ ନୋଟିସ ଜାରି କରିଛନ୍ତି। ଏ ସମ୍ପର୍କରେ ମାର୍କଫେଡ୍ ଏମ୍‌ଡି ପ୍ରେମ ଚନ୍ଦ୍ର ଚୌଧୁରୀ କହିଛନ୍ତି ଯେ ଏ ବିଷୟ ହାଇକୋର୍ଟରେ ବିଚାରାଧୀନ ରହିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଆସିବା ପରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏ ନେଇ କମର୍ସିଆଲ କୋର୍ଟଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।



# ନୂଆ ଭାରିଆଣ୍ଟ ମୁକାବିଲା ପାଇଁ ରାଜ୍ୟ ପ୍ରସ୍ତୁତ

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

କରୋନାର ନୂଆ ଭାରିଆଣ୍ଟ ବିଏଫ୍.୭କୁ ନେଇ ସବୁଠି ଚିନ୍ତାଜନକ ପରିସ୍ଥିତି ଦେଖାଦେଇଛି। ଏ ପରିସ୍ଥିତିରେ ଲୋକେ ଭୟଭୀତ ହେଲା ଭଳି ମନ୍ତବ୍ୟ ନ ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ରାଜ୍ୟବାସୀଙ୍କୁ ଆତଙ୍କିତ ନ ହେବାକୁ ପରାମର୍ଶ ଦେଇ କହିଛନ୍ତି, ଏହି ଭାରିଆଣ୍ଟ ଦୁଇବର୍ଷ ହେବ ଅଛି। ଯେହେତୁ ଏହା ଚାଇନାରେ ବଢୁଛି, ତେଣୁ ଏହାକୁ ନେଇ ଚର୍ଚ୍ଚା ବଢ଼ିଛି। ଯଦିଓ ଏହାର ସଂକ୍ରମଣ କ୍ଷମତା ଅଧିକ ଅଛି, କିନ୍ତୁ ଏହାର ଫାଟାଲିଟି ଓ ମୋଟାଲିଟି ବିଶେଷ ନାହିଁ। ତେଣୁ ଲୋକଙ୍କୁ ଭୟଭୀତ କଲା ଭଳି ମନ୍ତବ୍ୟ ଦିଅନ୍ତୁ ନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଗତ ୪ଟି ଲହର ପାଇଁ ଆମର ରୋଗ ପ୍ରତିରୋଧକ ଶକ୍ତି ଅଧିକ ଅଛି। ତେଣୁ ଏହା ଅଧିକ ସଂକ୍ରମିତ କରିପାରିବ ନାହିଁ। ୩ ମାସରୁ ଅଧିକ ହେଲାଣି ରାଜ୍ୟରେ ପଜିଟିଭ ରେଟ୍ ବଢ଼ିନାହିଁ। ହସ୍ପିଟାଲରେ ମଧ୍ୟ ରୋଗୀ ଅଧିକ ନାହାନ୍ତି। ଆଗକୁ ଯଦି ସଂକ୍ରମଣ ଆସେ, କିପରି ମୁକାବିଲା କରାଯିବ ସେନେଇ ଆମେ ପ୍ରସ୍ତୁତ ହୋଇଛୁ। ସର୍ଭେଲାନ୍ସକୁ ଜୋରଦାର୍ କରାଯିବ। ଯାହା ଦେହରେ ଲକ୍ଷଣ ଅଛି ତୁରନ୍ତ ଟେଷ୍ଟ କରାନ୍ତୁ। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୁତ ଅଛି। ବର୍ତ୍ତମାନ ରୋଗୀ ନ ଥିଲେ ମଧ୍ୟ ବେଡ୍ ମହଜୁଦ ରଖାଯାଇଛି। ଦରକାର ପଡ଼ିଲେ ବେଡ୍ ବଢ଼ାଯିବ। ରାଜ୍ୟରେ ନୂଆ ଭାରିଆଣ୍ଟର ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା ରହିଛି। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ୨୭ ତାରିଖରେ ମକ୍ ଡ୍ରିଲ୍ କରାଯିବ। ସରକାର ସବୁବେଳେ ରୋଗୀଙ୍କୁ ଉଚିତ ଚିକିତ୍ସା ଦେବାକୁ ପ୍ରତିଶ୍ରୁତିବଦ୍ଧ। ପୂର୍ବ ଲହର ପରି ଏଥର ମଧ୍ୟ ଯଦି ସଂକ୍ରମଣ ବଢ଼େ, ରାଜ୍ୟ ସରକାର ଚିକିତ୍ସା ଦାୟିତ୍ୱ ନେବେ। ଅନ୍ତର୍ଜାତୀୟ ଯାତ୍ରୀଙ୍କ ପାଇଁ କେନ୍ଦ୍ର ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ଓଡ଼ିଶାକୁ ସିଧାସଳଖ ଭାବରେ ଅନ୍ତର୍ଜାତୀୟ ବିମାନ ଆସୁନାହିଁ। ତେଣୁ ଯଦି କିଏ ଆସୁଛି ଗାଇଡ୍‌ଲାଇନ ହିସାବରେ ଟେଷ୍ଟ କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ଗୋବିନ୍ଦଙ୍କ ଘରେ, କଲେଜରେ ତଦନ୍ତ

ଭବାନୀପାଟଣା/ଗୋଲାମୁଣ୍ଡା, ୨୪।୧୨(ସ୍ୱ.ପ୍ର./ଡି.ଏନ.ଏ.)

**ମହାଲିଙ୍ଗରେ କ୍ରାଇମବ୍ରାଞ୍ଚ ଟିମ୍**

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସବ୍‌ଜେଲ ଭିତରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ସେ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ତାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ଏହି ଘଟଣାକୁ ନେଇ ବର୍ତ୍ତମାନ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ କରୁଛି। ଶନିବାର କ୍ରାଇମବ୍ରାଞ୍ଚ ଟିମ୍ ଗୋବିନ୍ଦଙ୍କ ଗାଁ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ମହାଲିଙ୍ଗରେ ପହଞ୍ଚି ତାଙ୍କ ଘର ଓ କଲେଜରେ ତଦନ୍ତ କରିଥିବା ଜଣାପଡ଼ିଛି।



ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଗୋବିନ୍ଦ ଆତ୍ମହତ୍ୟା କରିଥିବା ସମୟରେ ତାଙ୍କ ଜ୍ୟାକେଟ୍ ପକେଟରୁ ଗୋଟିଏ ସୁଇସାଇଡ୍ ନୋଟ ବାହାରିଥିବା ଜଣାପଡିଥିଲା। ସେହି ନୋଟ୍‌ରେ କାହା ହ୍ୟାଣ୍ଡ ରାଇଟିଂ ରହିଛି ତାହା ଜଣାପଡିନାହିଁ। ତେଣୁ ସେ ନିଜେ ଏହା ଲେଖିଥିଲେ ନା ଆଉ କିଏ ଲେଖିଥିଲା ତାହା ଜାଣିବାକୁ ସୁଇସାଇଡ୍ ନୋଟର ହାତଲେଖାକୁ ମ୍ୟାଚ କରିବା ପାଇଁ କ୍ରାଇମବ୍ରାଞ୍ଚ ଡିଏସପି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରଥମେ ମହାଲିଙ୍ଗ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସେମାନେ ଅନେକ ଦିଗକୁ ନେଇ ତଦନ୍ତ କରୁଥିବା ଜଣାପଡିଛି । କଲେଜରେ ପହଞ୍ଚି ପରିଚାଳନା କମିଟିର ସମ୍ପାଦକ କିରଣ କୁମାର ସିଂ ଓ ଭାରପ୍ରାପ୍ତ ଅଧ୍ୟକ୍ଷ ଜୟଦେବ ମିଶ୍ରଙ୍କ ସହିତ ଆଲୋଚନା କରିବା ପରେ ହାତଲେଖା ମ୍ୟାଚ କରିବା ପାଇଁ କଲେଜରୁ ଗୋଟିଏ ରେଜିଷ୍ଟର ଜବତ କରିଥିଲେ। ଏହାପରେ ଅପରାହ୍ନରେ ଗୋବିନ୍ଦଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କ ପରିବାର ସଦସ୍ୟଙ୍କ ସହ ଦୀର୍ଘ ୧ ଘଣ୍ଟା ଧରି ଆଲୋଚନା କରିଥିଲେ। ଏହି ସମୟରେ ଘରେ ଥିବା ଅନେକ କାଗଜପତ୍ର ଯାଞ୍ଚ କରିବା ସହ ଘରୁ ଗୋବିନ୍ଦଙ୍କ ଏକ ହାତଲେଖା ଡାଏରୀ ଜବତ କରିଛି କ୍ରାଇମବ୍ରାଞ୍ଚ ଟିମ୍ । ସୁଇସାଇଡ୍ ନୋଟ ସହିତ ତାଙ୍କ ହାତଲେଖା ମ୍ୟାଚ କରିବା ପାଇଁ ଡାଏରୀ ଜବତ କରିଥିବା ମୃତ ଗୋବିନ୍ଦ ସାହୁଙ୍କ ଭାଇ ସନ୍ତୋଷ ସାହୁ ପ୍ରକାଶ କରିଛନ୍ତି।

# କମଳା ଶତପଥୀଙ୍କୁ ଅନୁବାଦରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)


କମଳା ଶତପଥୀ

ଲେଖିକା କମଳା ଶତପଥୀ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ୨୦୨୨। ସୟଦ ସଲିମଙ୍କ ତେଲୁଗୁ ଉପନ୍ୟାସ 'ଭେନ୍ଦି ମେଘମ୍' ପୁସ୍ତକର ଓଡ଼ିଆ ଅନୁବାଦ 'ସୁନେଲି ବାଦଲ' ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ବାବଦକୁ ୫୦ହଜାର ଟଙ୍କାର ଅର୍ଥ ରାଶି ସହ ତାମ୍ର ଫଳକ ଦିଆଯିବ। ଶନିବାର ଏକାଡେମୀ ପକ୍ଷରୁ ଓଡ଼ିଆ ସହ ମୋଟ ୭ଟି ଭାଷାରେ ପୁରସ୍କାର ଘୋଷଣା ଅବସରରେ ଏହି ସୂଚନା ଦିଆଯାଇଛି। ଓଡ଼ିଆ ଅନୁବାଦ ବିଭାଗରେ ଜୁରି ସଦସ୍ୟ ଭାବେ ଅମରେନ୍ଦ୍ର ଖଟୁଆ, ଅସିତ୍ ମହାନ୍ତି ଓ ସୁସ୍ମିତା ରଥ ରହିଥିବାବେଳେ ଘୋଷଣା ସମୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ବିଜୟାନନ୍ଦ ସିଂହ ଉପସ୍ଥିତ ଥିଲେ।

୧୯୬୩ ଜୁଲାଇ ୧ରେ ବାରଙ୍ଗରେ ଜନ୍ମ ଗ୍ରହଣ କରିଥିବା ଲେଖିକା ଶତପଥୀ ସ୍ୱର୍ଗତ ଗନ୍ଧର୍ବ ମିଶ୍ର ଓ ସ୍ନେହଲତା ମିଶ୍ରଙ୍କ କନ୍ୟା ତଥା ସଚ୍ଚିଦାନନ୍ଦ ଶତପଥୀଙ୍କ ସ୍ତ୍ରୀ। ସେ ଶିକ୍ଷା ଦର୍ଶନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସେ 'କ୍ୟାନସର୍ ନୁହେଁ ଅସାଧ ବେମାରୀ' ପୁସ୍ତକରେ କର୍କଟ ଉପରେ ଶହେଟି ପ୍ରଶ୍ନର ଉତ୍ତରକୁ ହିନ୍ଦୀରୁ ଅନୁବାଦ କରିଛନ୍ତି। 'ଜୀବନର ସତ୍ୟତା', 'ରାଣୀର କାହାଣୀ', 'ଧ୍ୱଂସ ତଳର ଜୀବନ' ପୁସ୍ତକକୁ ସେ ତେଲୁଗୁ ଉପନ୍ୟାସରୁ ଅନୁବାଦ କରିଛନ୍ତି। ବୀଣାପାଣି ମହାନ୍ତିଙ୍କ କାହାଣୀକୁ ନେଇ ଉର୍ଦ୍ଦୁରେ ଅନୁବାଦ ପୁସ୍ତକ 'ବୀଣାପାଣି ମହାନ୍ତି କି କହାନୀୟାଁ'ର ସେ ହେଉଛନ୍ତି ସଂକଳିକା ତଥା ପ୍ରକାଶିକା। 'ସରତ୍ୟା ବସନ୍ତଚ୍ୟା ଗୋଷ୍ଠୀ' ମରାଠୀରେ ଅନୁବାଦ ହୋଇଥିବାବେଳେ ଓଡ଼ିଆରେ 'ସ୍ୱୟଂପ୍ରଭା'ର ଅନୁବାଦ କରିଛନ୍ତି ଲେଖିକା ଶତପଥୀ। ସେ ଗଳ୍ପ ସଂକଳନ ଇନ୍ଦ୍ରଧନୁର ଅଷ୍ଟମ ରଙ୍ଗ, ପୂର୍ଣ୍ଣଚ୍ଛେଦ ପରର କାହାଣୀ, ଗୋଟିଏ ପାପର କାହାଣୀ, ସଂପର୍କର ଦୋ'ଛକିରେ ମଣିଷ, ମହାପାତ୍ର ବାବୁଙ୍କ ହାଲ୍ ଚାଲ୍ ଭଳି ଅନେକ ପୁସ୍ତକ ସେ ରଚନା କରିଛନ୍ତି । ହାଏ ମୁମ୍ବଇ, ସଲାମ ମୁମ୍ବଇ, ଅଧାକାନ୍ଥି ଘର, ଫଗୁଣଟା ଫେରିଗଲା ପରେ, ମାୟା ନଗରୀ କୋଳେ, ହେଲୋ ଭୁଟାନ ପ୍ରମୁଖ ଉପନ୍ୟାସ ଏବଂ ଲଳିତ ନିବନ୍ଧ 'ମହୁମାଛିର ଜୀବନ' ଓ କବିତା 'ଶେଷ ଫଗୁଣ'କୁ ମଧ୍ୟ ସେ ଲେଖିଛନ୍ତି। ବିଭିନ୍ନ କବିତା, ଉପନ୍ୟାସ ଓ ଗଳ୍ପ ସଙ୍କଳନ ପାଇଁ ସେ ସୁଧନ୍ୟା ଗଳ୍ପ ସମ୍ମାନ, ମୁମ୍ବାଇର ଶବ୍ଦସୃଷ୍ଟି ପରିବାର, ଓଡ଼ିଶା ଲେଖିକା ସମ୍ମାନ, ପ୍ରତିଭା ପୂଜା ସଂସଦ ସମ୍ମାନ, ସାହାଣମେଳା ସମ୍ମାନ, ମରାଠୀ ସାହିତ୍ୟ ସମାଜ, କଳିଙ୍ଗ ପୁସ୍ତକ ମେଳା, ରାଜଧାନୀ ପୁସ୍ତକ ମେଳା, ବମ୍ବେ ଓଡ଼ିଆ ମହାସଂଘ, ଗନ୍ଧଗିରି ସମ୍ମାନ ଭଳି ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

# ବିକଟାଳ ଶବ୍ଦ ପାଇଁ ଦଣ୍ଡ ଗଣିଲେ ବାଇକ୍ ଚାଳକ

ଭଦ୍ରକ ଅଫିସ, ୨୪।୧୨

ବିକଟାଳ ଶବ୍ଦ ପାଇଁ ଜଣେ ବାଇକ୍ ଚାଳକ ଦଣ୍ଡ ଗଣିଛନ୍ତି। ପୋଲିସକୁ ୨୫୦୦ ଟଙ୍କା ଫାଇନ ଦେବା ସହ ତାଙ୍କ ବାଇକ୍‌ର ସାଇଲେନ୍ସର ବଦଳାଇବାକୁ ପଡ଼ିଛି। ଭଦ୍ରକ ପୁରୁଣାବଜାର ଅଞ୍ଚଳରେ ଶନିବାର ଏଭଳି ଦେଖିବାକୁ ମିଳିଛି। ପୁରୁଣାବଜାର ଅଞ୍ଚଳର ଉକ୍ତ ଯୁବକ ଏକ ପଲ୍‌ସର୍ ବାଇକ୍ ନେଇ ଯାଉଥିବା ବେଳେ ସେଥିରେ ଲାଗିଥିବା ସାଇଲେନ୍ସରରୁ ବାହାରୁଥିବା ବିକଟାଳ ଶବ୍ଦରେ ଚତୁପାର୍ଶ୍ୱ ଅସ୍ତବ୍ୟସ୍ତ ହୋଇଉଠିଥିଲା। ବାଇକ୍‌କୁ ଅଟକାଇ ଚାଳକଙ୍କଠାରୁ ଜରିମାନା ଆଦାୟ କରିବା ସହ ଉକ୍ତ ସାଇଲେନ୍ସର ବଦଳାଇ ନର୍ମାଲ ସାଇଲେନ୍ସର ଲଗାଯାଇଥିବା ପୁରୁଣାବଜାର ଥାନାଧିକାରୀ ଆଲୋକ କୁମାର ଜେନା କହିଛନ୍ତି।


ବାଇକ୍‌ର ସାଇଲେନ୍ସର ବଦଳା ଯାଉଛି।

# ଭାଉଜଙ୍କୁ ବଳାତ୍କାର ଅଭିଯୋଗରେ ଦିଅର ଗିରଫ

କୁଳିଅଣା,୨୪।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଞ୍ଚଳରେ ଭାଉଜଙ୍କୁ ବଳାତ୍କାର ଅଭିଯୋଗରେ ଦିଅର ଗିରଫ ହୋଇଛନ୍ତି। ଏନେଇ ନିଜେ ଭାଉଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ .୧୭୭/୨୨ଦଫା ୩୭୬/(୨)କ ୨୯୪/୫୦୬ରେ ମାମଲା ରୁଜୁ କରି ଅଭିଯୁକ୍ତ ଦିଅରଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ସୂଚନା ମୁତାବକ, ପୀଡ଼ିତାଙ୍କ ସ୍ୱାମୀ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହାର ସୁଯୋଗ ନେଇ ଅଭିଯୁକ୍ତ ଦିଅର ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲେ। ପ୍ରତିବାଦ କରିବାରୁ ପୁତ୍ର ଏବଂ ସ୍ୱାମୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପରେ ବିବାହ ପ୍ରତିଶ୍ରୁତି ଦେଇ ମନ୍ଦିରରେ ସିନ୍ଦୁର ପିନ୍ଧାଇ ସମ୍ପର୍କୀୟଙ୍କ ଘରେ ନେଇ ଭାଉଜଙ୍କୁ ରଖିଥିଲେ। ସେଠାରୁ ନେଇ ବାଙ୍ଗରିପୋଷୀ ବଜାରରେ ଛାଡ଼ି ପଳାଇଥିଲେ। ଏନେଇ ଗ୍ରାମସଭାରେ ଜଣାଇଥିଲେ ବି କୌଣସି ସମାଧାନ ନ ହେବାରୁ ନ୍ୟାୟ ପାଇଁ ମହିଳା ଜଣକ କୁଳିଅଣା ଥାନାରେ ଆଶ୍ରୟ ନେଇଥିଲେ।

# ହସ୍ତାକ୍ଷର ମିଶିଲେ ଖୋଲିବ ରହସ୍ୟ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

■ ଝାରପଡ଼ା ଜେଲରୁ ଅର୍ଚ୍ଚନାଙ୍କ ହସ୍ତାକ୍ଷର ନମୁନା ସଂଗ୍ରହ

■ ଇଲେକ୍ଟ୍ରୋନିକ ଡିଭାଇସ୍ ସମ୍ପର୍କରେ ଜଗବନ୍ଧୁଙ୍କୁ ଇଡିର ପଚରାଉଚରା



ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ହନିଟ୍ରାପ୍, ବ୍ଲାକ୍‌ମେଲିଂ ଓ ଠକେଇ ମାମଲାରେ କମିଶନରେଟ୍ ପୋଲିସ ଖୋଳତାଡ କରୁଛି। ଚଢାଉ ବେଳେ ଅର୍ଚ୍ଚନାଙ୍କ ଘରୁ ପୋଲିସ ଏକ ଡାଏରି ଜବତ କରିଥିଲା, ଯେଉଁଥିରେ ଅନେକ କିଛି ଲେଖା ହୋଇଛି। ତେବେ ଡାଏରିରେ ଥିବା ଲେଖା କାହାର ? ଅର୍ଚ୍ଚନାଙ୍କର ନା ଆଉ କାହାର ତାକୁ ନେଇ ପୋଲିସ ଦ୍ୱନ୍ଦ୍ୱରେ ପଡିଥିଲା। ଅର୍ଚ୍ଚନାଙ୍କ ହାତଲେଖା ସହ ଡାଏରିରେ ଥିବା ଲେଖାର ସାମଞ୍ଜସ୍ୟ ରହିଛି କି ନାହିଁ ତାହା ଜାଣିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। କୋର୍ଟଙ୍କ ଅନୁମତି ପରେ ଶନିବାର କମିଶନରେଟ ପୋଲିସର ଏକ ଟିମ୍ ଝାରପଡା ଜେଲକୁ ଯାଇ ଅର୍ଚ୍ଚନାଙ୍କ ହସ୍ତାକ୍ଷର ସାମ୍ପଲ ସଂଗ୍ରହ କରିଛି। ସେହିପରି ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଦସ୍ତଖତ ଅଣାଯିବା ପରେ ଉଭୟଙ୍କ ସାମ୍ପଲକୁ ହ୍ୟାଣ୍ଡ ରାଇଟ୍ ବ୍ୟୁରୋକୁ ପଠାଯିବ। ଏହା ମିଶିଲେ ଡାଏରି ଓ ଅନ୍ୟ ଦସ୍ତାବିଜରେ ରହିଥିବା ଗୁମର କୋର୍ଟରେ ପ୍ରମାଣିତ କରିବାକୁ ପୋଲିସ ସୁଯୋଗ ପାଇବ। ତେଣୁ ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ହିମାଂଶୁ କୁମାର ସ୍ୱାଇଁ, ଖଣ୍ଡଗିରି ଥାନା ଅଧିକାରୀ ଦୟାନିଧି ନାୟକ ଓ ଜଣେ ମହିଳା ଇନ୍ସପେକ୍ଟର ଝାରପଡା ଜେଲରେ ଅର୍ଚ୍ଚନାଙ୍କ ହସ୍ତାକ୍ଷର ସାମ୍ପଲ ସଂଗ୍ରହ କରିଥିବା ଜଣାପଡିଛି।

ଅନ୍ୟପଟେ ଗିରଫ ହେବାର ଏତେଦିନ ପରେ ପୋଲିସର ଅର୍ଚ୍ଚନାଙ୍କ ହସ୍ତାକ୍ଷର ସଂଗ୍ରହକୁ ନେଇ ନାନା ଆଲୋଚନା ଚାଲିଛି। ପୋଲିସ ଜାଣିଶୁଣି ତଦନ୍ତରେ ବିଳମ୍ବ କରୁଥିବା ଅଭିଯୋଗ ଉଠୁଛି। ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ୩ କୋଟି ଟଙ୍କାର ବ୍ଲାକମେଲ୍ ମାମଲା (ନଂ. ୬୪୬/୨୨)ରେ ନୟାପଲ୍ଲୀ ଥାନା ପୋଲିସ ଅର୍ଚ୍ଚନାଙ୍କ ବିରୋଧରେ ୫୦୧ ପୃଷ୍ଠାର ଚାର୍ଜଶିଟ୍ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୩ଙ୍କ କୋର୍ଟରେ ଦାଖଲ କରିଛି। ହେଲେ ନୟାପଲ୍ଲୀ ଥାନାରେ ଅର୍ଚ୍ଚନାଙ୍କ ହନିଟ୍ରାପ୍ ସହଯୋଗୀ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ନାମରେ ସେହି ସମାନ ଅଭିଯୋଗ ହୋଇଥିଲେ ମଧ୍ୟ ତାଙ୍କ ନାମରେ ଚାର୍ଜଶିଟ ଦାଖଲ ନ ହେବା ଆଶ୍ଚର୍ଯ୍ୟ ଲାଗୁଛି। ହେଲେ ଶ୍ରଦ୍ଧାଞ୍ଜଳିଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନାରେ ଅର୍ଚ୍ଚନାଙ୍କ ବିରୋଧରେ ରୁଜୁ ମାମଲାରେ ପୋଲିସ କୋର୍ଟରେ ଶୀଘ୍ର ଚାର୍ଜଶିଟ ଦାଖଲ କରିବ ବୋଲି ସୂଚନା ମିଳିଛି।

ଏପଟେ ବେଆଇନ ଅର୍ଥ କାରବାର ମାମଲାରେ ଶନିବାର ଜଗବନ୍ଧୁଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱିତୀୟ ପର୍ଯ୍ୟାୟରେ ୪ ଦିନିଆ ରିମାଣ୍ଡରେ ନେଇ ପୁଣି ଜେରା କରୁଛି। ଜବତ ଇଲେକ୍ଟ୍ରୋନିକ ଡିଭାଇସ୍‌ରେ ଥିବା ତଥ୍ୟ ସଂକ୍ରାନ୍ତରେ ପଚରାଉଚରା କରିଥିବା ଜଣାପଡିଛି। ଏଥିସହ ଆଗାମୀ ୨ ତାରିଖ ପର୍ଯ୍ୟନ୍ତ ଅର୍ଚ୍ଚନା ଓ ଖଗେଶ୍ୱରଙ୍କ ବିଚାର ବିଭାଗୀୟ ହାଜତ ସମୟ ସୀମା ବଢ଼ିଥିବା ସୂଚନା ମିଳିଛି।

# 'ଉପଭୋକ୍ତା ଅଧିକାରର ସାର୍ବଜନୀନ ଜରୁରୀ'

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

**ଜାତୀୟ ଉପଭୋକ୍ତା ଦିବସ**

ଖାଉଟି ଆନ୍ଦୋଳନ ଯେତେ ବ୍ୟାପକ ହେବ ଓ ଖାଉଟି ସୁରକ୍ଷା ଆଇନ ଯେତେ ଅଧିକ କାର୍ଯ୍ୟକାରୀ ହେବ, ତାହା ଦେଶ ଓ ରାଜ୍ୟ ପାଇଁ ସେତେ ମଙ୍ଗଳକର ହେବ। ଉପଭୋକ୍ତା ସଶକ୍ତୀକରଣ ଏବଂ ଉପଭୋକ୍ତା ଅଧିକାରର ସାର୍ବଜନୀନ ହିଁ ଆମ ସମୟର ସବୁଠୁ ବଡ଼ ଆବଶ୍ୟକତା। ଏହାକୁ କାର୍ଯ୍ୟକାରୀ କରିବା ସହ ଏ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଜରୁରୀ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ଶନିବାର ସୂଚନା ଭବନଠାରେ ବିଭାଗ ପକ୍ଷରୁ ଆୟୋଜିତ ଜାତୀୟ ଉପଭୋକ୍ତା ଦିବସର ରାଜ୍ୟସ୍ତରୀୟ ଉତ୍ସବରେ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଖାଉଟିଙ୍କ ଅଧିକାର ସୁରକ୍ଷା ପ୍ରତି ସରକାର ସର୍ବଦା ସଚେତନ ଓ ପ୍ରୟାସରତ। ଏଥିପାଇଁ ଖାଉଟି ସୁରକ୍ଷା ଆଇନ ମଧ୍ୟ ପ୍ରଣୟନ କରାଯାଇଛି। ଯଦି ଖାଉଟିମାନେ ଆଇନ ସମ୍ପର୍କରେ ନ ଜାଣିବେ, ତେବେ ଆବଶ୍ୟକ ବେଳେ ଉପଯୋଗ କରିପାରିବେ ନାହିଁ। ଫଳରେ ଆଇନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ ବୋଲି ମନ୍ତ୍ରୀ ନାୟକ କହିଛନ୍ତି।

ଖାଉଟି ଆନ୍ଦୋଳନର ପ୍ରବକ୍ତା ତଥା ଉପଭୋକ୍ତା ପରାମର୍ଶଦାତା ବିଜନ ମିଶ୍ର ଅତିଥି ଭାବେ ଯୋଗଦେଇ କହିଲେ, ପାଠ୍ୟକ୍ରମରେ ଖାଉଟି ସୁରକ୍ଷା ଆଇନ ସ୍ଥାନ ପାଇବା ଦରକାର। ଫଳରେ ଛାତ୍ରୀଛାତ୍ର ସଚେତନ ହେବେ ଓ ଏହାର ସାମାଜିକ ପ୍ରଭାବ ନିଶ୍ଚିନ୍ତ ରୂପେ ଶକ୍ତିଶାଳୀ ହୋଇପାରିବ। ମହିଳାମାନେ ସଚେତନ ହେଲେ ଏହି ଆଇନର ସଫଳ ପ୍ରୟୋଗ ହୋଇପାରିବ। ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗ ସଭାପତି ଜଷ୍ଟିସ୍ ଡି.ପି. ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖାଉଟି ସୁରକ୍ଷା ଆଇନ ପ୍ରଣୟନ ସମ୍ପର୍କରେ କହିଥିଲେ। ଅତିରିକ୍ତ ଶାସନ ସଚିବ ଜ୍ୟୋତି କୁମାର ଲାକ୍ରା ସ୍ୱାଗତ ଭାଷଣ ଓ ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜାଗ୍ରତ ଖାଉଟି ସମ୍ବନ୍ଧୀୟ ଏକ ନାଟକ ପରିବେଷିତ ହୋଇଥିଲା।

# ୪ ମତ୍ସ୍ୟଜୀବୀ ଆହତ, ଜଣେ ଗୁରୁତର

ପାରାଦୀପ,୨୪।୧୨(ସ୍ୱ.ପ୍ର.)

## ସମୁଦ୍ରରେ ଓଲଟିଲା ଡଙ୍ଗା

ପାରାଦୀପ ବିଜୟଚନ୍ଦ୍ରପୁରଠାରୁ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିବା ଏକ ଡଙ୍ଗା ଶନିବାର ଅପରାହ୍ନରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଉଚ୍ଚ ଜୁଆର ମାଡ଼ରେ ଡଙ୍ଗା ଓଲଟି ପଡ଼ିଛି। ଲହଡି ମାଡ଼ରେ ଏହା ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଫଳରେ ସେଥିରେ ଥିବା ୪ ମତ୍ସ୍ୟଜୀବୀ ଆହତ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ଅଠରବାଙ୍କୀ ବିଜୟଚନ୍ଦ୍ରପୁର ଗ୍ରାମର ରିଙ୍କୁ ବେହେରା। ଆହତମାନେ ହେଲେ ଉକ୍ତ ଗ୍ରାମର ଅରୁଣ ଜାଲି,ପଞ୍ଚୁ ବର୍ମନ, ହେମନ୍ତ ବର୍ମନ ଓ ଗଣେଶ ମଣ୍ଡଳ। ସମସ୍ତଙ୍କୁ ଅଠରବାଙ୍କୀସ୍ଥିତ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଉପରୋକ୍ତ ୫ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିଲେ। ଶନିବାର ଫେରିବାବେଳେ ପାରାଦୀପ ବନ୍ଦର ୧ ନଂ. ଗେଟ୍ ପାଖ ସମୁଦ୍ରରେ ପ୍ରଖର ଢେଉ ହୋଇଥିଲା। ଜୁଆର ଥିବାରୁ ମତ୍ସ୍ୟଜୀବୀମାନେ ଲଙ୍ଗର ପକାଇ ଅପେକ୍ଷା କରିଥିଲେ। ଏହି ସମୟରେ ବଡ ଜୁଆର ଆସିବାରୁ ପ୍ରଥମେ ଦୁଇଜଣ ପାଣିରେ ପଡ଼ିଯାଇଥିଲେ। ପରବର୍ତ୍ତୀ ଲହଡି ଡଙ୍ଗାକୁ ଓଲଟେଇ ଦେଇଥିଲା। ଲହଡ଼ି ଏତେ ଜୋର ଥିଲା ଯେ, ଡଙ୍ଗା ଓ ମତ୍ସ୍ୟଜୀବୀମାନେ ପଥର ବନ୍ଧରେ ପିଟି ହୋଇଯାଇଥିଲେ ବୋଲି ଆହତ ମତ୍ସ୍ୟଜୀବୀ ଅରୁଣ କହିଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ମତ୍ସ୍ୟ ଅଧିକାରୀ ଜଗନ୍ନାଥ ରାଓ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ଏଥିସହ ଡଙ୍ଗାକୁ ପାରାଦୀପ ବନ୍ଦର ପୋତାଶ୍ରୟ ବାଟେ ଉଦ୍ଧାର କରିବା ପାଇଁ ପ୍ରୟାସ ଚାଲିଛି ବୋଲି ରାଓ କହିଛନ୍ତି।

# ମଦ କାରବାରରେ ହିନ୍ଦୀ ଶିକ୍ଷକ ଗିରଫ

ବ୍ରହ୍ମପୁର ଅଫିସ,୨୪।୧୨

## ଘରୁ ଜବତ ହେଲା ୧୨୫ ଲିଟର

ନକଲି ଦେଶୀ ମଦ କାରବାରରେ ଜଣେ ହାଇସ୍କୁଲ ଶିକ୍ଷକଙ୍କ ସମ୍ପୃକ୍ତି ଥିବା ଜଣାପଡିଛି। ଅବକାରୀ ଗୋଇନ୍ଦା ଏଏସ୍ଆଇ ସୁରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ସମ୍ପୃକ୍ତ ଶିକ୍ଷକଙ୍କ ଘରେ ଚଢାଉ କରି ବିପୁଳ ପରିମାଣର ନକଲି ମଦ ଜବତ କରିଥିବା ଜଣାପଡିଛି। ଅଭିଯୁକ୍ତ ଜଣଙ୍କ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବଉଲଝୋଳି ପଞ୍ଚାୟତର ବଳରାମପଲିର ସୁବାସ ଚନ୍ଦ୍ର ସାହୁ(୫୫)। ସେ ସତପାଣ୍ଡିଆରେ ଥିବା ଏକ ସରକାରୀ ସ୍କୁଲରେ ହିନ୍ଦୀ ଶିକ୍ଷକ ଭାବେ କାମ କରନ୍ତି। ଅଭିଯୁକ୍ତ ଶିକ୍ଷକଙ୍କ ଘରୁ ୧୨୫ ଲିଟର ନକଲି ଦେଶୀ ମଦ ଜବତ କରାଯାଇଛି। ଅନ୍ୟପଟେ ଜବତ ମଦ ପାଉଚଗୁଡିକରେ କୌଣସି ଲେବଲ ନ ଥିବା ଜଣାପଡିଛି। ସେହିପରି ସେ ଘରେ ବେଆଇନ ଭାବେ ମଦ ପ୍ୟାକ୍ କରି ନକଲି ଦେଶୀ ମଦ କାରବାର କରୁଥିବା ପୋଲିସ କହିଛି। ଅଭିଯୁକ୍ତଙ୍କୁ ଜେରା ବେଳେ ସେ ଏହି ମଦ କୁମ୍ଭଝରି ଗ୍ରାମରୁ ଆଣି ଘରେ ମେଶିନ ରଖି ତାକୁ ପ୍ୟାକିଂ କରି ବ୍ରହ୍ମପୁର ସହର ସମେତ ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ବିକ୍ରି କରୁଥିଲେ। ଗତ ୧୫ ବର୍ଷ ଧରି ଅଭିଯୁକ୍ତ ଶିକ୍ଷକ ଏହି କାରବାର ଚଳାଇଥିଲେ ବୋଲି ଅବକାରୀ ଏଏସ୍ଆଇ ପ୍ରଧାନ କହିଛନ୍ତି। ଶନିବାର ଅବକାରୀ ପୋଲିସ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ପରେ କୋର୍ଟ ନିର୍ଦ୍ଦେଶରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଗୋଇନ୍ଦା ଡେପୁଟି କମିଶନର ଅଶୋକ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ଶନିବାର ବଳରାମପଲି ଗ୍ରାମରେ ରହୁଥିବା ହିନ୍ଦୀ ଶିକ୍ଷକଙ୍କ ଘରେ ଚଢାଉ କରିଥିଲା। ଚଢାଉ ବେଳେ ସମ୍ପୃକ୍ତ ଶିକ୍ଷକ ମଦ ପାଉଚଗୁଡିକ ପ୍ରସ୍ତୁତ କରୁଥିଲେ। ଅବକାରୀ ଟିମ୍ ସେଠାରୁ ନକଲି ଦେଶୀ ମଦ, ପ୍ୟାକିଂ ମେଶିନ, ଦୁଇ ବସ୍ତା ପଲିଥିନ ପାଉଚ ଇତ୍ୟାଦି ଜବତ କରିଛି। ଜବତ ମଦର ନମୁନା ସଂଗ୍ରହ କରି ତାହା ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଯାଇଛି ବୋଲି ଅବକାରୀ ପୋଲିସଠାରୁ ସୂଚନା ମିଳିଛି।


## KEONJHAR KENDULEAF DIVISION, KEONJHAR
### TENDER NOTICE
**TENDER NOTICE No. 04 of 2022**
**Dated-25.12.2022**

**No.MM-368:**TENDER FOR "CONSTRUCTION OF CENTRAL GODOWN INSIDE TELKOI (KENDULEAF) RANGE OFFICE CAMPUS FOR THE YEAR, 2022-23".

| Particulars | Date & Time |
|---|---|
| Date of availability of tender documents at Division Office: | 26.12.2022 to 02.01.2023 (10.30 AM to 5.00 PM on Govt.Working days) |
| Last Date of Submission of EOI | 05.30 PM of 02.01.2023 |
| Date of Opening of Technical bid: | 11.30 AM of 03.01.2023 |
| Address for sending Physical Documents | Office of the Divisional Forest Officer, Keonjhar Kenduleaf Division, Keonjhar, At-Judia PO-Keonjhar Bazar, Dist-Keonjhar, PIN-758002 Phone No.06766-295389 |
| Place of Opening of Bids | Office Chamber of the Divisional Forest Officer, Keonjhar (KL)Division, Keonjhar |

**Sd./- Divisional Forest Officer**
**Keonjhar (KL) Division, Keonjhar**
OIPR-08154/11/0002/2223

## GOVERNMENT OF ODISHA
No.A-913:
## DEPARTMENT OF WATER RESOURCES
**"e" Procurement Notice-KID 02 of 2022-23**
**BID IDENTIFICATION NO.KID 02 OF 2022-23**

| | | |
|---|---|---|
| 1 | Name of the Work | Canal Embankment for the year 2022-23 |
| 2 | Total No. of Package | 26 Nos. |
| 3 | Tende Cost | Rs.6.73 lakhs to 16.93 Lakhs as per DTCN |
| 4 | Bid Security | Only the Bid security declaration as per the tender schedule to be furnished instead of EMD/ Bid Security |
| 5 | Cost of Tender Paper (Online) | Rs.4000/- to 6000/- as per DTCN |
| 6 | Period of Completion | 2 Calendar Months |
| 7 | Availability of Tender online for bidding | From 26.12.2022 at 12.00 Noon to 05.01.2023 upto 5.30 P.M. |
| 8 | Date and Place of Opening | Dt.06.01.2023 at 11.00 AM in the office of the Executive Engineer, Keonjhar Irrigation Division, Keonjhar |
| 9 | Tender Inviting Authority | Executive Engineer, Keonjhar Irrigation Division, Keonjhar |

Further details can be seen from the website http://www.tendersorissa.gov.in/ www.dowrodisha.gov.in. Any addendum/Corrigendum/ Cancellation to the above notice will be published in this website only.

**Sd./- Executive Engineer**
**Keonjhar Irrigation Division, Keonjhar**
OIPR-32476/11/0004/2223

## OFFICE OF THE NOTIFIED AREA COUNCIL, BOUDHGARH
### QUOTATION CALL NOTICE
**Letter No. 8412** **Dated: 22.12.2022**

No. C-2110: Sealed quotations are invited from the Reputed Contractor / Mission Shakti Group / Registered Social Organization for the works **"Arrangement of Parking Vehicles, Maintaining Cleanliness, Sanitation, Supply of Drinking Water and Sprinkling of Water at Kacheripadia during Pallishree Mela - 2023**. The quotation paper can be obtained from the NAC Office, Boudhgarh from Dtd.23.12.2022 at 10.00 A.M. to Dt.29.12.2022 upto 3.00 P.M. on deposit of Rs.600/- (Rupees Six hundred) only (Non refundable) towards cost of tender paper in shape of Cash/Bank Draft drawn in favour of Executive Officer, Boudhgarh N.A.C. payable at Boudh. The quotation paper should reach in this office thorugh Registered Post/Speed Post/Courier on or before **Dt.29.12.2022 by 3.30 P.M.** and the same will be opened on **Dt.29.12.2022 at 4.00 P.M.** in the presence of the quotationer or their agent who are willing to attend. The quotationer should submit his rate including all charges. The Mission Shakti Group will be given preference. Any other details will be available in the Detail Quotation Call Notice. The authority reserves the right to reject any or all the quotations without assigning any reason thereof.

**Sd./- Executive Officer, Boudhgarh N.A.C.**
OIPR-13155/11/0035/2223

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: **www.oshb.org**

ପତ୍ର ସଂଖ୍ୟା: ୪୦୬ ତା:୧୫।୧୨।୨୨

### ବିଜ୍ଞାପନ

No. CAD-4251: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସେଲ୍ଫ ଫାଇନାନ୍ସିଙ୍ଗ ଏଚ୍.ଆଇ.ଜି. ଡୁପ୍ଲେକ୍ସ ଗୃହ ନିର୍ମାଣ ପ୍ରକଳ୍ପ ବରମୁଣ୍ଡା, ଭୁବନେଶ୍ୱରରେ ଘର ନଂ. ଏଚ୍.ଆଇ.ଜି. (ବି)–୨୧ (HIG(B)-21) ଟିକୁ ବିଗ୍ରେଡିୟର ନିରଞ୍ଜନ ଧଳ, ପିତା: କୃଷ୍ଣଚନ୍ଦ୍ର ଧଳ, ସା: ଯାଜପୁର ରୋଡ, ପୋ/ଥା/ଜିଲ୍ଲା: ଯାଜପୁରଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ବିଗ୍ରେଡିୟର ନିରଞ୍ଜନ ଧଳ ଉକ୍ତ ଘରଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସ୍ମୃତିରେଖା ସାହୁ, ସ୍ୱାମୀ: ବନମାଳୀ ସାହୁ, ସା: ରତାଇ, ପୋ. ବାଡ଼କୌରଦା, ଥା: ବାଲିଆପାଳ, ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଘରର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

**ସ୍ୱା./– ସହ ପ୍ରଶାସନିକ ଅଧିକାରୀ**
**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
OIPR-13030/11/0470/2223

## OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**Tender Call Notice No.BBSR/ELECT/E-4325/2022-23/2646, Dt.21.12.2022**

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**No.CAD-4230:**Supply and laying of 11KV XLPE UG Cable and 11KV line DP towards shifting of existing 11KV line due to approached road to Sea Food Park, Deras.

| Procurement Officer | Bid Identification No. | Availability of Tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower-2000, 4th floor, Mancheswar I/E, Bhubaneswar | Bid ID No. BBSR/ELECT/ e-18/22-23 | 30.12.2022 at 17.00 Hrs. | 12.01.2023 at 17.00 Hrs. |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./- Divisional Head (Elect)**
**IDCO, Bhubaneswar**
OIPR-14003/11/0237/2223

## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in
cebuildings@rediffmail.com Tel. -(0674)- 2391523

### INVITATIONS FOR BIDS (IFB)
**File No- B-I-Cul-12/2022/49571/Bhubaneswar, the 23rd Dec.2022**

### Invitation for Bids
### 2nd Corrigendum

**Tender Reference No. OSD C.E. (B) - 35 / 2022-23**
**Name of the Work - Beautification of Seaside Promenade from Talsari Udaipur on Talsari Beach, Balasore, Odisha.**

**No.B-1033:**The following changes have been made in Bid Identification No. OSD C.E. (B) - 35 / 2022-23
1.Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from **dt.30.12.2022 to 17.00 hours of dt.16.01.2023** instead of dt.23.12.2022 to dt.06.01 .2023 for ONLINE BIDDING respectively. 2.Online bids shall be received till **17.00 Hours of dt.16.01.2023** instead of **dt.06.01.2023**. 3.The technical bids will be opened at **11.30 A.M. of dt.17.01.2023** instead of **dt.07.01.2023**. All other terms and conditions remain unchanged.

**Sd./- OSD C.E. (Buildings)**
**Odisha, Bhubaneswar**
OIPR-34117/11/0091/2223

## OFFICE OF THE NOTIFIED AREA COUNCIL, GANJAM
**At- Badabazar, Ganjam, Phone No. 06811-254357, Pin- 761026, Mail-eo.nacganjam21@gmail.com**

**EXTENSION DATELINE FOR EXPRESSION OF INTEREST (EOI) For Management of Ward Offices by Mission Shakti SHG During the year 2023-24**
**No.2523 / NAC, Date: 22.12.2022**

No.C-2066:-In continuation to this Office Notice No.2396/NAC, dtd:05-12-2022, it is to inform you that the Government of Odisha in Housing & Urban Development Deptt., Bhubaneswar has been pleased to extend the dateline for submission of sealed Expression of Interest by the Mission Shakti SHGs from 20-12-2022 to **16th January'2023**.

**Accordingly, the MSHGs are requested to submit sealed Expression of Interest to the address of N.A.C., Ganjam on or before date 16th January'2023, Time 05.30 PM by registered/speed post only. The sealed envelope should be superscripted with "EOI for Management of Ward Offices by Mission Shakti SHGs 2023-24".**

Sd./- Executive Officer, N.A.C., Ganjam
OIPR-13164/11/0023/2223

## ପୌର ପରିଷଦ କାର୍ଯ୍ୟାଳୟ, ଖୋର୍ଦ୍ଧା
## OFFICE OF THE MUNICIPAL COUNCIL, KHORDHA
**H&UD Department, Govt. of Odisha, Khordha - 752055**
**e-Mail: khurda_municipality@yahoo.co.in, Phone No.: 06755-220674**
**No. 3813** **Date: 22.12.2022**

### TENDER CALL NOTICE

No. C-2102: Sealed tenders are invited from the interested Firm/ Agency/Suppliers having GST/PAN and for supplying of 45 Nos. of Ladies Bye-cycles of (Brand-Lady Bird/BSA/Hercules/Hero/ Avon make) as per specification along with fixing of Carrier, Chain cover and Basket including stickering 8 × 8 inches durable and waterproofing quality to Khordha Municipality. The bidder should quoted rates including all applicable taxes and transporting charges. The techno Commercial Bid Cover No. A and Price Bid Cover No. B shall be superscribed in Cover No. C. The sealed tenders should be reaching to the undersigned on or before 28.12.2022 upto 12.00 Noon through Registered Post or Speed Post and the same (Cover No. A) will be opened at 3.00 P.M. and the Cover No. B will be opened at 4.00 P.M. on the same day in the presence of the bidders or their authorized representatives in the office of Khordha Municipality. The details of the tender is also available at the Khordha Municipality website i.e. **www.khordhamunicipality.in** and **www.khordha.nic.in**. The authority reserves the right to reject any or all quotations without assigning any reasons thereof.

**Sd./- Executive Officer**
**Khordha Municipality**
OIPR-13082/11/0016/2223

## ELECTION OFFICER, ODISHA STATE COOPERATIVE BANK LTD., BHUBANESWAR
### ELECTION NOTICE
**No. 01** **Date: 22.12.2022**

No. LL-29: In exercise of power conferred on me under O.C.S. Act., 1962 and Odisha Co-operative Societies (Elections to the Committees) Rules, 1992 and in pursuance of Notification No. 3533/SCEC-Election-II-04/2022 dated 14.12.2022 of the State Cooperative Election Commission, I, **Sri Prafulla Kumar Swain, OAS (SAG), Additional District Magistrate, Bhubaneswar-cum-Election Officer of Odisha State Cooperative Bank Ltd., Bhubaneswar** do hereby notify that the election to the Members of the Committee of Management of Odisha State Cooperative Bank Ltd. will be held on date 26.02.2023.

The election will be held for 21 Nos. of Members for the Committee from 21 Constituencies, one from each Constituency. The detailed programme of election will be published in due time.

**Sd./- Election Officer**
**OSCB Ltd., Bhubaneswar**
OIPR-39012/11/0031/2223

## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ.
obcc No.CAD-4226
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
## ODISHA BRIDGE & CONSTRUCTION CORPORATION LIMITED
**(A Government of Odisha Undertaking under Works Department)**
**No.9213** **Date:22.12.2022**
**File: SMT-1859** **NOTICE INVITING TENDER**

| | | | | |
|---|---|---|---|---|
| 1 | Name of Work | : | Riverfront Development under SAMALEI plan on lumpsum turnkey basis. | Widening & Strengthening to Bijepur- Dubalabahal road Estimate (ODR) from 28/500 Km to 52/960 Km under state plan in the District of Bargarh for the year 2022-23. |
| 2 | Bid Identification No | : | 59/Tender/ OBCC/2022-23 | 60 /Tender/OBCC/2022-23 |
| 3 | Date of availability of bid document in e-procurement portal | : | From 29.12.2022 | From 03.01.2023 |
| 4 | Class of Contractor | : | "Special class or Super Class of Contractor" | "Special class or Super Class of Contractor" |
| 5 | Time for completion | : | 06 (Six ) Calendar Months | 12 (Twelve) Calendar Months |
| 6 | Last Date & time of receipt of online bid | : | 18.01.2023 at 5.00PM | 24.01.2023 at 5. 00 PM |
| 7 | Date of Bid Opening | : | 19.01.2023 at 11.30AM | 25.01.2023 at 11.30 AM |

8.Further details with any addendum, corrigendum, cancellation can be seen from the e-Procurement portal https://www.tendersodisha.gov.in.
9.OBCC has the right to accept or reject the Notice / RFP without assigning any reasons thereof.

**Sd./- EIC-cum-Managing Director**
OIPR-34161/11/0035/2223

## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ବଣାଇ ବନଖଣ୍ଡ
## OFFICE OF THE DIVISIONAL FOREST OFFICER, BONAI FOREST DIVISION
### TENDER NOTICE
**Phone/Fax: 06626-244454, E-mail: dfobonai.od@gov.in**
**No. 10947/1F-(Acct.)** **Dt.22.12.2022**

### INVITATION FOR BIDS
**No. MM-366** **Bid Identification No. 10 Online**

| | | | |
|---|---|---|---|
| | The Divisional Forest Officer, Bonai on behalf of Governor of Odisha invites percentage rate bids in Single Cover System in ONLINE MODE | | |
| 1. | Nature of Works | : | Earth Works (Civil) |
| 2. | No. of Works | : | 1 (One) |
| 3. | Bid Cost | : | 6,000/- |
| 4. | Class of Contractor | : | "D" Class, "C" Class |
| 5. | Date & Time of availability of the Tender Documents | : | 23rd December - 2022 to 29th December 2022 upto 5.30 P.M. |
| 6. | Last date & time of receipt of bids in portal | : | 29th December 2022 upto 5.00 P.M. |
| 7. | Date of Opening of Bid | : | 30th December 2022 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

**Sd./- Divisional Forest Officer, Bonai Division**
OIPR-08040/11/0016/2223

## Government of Odisha
No. MM-364
## "e" Procurement Notice
## OFFICE OF THE DIVISIONAL FOREST OFFICER DHENKANAL DIVISION, DHENKANAL
**Bid Identification No. 10-DFO/DKL of 2022-23**

| | | | |
|---|---|---|---|
| 1. | Name of the Work | : | 1. Construction of Boundary Wall (Forester Quarter, Froest Guard Quarter & Range Office Building) under Mahabirod, K. Nagar West, Hindol, K. Nagar East & Dhenkanal Ranges of Dhenkanal Forest Division. 2. Fencing of Open Well T-Pillar (All Section/Beat) under K. Nagar West, Kapilash, Mahabirod & Sadangi Ranges of Dhenkanal Forest Division. |
| 2. | Estimate Cost | : | Rs.2,16,104/- to Rs.17,27,669/- (Approximate) |
| 3. | Period of Completion | : | 2 Months 15 days |
| 4. | Date & time of availability of the Bid document in the portal | : | 10.00 A.M. of 23.12.2022 to 5.00 P.M. of 06.01.2023 |
| 5. | Last date/time of receipt of the bid in portal | : | 06.01.2023 upto 5.00 P.M. |
| 6. | Date of Opening | : | 07.01.2023 at 11.00 A.M. |
| 7. | Name and Address of the Office | : | Office of the Divisional Forest Officer, Dhenkanal Division, Dhenkanal |

Further details can be seen from the e-procurement portal **"https://tendersorissa.gov.in"**.

**Sd./- Divisional Forest Officer**
**Dhenkanal Division**
OIPR-08037/11/0033/2223

## DIRECTORATE OF GROUND WATER DEVELOPMENT, ODISHA
**Office of The Deputy Director, GWD Division .Cuttack New Zobra, S& M Publication Building,1st Floor, Cuttack Dist- Cuttack, PIN- 753003 [e-mail:srgeologistcuttack@gmail.com]**

### INVITATION FOR BIDS (IFB)
**e-Procurement Notice:1257, Date:23.12.2022**
**Bid Identification No.06/GWDCTC/ARUA/2022-23,**
**(Single-Envelope Bidding Process)**

**No.A-919:**Deputy Director, Geology, GWD Division ,Cuttack , New Zobra, S& M Publication Building,1st Floor, Cuttack Dist- Cuttack, PIN- 753003 on behalf of Governor of Odisha invites bids from bidders Class "C" and above registered with the State Governments and bidders of equivalent Grade/Class registered with Central Government/ MES / Railways for the construction of works following Work.

Bids must be submitted online on or before 06/01/2023 at 14.00 Hrs 1ST (system server time). Proposals will be opened online on 06/01/2023 ; at 15.00 hours. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal 'www.tendersodisha.gov.in".

| Sl. No. | Description | Details |
|---|---|---|
| 1 | Name of the Work | Installation of Recharge Shafts and Monitoring Station at 08 Locations in Jajpur Block & 07 locations in Dasarathpur Block of Jajpur District |
| 2 | Start Date of availability of Bid document online (bid download) | 26/12/2022 from 11.00 Hrs |
| 3 | Last Date of availability of bid document online (bid download) | 06/01/2023 up to 14.00 Hrs |
| 4 | Last date and time for receipt of bid document (Bid Submission End date & Time) | 06/01/2023 up to 14.00 Hrs |
| 5 | Date & Time of opening of bid document (bid Opening date) | 06.01.2023 at 15.30 Hrs. |

**Sd./- Deputy Director, Geology**
**GWD Division, Cuttack**
OIPR-32464/11/0005/2223

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER
**DISTRICT PROGRAMME MANAGEMENT UNIT**
**AT/PO/DISTRICT- BARGARH, 768028, ODISHA**
**Ph:(06646)231763, Fax:(06646) 231763, Email:dpmubargarh2@gmail.com**

## ZILLA SWASTHYA SAMITI, BARGARH
**Dept. of Health & Family Welfare, Govt. of Odisha**
**District Head Quarter Hospital, Bargarh-768028**
**Phone/Fax:06646-231763**
**Advt.No.53/NHM, BARGARH/2022-23** **Date:23.12.2022**

### TENDER CALL NOTICE

**No.E-755:**Sealed tenders are invited from Individuals/ Tour Operators/Travel Agency / Society / Firm for hiring of commercial light diesel vehicles on a monthly & daily basis and intending agencies /firms/dealers/persons for supply of Office Stationery/Meal/Micro Cellular Rubber footwear. Details regarding eligibility criteria, terms & conditions and the formats for submission of tender (Technical & Price bid) are mentioned in the tender document which may be downloaded from the website: www.bargarh.nic.in. Interested agencies has to submit their tenders in a sealed envelope super-scribing on the top of the sealed envelope as "Tender for Hiring of Vehicles on Monthly & Daily Basis for CDM&PHO/DPMU/SUNETRA/Mental Health Programme "or "Tender for Supply of Office Stationery "or "Tender for Supply of Meal" or "Tender for Supply of MCR footwear "as the case may be. The tenders should reach to the office of the undersigned by Dt. 09/01/2023(till 4 P.M.) through Speed Post/Regd. Post/Courier only. Sealed Tenders will be opened at 11.00 A.M on Dt. 11/01/2023. The undersigned reserves the right to reject any or all the tenders without assigning any reason thereof.

**Sd./-Chief District Medical & Public Health Officer, Bargarh**
OIPR-10124/11/0019/2223

## DISTRICT PROJECT OFFICE, SS, SAMBALPUR
**2nd Floor, Collectorate Sambalpur,Ph.No.0663-241834**

### SHORT TENDER CALL NOTICE
**BID IDENTIFICATION NO:SSAA/SBP/CIVIL/37/2022-23**
**No.256/CW Dt.22.12.2022**

**No.F-412:**Sealed tenders are on official pad (having detail address) are invited from authorised licensed Electrical Contractor having valid license (HT) as per following terms and condition.

| Sl. No. | Items | Specification | Quoted rate |
|---|---|---|---|
| 1 | Shifting of 11 KV line from the premises of OAV, Penthabahal, Naktideul, Dist-Sambalpur | As per estimate approved by the Executive Engineer, TP-WODL, SEED, Sambalpur, with an estimated cost of Rs. 14,29,022.00 | |

**TERMS AND CONDITIONS**
1. Rate quotation must be submitted along with
a. Authorised license having valid period. b. GST registration certificate. c. Photocopy of PAN. d. EMD Rs.29,000/- in shape of TDR pledge to District Project Coordinator, SS, Sambalpur.
2. Sealed rate quotation along with above document must be submitted to the office of undersigned by 5.00 PM of 02.01.2023 and will be opened at 4.00 PM of 03.01.2023. Successful bidder will have to submit security deposit of Rs.72,000/- in shape of TDR pledge to District Project Coordinator, SS, Sambalpur.
3. Work order will be issued to the lowest bidder within Three days.
4. Full payment will be released after completion of the work and submission of the completion certificate issued by the Executive Engineer, TPWODL, SEED, Sambalpur or his authorised person and all the dismantled materials should be returned to the nearest store of TPWODL.
5. Authority reserves the right to cancel the tender without assigning any reason thereof.

**Sd./- District Project Coordinator**
**SS, Sambalpur**
OIPR-27084/11/0001/2223

See Career Appointment on every Wednesday & Saturday

## OFFICE OF THE NOTIFED AREA COUNCIL, NILGIRI
**Ph.: 06782-233259, e-Mail ID: nilgirinac.balasore@gmail.com**
**Tender Notice No. 3299** **Date:22.12.2022**

No. C-2090: Sealed tenders are invited from the intending authorized suppliers/companies/dealers having GST registration for supply of Branded ladies Bicycle of BSA/AVON/ HERO following specification of Nilgiri NAC upto 3.00 P.M. of Dt.29.12.2022 on payment of cost tender paper as mentioned below which in non-refundable. The sealed tenders should reach the office of NAC, Nilgiri on or before Dt.29.12.2022 upto 3.00 P.M. through Registered Post/Speed Post only. The tender will be opened on Dt.30.12.2022 at 11.30 A.M. in presence of the bidders or their authorized representatives in the office Chamber of the Executive Officer, Nilgiri NAC. The undersigned reserves the right to accept/reject/negotiate any or all the tenders without assigning any reason thereof. Further details including terms and conditions can be obtained by downloading from the website of Nilgiri NAC **(www.nilgirinac.in)**.

| Sl. No. | Specification | Quantity | Cost of Tender Paper |
|---|---|---|---|
| 1 | Supply & installation of Branded ladies bicycle with Standard specification along with carrier, chain cover and basket. Prototype Decal LOGO (High quality stickers meant for vehicle size 8 × 8 inches made of water proof durable material shall be placed in the middle of the Basket for distinct visible) | 47 | 2000/- |

**Sd./- Executive Officer, Nilgiri NAC**
OIPR-13179/11/0002/2223

# ବଚସାକୁ ନେଇ ଯବାନଙ୍କ ଘରେ ବୋମାମାଡ଼

## ଭୋଜି ବେଳେ ଏକ ଗୋଷ୍ଠୀ ସହ ହୋଇଥିଲା ପାଟିତୁଣ୍ଡ

- ରାତିରେ ଘରେ ପଶି ଖଣ୍ଡାରେ ହାଣିଲେ
- ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟକଲେ
- ଛୁଟିରେ ଘରକୁ ଆସିଥିଲେ ଯବାନ








ଖୋର୍ଦ୍ଧା ଅଫିସ,୨୪।୧୨

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ମଳିପଡ଼ା ଗ୍ରାମର ଜଣେ ଯବାନଙ୍କ ଘରେ ଶୁକ୍ରବାର ରାତିରେ ବୋମାମାଡ଼ ହୋଇଛି। ସାମାନ୍ୟ ଏକ ବଚସାକୁ ନେଇ ୧୦ଜଣ ଯୁବକ ଯବାନ ଭାଗୀରଥି ପାହାଡସିଂଙ୍କ ଘରେ ବୋମାମାଡ଼ କରିବା ସହ ଆସବାବପତ୍ର ନଷ୍ଟ କରିଦେଇଛନ୍ତି। ଏପରିକି ଯୁବକମାନେ ଭାଗୀରଥି ଓ ତାଙ୍କ ବାପା ମଦନମୋହନଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଚିକିତ୍ସା ପାଇଁ ଉଭୟଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଦିନରେ ଏକ ଭୋଜି ବେଳେ ହୋଇଥିବା ବଚସାକୁ ନେଇ ଏହି ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏନେଇ ଭାଗୀରଥିଙ୍କ ଅଭିଯୋଗକ୍ରମେ ଶନିବାର ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଭାଗୀରଥି ବିଏସ୍ଏଫ୍ ଯବାନଭାବେ କଶ୍ମୀରଠାରେ କାର୍ଯ୍ୟରତ ଅଛନ୍ତି। ଗତ ୧୪ତାରିଖରେ ସେ ଛୁଟିରେ ଘରକୁ ଆସିଥିଲେ। ଶୁକ୍ରବାର ସକାଳେ ମଳିପଡାସ୍ଥିତ ଭଗବତୀ ମନ୍ଦିର ପରିସରରେ ଭାଗୀରଥି ସମସ୍ତ ସାଙ୍ଗସାଥିଙ୍କୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସେଠାରେ ଅନ୍ୟ ଏକ ଗୋଷ୍ଠୀର ପ୍ରାୟ ୨୫ଜଣ ଭୋଜି କରୁଥିଲେ। ଦୁର୍ଗାପୁର, ତିରିମଲ୍ଲ, ଦଲକ, ପଲ୍ଲା, ଦଳେଇପୁଟ ଏବଂ ଅନ୍ୟ ଗ୍ରାମର ଯୁବକମାନେ ରହିଥିଲେ। ଖାଇବା ସମୟରେ ଯୁବକମାନେ ହୋହଲ୍ଲା କରିଥିଲେ। ଏହାର ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ଓ ମୁହାଁମୁହିଁ ହୋଇଥିଲେ। ଏପରିକି ଘଟଣା ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ, ସରପଞ୍ଚଙ୍କ ଉପସ୍ଥିତିରେ ସମାଧାନ କରିବାକୁ ମଧ୍ୟ କହିଥିଲେ। ପରେ ଭୋଜି ସାରି ସମସ୍ତେ ଘରକୁ ଫେରିଥିଲେ। ତେବେ ରାତି ପ୍ରାୟ ୮ଟାରେ ମନ୍ଦିରରେ ବଚସା ହୋଇଥିବା ଯୁବକମାନଙ୍କ ମଧ୍ୟରୁ ୧୦ଜଣ ଖଣ୍ଡା, ଲୁହାରଡ, ମାରଣାସ୍ତ୍ର ଧରି ଭାଗୀରଥିଙ୍କ ଘର କବାଟକୁ ଗୋଇଠା ମାରି ଭାଙ୍ଗି ଭିତରକୁ ପଶିଥିଲେ। ଏହା ପରେ ଯୁବକମାନେ ଭାଗୀରଥିଙ୍କୁ ଧକ୍କା ମାରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ମଦନମୋହନ ପ୍ରତିବାଦ କରିବାରୁ ଯୁବକମାନେ ମଧ୍ୟ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏପରିକି ଯୁବକମାନେ ଘରର ସମସ୍ତ ଆସବାବପତ୍ର ନଷ୍ଟ କରିବା ସହ ଝରକା, କବାଟକୁ ମାରଣାସ୍ତ୍ରରେ ହାଣିଥିଲେ। ବାଇକ୍‌କୁ ଖଣ୍ଡାରେ ହାଣିବା ସହ ଏୟାରକୁଲର, ଫ୍ୟାନ, ଚେୟାର ନଷ୍ଟ କରିଦେଇଥିଲେ। ଏହା ପରେ ଯୁବକମାନେ ଘର ଭିତରେ ଗୋଟିଏ ଏବଂ ବାହାରେ ୩ଟି ବୋମାମାଡ଼ କରି ପଳାଇଥିଲେ।

# କଟକ ମେୟର, ବିଜେଡି କର୍ପୋରେଟରଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

## ହକି ବିଶ୍ୱକପ୍ ପ୍ରସ୍ତୁତି

- ୧୧ରେ ବାରବାଟୀରେ ଉଦ୍‌ଘାଟନ
- ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ପରାମର୍ଶ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

୨୦୨୩ ଜାନୁୟାରୀରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଭୁବନେଶ୍ୱର ଏବଂ ରାଉରକେଲା ଷ୍ଟାଡିୟମରେ ହକି ଖେଳାଯିବ। ଏହାକୁ କିପରି ସୁଚାରୁରୂପେ ସମ୍ପାଦନ କରାଯିବ ଏବଂ ବିଦେଶୀ ଖେଳାଳିମାନେ ଏକ ଭଲ ଅନୁଭୂତି ନେଇ ରାଜ୍ୟରୁ ଫେରିବେ ସେଥିପାଇଁ ସରକାର ଉଦ୍ୟମ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟକ୍ତିଗତ ଭାବେ ଏହାକୁ ତଦାରଖ କରୁଛନ୍ତି। ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧି ଓ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ଶନିବାର ଅପରାହ୍ନରେ ନବୀନ ନିବାସଠାରେ କଟକ ମହାନଗର ନିଗମ ମେୟର ଓ ୩୯ ବିଜେଡି କର୍ପୋରେଟରମାନଙ୍କୁ ଡାକି ଆଲୋଚନା କରିଛନ୍ତି। ହକି ବିଶ୍ୱକପ୍ ସିଟି ଫେଷ୍ଟିଭାଲକୁ କିପରି ସୁରୁଖୁରୁରେ ସମ୍ପାଦନ କରାଯିବ ସେ ନେଇ କର୍ପୋରେଟରମାନେ ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ୱାର୍ଡରେ କ'ଣ ସମସ୍ୟା ରହିଛି। ବିକାଶମୂଳକ କାର୍ଯ୍ୟ ଚାଲିଛି। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କିଭଳି କରାଯାଉଛି ଏ ସମସ୍ତ ବିଷୟରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିବା ମେୟର ସୁବାସ ସିଂ କହିଛନ୍ତି। ସୂଚନାଯୋଗ୍ୟ, ଡିସେମ୍ବର ୨୦ରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ୩ ବିଧାୟକ, ମେୟର ଓ କର୍ପୋରେଟରଙ୍କୁ ନବୀନ ନିବାସ ଡାକି ବିଶ୍ୱକପ୍ ପୂର୍ବରୁ ସହରରେ ପ୍ରସ୍ତୁତି କିପରି ଚାଲିଛି ଓ କ'ଣ ସମସ୍ୟା ରହିଛି ସେ ନେଇ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ସହରର ସୌନ୍ଦର୍ଯ୍ୟକରଣଠାରୁ ଆରମ୍ଭ କରି ପରିମଳ ଓ ବିଭିନ୍ନ କାର୍ଯ୍ୟକ୍ରମ କିପରି ଚାଲିଛି ସେ ନେଇ ବୁଝିଥିଲେ। ଚାଲିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ପୂର୍ଣ୍ଣପ୍ରାଣରେ ସହଯୋଗ କରି ହକି ବିଶ୍ୱକପ୍ ଆୟୋଜନକୁ ସଫଳ କରିବାକୁ ପରାମର୍ଶ ଦେଇଥିଲେ। ଡିସେମ୍ବର ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ବିଶ୍ୱକପ୍ ଆୟୋଜନକୁ ସଫଳ କରିବା ପାଇଁ ସହଯୋଗ ଲୋଡ଼ିଥିଲେ। ଏବେ ଉଭୟ ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି।


**GOVT. OF ODISHA**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
**'e' Procurement Notice No. ACECIC-03/2022-23**

**No.A-915:** Name of the Work :I. Improvement to Dahijanga Disty. from RD 0.00 Km to 6.048 Km of Nimapara Branch Canal. II.Improvement to Service Road on Right Bank of DTBC from RD 3.691 Km. to 9.5 Km & Erada Minor from RD 0.20 Km to 1.188 Km. III.Improvement to service bank from (RD 33.820 Km.) village Beruan to (RD 34.870) village Rathipur including construction of high-level bridge on right bank of Daya West branch canal across Rangia Nallah at RD 33.850. IV. Protection to scoured bank of K.S.D. Right Embankment from RD 20.415 Km. to 20.800 Km Near village Korkora (Boriktota). V. Protection to scoured bank of K.S.D. Right Embankment Near SRIKORUAN.
Amount put to Tender : Varies from Rs.129.20 Lakhs to 630.28 Lakhs
Bid Document Cost : Rs.10,000.00 for Each Work (online).
E.M.D.: Bid Security Declaration to be furnished as per Annexure-III of Section-06 of Technical Bid Document.
Class of Contractor : "B", "A" & Special Class
Period of Completion : 6 Calendar Months
Other details are as follows:

| Procurement Officer | Bid Identification No. | Availability of Tender online for bidding | | Date of opening of Technical Bid (Cover-I) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Additional Chief Engineer, Central Irrigation Circle, Bhubaneswar | ACECIC/PRD-03 to PRD-06 of 2022-23 & ACECIC/NID-01 of 2022-23 | 27.12.2022 at 10.00 Hrs. | 10.01.2023 at 17.00 Hrs. | 11.01.2023 11.00 Hrs. |

e-mail ID: secic_dowr@yahoo.com
Further details conditions can be seen from Govt. website www.tenderodisha.gov.in.
OIPR-32160/11/0005/2223
Sd./- Additional Chief Engineer,
Central Irrigation Circle, Bhubaneswar


# ଯୁବକଙ୍କ ହାତଗୋଡ଼ବନ୍ଧା ମୃତଦେହ ଜବତ

## ହତ୍ୟା ପରେ ଅଖାରେ ପୂରାଇ ନଦୀକୁ ଫିଙ୍ଗାଯାଇଛି

ପାଟଣା,୨୪।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ଏରେଣ୍ଡେଇ ଦେଇ ପ୍ରବାହିତ ବୈତରଣୀ ନଦୀ ସିନ୍ଦୂର ଗୌରୀଘାଟରୁ ଅଖା ଭିତରୁ ହାତଗୋଡ଼ବନ୍ଧା ଅବସ୍ଥାରେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକଙ୍କ ବୟସ ୪୦/୪୫ ବର୍ଷ ପାଖାପାଖି ହେବ ବୋଲି ପୋଲିସ ଅନୁମାନ କରୁଛି। ମୃତଦେହ ନିକଟରୁ କୌଣସି ପରିଚୟପତ୍ର ମିଳି ନ ଥିବା ବେଳେ ଏକ ସୋନାଟା କମ୍ପାନୀର ହାତଘଣ୍ଟାକୁ ପୋଲିସ ଜବତ କରି ତଦନ୍ତ କରୁଛି। ଦୁର୍ବୃତ୍ତ ହତ୍ୟା କରି ପ୍ରମାଣ ନଷ୍ଟ ପାଇଁ ନଦୀରେ ଫିଙ୍ଗି ଦେଇଥିବା ଘଟଗାଁ ଏସ୍‌ଡିପି ସୁଶୀଲ ମିଶ୍ର ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, କିଛି ଲୋକେ ଘାଟକୁ ଶନିବାର ସକାଳୁ ମାଛ ଜାଲ ଉଠାଇବାକୁ ଯାଇଥିଲେ। ସେଠାରେ ଅଖାରେ କିଛି ବନ୍ଧାଯାଇ ପକାଯାଇଥିବା ଦେଖିଥିଲେ। ଉକ୍ତ ସ୍ଥାନରୁ ଦୁର୍ଗନ୍ଧ ଆସୁଥିବାରୁ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ପାଟଣା ଅତିରିକ୍ତ ତହସିଲଦାର ଶରଣ ଜେନାଙ୍କ ଉପସ୍ଥିତିରେ ଅଖା ଖୋଲି ମୃତଦେହକୁ ଜବତ କରିଥିଲେ। ମୃତଦେହଟିକୁ ଦୁଇଟି ଛୋଟ ବସ୍ତାରେ ଭର୍ତ୍ତି କରାଯାଇ ପରେ ଏକ ବଡ଼ ଧାନଅଖାରେ ଭର୍ତ୍ତି କରାଯାଇଥିଲା। ଅଖାରେ ପଥର ବନ୍ଧା ଯାଇ ନଦୀକୁ ପକାଇ ଦିଆଯାଇଥିଲା। ଯୁବକଙ୍କ ପାଟି ଗାମୁଛା ଓ ୨ ହାତଗୋଡ଼ରେ ଜିଆଇ ତାର ବନ୍ଧା ହୋଇଥିଲା। ଏନେଇ ପୋଲିସ ୨୬୭/୨୨, ଧାରା ୩୦୨ ଓ ୨୨୦ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ପାଟଣା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି। ମୃତଦେହ ଚିହ୍ନଟ ନିମନ୍ତେ କରଞ୍ଜିଆ, ତୁରୁମୁଙ୍ଗା, ଟାଉନ, ବଡ଼ବିଲ, ଥାନାକୁ ମୃତକଙ୍କ ଫଟୋ ପଠାଇବାକୁ ଏସ୍‌ଡିପିଓ ନିର୍ଦ୍ଦେଶ ଦେଇଛନ୍ତି।


ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
**ODISHA UNIVERSITY OF AGRICULTURE & TECHNOLOGY**
BHUBANESWAR - 751003, ODISHA
Website: www.ouat.nic.in, E-Mail: registrarouat@gmail.com
Fax: 0674-2397424
No. E-II-II-25/2016/20783/UAT Dated: 22.12.2022
**OFFICE ORDER**
No. KK-302: The advertisement published in different Newspapers vide this office Order No. E-II-25/2016/23905/UAT dated 26.09.2017 for recruitment of Senior Scientist and Junior Scientist in All India Coordinated Research Projects (AICRPs) under OUAT is hereby cancelled except the discipline of Plant Breeding & Genetics and Horticulture.
By Order of the Vice-Chancellor
Sd./- Lopamudra Mohanty, 22.12.2022
OIPR-01036/11/0039/2223 Registrar



**NOTIFIED AREA COUNCIL, POLASARA, GANJAM**
Email ID: nacpolasara72@gmail.com, Ph. No.: 06810-282235
**QUOTATION CALL NOTICE**
**For Supplying of Branded Ladies Bicycle**
No. 3375 Date: 21.12.2022
No. C-2107: Sealed quotations are invited by the undersigned from the intending firms/suppliers/agencies having GST, PAN and uptodate deposit of GST with latest deposit challan for supplying of 22 (Twenty Two) Nos. branded ladies bicycle of BSA/AVON/HERO make with a standard specifications along with carrier/chain cover and basket including securing of 8 × 8 inches durable and water proofing quality to Notified Area Council, Polasara. The bidder should quote the rate including all applicable tax and transporting charges. It will be received by the Notified Area Council, Polasara in Good condition. The quotation should reach in the office of the undersigned by 29.12.2022 at 5.00 P.M. through Regd./Speed Post. No. quotation should be entertained after the stipulated time period. The bidder should submit Rs.600/- in shape of Demand Draft/Money Receipt as per cost which is non-refundable in favour of Executive Officer, Polasara NAC from any Nationalized Bank along with quotations. The quotation will open on 30.12.2022 at 11.00 A.M. in the presence of bidders or their authorized representatives in the office of NAC, Polasara.
For more details the bidder may visit to the below mentioned website.
https://polasaranac.in//
https://ganjam.nic.in
The undersigned reserves the right to reject any or all quotation without assigning any reason thereof.
Sd./- Executive Officer, NAC, Polasara
OIPR-13214/11/0013/2223



Advt.No. 11538 Date : 22.12.2022
No. E-758
**OFFICE OF THE DIRECTOR**
**CAPITAL HOSPITAL, BHUBANESWAR**
Udyan Marg, Unit-6, Ganganagar, Bhubaneswar, Odisha-751001
Phone : 0674-2391983, Email: director.chb@gmail.com, website: capitalhospital.nic.in
**ADVERTISEMENT**
Applications are invited in the prescribed application format for engagement of Medical Professionals on contractual basis in the following disciplines in Capital Hospital, Bhubaneswar and BMC Hospital, Bhubaneswar at negotiated terms of engagement and rates under Corpus Fund.

**Super Specialist:**
- Nephrology
- Neurology
- Gastroenterology
- Rheumatology

**Specialist:**
- Cardiology
- Anaesthesiology
- Radiology
- General Surgery
- Skin & V.D.
- Orthopaedics
- Paediatric

Interested doctors may log on **http://www.capitalhospital.nic.in** for the prescribed application format and details of terms of engagement and submit their applications in the prescribed format along with their relevant documents as mentioned in terms of engagement in a Envelop superscribing "**Application for engagement of Medical professionals under Corpus fund" through Speed/Registered Post** latest by 5.30 PM of 03.01.2023. Receipt of applications in other mode or beyond the prescribed period shall not be entertained & summarily be rejected. Selection of suitable Medical professionals will be done through a walk-in-interview followed by a negotiation on the terms of engagement and rates which will be intimated to the eligible Medical Professionals on their email address. The undersigned reserves the right to cancel or modify the advertisement.
OIPR-10078/11/0012/2223
Director
Capital Hospital, Bhubaneswar




କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର -୨୦୨୨ ପାଇଁ ମନୋନୀତ ହୋଇଥିବା ସାହିତ୍ୟିକା ଗାୟତ୍ରୀବାଳା ପଣ୍ଡା ଶନିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ସ୍ୱରଚିତ ପୁସ୍ତକ 'ଦୟାନଦୀ'କୁ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଗାୟତ୍ରୀଙ୍କ ସ୍ୱାମୀ ତଥା ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜ ଓ ପୁଅ ମନୀତ ମଙ୍ଗରାଜ ଉପସ୍ଥିତ ଅଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଅକ୍ସିଜେନ୍ ପ୍ରସ୍ତୁତ...

ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକରେ ମେଡିକାଲ ଅକ୍ସିଜେନ୍ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବଳ। ବିଶେଷକରି ମହାମାରୀ ସଂକ୍ରମଣ ବେଳେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଅମ୍ଳଜାନ ଯୋଗାଣ ଜରୁରୀ ହୋଇଥାଏ। ତେଣୁ ପିଏସ୍ଏ ପ୍ଲାଣ୍ଟଗୁଡ଼ିକୁ କାର୍ଯ୍ୟକ୍ଷମ କରି ମକ୍ ଡ୍ରିଲ୍ କରାଇବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେବା ସକାଶେ ଅତିରିକ୍ତ ମୁଖ୍ୟ ସଚିବ/ପ୍ରଧାନ ସଚିବ, ସଚିବ (ସ୍ୱାସ୍ଥ୍ୟ)ମାନଙ୍କୁ ସେ ଏଥିରେ ଅନୁରୋଧ କରିଛନ୍ତି। କ୍ଲିନିକ୍ ଓ ହସ୍ପିଟାଲରେ ସିଲିଣ୍ଡର ରିଫିଲିଂ ପାଇଁ ଲିକୁଇଡ୍ ମେଡିକାଲ ଅକ୍ସିଜେନ୍‌ର ନିରବଚ୍ଛିନ୍ନ ଯୋଗାଣ ଶୃଙ୍ଖଳା ବଜାୟ ରଖିବା ଉଚିତ। ଏଥିପାଇଁ ପର୍ଯ୍ୟାପ୍ତ ଷ୍ଟକ୍ ମହଜୁଦ ରଖାଯିବା ଦରକାର। ସେହିପରି ଭେଣ୍ଟିଲେଟର, ବିଆଇପିଏପି ଏବଂ ଏସ୍‌ପିଓ୨ ବ୍ୟବସ୍ଥା ଭଳି ଜୀବନ ରକ୍ଷକ ଉପକରଣ ମଧ୍ୟ ଉପଲବ୍ଧ କରାଯିବା ଆବଶ୍ୟକ। ଅମ୍ଳଜାନ ଅଭାବଜନିତ ଆହ୍ୱାନକୁ ସାମ୍ନା କରିବା ଲାଗି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ଅକ୍ସିଜେନ୍ କଣ୍ଟ୍ରୋଲ ରୁମ୍‌ଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବା ଉପରେ ମଧ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଇଗ୍ନାନି ଗୁରୁତ୍ୱାରୋପ କରିଛନ୍ତି।

## ରାୟଗଡ଼ାରେ ଆଉ ଜଣେ...

ଟୁରିଷ୍ଟ ଗାଇଡ୍ ଜିତେନ୍ଦ୍ର ସିଂ ତାଙ୍କୁ ଖୋଜାଖୋଜି କରିବା ପରେ ହୋଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବହୁ ଖୋଜାଖୋଜି ପରେ ଆଣ୍ଟୋଭଙ୍କ ମୃତଦେହ ହୋଟେଲ ପାର୍ଶ୍ୱକୋଠା ନିକଟରେ ଦେଖିବାକୁ ମିଳିଥିଲା। ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ, ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଏସ୍‌ଡିପିଓ ଦେବଜ୍ୟୋତି ଦାସ ପହଞ୍ଚି ଆଣ୍ଟୋଭଙ୍କୁ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚାଲିଥିବାବେଳେ ଆଣ୍ଟୋଭ ୩୦ ଫୁଟ ଉପରୁ ପଡ଼ିଥିବା ସୂଚନା ମିଳିଛି।

ତେବେ ଭ୍ଲାଡିମିର୍ ଏବଂ ଆଣ୍ଟୋଭ ବାଲ୍ୟବନ୍ଧୁ। ତେଣୁ ସେ ମାନସିକ ଦୁଶ୍ଚିନ୍ତାରେ ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି ନା ଏଥିରେ ଅନ୍ୟ କିଛି ରହସ୍ୟ ରହିଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ବୋଲି ଏସ୍‌ପି ଶର୍ମା କହିଛନ୍ତି। ସୂଚନାଯୋଗ୍ୟ, ଭ୍ଲାଡିମିର, ଆଣ୍ଟୋଭଙ୍କ ସମେତ ୪ ପର୍ଯ୍ୟଟକ ଏବଂ ଟୁରିଷ୍ଟ ଗାଇଡ୍ ଡିସେମ୍ବର ୨୧ ତାରିଖରେ ରାୟଗଡ଼ା ବୁଲିବାକୁ ଆସିଥିଲେ। ତେବେ ଭ୍ଲାଡିମିରଙ୍କ ମୃତ୍ୟୁର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ପୁଣି ସାଥୀ ପର୍ଯ୍ୟଟକଙ୍କ ମୃତ୍ୟୁ ସନ୍ଦେହ ବଢ଼ାଇଛି।


**BERHAMPUR MUNICIPAL CORPORATION, GANJAM**
**INVITATIONS FOR BIDS (IFB)**
Letter No.15624/ Date:16.12.22
No.C-2096: **Invitation for Bids**
**COMPETITIVE BIDDING THROUGH E-PROCUREMENT**
**Bid Identification No. BMC(BAM) 269/2022-2023**

| | | |
|---|---|---|
| 1 | The Municipal Commissioner, Berhampur invites percentage rate bids in ONLINE MODE only, as per annexure "A" | |
| 2 | Nature of Work | Civil Works |
| 3 | No. of Work | 318 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | EMD | The bidder shall remit online the Earnest Money Deposit/Bid Security at the rate of 0% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha. as per Annexure "A |
| 6 | Class of Contractor | As per the Annexure "A" |
| 7 | Availability of Bid Documents in the website | From 15.05 Hrs. of Dt.26.12.22 to 17.00 Hrs. of 10.01.23 |
| 8 | Date & Time of Opening of the Bids | 11.30 Hrs. onwards on Dt.11.01.23 |
| 9 | Mode of Submission of tender | Tender should be submitted online in www.tendersorissa.gov.in. |
| 10 | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- Commissioner
Berhampur Municipal Corporation
Berhampur, Odisha
OIPR-13035/11/0064/2223



**CITY HEALTH SOCIETY**
**National Urban Health Mission, Rourkela**
**National Health Mission, Odisha**
**Deptt. of Health & Family Welfare, Govt. of Odisha**
**ADVERTISEMENT FOR EMPANELMENT OF MEDICAL OFFICER, PART TIME SPECIALIST UNDER POLYCLINIC/UHWC/UPHC/UCHC, ROURKELA**
ଚୁକ୍ତିଭିତ୍ତିକ ନିଯୁକ୍ତି ନିମନ୍ତେ ବିଜ୍ଞାପନ
Adv No. Date:
**No.E-759:** Applications are invited from eligible candidates for filling up the following posts under National Urban Health Mission, City Health Society, Rourkela on conctractual and part time basis with monthly remuneration and session wise payment as noted against each and subject to renewal as per OSH & FW Society terms and conditions.

| Sl. No. | Name of the Posts | No. of Vacancy | Remuneration |
|---|---|---|---|
| 1 | Medical Officer | 5 | Basic Salary Rs 61261/- + Performance Incentive up to 25% |
| 2 | Part-time Specialist (Dental) | 2 | @1250/- per session. Morning session (8 AM to 11 AM) or Evening session, (5 PM to 8 00 PM). |
| 3 | Part-Time Specialist (Nutritionist) | 5 | @ 600/- per Session (Morning session (8 AM to 11 AM) or Evening session (5 PM to 8.00 PM). |
| 4 | Part-Time Specialist (O&G) | As per requirement | @1500/- per session, Morning session (8 AM to 11 AM) or Evening session, (5 PM to 8.00 PM). |
| 5 | Part-time Specialist (Paediatric) | As per requirement | @1500/- per session Morning session (8 AM to 11 AM) or Evening session (5 PM to 8.00 PM). |
| 6 | Part-Time Specialist (Medicine) | As per requirement | @1500/- per session Morning session (8 AM to 11 AM) or Evening session (5 PM to 8.00 PM). |
| 7 | Part-time Specialist (Psychiatrist) | As per requirement | @1500/- per session Morning session (8 AM to 11 AM) or Evening session (5 PM to 8.00 PM). |
| 8 | Part-time Specialist ENT | As per requirement | @1500/- per session Morning session (8 AM to 11 AM) or Evening session (5 PM to 8.00 PM). |
| 9 | Part-time Specialist Skin &VD | As per requirement | @1500/- per session Morning session (8 AM to 11 AM) or Evening session (5 PM to 8.00 PM). |
| 10 | Part-time Specialist Ophthalmologist | 1 | @1500/- per session Morning session (8 AM to 11 AM) or Evening session (5 PM to 8.00 PM). |
| 11 | Part-time Specialist Pathologist | 1 | @1500/- per session Morning session (8AM to 11 AM) or Evening session (5 PM to 8.00 PM). |

The above positions are purely temporary and co-terminus with the scheme. Interested candidates can log on to www.sundargarh.nic.in for details of vacancy, eligibility criteria, age, application form etc. Candidates fulfilling the eligibility criteria may apply in the Prescribed format duly signed by the candidate along with self attested copies of all supportive documents shall however be sent to the "Office of the ADUPHO, ROURKELA, SUB-DIVISIONAL HOSPITAL, PANPOSH UCHC, ROURKELA, SUNDARGARH, ODISHA, PIN - 769004" so as to reach us on or before 05-01 -2023 (by 5.00 P.M.) through Regd. Post / Speed Post / Courier only. The envelope containing the application should be superscribed clearly name of the post applied for. No application will be received after scheduled date and time. The authority reserves the right to cancel any or all application without assigning any reason thereof. The post may increase or decrease as per the requirement. For Part time specialist (Sl. No 4 to Sl. No.11) can be directly empanelled against the vacancies on spot at the office of ADUPHO,Rourkela on working days in a first cum first serve basis.
**Sd./- Additional District Urban Public Health Officer, Rourkela**
OIPR-10144/11/0005/2223

# ଉନ୍ମେଷ

**ଏକ ନୂଆ ବର୍ଷକୁ ସ୍ୱାଗତ ଜଣାଇ ଖୁବ୍ ଶୀଘ୍ର ଆମ ଗହଣରୁ ବିଦାୟ ନେବ ବର୍ଷ ୨୦୨୨। ଏହି ବର୍ଷରେ 'ଆଗାମୀ ଆଶା' ପୃଷ୍ଠାରେ ପ୍ରକାଶିତ ବିଭିନ୍ନ ପ୍ରସଙ୍ଗ ମଧ୍ୟରୁ ନିର୍ବାଚିତ କେତେକ ବିଷୟ ଏବଂ ଯୁବପ୍ରତିଭାଙ୍କ ସମ୍ପର୍କରେ...**










## ଯୁବ ପ୍ରତିଭା

### ଜଗନ୍ନାଥ ମହାନ୍ତ

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ଗ୍ରାମପଞ୍ଚାୟତ ନୂଆଗାଁ ଗ୍ରାମର ଶକୁନ୍ତଳା ଏବଂ ଶ୍ୟାମ ସୁନ୍ଦର ମହାନ୍ତଙ୍କ ପୁତ୍ର ଜଗନ୍ନାଥ। 'ଭାରତୀୟ ସାହସିକ ସଂସ୍ଥାନ (IAF)' ସର୍ବଭାରତୀୟ ସ୍ତରରୁ ଆୟୋଜିତ ପର୍ବତାରୋହଣ କାର୍ଯ୍ୟକ୍ରମରେ ହିମାଳୟ ପର୍ବତମାଳାର ୧୨,୫୦୦ ଫୁଟ୍ ଉଚ୍ଚତାରେ-୧୬ ଡିଗ୍ରୀ ତାପମାତ୍ରାରେ ରହି ୨୮୦ ମିଟର ଲମ୍ବର ଜାତୀୟ ପତାକା ଉଡ଼ାଇ ବିଶ୍ୱରେକର୍ଡ ସୃଷ୍ଟି କରିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡସ୍, ୟୁନିଭର୍ସାଲ ବୁକ୍ ଅଫ୍ ରେକର୍ଡସ୍ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ନାମ ପଞ୍ଜୀକରଣ କରିସାରିଛନ୍ତି। କେବଳ ଏତିକି ନୁହେଁ, ସମାଜସେବା କ୍ଷେତ୍ରରେ ମଧ୍ୟ ତାଙ୍କର ଢେର ଅବଦାନ ଲାଗି ତାଙ୍କୁ ରାଷ୍ଟ୍ରୀୟ ପ୍ରେରଣା ଦୂତ ସମ୍ମାନ -୨୦୨୧, ପ୍ରାଇଡ୍ ଅଫ୍ ୟଙ୍ଗ୍ ହିନ୍ଦୁସ୍ତାନ ଆୱାର୍ଡ -୨୦୨୧ରେ ସମ୍ମାନିତ କରାଯାଇଛି।


ଶୁଭ୍ରାଂଶୁ


ପ୍ରଶାନ୍ତ


ମୁସ୍କାନ


ମନୀଷା

### ଶୁଭ୍ରାଂଶୁ ଶତପଥୀ

ସେ ସର୍ବଦା ପରିବେଶ ସୁରକ୍ଷା ପ୍ରତି ସଚେତନ। ପକ୍ଷୀଙ୍କ ଶୋଷ ମେଣ୍ଟାଇବା ପାଇଁ ସେ ପ୍ରାୟ ୩୧ ହଜାରରୁ ଅଧିକ ମାଟିପାତ୍ର ପ୍ରଦାନ କରି ରାଜ୍ୟପାଳଙ୍କଠାରୁ 'ବାର୍ଡମ୍ୟାନ' ସମ୍ମାନ ଗ୍ରହଣ କରିଛନ୍ତି। ସେ ହେଉଛନ୍ତି ଢେଙ୍କାନାଳ ଜିଲାର ମା' ରାଜଲକ୍ଷ୍ମୀ ଏବଂ ବାପା ଉଦୟନାଥ ଶତପଥୀଙ୍କ ପୁଅ ଶୁଭ୍ରାଂଶୁ। ସେ ବହୁ ବର୍ଷ ଧରି ବିଭିନ୍ନ ମଞ୍ଜି ସଂଗ୍ରହ କରି ଏହାକୁ ମାଟିଗୁଳାରେ ଭର୍ତ୍ତିକରି ସିଡ୍ ବଲ ପ୍ରସ୍ତୁତ କରି ରାସ୍ତାର ଉଭୟ ପାର୍ଶ୍ୱ ଏବଂ ଜଙ୍ଗଲକୁ ଫିଙ୍ଗିଥାନ୍ତି। ସେ ରାଜ୍ୟରେ ପ୍ରଥମ ଥର ଡ୍ରୋନ୍ ଯୋଗେ ସିଡ୍ ବଲ୍ ଅପହଞ୍ଚ ଇଲାକାରେ ପହଞ୍ଚାଇ ପାରିଛନ୍ତି। ୨୦୧୦ରେ ସେ 'ଦେ ରିଏଲି ନିଡ୍ ଅସ୍' ନାମକ ପରିବେଶ ସୁରକ୍ଷାଭିତ୍ତିକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରି ୨୦୧୨ ବସୁଧା ନ୍ୟାଶନାଲ୍ ଫେଷ୍ଟିଭାଲ୍‌ରେ ଏବଂ ଇଣ୍ଟରନ୍ୟାଶନାଲ୍ ଷ୍ଟୁଡେଣ୍ଟ୍ସ ଫିଲ୍ମ ଫେଷ୍ଟିଭାଲରେ ବେଷ୍ଟ ଡାଇରେକ୍ଟର ଆୱାର୍ଡ ପାଇଛନ୍ତି। ୫ମ ଦାଦାସାହେବ ଫିଲ୍ମ ଫେଷ୍ଟିଭାଲ୍-୨୦୧୬ରେ ତାଙ୍କୁ ସ୍କ୍ରିନିଂ ଆୱାର୍ଡ ମିଳିଛି। ସେହିପରି ୨୦୧୪ରେ 'ଲେଟ୍ ଦେମ୍ ବ୍ରିଥ୍' ନାମକ ଆଉ ଏକ ଫିଲ୍ମ ପାଇଁ ପୁରସ୍କୃତ ହୋଇପାରିଛନ୍ତି।

### ଆଶୁତୋଷ ପଟ୍ଟନାୟକ

ଓଡ଼ିଶା ମଡେଲିଂ ଦୁନିଆରେ ନିଜକୁ ପ୍ରତିଷ୍ଠିତ କରିବା ଲାଗି ୬ ବର୍ଷ ଉଦ୍ୟମ କରିବା ପରେ ଓଡ଼ିଶା ମିଷ୍ଟର ଫ୍ୟାଶନ ଆଇକନ୍ ପ୍ରତିଯୋଗିତାରେ ପ୍ରଥମ ରନର୍ସ ଅପ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଏହାପରେ ମିଷ୍ଟର୍ ଓଡ଼ିଶା ସୁପର ମଡେଲ ୨୦୨୧, ଦିଲ୍ଲୀ ଟ୍ରେଣ୍ଡ ଫ୍ୟାଶନ ଶୋ'ରେ ୧ମ ରନର୍ସ ଅପ୍ ହେବା ସହ ମିଷ୍ଟର ଟିଆରା ଇଣ୍ଡିଆ ଫାଇନାଲରେ ବେଷ୍ଟ ର୍ୟାମ୍ପ୍ ୱାକ୍ ପାଇଁ ପୁରସ୍କୃତ ହେଲେ। ଏହି ଉଦୀୟମାନ ମଡେଲ୍ ହେଉଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ବାଙ୍କୋଇରେ ରହୁଥିବା ମାଆ ଚନ୍ଦ୍ରକାନ୍ତି ଏବଂ ବାପା ପ୍ରମୋଦ କୁମାର ପଟ୍ଟନାୟକଙ୍କ ପୁଅ ଆଶୁତୋଷ। ବର୍ତ୍ତମାନ ସେ ମଡେଲ୍ସ ହବ୍ ନାଁରେ ଏକ ମଡେଲିଂ ଏକାଡେମୀ ଖୋଲି କିଡ୍ସ ଏବଂ ୟୁଥ୍‌ମାନଙ୍କୁ ଏ ଦିଗରେ ତାଲିମ ଦେଉଛନ୍ତି। ସେ ନିଜସ୍ୱ ଉଦ୍ୟମରେ ମିଷ୍ଟର ଆଣ୍ଡ ମିସ୍ କଳିଙ୍ଗ ସିଜନ୍- ୧ ଏବଂ ଓଡ଼ିଶା ଫ୍ୟାଶନ୍ ରନ୍‌ୱେ ୱିକ୍ ସିଜନ୍- ୧ ନାମକ ଦୁଇଟି ମଡେଲିଂ ଶୋ ମଧ୍ୟ କରିସାରିଛନ୍ତି। ସେ ଦୁଇଟି ଘରୋଇ ଓଡ଼ିଆ ଚ୍ୟାନେଲ୍‌ରେ ପ୍ରସାରିତ 'କେମିତି କହିବି କହ' ଏବଂ 'ଭାଗ୍ୟ ହାତେ ଡୋରି' ଭଳି ମେଗା ଧାରାବାହିକରେ ମଧ୍ୟ କାମ କରି ସାରିଛନ୍ତି।

### ପ୍ରୟତାତ୍ମା ରଥ

ନିଜ କଣ୍ଠର ଯାଦୁକରି ସ୍ପର୍ଶରେ ଓଡ଼ିଶାର ଅଗଣିତ ଶ୍ରୋତାଙ୍କ ହୃଦୟରେ ଘର କରିଛନ୍ତି ନୟାଗଡ଼ ଜିଲା ଅନ୍ତର୍ଗତ ଖଣ୍ଡପଡ଼ା ଗ୍ରାମରେ ରହୁଥିବା ଅନସୂୟା ଏବଂ ଚଣ୍ଡୀ ଚରଣ ରଥଙ୍କ ପୁଅ ପ୍ରୟତାତ୍ମା। ସେ ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ସଙ୍ଗୀତ ବିଶାରଦ ଉପାଧି ଲାଭ କରିଛନ୍ତି । ୨୦୧୦, ୨୦୧୧, ୨୦୧୪ ମସିହାରେ ସୁରଭି ସଙ୍ଗୀତ ପ୍ରତିଯୋଗିତାରେ ଜିଲାସ୍ତରରୁ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଜ୍ୟସ୍ତରରୁ ପୁରସ୍କୃତ ହୋଇଛନ୍ତି । ରାଜ୍ୟସ୍ତରୀୟ ସାମନ୍ତ ଜୟନ୍ତୀ ଅବସରରେ ପଠାଣି ସାମନ୍ତ ମେମୋରିଆଲ୍ ପରିଷଦ ତରଫରୁ ୨୦୦୮-୨୦୧୨ ମସିହା ପର୍ଯ୍ୟନ୍ତ 'ଶିଶୁପଣ୍ଡିତ' ଉପାଧିରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ରାଜ୍ୟସ୍ତରୀୟ କଳା ସମ୍ମାନ ମଧ୍ୟ ସେ ପାଇଛନ୍ତି ।

### ମୁସ୍କାନ୍ ତେହସିନ

କିଛି ଭିନ୍ନ କରି ନିଜର ପରିଚୟ ଗଢ଼ିବାକୁ ସେ ସର୍ବଦା ଉଦ୍ୟମରତ ଜଟଣୀ ବ୍ଲକ ତରାବୋଇ ଗ୍ରାମର ମା' ସଞ୍ଜିତା ବାନୋ ଏବଂ ବାପା ଶେଖ୍ ସମ୍‌ସେରଙ୍କ ଝିଅ ମୁସ୍କାନ୍ ତେହସିନ। ସେ ଜଣେ ମେଧାବୀ ଛାତ୍ରୀ ହେବା ସହ ଦୁଇ ହାତରେ କଲମ ଧରି ଏକ ସମୟରେ ନିର୍ଭୁଲ ଭାବେ ୨ଟି ଭାଷାରେ ସୁନ୍ଦର ଭାବେ ଲେଖିପାରନ୍ତି। ଜାତୀୟ ସଙ୍ଗୀତକୁ ସେ ୫ଟି ଭାଷାରେ ଉଭୟ ହାତରେ ଏବଂ ମିରର ରାଇଟିଂ (ଦର୍ପଣରେ ଓଲଟା ଲେଖା) ଲେଖି ଏବେ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି।

### ପ୍ରଶାନ୍ତ କୁମାର ରଣା

ନୟାଗଡ଼ ଜିଲା ଭାପୁର ବ୍ଲକ ମାଧପୁର ଗାଁର ମାଆ ଲକ୍ଷ୍ମୀ ଏବଂ ବାପା ସନାତନ ରଣାଙ୍କ ପୁଅ ପ୍ରଶାନ୍ତ କୁମାର(୨୫)। ପରିବାରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ ଉଚ୍ଚଶିକ୍ଷା କରିବାରୁ ବଞ୍ଚିତ ହୋଇଥିଲେ। କ୍ରିକେଟ୍ ଖେଳ ପ୍ରତି ପିଲାବେଳୁ ଆଗ୍ରହ ଥିବାରୁ ଘରେ କାହାକୁ ନ ଜଣାଇ କାମ ଖୋଜିବା ବାହାନାରେ କଟକ ଆସି ୟୁନିୟନ ସ୍ପୋର୍ଟିଂ କ୍ଲବରେ ଆଡ୍‌ମିଶନ କଲେ। ଚଳିତବର୍ଷ ୨୫ ବର୍ଷରୁ କମ୍ ରଣଜୀ ଦଳରେ ସୁଯୋଗ ମିଳିପାରିଲା। ଓଡ଼ିଶାର ଜଣେ ଆଗଧାଡ଼ିର ପେସ୍ ବୋଲର ଭାବେ ପରିଚିତ ପ୍ରଶାନ୍ତ ଓଡ଼ିଶା ପାଇଁ କୌଣସି ଜୁନିୟର କ୍ରିକେଟ ମ୍ୟାଚ୍ ନ ଖେଳି ରଣଜୀ ଦଳରେ ସାମିଲ ହୋଇଛନ୍ତି।

### ସତ୍ୟବ୍ରତ ଜେନା

ଜଗନ୍ନାଥଙ୍କ ଏକ ଭଜନ ଗାଇ ସେ ସୋସିଆଲ୍ ମିଡିଆରେ ଲକ୍ଷାଧିକ ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହୋଇପାରିଛନ୍ତି ବାଲେଶ୍ୱର ଜିଲା ବସ୍ତା ବ୍ଲକ କୁଡିଆ ଗ୍ରାମର ମା' କାଞ୍ଚନ ଓ ବାପା ଗଣେଶ୍ୱର ଜେନାଙ୍କ ପୁଅ ସତ୍ୟବ୍ରତ। ସେ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡିଗଡ଼ର ନୀଳଗିରି ଶାଖାରେ ସଙ୍ଗୀତରେ ବିଶାରଦ ଉପାଧି ହାସଲ କରିଛନ୍ତି। ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଜିଲାପାଳ ଏବଂ ମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହା ବ୍ୟତୀତ ସେ ସୁରଭି କାର୍ଯ୍ୟକ୍ରମରେ ଅନେକ ଥର ପୁରସ୍କୃତ ହୋଇଛନ୍ତି। ୨୦୧୮ରେ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେଇ ନୀଳଗିରି ବ୍ଲକ୍‌ରୁ ନିଜ ରାଜ୍ୟ ସହ ଅନ୍ୟ ରାଜ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

### ମନୀଷା କୁମାରୀ

ଜଣେ ଜଗନ୍ନାଥପ୍ରେମୀ ଭାବେ ପ୍ରଥମେ ଜଗନ୍ନାଥ ଚିତ୍ର ଆଙ୍କିବାକୁ ଭଲପାଆନ୍ତି ସେ। ଆଉ ଏହି ନିଶା ପାଇଁ ସେ ନ୍ୟାଶନାଲ୍ ବୁକ୍ ଅଫ୍ ରେକର୍ଡ୍ସରେ ନିଜ ନାମକୁ ସାମିଲ କରିବାରେ ସକ୍ଷମ ହୋଇଛନ୍ତି। ସେ ହେଉଛନ୍ତି ବ୍ରହ୍ମପୁର ସହର ଆମ୍ବପୁଆ ମାରୁତି ନଗର ଅଞ୍ଚଳର ମା' ନକ୍ଷତ୍ରମାଳା ଓ ପିତା ନୀଳମାଧବ ପଣ୍ଡାଙ୍କ ଝିଅ ମନୀଷା କୁମାରୀ। ଗତ ଲକ୍‌ଡାଉନ ସମୟରେ ଏକ କାଗଜ ପ୍ଲେଟରେ ଜଗନ୍ନାଥଙ୍କ ଚିତ୍ର ଅଙ୍କନ କରିବା ସହ ପ୍ଲାଷ୍ଟିକ ଚାମଚ, ପ୍ଲେଟ, ହରଡ଼ ଡାଲି, ମାଟିପାତ୍ର, ଔଷଧ ଷ୍ଟ୍ରିପ, ବୋତଲ, କଉଡ଼ି, ମାଟିହାଣ୍ଡି, ଆଲ୍‌ମଣ୍ଡ, ଅବଢ଼ା ହାଣ୍ଡି, ଅଶ୍ୱତ୍ଥ ପତ୍ର, ପଥର, ଶାଳଗ୍ରାମ ଆଦିରେ ଜଗନ୍ନାଥ କଳାକୃତି ଆଙ୍କି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହାକୁ ସେ ନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ୍ସ ନିମନ୍ତେ ଆବେଦନ କରିଥିଲେ ଏବଂ ରେକର୍ଡ୍ସରେ ସ୍ଥାନ ମଧ୍ୟ ପାଇଥିଲେ। ଏଥିପାଇଁ ମନୀଷାଙ୍କୁ ଅଫିସିଆଲ ଇଣ୍ଡିଆ, ଅଡୁରା ଲ୍ୟାଣ୍ଡ, ମଣିକର୍ଣ୍ଣିକା ଆର୍ଟ ଗାଲେରିରୁ ଜଣେ ଦକ୍ଷ ଚିତ୍ରଶିଳ୍ପୀ ରୂପେ ସମ୍ବର୍ଦ୍ଧିତ କରାଯାଇଛି।

### ସ୍ୱସ୍ତିଦୀପା ପଟ୍ଟନାୟକ

ଭୁବନେଶ୍ୱର ନୟାପଲ୍ଲୀରେ ରହୁଥିବା ମାଆ ସୌମ୍ୟାସ୍ମିତା ଏବଂ ବାପା ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ଝିଅ ସ୍ୱସ୍ତିଦୀପା। ବର୍ତ୍ତମାନ ସୁଦ୍ଧା ସେ ଅଭିନ୍ନ କଳାକ୍ଷେତ୍ର, ସାଇ କଳା ସଂସଦ, ପିକକ୍ ସଂସ୍କୃତି ସମ୍ମାନ ଏବଂ ଆହୁରି ଅନେକ ଅନୁଷ୍ଠାନରୁ ପୁରସ୍କୃତ ହୋଇଛନ୍ତି। ୨୦୧୯ ମସିହାରେ ଓଡ଼ିଶୀ ନୃତ୍ୟରେ ଜାତୀୟ ମେଧାବୃତ୍ତି ମଧ୍ୟ ପାଇଛନ୍ତି। ସେ ଜାତୀୟ ସ୍ତରରେ ପୁରସ୍କାର ପାଇଥିବା ଦୁଇଟି କ୍ଷୁଦ୍ର ଚଳଚ୍ଚିତ୍ର 'ମାଆ', 'ସିନ୍ଦୂର'ରେ ଅଭିନୟ କରି ନିଜର ଅଭିନୟ କଳାରେ ପାରଦର୍ଶିତା ଦେଖାଇ ସାରିଛନ୍ତି।

### ଦିବ୍ୟାଂଶୀ ମହାନ୍ତି

ବ୍ରହ୍ମପୁର ସହରସ୍ଥ ଶରଧାବାଲି ଅଞ୍ଚଳର ମା' ସ୍ୱାଗତିକା ଦାସ ଏବଂ ବାପା ହିମାଂଶୁ ଶେଖର ମହାନ୍ତିଙ୍କ ଝିଅ ଦିବ୍ୟାଂଶୀ। ସେ ଚଳିତ ବର୍ଷ ମେ ୯ ତାରିଖରେ ମୁମ୍ବାଇ ଗ୍ଲୋବାଲ ଦ୍ୱାରା ପ୍ରେଜେଣ୍ଟ ମିସ୍ ହିନ୍ଦୁସ୍ତାନୀ ୨୦୨୨ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ଏଥିରେ ସେ ମିସ୍ ଟ୍ୟାଲେଣ୍ଟେଡ ଆୱାର୍ଡ ମଧ୍ୟ ପାଇଛନ୍ତି। ଏଥିପୂର୍ବରୁ ୨୦୧୮ରେ ବେଷ୍ଟ ଅଫ୍ ବ୍ରହ୍ମପୁର ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ। ୨୦୨୧ରେ ବ୍ରହ୍ମପୁରଠାରେ ମିସ୍ ଓଡ଼ିଶା ପ୍ରତିଯୋଗିତାରେ ବ୍ରହ୍ମପୁର ସ୍ପେକ୍ଟାକୁଲାର ଆଇ ଆୱାର୍ଡ ପାଇଥିଲେ। ସେ ଓଡ଼ିଶୀ ବିଶାରଦ କରିଥିବା ବେଳେ ହିନ୍ଦୁସ୍ତାନୀ ଭୋକାଲରେ ଡିପ୍ଲୋମା କରିଛନ୍ତି। ବର୍ତ୍ତମାନ ଦେବାଂଶୀ ଡ୍ୟାନ୍ସ କ୍ୟୁପିଡ ନାମରେ ଏକ ୟୁଟ୍ୟୁବ ଚାନେଲ ଖୋଲିବା ସହ ନିଜ ଘରେ ଡ୍ୟାନ୍ସ ୱିଥ୍ ଦେବାଂଶୀ ନାମକ ଏକ ଇନ୍‌ଷ୍ଟିଚ୍ୟୁଟ ଆରମ୍ଭ କରିଛନ୍ତି।

### ସ୍ନେହାଶ୍ରୀ ସୋରେନ୍

ପେସାରେ ଜଣେ ଶିକ୍ଷୟିତ୍ରୀ। ହେଲେ ନିଶା ତାଙ୍କର ସାପ ଧରିବା। ଯେଉଁଥିପାଇଁ ଜଣେ ପ୍ରାଣୀ ସୁରକ୍ଷାକାରୀ ଭାବେ ସେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତା। ସେ ହେଉଛନ୍ତି ମୟୂରଭଞ୍ଜ ଜିଲାରେ ରହୁଥିବା ସ୍ନେହାଶ୍ରୀ ସୋରେନ୍। ବର୍ତ୍ତମାନ ସୁଦ୍ଧା ସେ ବହୁ ସଂଖ୍ୟାରେ ସାପ ଧରିଥିବା ବେଳେ କେବଳ ୨୦୧୧ ମସିହାରୁ ପ୍ରାୟ ୧ହଜାର ସାପ ଧରି ସାରିଛନ୍ତି। ତେବେ ସେ ଜଣେ ଯୁବତୀ ହୋଇ ଏଭଳି ବିପଦପୂର୍ଣ୍ଣ କାମ କରି ମାଲକାନଗିରି ଜିଲାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଅନେକ ସ୍ଥାନରେ ପ୍ରଶଂସିତ ହୋଇପାରିଛନ୍ତି।

### ସନ୍ତୋଷ ପ୍ରଧାନ

କେତେବେଳେ ସେ ମୀରା ହୋଇ ଶ୍ରୀକୃଷ୍ଣଙ୍କୁ ଖୋଜନ୍ତି ତ ଆଉ କେତେବେଳେ କାଳୀ, ଅର୍ଦ୍ଧନାରୀଶ୍ୱର, ଶିବତାଣ୍ଡବ, ଶ୍ରୀକୃଷ୍ଣ ରାସରେ ଦର୍ଶକଙ୍କୁ ବିମୋହିତ କରନ୍ତି। ଆଉ ଏହି ସୁନ୍ଦର ନୃତ୍ୟାଭିନୟ ତାଙ୍କୁ ଜଣେ ଯୁବ ନୃତ୍ୟଶିଳ୍ପୀ ଭାବେ ଶ୍ରୀକ୍ଷେତ୍ର ମାଟିରେ ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ସେ ହେଉଛନ୍ତି ପୁରୀ ଜିଲା ବ୍ରହ୍ମଗିରି ଗୌଡ଼ବନ୍ଧ ଗ୍ରାମର ଶାନ୍ତିଲତା ଓ ରାଜ କିଶୋର ପ୍ରଧାନଙ୍କ ପୁଅ ସନ୍ତୋଷ। ପିଲାବେଳୁ କଳା ପ୍ରତି ତାଙ୍କର ରୁଚି ରହିଥିଲା। କଲେଜ ଶିକ୍ଷା ପରେ ପୁରୀ କୋର୍ଟରେ ଓକିଲ ମନୋଜ ମହାପାତ୍ରଙ୍କ ନିକଟରେ ରହି ମୋହରିର କାମ ଆରମ୍ଭ କରିଥିଲେ। ଓଡ଼ିଶୀ ପାଇଁ ସେ ମୋହରିର କାମ ଛାଡ଼ି ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କ ନିକଟରେ ନିୟମିତ ନୃତ୍ୟାଭ୍ୟାସ ଜାରି ରଖିଲେ। ୨୦୧୬ରେ ପୁରୀରେ ଅନନ୍ୟା କଳା ମନ୍ଦିର ଗଠନ କରି ଓଡ଼ିଶୀ ପ୍ରତି ଆଗ୍ରହ ରଖୁଥିବା ଶିଶୁ ଏବଂ ଯୁବବର୍ଗଙ୍କୁ ନୃତ୍ୟଶିକ୍ଷା ଦେଉଛନ୍ତି। ଓଡ଼ିଶା ତଥା ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ କରି ନିଜର ପରିଚୟ ସୃଷ୍ଟି କରିଛନ୍ତି।


ସ୍ନେହାଶ୍ରୀ


ଆଶୁତୋଷ


ସନ୍ତୋଷ


ଜଗନ୍ନାଥ


ପ୍ରୟତାତ୍ମା


ଦିବ୍ୟାଂଶୀ


ସ୍ୱସ୍ତିଦୀପା


ସତ୍ୟବ୍ରତ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୫ ଡିସେମ୍ବର, ୨୦୨୨ Bhubaneswar, Sunday, December 25/2022



ଆକାଶ ମାର୍ଗରୁ ରାଉରକେଲାରେ ନବନିର୍ମିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମର ଦୃଶ୍ୟ।



ଜୟଦେବ ବିହାର ଛକରେ ନିର୍ମିତ ହକି କଳାକୃତି ନିକଟରେ ପ୍ରଶଂସକମାନେ ସେଲ୍‌ଫି ନେଉଛନ୍ତି। (ଫଟୋ: ବିକାଶ ନାୟକ)

# ହକି ବିଶ୍ୱକପ୍ ଟ୍ରଫି ଆଜି ଭୁବନେଶ୍ୱରରେ ପହଞ୍ଚିବ

**ଭୁବନେଶ୍ୱର, ୨୪।୧୨ (ବ୍ୟୁରୋ)**

ଭୁବନେଶ୍ୱର ଓ ରାଉରକେଲାରେ ହେବାକୁଥିବା ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣ ପାଇଁ ଉତ୍ସାହ ବଢ଼ିବାରେ ଲାଗିଛି। ଟୁର୍ନାମେଣ୍ଟ ଇତିହାସରେ ପ୍ରଥମଥର ପାଇଁ ପ୍ରତିଯୋଗିତା ୨ଟି ଭେନ୍ୟୁରେ ହେବାକୁ ଯାଉଛି। ୨୦୨୩ ଜାନୁୟାରୀ ୧୩ରୁ ଆରମ୍ଭ ହୋଇ ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଶ୍ୱକପ୍‌କୁ ସ୍ମରଣୀୟ କରିବା ପାଇଁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍), ହକି ଇଣ୍ଡିଆ ଓ ଓଡ଼ିଶା ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି। ପ୍ରଥମ ଥର ପାଇଁ ପରିକଳ୍ପନା କରାଯାଇଥିବା ହକି ବିଶ୍ୱକପ୍ ଟ୍ରଫି ଟୁର୍ ଇତିମଧ୍ୟରେ ଅନେକ ରାଜ୍ୟ ପରିକ୍ରମା କରିସାରିଛି। ରବିବାର ପୂର୍ବାହ୍ନ ୧୧ଟା ୩୦ରେ ଟ୍ରଫି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ମେୟର ସୁଲୋଚନା ଦାସ ଓ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀମାନେ ଟ୍ରଫିକୁ ସ୍ୱାଗତ କରିବେ। ବିମାନବନ୍ଦରରୁ ୧୧.୫୦ରେ ବାହାରି ମଧ୍ୟାହ୍ନ ୧୨ଟାରେ ବିମାନବନ୍ଦର ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପାଖରେ ରହିବ। ଯୋଡି ଶଙ୍ଖ, ମହୁରୀ, ଢୋଲ ସହିତ ରଙ୍ଗୋଲୀ ଏବଂ ଶୋଭାଯାତ୍ରା ସହ ବାଇକ୍ ର୍ୟାଲି କରି ଟ୍ରଫିକୁ ସ୍ୱାଗତ କରାଯିବ।



୧୨.୩୦ରେ ସେଠାରୁ ବାହାରି ନୂଆ ଏୟାରପୋର୍ଟ ଛକଦେଇ ଶିଶୁଭବନ ଛକ, ମାଉସୀମା ଓଭରବ୍ରିଜ୍ ଏବଂ ରଥରୋଡ୍ ଦେଇ ୧୨.୫୦ରେ ଲିଙ୍ଗରାଜ ମନ୍ଦିରରେ ପହଞ୍ଚିବ। ସେଠାରେ ପୁରୀରୁ ଆସିଥିବା ୧ଶହ ପଣ୍ଡିତଙ୍କ ମନ୍ତ୍ରପାଠରେ ଟ୍ରଫିକୁ ସ୍ୱାଗତ କରାଯିବ। ୧.୨୦ରେ ମନ୍ଦିରରୁ ବାହାରି ରଥରୋଡ୍ ଦେଇ କଳ୍ପନା ଛକ, ପୁରୀ କଟକ ରୋଡ୍ ଦେଇ ୧.୫୦ରେ ଏସ୍‌ପ୍ଲାନେଡ୍ ମଲ୍‌ରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ୨.୨୦ରୁ ବାହାରି

## ଡିସେମ୍ବର ୫ରୁ ଆରମ୍ଭ ହୋଇଥିଲା ଯାତ୍ରା

ରସୁଲଗଡ଼ ଛକ ଦେଇ ଏନ୍‌ଏଚ୍-ଫାୟାର ଷ୍ଟେସନ ଛକ ଦେଇ ପଟାସ ବନ ଛକ, କଳିଙ୍ଗ ଷ୍ଟୁଡିଓ ଛକ, ସମ୍ ହସ୍ପିଟାଲ ଛକଦେଇ ସୋଆ ନୂତନ ଖେଳ ପଡ଼ିଆରେ ୨.୫୦ରେ ପହଞ୍ଚିବ। ୩.୨୦ରେ ସୋଆରୁ ବାହାରି ସମ୍ ହସ୍ପିଟାଲ ଛକ ଦେଇ କଳିଙ୍ଗ ଷ୍ଟୁଡିଓ ଛକ, ପଟାସବନ ଛକ, ଫାୟାରଷ୍ଟେସନ ଛକ, ଜୟଦେବ ବିହାର ଛକ ଦେଇ କିଟ୍ ଛକ ଏବଂ ପରେ କିଟ୍ ବିଶ୍ୱବିଦ୍ୟାଳୟ ପଡିଆ (ଗେଟ୍ ନଂ ୨)ରେ ଅପରାହ୍ନ ୪ଟାରେ ପହଞ୍ଚିବ। ସେଠାରୁ ୪.୩୦ରେ ନୟାଗଡ଼ ଯିବାପାଇଁ ଟ୍ରଫିକୁ ପଠାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରଫିକୁ ଯେଉଁ ଯେଉଁ ଛକଦେଇ ନିଆଯିବ ସେଠାରେ ରଙ୍ଗୋଲି, ଫୁଲ, ରକ୍‌ବ୍ୟାଣ୍ଡ ସହିତ ସ୍କୁଲ, କଲେଜ ପିଲା, ଏସ୍‌ଏଚ୍‌ଜି ମହିଳା, ଯୁବପିଢୀ ଏବଂ ବିଭିନ୍ନ ବର୍ଗର ଲୋକଙ୍କ ଦ୍ୱାରା ସ୍ୱାଗତ କରାଯିବ।

ଓଡ଼ିଶାର ସମସ୍ତ ଜିଲାରେ ଏହି ଟ୍ରଫି ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି। ହକିର ଅନ୍ତୁଡ଼ିଶାଳ କୁହାଯାଉଥିବା ସୁନ୍ଦରଗଡ଼ ଜିଲାର ୧୭ଟି ବ୍ଲକରେ ଏହି ଟ୍ରଫି ଭ୍ରମଣ କରିବ। ଟୁର୍‌ର ଶେଷ ଚରଣ ରାଉରକେଲାରେ ହେବା ପରେ ଟ୍ରଫି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ଫେରିବ। ପ୍ରକାଶଯୋଗ୍ୟ, ଚଳିତ ମାସ ୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକି ବିଶ୍ୱକପ୍ ଟ୍ରଫିକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କୁ ହସ୍ତାନ୍ତର କରିବା ପରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପୂର୍ବ ଘୋଷିତ କାର୍ଯ୍ୟସୂଚୀ ଅନୁସାରେ ୨୧ ଦିନିଆ ଟୁର୍ ମଧ୍ୟରେ ଟ୍ରଫି ପଶ୍ଚିମବଙ୍ଗ, ମଣିପୁର, ଆସାମ, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ନୂଆଦିଲ୍ଲୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, କେରଳ, କର୍ଣାଟକ ଓ ଛତିଶଗଡ଼ ଆଦି ରାଜ୍ୟ ଭ୍ରମଣ କରିବା ପରେ ଭୁବନେଶ୍ୱର ଫେରୁଛି। ଜାନୁୟାରୀ ୧୩ରେ ଭାରତ ପୁଲ୍ 'ଡି'ରେ ସ୍ପେନ୍ ବିପକ୍ଷରେ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ରାଉରକେଲାରେ ନବନିର୍ମିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ଏହି ପୁଲ୍‌ର ଅନ୍ୟ ଦଳଗୁଡ଼ିକ ହେଲେ ଇଂଲଣ୍ଡ ଓ ୱେଲ୍ସ। ପୁଲ୍ 'ଏ'ରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା, ପୁଲ୍ 'ବି'ରେ ବେଲ୍‌ଜିୟମ, ଜର୍ମାନୀ, କୋରିଆ, ଜାପାନ ଏବଂ ପୁଲ୍ 'ସି'ରେ ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଚିଲି ସ୍ଥାନ ପାଇଛି। ଜାନୁୟାରୀ ୨୯ରେ ପ୍ରତିଯୋଗିତାର ଫାଇନାଲ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପୂର୍ବରୁ ଏଠାରେ ୨୦୧୮ରେ ହକି ବିଶ୍ୱକପ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା।

# ଅବଗଣନା ଆରମ୍ଭ

**ହ**କି ବିଶ୍ୱକପ୍‌ର ଆଗାମୀ ସଂସ୍କରଣ ଆୟୋଜନ ପାଇଁ ଓଡ଼ିଶା ପ୍ରସ୍ତୁତ। ମେଗା ପ୍ରତିଯୋଗିତା ଲାଗି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ନବୀକରଣ କରାଯାଇ ଥିବାବେଳେ ରାଉରକେଲାରେ ନିର୍ମାଣ ହୋଇଛି ବିର୍ସାମୁଣ୍ଡା ହକି ଷ୍ଟାଡିୟମ। ଇତିମଧ୍ୟରେ ଦେଶର ବିଭିନ୍ନ ରାଜ୍ୟରେ ହକି ବିଶ୍ୱକପ ଟ୍ରଫି ଟୁର ପରିକ୍ରମା କରିବା ପରେ ରବିବାର ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ବଢ଼ିଛି ହକି ଉଷ୍ମତା। ଏହି ଅବସରରେ 'ଧରିତ୍ରୀ' ପକ୍ଷରୁ ଆରମ୍ଭ ହୋଇଛି ହକି ବିଶ୍ୱକପ୍ ଅବଗଣନା। ଏଥିରେ ହକି ବିଶ୍ୱକପ୍‌ର ଇତିହାସ ସହିତ ପ୍ରତିଯୋଗିତା ଆରମ୍ଭ ପର୍ଯ୍ୟନ୍ତ ଅପ୍‌ଡେଟ୍ ଖବର ସ୍ଥାନ ପାଇବ। ଇତିମଧ୍ୟରେ ହକି ବିଶ୍ୱକପ୍‌ର ୧୪ଟି ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ଏହା ୧୯୭୧ରେ ଆରମ୍ଭ ହୋଇଥିଲା। ଏହାପରେ ପ୍ରତି ୪ ବର୍ଷରେ ଏହା ଅନୁଷ୍ଠିତ ହୋଇ ଆସୁଛି। ଟୁର୍ନାମେଣ୍ଟ ଇତିହାସରେ ପାକିସ୍ତାନ ସବୁଠାରୁ ସଫଳ ଦଳଭାବେ ୪ ଥର ଟାଇଟଲ ବିଜୟୀ ହୋଇଛି। ନେଦରଲାଣ୍ଡ୍ସ ଓ ଅଷ୍ଟ୍ରେଲିଆ ୩ ଥର ଲେଖାଏ, ଜର୍ମାନୀ ୨ଥର ଏବଂ ଭାରତ ଓ ବେଲ୍‌ଜିୟମ ଥରେ ଲେଖାଏ ଚାମ୍ପିୟନ ହୋଇଛନ୍ତି। ପୂର୍ବ ବିଶ୍ୱକପ୍ ୨୦୧୮ ଡିସେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ନେଦରଲାଣ୍ଡ୍ସକୁ ପେନାଲ୍ଟି ଶୁଟ୍‌ଆଉଟ ୩-୨ ଗୋଲରେ ହରାଇ ବେଲଜିୟମ ଚାମ୍ପିୟନ ହୋଇଥିଲା। ନିର୍ଦ୍ଧାରିତ ସମୟ ଖେଳ ଗୋଲଶୂନ୍ୟ ଡ୍ର ରହିଥିଲା। ୨୦୧୮ ବିଶ୍ୱକପ୍‌ରୁ ପ୍ରତିଯୋଗିତାରେ ୧୬ଟି ଲେଖାଏ ଦଳ ଅଂଶଗ୍ରହଣ କରି ଆସୁଛନ୍ତି। ୨୦୨୩ ବିଶ୍ୱକପ୍‌ରେ ମଧ୍ୟ ୫ଟି କନ୍‌ଫେଡେରେଶନରୁ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ। ଏଥର ବିଶ୍ୱକପରେ ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକ ହେଲେ ଭାରତ, ସ୍ପେନ୍, ଇଂଲଣ୍ଡ, ୱେଲ୍ସ, ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା, ବେଲ୍‌ଜିୟମ, ଜର୍ମାନୀ, କୋରିଆ, ଜାପାନ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଚିଲି।

**ହକି ବିଶ୍ୱକପ୍**




**ଆଉ ୧୯ ଦିନ**

# ଦକ୍ଷିଣ କୋରିଆକୁ ୫-୦ରେ ହରାଇଲା ଭାରତ

**ଭୁବନେଶ୍ୱର, ୨୪।୧୨ (କ୍ରୀଡ଼ା ପ୍ରତିନିଧି)**

୨୦୨୩ ହକି ପୁରୁଷ ବିଶ୍ୱକପ ପୂର୍ବରୁ ରାଉରକେଲାର ନବନିର୍ମିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମର ନୂଆ ଟର୍ଫ ଉପରେ ଅଭ୍ୟାସ ମ୍ୟାଚ ଅନୁଷ୍ଠିତ ହେଉଛି। ଏହି କ୍ରମରେ ଶନିବାର ଅନୁଷ୍ଠିତ ମ୍ୟାଚରେ ଭାରତୀୟ ଜୁନିୟର ହକି ଦଳ ୫-୦ ଗୋଲରେ ଦକ୍ଷିଣ କୋରିଆ ଜୁନିୟର ହକି ଦଳକୁ ପରାସ୍ତ କରିଛି। ଭାରତୀୟ ଦଳ ପକ୍ଷରୁ ମ୍ୟାଚର ୭ମ ମିନିଟରେ ଅବଦୁଲ ଆହାଦ ଓ ୧୪ତମ ମିନିଟରେ ଆଦିତ୍ୟ ଲାଲାଗେ ଗୋଟିଏ ଲେଖାଏ ଗୋଲ ଦେଇ ପ୍ରଥମ କ୍ୱାର୍ଟର

## ଅଭ୍ୟାସ ମ୍ୟାଚରେ ଲାଲାଗେ ଓ ଉତ୍ତମଙ୍କ ଡବଲ ଗୋଲ

ଶେଷ ବେଳକୁ ଦଳକୁ ୨-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଗୋଲ ହୋଇ ନ ଥିବାବେଳେ ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚର ୪୧ତମ ମିନିଟରେ ଲାଲାଗେ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ୪୨ତମ ମିନିଟରେ ଅଧିନାୟକ ଉତ୍ତମ ସିଂ ଗୋଟିଏ ଗୋଲ ଦେଇ ଦଳର ଅଗ୍ରଣୀ ବ୍ୟବଧାନକୁ ୪-୦ରେ ପହଞ୍ଚାଇଥିଲେ। ଅନ୍ତିମ କ୍ୱାର୍ଟରରେ ମ୍ୟାଚର ୫୭ତମ ମିନିଟରେ ଉତ୍ତମ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଭାରତ ପକ୍ଷରୁ ୫ମ ଗୋଲଟି ସ୍କୋର କରିଥିଲେ। ଅଭ୍ୟାସ ମ୍ୟାଚ ଅବସରରେ କ୍ରୀଡ଼ା ଓ ଯୁବ ସେବା ବିଭାଗର ସଚିବ ଆର୍. ଭିନିଲ କ୍ରୀଷ୍ଣା, ଇଡକୋ ପରିଚାଳନା ନିର୍ଦ୍ଦେଶକ ଭୁପେନ୍ଦ୍ର ସିଂ ପୁନିଆ, ସୁନ୍ଦରଗଡ଼ ଜିଲାପାଳ ପରାଗ ହର୍ଷଦ ଗାଭାଲି, ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖର, ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଶୁଭଙ୍କର ମହାପାତ୍ର ଏବଂ ରାଉରକେଲା ଏସପି ମୁକେଶ ଭାମୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଶନିବାର ଅଭ୍ୟାସ ମ୍ୟାଚ ପୂର୍ବରୁ ଭାରତ ଓ କୋରିଆ ଜୁନିୟର ଦଳର ଖେଳାଳିମାନେ ଅଫିସିଆଲଙ୍କ ସହ।

# ଭାରତର ୫ଜଣିଆ ଡେଭିସ୍ କପ୍ ଦଳ ଘୋଷଣା

**ନୂଆଦିଲ୍ଲୀ, ୨୪।୧୨ (ପି.ଟି.):** ଡେନ୍‌ମାର୍କ ବିପକ୍ଷ ଡେଭିସ୍ କପ୍ ୱାର୍ଲ୍ଡ ଗ୍ରୁପ୍-୧ ଆୱେ ପ୍ଲେ-ଅଫ୍ ଲାଗି ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା) ୫ ଜଣ ସଦସ୍ୟ ବିଶିଷ୍ଟ ଦଳ ଘୋଷଣା କରିଛି। ହିଲେରଡ୍‌ସ୍ଥିତ ରୟାଲ ଷ୍ଟେଜ୍ ଷ୍ଟାଡିୟମରେ ଫେବୃୟାରୀ ୩ ଓ ୪ରେ ଏହି ମୁକାବିଲା ଅନୁଷ୍ଠିତ ହେବ। ଭାରତୀୟ ଦଳରେ ଶଶି କୁମାର ମୁକୁନ୍ଦ, ପ୍ରଜନେଶ ଗୁଣେଶ୍ୱରନ, ରାମକୁମାର ରମାନାଥନ, ରୋହନ ବୋପାନ୍ନା ଓ ଯୁକି ଭାମ୍ବ୍ରିଙ୍କୁ ଦଳରେ ନିଆଯାଇଥିବା ବେଳେ ସୁମିତ ନାଗାଲ ରିଜର୍ଭ ଖେଳାଳି ରହି ଆସିଛନ୍ତି। ରୋହିତ ରାଜପାଲଙ୍କୁ ଦଳର ଅଣ ଖେଳାଳି ଅଧିନାୟକ କରାଯାଇଛି। ପ୍ରଦର୍ଶନ ଓ ଉପଲବ୍ଧିକୁ ଭିତ୍ତି କରି ଦଳ ମନୋନୟନ କରାଯାଇଥିବା ଆଇଟା କହିଛି। ନନ୍ଦନ ବଲଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସିଲେକ୍ସନ କମିଟି ଦ୍ୱାରା ଦଳ ମନୋନୟନ ହୋଇଥିଲା। ଗତ ମାର୍ଚ୍ଚ ମାସରେ ସ୍ଥାନୀୟ ଦିଲ୍ଲୀ ଜିମ୍‌ଖାନା କ୍ଲବରେ ଖେଳାଯାଇଥିବା ଡେଭିସ କପ୍ ୨୦୨୨ ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେ-ଅଫ୍‌ରେ ଭାରତ ୪-୦ରେ ଡେନମାର୍କକୁ ପରାସ୍ତ କରିଥିଲା। ପରେ ଲିଲିହାମରଠାରେ ଆୱେ ୱାର୍ଲ୍ଡ ଗ୍ରୁପ୍-୧ ମୁକାବିଲାରେ ନରୱେଠାରୁ ଭାରତ ୧-୩ରେ ହାରିଯାଇଥିଲା।

# ଶୀର୍ଷକୁ ଫେରିଲା ମୁମ୍ବାଇ ସିଟି

**ମୁମ୍ବାଇ, ୨୪।୧୨ (ପି.ଟି.):** ଚେନ୍ନାଇନ୍ ଏଫ୍‌ସିକୁ ୨-୧ ଗୋଲ୍‌ରେ ପରାସ୍ତ କରି ମୁମ୍ବାଇ ସିଟି ଏଫ୍‌ସି ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ଫେରିଛି। ଶନିବାର ସ୍ଥାନୀୟ ମୁମ୍ବାଇ ଫୁଟ୍‌ବଲ ଆରେନାଠାରେ ଖେଳାଯାଇଥିବା ଏହି ମ୍ୟାଚର ୩୪ତମ ମିନିଟ୍‌ରେ ପିଟର ସ୍ଲିସ୍‌କୋଭିଚ୍‌ଙ୍କ ଗୋଲରେ ଚେନ୍ନାଇନ୍ ଏଫ୍‌ସି ପ୍ରଥମେ ଅଗ୍ରଣୀ ଲାଭ କରିଥିଲା। ଏହାର ୪ ମିନିଟ୍ ପରେ ଲାଲିଆନଜୁଆଲା ଚାଙ୍ଗଟେ ଏକ ଗୋଲ୍ ସ୍କୋର କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ୫୭ତମ ମିନିଟ୍‌ରେ ଗ୍ରେଗ୍ ଷ୍ଟିୱାର୍ଟଙ୍କ ଗୋଲ୍‌ରେ ମୁମ୍ବାଇ ସିଟି ଏଫ୍‌ସି ୨-୧ରେ ବିଜୟୀ ହୋଇଥିଲା।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ